RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | VOLUME- 43 ◆ISSUE-164 ◆WEDNESDAY ◆10 DECEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୬୪ ◆ବୁଧବାର ◆୧୦ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




# ବିଜୟ ଦେଲା ବାରବାଟୀ

## ପ୍ରଥମ ଟି-୨୦ରେ ଦକ୍ଷିଣ ଆଫ୍ରିକା ପରାସ୍ତ; ହାର୍ଦ୍ଦିକ ପାଣ୍ଡ୍ୟା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି

■ କଟକ, ୯।୧୨(ତୁଷାର ସେନାପତି): ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅପରାଜିତ ଅର୍ଦ୍ଧଶତକ (୫୯ରନ୍, ୨୮ବଲ୍, ୬ଚୌକା, ୪ଛକା) ଏବଂ ବୋଲରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ବାରବାଟୀ ଷ୍ଟାଡିୟମ୍ ନାଳିମାଟି ପିଚ୍‌ରେ ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ଟି-୨୦ ମୁକାବିଲାରେ ଭାରତ ୧୦୧ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହାସହିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ୧-୦ରେ ଅଗ୍ରଣୀ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୭୫ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୨.୩ ଓଭରରେ ମାତ୍ର ୭୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଏହି ବିଜୟ ଫଳରେ ବାରବାଟୀରେ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପରାଜୟର ଧାରାରୁ ମୁକୁଳିଛି। ଏଠାରେ ପୂର୍ବରୁ ଉଭୟ ଦଳ ପରସ୍ପର ସହ ୨ଟି ମ୍ୟାଚ୍ ଖେଳିଥିଲା ବେଳେ ଉଭୟ ମୁକାବିଲାରେ ଦକ୍ଷିଣ ଆଫ୍ରିକା ବିଜୟୀ ହୋଇଥିଲା। ତୃତୀୟ ମୁକାବିଲାରେ ଭାରତ ବିଜୟୀ ହୋଇ ଏହି ଧାରାରେ ବ୍ରେକ୍ ଲଗାଇଛି। ଭାରତ ଇନିଂସରେ ଅପରାଜିତ ୫୯ ରନ୍ କରିବା ସହ ଗୋଟିଏ ୱିକେଟ ନେଇଥିବା ଅଲରାଉଣ୍ଡର ପାଣ୍ଡ୍ୟାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସିରିଜ୍‌ର ଦ୍ୱିତୀୟ ମୁକାବିଲା ମୋହାଲିର ମୁଲାନପୁରଠାରେ ଡିସେମ୍ବର ୧୧ ତାରିଖ (ଗୁରୁବାର) ଖେଳାଯିବ।

### ଦକ୍ଷିଣ ଆଫ୍ରିକା ବିରୋଧରେ ପରାଜୟ ଧାରା ଭାଙ୍ଗିଲା

ବାରବାଟୀରେ ଏହା ଚତୁର୍ଥ ଟି-୨୦ ହୋଇଥିଲା ବେଳେ ଭାରତ ୨ଟି ଲେଖାଏଁ ଜୟ ପରାଜୟ ରେକର୍ଡର ଅଧିକାରୀ ହୋଇଛି। ୧୯୮୨ରୁ ଏଠାରେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜିତ ହୋଇଆସୁଥିଲା ବେଳେ ପ୍ରଥମଥର ପିଚ୍ ନାଳିମାଟିରେ ନିର୍ମିତ ହୋଇଥିଲା। ଆଶା ଅନୁଯାୟୀ ପିଚ୍ ଫାଷ୍ଟ ହୋଇଥିଲା ଓ ବୋଲରଙ୍କୁ ସୁହାଇଥିଲା। ପିଚ୍‌କୁ ନେଇ ଭାରତୀୟ ଅଧିନାୟକ ପ୍ରସ୍ତୁତ ଥିବାବେଳେ ଭାରତର ବିଜୟ ଅନ୍ୟ ସମସ୍ତ ଦୁର୍ବଳତା ଓ ଆଶଙ୍କାକୁ ଦୂର କରିବାରେ ସମର୍ଥ ହୋଇଛି। ୧୦ମାସ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିଥିବା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆଜି ସଂକଟ ମୋଚକ ସାବ୍ୟସ୍ତ ହୋଇଛନ୍ତି।

# ମନ୍ତ୍ରୀ, ବିଧାୟକଙ୍କ ଦରମା ବଢ଼ିଲା ୩ ଗୁଣ

## ୨୦୨୪ ଜୁନ୍‌ରୁ ପିଛିଲା ଲାଗୁ; ସଦସ୍ୟଙ୍କୁ ମିଳିବ ୧୮ ମାସର ବକେୟା

■ ଭୁବନେଶ୍ୱର, ୯।୧୨ (ସମିସ): ମଙ୍ଗଳବାର ବିଧାନସଭାର ଶେଷ ଦିନରେ ମନ୍ତ୍ରୀ, ବିଧାୟକଙ୍କ ଦରମା, ଭତ୍ତା ଓ ପେନସନ ବୃଦ୍ଧି ସଂକ୍ରାନ୍ତ ପ୍ରସ୍ତାବକୁ ମିଳିଛି ଅନୁମୋଦନ।୮ ବର୍ଷ ପରେ ଏହି ଦରମା, ଭତ୍ତା ଓ ପେନସନ ବୃଦ୍ଧି ହୋଇଥିବା ବେଳେ ପିଛିଲା ଭାବରେ ଗତ ୨୦୨୪ ଜୁନ ୫ରୁ ଲାଗୁ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ବର୍ଦ୍ଧିତ ଦରମା ଓ ଭତ୍ତାକୁ ହିସାବକୁ ନେଲେ ବିଧାୟକମାନେ ମାସିକ ପ୍ରାୟ ୩.୪୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ପାଇବେ। ସେହିପରି ମୁଖ୍ୟମନ୍ତ୍ରୀ ୩.୭୪ ଲକ୍ଷ ଟଙ୍କା, ଉପମୁଖ୍ୟମନ୍ତ୍ରୀ, ବାଚସ୍ପତି ୩.୬୮ ଲକ୍ଷ ଟଙ୍କା, କ୍ୟାବିନେଟ ମନ୍ତ୍ରୀ ଓ ବିରୋଧୀଦଳ ନେତା ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ୩.୬୨ ଲକ୍ଷ, ରାଷ୍ଟ୍ରମନ୍ତ୍ରୀ ଓ ଉପବାଚସ୍ପତି ୩.୫୬ ଲକ୍ଷ, ସରକାରୀ ଦଳ ଉପମୁଖ୍ୟ ସଚେତକୁ ୩.୫ ଲକ୍ଷ ଟଙ୍କା ଦରମା ପାଇବେ ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧିକୁ ସରକାର ଏବେ ସ୍ୱୟଂଚାଳିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରତି ୫ ବର୍ଷରେ ମହଙ୍ଗା ସୂଚକାଙ୍କ ▶ପୃଷ୍ଠା-୭

### ପେନସନ୍ ୩୫ ହଜାରରୁ ୮୦ ହଜାରକୁ ବୃଦ୍ଧି

■ ଭୁବନେଶ୍ୱର, ୯।୧୨(ସମିସ): କେବଳ ବିଧାୟକ, ମନ୍ତ୍ରୀ, ବାଚସ୍ପତି ନୁହେଁ, ପୂର୍ବ ବିଧାୟକଙ୍କ ପାଇଁ ହାତ ଖୋଲି ଦେଇଛନ୍ତି ରାଜ୍ୟ ସରକାର। ପୂର୍ବରୁ ପୂର୍ବତନ ବିଧାୟକଙ୍କୁ ୩୫ ହଜାର ଟଙ୍କା ପେନସନ ମିଳୁଥିବା ବେଳେ ଏବେ ଏହାକୁ ୮୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ପେନସନ ଓ ଅନ୍ୟାନ୍ୟ ସହାୟତାକୁ ମିଶାଇଲେ ଜଣେ ପୂର୍ବତନ ବିଧାୟକ ସର୍ବନିମ୍ନ ୧ ଲକ୍ଷ ୧୭ ହଜାର ଟଙ୍କା ପେନସନ ପାଇବେ। ବିଲ ପାରିତ ହେବା ସହ ପେନସନ ପାଇଁ ରହିଥିବା ଗୋଟିଏ ବର୍ଷର କାର୍ଯ୍ୟକାଳ ନିୟମକୁ ଉଠାଇ ଦିଆଯାଇଛି। ନିର୍ବାଚନ କମିଶନରଙ୍କ ବିଜ୍ଞପ୍ତି ପ୍ରକାଶ ପାଇବା ତାରିଖଠାରୁ ବିଧାୟକଙ୍କ କାର୍ଯ୍ୟକାଳକୁ ପେନସନ ପାଇଁ ହିସାବକୁ ନିଆଯିବ। ନୂଆ ନିୟମ ଅନୁଯାୟୀ ୫ ବର୍ଷ ବିଧାୟକ ହେବା ପରେ ପରବର୍ତ୍ତୀ ଯେତେ ଅଧିକ ବର୍ଷ ସେ ବିଧାୟକ ଭାବେ କାର୍ଯ୍ୟ କରିଥିବେ ତାଙ୍କୁ ପ୍ରତି ଅତିରିକ୍ତ ପୂର୍ଣ୍ଣ ବର୍ଷ ଲାଗି ମାସିକ ୩ ହଜାର ଟଙ୍କା ଲେଖାଏଁ ▶ପୃଷ୍ଠା-୭



- ଦିନଟିଏ ବିଧାୟକ ହେଲେ ବି ମିଳିବ ପେନସନ
- ୫ବର୍ଷ ପରେ ବର୍ଷକୁ ବଢ଼ିବ ୩ ହଜାର ଅତିରିକ୍ତ ରାଶି
- ମୃତ ବିଧାୟକଙ୍କ ପରିବାର ପାଇବେ ୨୫ ଲକ୍ଷ
- ଆନୁଷଙ୍ଗିକ ଖର୍ଚ୍ଚକୁ ମିଶାଇ ମାସିକ ସର୍ବନିମ୍ନ ୧.୧୭ ଲକ୍ଷ

### ୧୮ କାର୍ଯ୍ୟଦିବସ ପୂର୍ବରୁ ସରିଲା ବିଧାନସଭା

■ ଭୁବନେଶ୍ୱର, ୯।୧୨ (ସମିସ): ନିର୍ଦ୍ଧାରିତ ୧୮ଟି କାର୍ଯ୍ୟ ଦିବସ ପୂର୍ବରୁ ମଙ୍ଗଳବାର ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ଶେଷ ହୋଇଛି। ମାତ୍ର ୧୧ ଦିନ ଗୃହ ଚାଲିବା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ଗୃହରେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏନେଇ ପ୍ରସ୍ତାବ ଆଗତ କରିଥିଲେ। କୌଣସି ସରକାରୀ କାର୍ଯ୍ୟ ନଥିବା ହେତୁ ଗୃହକୁ ମୁଲତବୀ କରିବା ପାଇଁ ସେ ପ୍ରସ୍ତାବ ରଖିଥିଲେ। ଏହି ପ୍ରସ୍ତାବକୁ ବିଧାୟକ ସନାତନ ବିଜୁଳି, ଗୌରୀ ଶଙ୍କର ମାଝୀ ପ୍ରମୁଖ ସମର୍ଥନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ▶ପୃଷ୍ଠା-୭

## ଏସ୍ଆଇଆର୍ ମାମଲାରେ ସରକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# ବିଏଲଓଙ୍କୁ ସୁରକ୍ଷା ଦିଅ

■ ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ପଶ୍ଚିମ ବଙ୍ଗ ସମେତ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ବେଳେ ବୁଥ ସ୍ତରୀୟ ଅଧିକାରୀ ବା ବିଏଲଓଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ସେମାନଙ୍କ କାମରେ ବାଧା ଦିଆଯିବା ସହିତ ସେମାନଙ୍କୁ ଧମକ ମଧ୍ୟ ମିଳୁଛି। ଅଭିଯୋଗ କରିବା ସତ୍ତ୍ୱେ ସେମାନଙ୍କୁ ସୁରକ୍ଷା ଯୋଗାଉ ନାହାନ୍ତି ରାଜ୍ୟ ସରକାର। ଆଜି ନିର୍ବାଚନ କମିସନ ଏଭଳି ଅଭିଯୋଗ ଆଣିବା ପରେ ଉଦବେଗ ପ୍ରକାଶ କରିଛନ୍ତି ସୁପ୍ରିମ କୋର୍ଟ। ବିଏଲ୍ଓଙ୍କୁ ତୁରନ୍ତ ସୁରକ୍ଷା ଯୋଗାଇବା ସହିତ ଏସଆଇଆର କାର୍ଯ୍ୟରେ ସହଯୋଗ କରିବା ଲାଗି ସଂପୃକ୍ତ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନେ ଏଥିରେ ବିଫଳ ହେବେ ସେମାନଙ୍କ ସଂପର୍କରେ ଜଣାଇବା ଲାଗି କୋର୍ଟ ନିର୍ବାଚନ କମିସନଙ୍କୁ କହିଛନ୍ତି। ଏହାପରେ କୋର୍ଟ ଆବଶ୍ୟକ ପଦକ୍ଷେପ ନେବେ।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚିଙ୍କୁ ନେଇ ଗଠିତ ବେଞ୍ଚ ଆଜି ଏହି ମାମଲାର ଶୁଣାଣି କରୁଥିବା ବେଳେ ନିର୍ବାଚନ କମିସନଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ରାକେଶ ଦ୍ୱିବେଦୀ ଉପରୋକ୍ତ ଅଭିଯୋଗ ଆଣିଥିଲେ। ସେ କହିଲେ ଯେ ଅନେକ ରାଜ୍ୟ ସରକାର ସହଯୋଗ କରୁ ନାହାନ୍ତି। ପରିସ୍ଥିତିର ମୁକାବିଲା ଲାଗି ସ୍ଥାନୀୟ ପୁଲିସକୁ ଆମେ ଡେପୁଟେସନରେ ନେବାକୁ ବାଧ୍ୟ ହେବୁ। ତଥାପି ପରିସ୍ଥିତିରେ ଉନ୍ନତି ନଘଟିଲେ କେନ୍ଦ୍ରୀୟ ନିରାପତ୍ତା ବାହିନୀ ମୁତୟନ କରିବା ଲାଗି ବାଧ୍ୟ ହେବୁ। ଏହି ସମୟରେ ଜଷ୍ଟିସ ବାଗଚି କହିଲେ ଯେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ନହେବା ପର୍ଯ୍ୟନ୍ତ ପୁଲିସକୁ କମିସନ ନିଜ ଅକ୍ତିୟାରକୁ ନେଇପାରିବ ନାହିଁ। କିନ୍ତୁ ଦ୍ୱିବେଦୀ କହିଲେ ଯେ ଏସଆଇଆର କାମରେ ନିୟୋଜିତ ବିଏଲଓ ଏବଂ ଅନ୍ୟ କର୍ମଚାରୀଙ୍କ ସୁରକ୍ଷା ଲାଗି ପଦକ୍ଷେପ ନେବାପାଇଁ କମିସନ ପାଖରେ ସବୁ ପ୍ରକାର ସାମ୍ବିଧାନିକ କ୍ଷମତା ରହିଛି। ପ୍ରଧାନ ବିଚାରପତି କହିଲେ ଯେ ଏହା ଏକ ଗୁରୁତର ପରିସ୍ଥିତି। ତେଣୁ ନିୟମ ଅନୁଯାୟୀ ପଦକ୍ଷେପ ନିଅ, ନହେଲେ ଅରାଜତକା ସୃଷ୍ଟି ହେବ। ବିନା ▶ପୃଷ୍ଠା-୭



### ନିର୍ବାଚନ କମିସନ ପଦକ୍ଷେପ ନ ନେଲେ ଅରାଜକତା ସୃଷ୍ଟିହେବ

## ଇଣ୍ଡିଗୋର ପକ୍ଷଛେଦନ କଲେ କେନ୍ଦ୍ର ସରକାର

# କାଟିଦେଲେ ୧୦% ବିମାନ ଉଡ଼ାଣ

■ ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ଭାରତର ସବୁଠାରୁ ବଡ଼ ଏୟାରଲାଇନ୍ସ ଇଣ୍ଡିଗୋରେ ଚାଲିଥିବା ସଙ୍କଟ ଅଷ୍ଟମ ଦିନରେ ମଧ୍ୟ ଜାରି ରହିଛି। ସ୍ଥିତି ସଂପୂର୍ଣ୍ଣ ସ୍ୱାଭାବିକ ହୋଇ ନ ଥିବାବେଳେ ସରକାର ଏହି ଏୟାରଲାଇନ୍ସ ବିରୋଧରେ ମଙ୍ଗଳବାର ବଡ଼ କାର୍ଯ୍ୟାନୁଷ୍ଠାନ ନେଇ ପକ୍ଷଛେଦନ କରିଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଏକ ଉଚ୍ଚସ୍ତରୀୟ ବୈଠକରେ ଇଣ୍ଡିଗୋର ୧୦ ପ୍ରତିଶତ ବିମାନ ଉଡ଼ାଣ ହ୍ରାସ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକ ଚାହିଦା ଏବଂ ହାଇ-ଫ୍ରିକ୍ୱେନ୍ସି ମାର୍ଗରେ ଏହି ହ୍ରାସ କରାଯାଇଛି। ୫ ପ୍ରତିଶତ ହ୍ରାସ କରିବା ଲାଗି ଦିନରେ ସରକାର ଘୋଷଣା କରିଥିବା ବେଳେ ସନ୍ଧ୍ୟାରେ ଏହାକୁ ୧୦ ପ୍ରତିଶତ କରିଛନ୍ତି। ଏହାଦ୍ୱାରା ଇଣ୍ଡିଗୋର ଦୈନିକ ଉଡ଼ାଣ ୨୩୦୦ରୁ ୨ ହଜାରକୁ ଖସି ଆସିବ। ଏବେ ଇଣ୍ଡିଗୋର ଦୈନିକ ୧୦ ପ୍ରତିଶତ ଉଡ଼ାଣ ଅନ୍ୟ ବିମାନ କମ୍ପାନୀଗୁଡ଼ିକୁ ଆବଣ୍ଟନ କରାଯାଇପାରିବ। ଏହି ନିଷ୍ପତ୍ତି ଦ୍ୱାରା ଯାତ୍ରୀଙ୍କୁ ଆଶ୍ୱସ୍ତି ମିଳିପାରେ। ସୂଚନାଯୋଗ୍ୟ ଯେ ଇଣ୍ଡିଗୋ ଦିନକୁ ୨୩୦୦ ବିମାନ ପରିଚାଳନା କରିଥାଏ। ତେଣୁ ହ୍ରାସର ପ୍ରଭାବ ▶ପୃଷ୍ଠା-୭

## ପୋଟେରୁ ନଦୀରୁ ମହିଳାଙ୍କ ମୁଣ୍ଡବିହୀନ ଶବ ଉଦ୍ଧାର ଘଟଣା

# ମାଟି ମୁଣ୍ଡ ଲଗାଇ ଅନ୍ତିମ ସଂସ୍କାର



■ମାଲକାନଗିରି/କୋରୁକୋଣ୍ଡା, ୯ ।୧୨(ସମିସ): ପୁଲିସ, ଅଗ୍ନିଶମ ବିଭାଗ ନଦୀରେ ଖୋଜାଖୋଜି କରି ନୟାନ୍ତ ହୋଇଗଲେ; କିନ୍ତୁ ମୁଣ୍ଡ ମିଳିଲାନି। ତେଣୁ, ମାଟିମୁଣ୍ଡ ତିଆରି କରି ମହିଳାଙ୍କ ଅନ୍ତିମ ସତ୍କାର କଲେ ଗ୍ରାମବାସୀ। ମାଲକାନଗିରି ଜିଲ୍ଲା ପୋଟେରୁ ନଦୀରୁ ଉଦ୍ଧାର ହୋଇଥିବା ମୁଣ୍ଡବିହୀନ ମହିଳା ରାଖେଲଗୁଡ଼ାର ଲୋକେ ପଡ଼ିଆମି (୫୧)ଙ୍କ ଆଜି ଏପରି ଅନ୍ତିମ ସଂସ୍କାର ହୋଇଛି। ପୁଲିସ ପ୍ରଶାସନ, ସ୍ଥାନୀୟ ବିଧାୟକ ଏବଂ ଅଞ୍ଚଳର ଜନପ୍ରତିନିଧି ଉପସ୍ଥିତ ରହି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରି ଶବ ସଂସ୍କାର କରାଇଛନ୍ତି।

### ଦୁଇ ଗ୍ରାମର ଅଧିବାସୀଙ୍କ ଶାନ୍ତି କମିଟି ବୈଠକ

### ରାଖେଲଗୁଡ଼ା, ଏମ୍‌ଭି-୨୬ରେ ପୁଲିସ ଛାଉଣୀ

ଅପରପକ୍ଷେ, ଏହି ଘଟଣାକୁ ନେଇ ରାଖେଲଗୁଡ଼ା ଓ ଏମ୍‌ଭି-୨୬ ଗ୍ରାମ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ପାଇଁ ବାଟ ଫିଟିଛି। ସଂଧ୍ୟାରେ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ପୁଲିସ ଓ ପ୍ରଶାସନ ଉପସ୍ଥିତିରେ ଦୁଇ ଗ୍ରାମର ଅଧିବାସୀଙ୍କୁ ନେଇ ବସିଥିବା ଶାନ୍ତି କମିଟି ବୈଠକ ସଫଳ ହୋଇଛି। ଉଭୟ ପକ୍ଷ ହିଂସାକାଣ୍ଡ ଛାଡ଼ି ଶାନ୍ତିରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଏକ କମିଟି ମଧ୍ୟ ଗଠନ କରାଯାଇଛି। ଏଥିରେ ଉଭୟ ପକ୍ଷରୁ ୧୦ ଜଣ ଲେଖାଏଁ ସଦସ୍ୟ ରହିବେ। ଉତ୍ତେଜନା ପ୍ରଶମିତ ନ ▶ପୃଷ୍ଠା-୭

# ବଦଳିଲା +୨ ପରୀକ୍ଷା ସୂଚୀ

■ ଭୁବନେଶ୍ୱର, ୯ ।୧୨ (ସମିସ): ଯୁକ୍ତ ଦୁଇ ପରୀକ୍ଷା ସୂଚୀରେ ପରିବର୍ତ୍ତନ ହୋଇଛି। ମାର୍ଚ୍ଚ ୧୧ ଓ ୨୧ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ପରିବର୍ତ୍ତନ କରାଯାଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପରିବର୍ତ୍ତିତ ସୂଚୀ ଅନୁଯାୟୀ, ମାର୍ଚ୍ଚ ୧୧ ତାରିଖରେ ହେବାକୁ ଥିବା କଳା, ବିଜ୍ଞାନ ଓ ବାଣିଜ୍ୟ ବର୍ଗର ପରୀକ୍ଷା ୨୩ ତାରିଖରେ ଅନୁଷ୍ଠିତ ହେବ। ସେହିପରି, ମାର୍ଚ୍ଚ ୨୧ତାରିଖରେ ହେବାକୁ ଥିବା କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ୨୫ତାରିଖରେ ଅନୁଷ୍ଠିତ ହେବ। ପୂର୍ବରୁ ପ୍ରକାଶିତ ଅବଶିଷ୍ଟ ପରୀକ୍ଷା ସୂଚୀ ଅପରିବର୍ତ୍ତିତ ରହିଛି। ପରୀକ୍ଷା ସୂଚୀରେ ପରିବର୍ତ୍ତନ ହେବା ପରେ ସମସ୍ତ ପରୀକ୍ଷା ମାର୍ଚ୍ଚ ୨୫ତାରିଖରେ ସରିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଫେବ୍ରୁଆରୀ ୧୮ ତାରିଖରୁ ରାଜ୍ୟରେ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେବ।

**ମାର୍ଚ୍ଚ ୧୧ ଓ ୨୧ର ପରୀକ୍ଷା ୨୩ ଓ ୨୫ରେ ହେବ**

# ୧୦ ଡିଗ୍ରୀ ତଳେ ୧୧ ସହର

■ ଭୁବନେଶ୍ୱର, ୯ ।୧୨ (ସମିସ): ରାଜ୍ୟରେ ଜାରି ରହିଛି ପ୍ରବଳ ଶୀତ । ପୂର୍ବରୁ-ପଶ୍ଚିମ, ଉତ୍ତରରୁ ଦକ୍ଷିଣ ସବୁଠି ଶୀତର ଲହରୀ ଜାରି ରହିଥିବା ବେଳେ ସାରା ରାଜ୍ୟରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୨୪ ଘଣ୍ଟାରେ ୧୧ ସହରରେ ତାପମାତ୍ରା ୧୦ ଡିଗ୍ରୀରୁ କମ୍ ଥିବା ବେଳେ ଜି. ଉଦୟଗିରିରେ ୪.୮, ସେମିଳିଗୁଡାରେ ୬.୨, ଫୁଲବାଣୀରେ ୬.୮, ଚିପିଲିମାରେ ୭.୩, ରାଉରକେଲାରେ ୭.୬, ଦାରିଙ୍ଗବାଡିରେ ୮, ଅନୁଗୁଳ ୯, ଭବାନୀପାଟଣା ୯, କିରେଇ ୯.୩, କୋରାପୁଟ ୧୦ ଓ ସୁନ୍ଦରଗଡ଼ରେ ପାରଦ ୧୦ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ଆସନ୍ତା ଦୁଇ ଦିନ ଶୀତର ପ୍ରଭାବ ଆହୁରି ବଢ଼ିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ୧୨ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାକୁ ଶୀତ ଲହରୀ ଜନିତ ୟେଲୋ ଆଲର୍ଟ ଜାରି କରାଯାଇଛି। ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ହେଉଥିବା ଥଣ୍ଡା ▶ପୃଷ୍ଠା-୭

### ଜି.ଉଦୟଗିରିରେ ୪.୮ ଡ଼ିଗ୍ରୀ

### ୭ ଜିଲ୍ଲା ପାଇଁ ଶୀତ ଲହରୀ ଆଲର୍ଟ

## ବଢ଼ିଲେ ଦାଦନ

# ଭାଙ୍ଗିଲା ଦାଦନମୁକ୍ତ ଓଡ଼ିଶା ଗଠନ ସ୍ୱପ୍ନ

■ ଭୁବନେଶ୍ୱର, ୯ ।୧୨ (ସମିସ): ଗତ ବର୍ଷ ତୁଳନାରେ ଏ ବର୍ଷ ରାଜ୍ୟରୁ ଅଧିକ ସଂଖ୍ୟକ ଦାଦନ ଶ୍ରମ ଉଦ୍ଦେଶ୍ୟରେ ବାହାର ରାଜ୍ୟକୁ ଯାଇଛନ୍ତି। ୨୦୨୫ ନଭେମ୍ବର ସୁଦ୍ଧା ରାଜ୍ୟରୁ ୭୦ ହଜାର ୩୬୦ ଜଣ ଶ୍ରମିକ ରାଜ୍ୟ ବାହାରକୁ କାମ କରିବାକୁ ଯାଇଛନ୍ତି। ଗତ ବର୍ଷ ଅର୍ଥାତ ୨୦୨୪ରେ ଏହି ସମୟରେ ରାଜ୍ୟ ବାହାରକୁ ଯାଇଥିବା ଦାଦନଙ୍କ ସଂଖ୍ୟାଠାରୁ ଚଳିତ ବର୍ଷ ଅଧିକ ଶ୍ରମିକ ଦାଦନ ଖଟିବାକୁ ଯାଇଥିବା ସୂଚନା ମିଳିଛି। ବିଡ଼ମ୍ବନା ହେଉଛି ରାଜ୍ୟ ବାହାରକୁ କାମ ଖୋଜିବାକୁ ଯାଇଥିବା ଶ୍ରମିକଙ୍କ ମଧ୍ୟରେ ବଲାଙ୍ଗିର ଜିଲ୍ଲା ସବୁଠୁ ଆଗରେ ରହିଛି। ଦାଦନ ସମସ୍ୟାର ଅନୁଧ୍ୟାନ ପାଇଁ ରାଜ୍ୟ ସରକାର ଗଠନ କରିଥିବା ଟାସ୍କ ଫୋର୍ସ ମୁଖ୍ୟ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନିଜ ଜିଲ୍ଲାରୁ ସର୍ବାଧିକ ୫୧ ହଜାର ୫୮୧ ଦାଦନ ଶ୍ରମିକ ବାହାର ରାଜ୍ୟକୁ ଯାଇଛନ୍ତି। ଏହାପରେ ରହିଛି ନୂଆପଡ଼ା ଜିଲ୍ଲା। ଏହି ଜିଲ୍ଲାରୁ ୮୬୫୫ ଜଣ ଶ୍ରମିକ ଦାଦନ ଖଟିବାକୁ ଯାଇଛନ୍ତି। ରାଜ୍ୟ ଶ୍ରମମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଏହି ତଥ୍ୟ ପ୍ରଦାନ କରିଛନ୍ତି। କେବଳ ଏତିକି ନୁହେଁ, ଦାଦନ ଚାଲାଣ ପାଇଁ ଠିକାଦାରଙ୍କ ଲାଇସେନ୍ସ ମଧ୍ୟ ଗତବର୍ଷଠାରୁ ଚଳିତ ବର୍ଷ ବୃଦ୍ଧି ପାଇଥିବା ମନ୍ତ୍ରୀ ସ୍ୱୀକାର କରିଛନ୍ତି। ଗତବର୍ଷ ୧୦୩୭ ଦାଦନ ଠିକାଦାରଙ୍କୁ ଲାଇସେନ୍ସ ଦିଆଯାଇଥିବାବେଳେ ଚଳିତ ବର୍ଷ ଏହି ସଂଖ୍ୟା ୧୧୦୭ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ଶ୍ରୀ ଖୁଣ୍ଟିଆ କହିଛନ୍ତି ଯେ ଅଧିକ ଅର୍ଥ ଉପାର୍ଜନ ପାଇଁ କର୍ମ ଅନ୍ୱେଷଣରେ ବାହାର ରାଜ୍ୟକୁ ଶ୍ରମିକମାନେ ଯିବା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିଲେ ମଧ୍ୟ ଦୁରବସ୍ଥାରେ ଥିବା ପ୍ରବାସୀ ଶ୍ରମିକଙ୍କ ସମସ୍ୟାର ସମାଧାନ ନିମନ୍ତେ ଅକ୍ଟୋବର ୨୦୨୪ରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ କାର୍ଯ୍ୟ ବାହିନୀ କମିଟି ଗଠନ କରାଯାଇଛି। ଏହି କମିଟି ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷାକରି ପ୍ରବାସୀ ଶ୍ରମିକମାନଙ୍କୁ ବିଭିନ୍ନ କର୍ମ ଯୋଗାଣକ୍ଷମ ଯୋଜନା ଓ ସ୍ୱ-ରୋଜଗାର ଯୋଜନା ଗୁଡ଼ିକରେରେ ଅର୍ନ୍ତଭୁକ୍ତ କରାଉଛି। ଏଥିରେ ନିଆଯାଇଥିବା ପଦକ୍ଷେପ ମଧ୍ୟରେ 'ଏମ୍‌ଜିଏନ୍ଆରଇଜିଏସ୍'ରେ ୯ଟି ପ୍ରବାସୀ ପ୍ରବଣ ଜିଲ୍ଲାର ୩୦ଟି ବ୍ଲକର ୭୦୪ ଗ୍ରାମପଞ୍ଚାୟତରେ କାର୍ଯ୍ୟଦିବସକୁ ୩୦୦ ଦିନକୁ ବୃଦ୍ଧି କରାଯାଇଛି। ଏହାସହ ରାଜ୍ୟରେ ୧୪ ଟି ପ୍ରବାସୀ ପ୍ରବଣ ଜିଲ୍ଲା ଯଥା ବଲାଙ୍ଗିର, ବରଗଡ଼, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଖୋର୍ଦ୍ଧା, ପୁରୀ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଇତ୍ୟାଦି ଜିଲ୍ଲାଗୁଡ଼ିକରେ ପଞ୍ଚାୟତ ▶ପୃଷ୍ଠା-୭



### ରାଜ୍ୟକୁ କମୁଛି 'ଏମ୍‌ଜିଏନ୍ଆରଇଜିଏସ୍' ଅନୁଦାନ

### ଶ୍ରମିକଙ୍କୁ ୩୦୦ କାର୍ଯ୍ୟ ଦିବସ ପ୍ରତିଶ୍ରୁତି ଧୂଆଁବାଣ



# ଭଗବାନ କୃଷ୍ଣଙ୍କୁ ବିବାହ କଲେ ଯୁବତୀ

ଲକ୍ଷ୍ନୌ, ୯।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ବଦାୟୁଁର ଏକ ନିଆରା ପ୍ରେମ କାହାଣୀ ସାରା ଦେଶରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ପ୍ରେମିକା ନିଜ ପ୍ରେମିକର ହାତ ଧରିଛନ୍ତି । ହେଲେ ପ୍ରେମିକ କୌଣସି ସାଧାରଣ ବ୍ୟକ୍ତି ନୁହଁନ୍ତି । ସେ ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣ । ଏହି ଯୁବତୀ ସମ୍ପୂର୍ଣ୍ଣ ରୀତିନୀତିରେ ଭଗବାନଙ୍କ ବିଗ୍ରହକୁ ବିବାହ କରିଛନ୍ତି । ସାଧାରଣ ବିବାହ ଭଳି ବରଯାତ୍ରୀ ଆସିଛନ୍ତି । ବାଣ ଫୁଟିଛି, ବାରଯାତ୍ରୀ ନାଚିଛନ୍ତି । ଭୋଜିଭାତ ହୋଇ ଗାଁ ଦୁଲୁକିଛି । ମାତାପିତା ସମ୍ପୂର୍ଣ୍ଣ ବିଧିରେ କନ୍ୟାଦାନ କରିଛନ୍ତି । ଇସଲାମନଗର ଥାନା ଅନ୍ତର୍ଗତ କାସିମାବାଦ ଗାଁରେ ଗତ ୭ ତାରିଖରେ ଏଭଳି ବିବାହ ହୋଇଥିଲା । ୨୮ ବର୍ଷୀୟ ପିଙ୍କି ଶର୍ମା ଶ୍ରୀକୃଷ୍ଣଙ୍କ ହାତ ଧରିଛନ୍ତି । ଏହି ବିବାହରେ ପିଙ୍କିଙ୍କ ଭିଣୋଇଙ୍କ ପରିବାର ବରଯାତ୍ରୀ ସାଜି ଆସିଥିଲେ । ସମଗ୍ର ଗ୍ରାମବାସୀ ଅତିଥି ସାଜିଥିଲେ । ପରିବାର ସଦସ୍ୟ ସବୁ ଧର୍ମ ପାଳନ କରିଥିଲେ । ବରଯାତ୍ରୀ ଘରେ ପହଞ୍ଚିବା ପରେ ଦ୍ୱାର ସଜା ଯାଇଥିଲା । କଳାକାରଣାନେ ନୃତ୍ୟ ପ୍ରଦର୍ଶନ କରିଥିଲେ । ଭଗବାନ ପ୍ରତିମାକୁ କୋଳରେ ଧରି ପିଙ୍କି ସାତ ଭେରା ବୁଲିଥିଲେ ।

ପିଙ୍କିଙ୍କ ବାପା ସୁରେଶ ଚନ୍ଦ୍ର ଶର୍ମା କହିଛନ୍ତି ଯେ ଝିଅ ପିଲାଦିନରୁ ଧାର୍ମିକ ଥିଲେ । ସେ ପ୍ରାୟତଃ ତାଙ୍କ ପରିବାର ସହିତ ବୃନ୍ଦାବନ ଯାଉଥିଲେ । ଧୀରେ ଧୀରେ ସେ କୃଷ୍ଣଙ୍କୁ ନିଜର ସବୁକିଛି ଭାବିବାକୁ ଲାଗିଲେ । ତେବେ ଗତ ଚାରି ମାସ ତଳେ ପିଙ୍କିଙ୍କ ସହ ଏକ ଅଲୌକିକ ଘଟଣା ଘଟିଥିଲା । ସେ ବାଙ୍କେ ବିହାରୀ ମନ୍ଦିରରରେ ପ୍ରସାଦ ସେବନ କରୁଥିବା ବେଳେ କୋଳରେ ଏକ ସୁନା ମୁଦି ପଡିଥିବାର ଦେଖାଯାଇଥିଲା । ପିଙ୍କି ଏହାକୁ ଭଗବାନ କୃଷ୍ଣଙ୍କ ଆଶୀର୍ବାଦ ଭାବି ନେଇଥିଲେ ଏବଂ କେବଳ କୃଷ୍ଣଙ୍କୁ ବିବାହ କରିବେ ବୋଲି ନିଷ୍ପତ୍ତି ନେଇଥିଲେ । ପ୍ରଥମେ ପରିବାର ସଦସ୍ୟ ଏଥିପାଇଁ ରାଜି ନ ଥିଲେ । ଝିଅ ବୁଝାଇବାରୁ ସେ ଏହି ବିବାହ ପାଇଁ ମଙ୍ଗି ଥିଲେ ।

# ଛାତ୍ରୀଙ୍କ ମୁଣ୍ଡରେ ସିଲିଣ୍ଡର, ପିଠିରେ ସ୍କୁଲ୍ ବ୍ୟାଗ

ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ବିଚଳିତ କରିବା ଭଳି ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି । ଏହି ୨୮ ସେକେଣ୍ଡର ଭିଡିଓରେ ଜଣେ ଛାତ୍ରୀଙ୍କୁ ଦେଖାଯାଉଛି । ଜଣେ ସ୍କୁଲ ଛାତ୍ରୀ ତାଙ୍କ ମୁଣ୍ଡରେ ଏକ ଗ୍ୟାସ ସିଲିଣ୍ଡର ଏବଂ ପିଠିରେ ସ୍କୁଲ୍ ବ୍ୟାଗ ପକାଇ ଯାଉଥିବା ଦେଖାଯାଉଛି । ତେବେ ଏହି ଭିଡିଓ କେବେ ଏବଂ କେଉଁଠାର ତାହା ଜଣାପଡ଼ି ନାହିଁ । ଲୋକେ ଏହି ଭିଡିଓ ଦେଖି ଭାବପ୍ରବଣ ହୋଇଯାଇଛନ୍ତି । ଏହି ଛାତ୍ରୀ ସ୍କୁଲରୁ ଫେରୁଥିବା ପରି ଲାଗୁଛି । ଦାୟିତ୍ୱର ବୋଝ ତାଙ୍କୁ ଏପରି କରିବାକୁ ବାଧ କରୁଥିବା ଭଳି ମନେ ହେଉଛି । ଏକା ସଙ୍ଗେ ଦୁଇ ଦୁଇଟି କର୍ତ୍ତବ୍ୟ ନିର୍ବାହ କରୁଥିବା ଛାତ୍ରୀଙ୍କ ଏହି ଭିଡିଓ ତାଙ୍କ ସଂଘର୍ଷମୟ ଜୀବନର କରୁଣ କାହାଣୀକୁ ଦର୍ଶାଉଛି । ଛାତ୍ରୀ ବିନା ଦ୍ୱିଧାରେ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାଉଥିବା ଦେଖାଯାଉଛି । ଏହି ଭିଡିଓକୁ ନେଇ ଲୋକେ ଭିନ୍ନ ଭିନ୍ନ ମନ୍ତବ୍ୟ ଦେଉଛନ୍ତି । ଜଣେ ଲେଖିଛନ୍ତି ଯେ ଦାରିଦ୍ର୍ୟ ପିଲାମାନଙ୍କ ଶୈଶବକୁ ଛଡ଼ାଇ ନେଉଛି ବୋଲି ଏହା ଦର୍ଶାଉଛି । ଅନ୍ୟ ଜଣେ ଲେଖିଛନ୍ତି, ଦାୟିତ୍ୱ ବୟସ ଦେଖି ନଥାଏ, କିନ୍ତୁ ସମାଜ ଏହା ନିଶ୍ଚିତ ଦେଖିବା ଉଚିତ୍ । ସେହିପରି କୌଣସି ପିଲା ଏପରି ସ୍ଥିତିର ସମ୍ମୁଖୀନ ନ ହୁଅନ୍ତୁ ବୋଲି ଆଉ ଜଣେ ବ୍ୟକ୍ତି କହିଛନ୍ତି ।



# ଜନ୍ମଦିନରେ ସୋନିଆ ଗାନ୍ଧୀଙ୍କୁ କୋର୍ଟ ନୋଟିସ୍



ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ସୋନିଆ ଗାନ୍ଧୀ ମଙ୍ଗଳବାର ୭୯ତମ ଜନ୍ମ ଦିବସ ପାଳନ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡଗେ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଅନ୍ୟପଟେ ଜନ୍ମଦିନରେ ସୋନିଆଙ୍କୁ ଅଜବ ଉପହାର ମିଳିଛି । ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ସୋନିଆଙ୍କୁ ନୋଟିସ ଜାରି କରିଛନ୍ତି । ୧୯୮୦-୮୧ ଭୋଟର ତାଲିକାରେ ବେଆଇନ ଭାବେ ନାମ ସାମିଲ କରିବା ମାମଲାର ବିଚାର କରି କୋର୍ଟ ଏହି ପଦକ୍ଷେପ ନେଇଛନ୍ତି । ଜାନୁଆରୀ ୬ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଦିନ ମାମଲାର ପରବର୍ତ୍ତୀ ଶୁଣାଣି ହେବ । କୋର୍ଟ ଏହି ମାମଲାରେ ଦିଲ୍ଲୀ ପୁଲିସକୁ ମଧ୍ୟ ଜବାବ ମାଗିଛନ୍ତି । ସୋନିଆ ଗାନ୍ଧୀ ଭାରତୀୟ ନାଗରିକ ହେବା ପୂର୍ବରୁ ତାଙ୍କ ନାମକୁ ଭୋଟର ତାଲିକାରେ ସାମିଲ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି । ପୂର୍ବରୁ ମାଜିଷ୍ଟ୍ରେଟଙ୍କ କୋର୍ଟ ଏହି ମାମଲାରେ ଦାଏର ଅଭିଯୋଗକୁ ଖାରଜ କରିଦେଇଥିଲେ । କୋର୍ଟ ଏହାକୁ ନେଇ ରାଜ୍ୟ ସରକାରଙ୍କୁ ମଧ୍ୟ ନୋଟିସ ଜାରି କରିଛନ୍ତି । ସମ୍ପୂର୍ଣ୍ଣ ମାମଲାର ରେକର୍ଡ (ଟିସିଆର) ଦେବାକୁ କହିଛନ୍ତି । ମା ଓକିଲ ବିକାଶ ତ୍ରିପାଠୀ ଏହି ଆବେଦନ ଦାଏର କରିଥିଲେ । ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗାନେ ଏହାର ଶୁଣାଣି କରିଥିଲେ । ଆବେଦନକାରୀ ଦାବି କରିଥିଲେ ଯେ, ୧୯୮୦ର ନୂଆଦିଲ୍ଲୀ ବିଧାନସଭା କ୍ଷେତ୍ରର ଭୋଟର ତାଲିକାରେ ସୋନିଆଙ୍କ ନାମ ଥିଲା । ସେତେବେଳେ ସେ ଭାରତୀୟ ନାଗରିକ ହୋଇ ନ ଥିଲେ । ୧୯୮୩ ଏପ୍ରିଲରେ ତାଙ୍କୁ ଭାରତୀୟ ନାଗରିକତା ମିଳିଥିଲା । ଏଭଳି କରିବା ଅପରାଧ ବୋଲି ଓକିଲ କହିଥିଲେ । କୋର୍ଟ ଏହାକୁ ନେଇ ସୋନିଆଙ୍କ ପକ୍ଷ ଶୁଣିବା ନିମନ୍ତେ ନୋଟିସ ଜାରି କରିଥିଲେ ।

# ହୃଦ୍‌ଘାତରେ ମହିଳା ବିଏଲଓଙ୍କ ମୃତ୍ୟୁ

ଭୋପାଳ, ୯।୧୨ (ଏଜେନ୍ସି):ମଧ୍ୟପ୍ରଦେଶ ସାଗର ଜିଲ୍ଲା ନିୱାରୀର ବିଏଲଓ ଲକ୍ଷ୍ମୀ ଜୋରାଲିଆ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି । ସେ ଏକ ସରକାରୀ ପ୍ରାଥମିକ ଶିକ୍ଷକ ଥିଲେ । ମୃତକଙ୍କ ପୁଅ କହିଛନ୍ତି ଯେ, ଏସଆଇଆରକୁ ନେଇ ମାଆ ମାନସିକ ଚାପରେ ଥିଲେ । ଏଥିଯୋଗୁଁ ୧୦ ଦିନ ତଳେ ତାଙ୍କର ହୃଦ୍‌ଘାତ ହୋଇଥିଲା । ସେହି ଦିନଠାରୁ ସାଗର ଡାକ୍ତରଖାନାରେ ଏବଂ ଭୋପାଳର ଏକ ଘରୋଇ ଡାକ୍ତରଖାନାରେ ତାଙ୍କ ଚିକିତ୍ସା ଚାଲିଥିଲା । ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ହୋଇଥିଲା । ସେ ଚାରି ପାଞ୍ଚ ବର୍ଷ ହେଲା ବିଏଲଓ ଭାବେ କାମ କରୁଥିବା ପରିବାର ସଦସ୍ୟ କହିଛନ୍ତି । ସୂଚନାଯୋଗ୍ୟ ଯେ ଏ ପର୍ଯ୍ୟନ୍ତ ରାଜ୍ୟର ୮ ବିଏଲଓ ପ୍ରାଣ ହରାଇଲେଣି ।

# ଭାରତ ଆସିପାରନ୍ତି ଜେଲେଁସ୍କି

ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପରେ ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡ଼ାମିର ଜେଲେଁସ୍କି ଆସନ୍ତା ମାସରେ ଭାରତ ଗସ୍ତରେ ଆସିପାରନ୍ତି । ତେବେ ଏ ପର୍ଯ୍ୟନ୍ତ ଏହାର ତାରିଖ ଧାର୍ଯ୍ୟ ହୋଇନାହିଁ । ଏହା ଜେଲେଁସ୍କିଙ୍କ ପ୍ରଥମ ଭାରତ ଗସ୍ତ ହେବ । ୟୁକ୍ରେନୀୟ ରାଷ୍ଟ୍ରପତିମାନେ କେବଳ ତିନିଥର ୧୯୯୨, ୨୦୦୨ ଏବଂ ୨୦୧୨ରେ ଭାରତ ଗସ୍ତରେ ଆସିଥିଲେ । ଶେଷ ଥର ପାଇଁ ରାଷ୍ଟ୍ରପତି ଭିକ୍ଟର ୟାନୁକୋଭିଚ୍ ୨୦୧୨ରେ ଭାରତ ଗସ୍ତରେ ଆସିଥିଲେ । ରିପୋର୍ଟ ଅନୁଯାୟୀ, ରୁଷ ଏବଂ ୟୁକ୍ରେନ ମଧ୍ୟରେ ଭାରତ ସନ୍ତୁଳନ ବଜାୟ ରଖିବାକୁ ଚାହୁଁଛି । ୨୦୨୪ରେ ମଧ୍ୟ ଭାରତ ଏପରି କରିଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମେ ମସ୍କୋ ଗସ୍ତ କରି ପୁଟିନଙ୍କ ସହ ସାକ୍ଷାତ କରିଥିଲେ । ଏହାର କିଛି ସପ୍ତାହ ପରେ ସେ ଜେଲେଁସ୍କିଙ୍କ ସହ ସାକ୍ଷାତ ପାଇଁ କିଭ ଗସ୍ତରେ ଯାଇଥିଲେ । ଗତ କିଛି ମାସ ହେଲା ଭାରତ ଏବଂ ୟୁକ୍ରେନୀୟ ଅଧିକାରୀଙ୍କ ମଧ୍ୟରେ ଆନୁଷ୍ଠାନିକ ଆଲୋଚନା ଜାରି ରହିଛି । ପୁଟିନଙ୍କ ଗସ୍ତ ପୂର୍ବରୁ ଏହା ଆରମ୍ଭ ହୋଇଥିଲା । ରିପୋର୍ଟ ଅନୁଯାୟୀ, ଜେଲେଁସ୍କିଙ୍କ ଗସ୍ତ କେବେ ଏବଂ କିପରି ହେବ ତାହା ଅନେକ ପ୍ରସଙ୍ଗ ଉପରେ ନିର୍ଭର କରୁଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ଶାନ୍ତି ଯୋଜନା, ଯୁଦ୍ଧର ସ୍ଥିତି, ୟୁକ୍ରେନ ରାଜନୀତିକୁ ଦେଖି ଏହା ସ୍ଥିର କରାଯିବ । କାରଣ ଏବେ ଜେଲେଁସ୍କି ସରକାର ଉପରେ ଦୁର୍ନୀତି ଅଭିଯୋଗ ଲାଗିଛି । ଏଥିପାଇଁ ରାଷ୍ଟ୍ରପତି ଚାପରେ ଅଛନ୍ତି ।



# ସାଂସ୍କୃତିକ ରାଷ୍ଟ୍ରବାଦକୁ ଜାଗ୍ରତ କରିଥିଲା 'ବନ୍ଦେ ମାତରମ'

ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ଲୋକସଭା ପରେ ମଙ୍ଗଳବାର ରାଜ୍ୟସଭାରେ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ' ଉପରେ ଚର୍ଚ୍ଚା ହୋଇଛି । ଆଲୋଚନା ଆରମ୍ଭ କରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗାନ୍ଧୀ ପରିବାରକୁ ସମାଲୋଚନା କରିଛନ୍ତି । ଏହି ସଙ୍ଗୀତ ଭାଗ ଭାଗ ହେବାରୁ ଦେଶ ବିଭାଜନ ହେଲା ବୋଲି ସେ ଅଭିଯୋଗ କରିଛନ୍ତି । ଏଥିପାଇଁ ସେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ଦାୟୀ କରିଛନ୍ତି । ତାଙ୍କ ଯୋଗୁଁ 'ବନ୍ଦେ ମାତରମ' ସଂପୂର୍ଣ୍ଣ ହୋଇପାରିନଥିଲା । ୧୯୩୭ରେ ନେହରୁ ବନ୍ଦେ ମାତରମର ୨ଟି ପାରାକୁ ମାନ୍ୟତା ଦେଇଥିଲେ । ଏହିଠାରୁ ଦେଶରେ ତୁଷ୍ଟୀକରଣ ରାଜନୀତି ଆରମ୍ଭ ହୋଇଥିଲା । ଏହି ନିଷ୍ପତ୍ତି ପାଇଁ ଦେଶ ବିଭାଜନର ରାସ୍ତା ପ୍ରସ୍ତୁତ କରାଯାଇଥିଲା । ଯଦି ସେ ସମୟରେ ସମ୍ପୂର୍ଣ୍ଣ ବନ୍ଦେ ମାତରମକୁ ସ୍ୱୀକାର କରାଯାଇଥାଆନ୍ତା ତେବେ ଭାରତ ବିଭାଜନ ହୋଇ ନ ଥାଆନ୍ତା । ବନ୍ଦେ ମାତରମକୁ ଶହେ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶକୁ ବନ୍ଦୀ ବନାଇ ଦିଆଯାଇଥିଲା । ଶାହା କହିଥିଲେ ଯେ ବନ୍ଦେ ମାତରମ ଭାରତର ସାଂସ୍କୃତିକ ରାଷ୍ଟ୍ରବାଦକୁ ଜାଗ୍ରତ କରାଇଥିଲା । ଏହା ସ୍ୱାଧୀନତା ସଂଗ୍ରାମ ସମୟରେ ଯେତିକି ପ୍ରାସଙ୍ଗିକ ଥିଲା ଏବେ ମଧ୍ୟ ସେତିକି ରହିଛି । ଯେଉଁମାନେ ଏହାର ମହତ୍ତ୍ୱ ଜାଣିନାହାନ୍ତି, ସେମାନେ ତାହାକୁ ନିର୍ବାଚନ ସହ ଯୋଡୁଛନ୍ତି ।



ଅନ୍ୟପକ୍ଷରେ ରାଜ୍ୟସାରେ ବିରୋଧୀ ଦଳର ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଥିଲେ ଯେ କୌଣସି କାର୍ଯ୍ୟକ୍ରମରେ ବନ୍ଦେ ମାତରମର ଆଗ ଦୁଇ ପାରା ବୋଲିବାକୁ ନେହେରୁ, ମହାତ୍ମା ଗାନ୍ଧୀ, ମୌଲାନା ଆଜାଦ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସର୍ଦ୍ଦାର ପଟେଲଙ୍କ ଭଳି କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଥିଲେ । ଏହି କମିଟିରେ କ'ଣ ନେହେରୁ ଏକାକୀ ଥିଲେ କି? ଏଭଳି ମନ୍ତବ୍ୟ ଦେଇ ସବୁ ବଡ଼ ନେତାଙ୍କୁ ଅପମାନିତ କରାଯାଉଛି । ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ କାହିଁକି ନେହରୁଙ୍କୁ ନିଶାଣ କରୁଛନ୍ତି ବୋଲି ଖଡଗେ ପଚାରିଥିଲେ । ସେ କହିଥିଲେ ଯେ ଏହି ଜାତୀୟ ସଙ୍ଗୀତ ପ୍ରତ୍ୟେକ ଭାରତୀୟ ଆତ୍ମାରେ ରହିଛି । ତେବେ ଏହାକୁ ନେଇ ରାଜନୀତି କରାଯିବ ଉଚିତ ନୁହେଁ । ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ, ବେକାରୀ ସମସ୍ୟା ଓ ଦରଦାମ ପରିସ୍ଥିତି ଉପରେ ମଧ୍ୟ ଆଲୋଚନା ହେଉ । ଏଭଳି ପ୍ରସଙ୍ଗରୁ ଦୃଷ୍ଟି ହଟାଇବା ଲାଗି ସରକାର ବନ୍ଦେ ମାତରମ ଉପରେ ଆଲୋଚନା କରୁଛନ୍ତି ।

- ଯେଉଁମାନେ ଏହାର ମହତ୍ତ୍ୱ ଜାଣିନାହାନ୍ତି, ସେମାନେ ନିର୍ବାଚନ ସହ ଯୋଡୁଛନ୍ତି: ଶାହା
- ଅସଲ ପ୍ରସଙ୍ଗରୁ ଦୃଷ୍ଟି ହଟାଇବାକୁ ଉଦ୍ୟମ କରୁଛନ୍ତି ସରକାର: ଖଡ଼ଗେ

ସେହିପରି ଏହି ସଙ୍ଗୀତ ଦେଶକୁ ଏକାଠି କରି ରଖୁଛି ବୋଲି ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନ କହିଥିଲେ । ସମସ୍ତେ ଏକାଠି ହୋଇ ସଙ୍କଳ୍ପ ନେବାକୁ ସେ ଆହ୍ୱାନ ଦେଇଥିଲେ ।

# ଏସ୍‌ଆଇଆର ଆଲୋଚନା ବେଳେ ରାହୁଲଙ୍କ ପ୍ରଶ୍ନ

## ନିର୍ବାଚନ କମିସନ ମନୋନୟନ କମିଟିରୁ ସିଜେଆଇଙ୍କୁ ବାଦ୍ ଦିଆଗଲା କାହିଁକି?

ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଏବଂ ଅନ୍ୟ ନିର୍ବାଚନ କମିସନର ମନୋନୟନ ଲାଗି ଉଦ୍ଦିଷ୍ଟ କମିଟିରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ କାହିଁକି ହଟାଗଲା? ଏହା ପଛରେ ଉଦ୍ଦେଶ୍ୟ କଣ? ଲୋକସଭାରେ ଆଜି ଏସଆଇଆର ଉପରେ ସ୍ୱତନ୍ତ୍ର ଆଲୋଚନା ବେଳେ ଏଭଳି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ । ତିନି ଜଣିଆ ମନୋନୟନ କମିଟିରେ ବିରୋଧୀ ଦଳର ନେତା ହିସାବରେ ସେ ଜଣେ ସଭ୍ୟ ଥିଲେ ମଧ୍ୟ ତାଙ୍କର ମତମତ କୌଣସି ଗୁରୁତ୍ୱ ରଖେନାହିଁ । କାରଣ ଅନ୍ୟ ଦୁଇ ଜଣ ସଭ୍ୟ ହେଉଛନ୍ତି ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ । ସେ କହିଲେ ଯେ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତିନି ଜଣିଆ କମିଟି ଗଠନ କରାଯାଇଥିଲା । ଏଥିରେ ପ୍ରଧାନମନ୍ତ୍ରୀ, ପ୍ରଧାନ ବିଚାରପତି ଏବଂ ବିରୋଧୀ ଦଳର ନେତା ସଭ୍ୟ ଥିଲେ । କିନ୍ତୁ ୨୦୨୩ରେ ସରକାର ନୂଆ ଆଇନ ପ୍ରଣୟନ କରି ମନୋନୟନ କମିଟିରୁ ପ୍ରଧାନ ବିଚାରପତିଙ୍କ ନାମ ହଟାଇଦେଇଥିଲେ । ତାଙ୍କ ସ୍ଥାନରେ ଜଣେ କେନ୍ଦ୍ର ମନ୍ତ୍ରୀଙ୍କୁ ରଖାଗଲା । ଏହା ପଛରେ କି ଉଦ୍ଦେଶ୍ୟ ଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି । ସେ କହିଲେ ଯେ ନିର୍ବାଚନ କମିସନରଙ୍କୁ ସୁରକ୍ଷା ଦେବାକୁ ଯାଇ କେନ୍ଦ୍ର ସରକାର ଆଉ ଏକ ଆଇନ ଆଣିଥିଲେ । ଏହି ଆଇନ ଅନୁଯାୟୀ ଦାୟିତ୍ୱରେ ଥିବା ବେଳେ କୌଣସି ତ୍ରୁଟି ପାଇଁ ନିର୍ବାଚନ କମିସନରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରିବ ନାହିଁ । ତାଙ୍କ ଇଙ୍ଗିତରେ କାମ କରିବା ଲାଗି ନିର୍ବାଚନ କମିସନଙ୍କୁ ସରକାର ନିଜ ନିୟନ୍ତ୍ରଣରେ ରଖିବାକୁ ଚାହାନ୍ତି । ଏହାର ପରିଣାମ ସ୍ୱରୂପ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସୁହାଇଲା ଭଳି ନିର୍ବାଚନ ତାରିଖ ଘୋଷଣା କରାଯାଉଛି । ସେ ଆହୁରି ପ୍ରଶ୍ନ କରିଛନ୍ତି ଯେ ନିର୍ବାଚନର ୪୫ ଦିନ ପରେ ଭୋଟଦାନ କେନ୍ଦ୍ରର ସିସିଟିଭି ଫୁଟେଜ୍ ନଷ୍ଟ କରିବା ଲାଗି କାହିଁକି ଆଉ ଏକ ଆଇନ ପ୍ରଣୟନ କରାଗଲା?



ନିର୍ବାଚନ କମିସନ ସରକାରଙ୍କ କଥାରେ ପରିଚାଳିତ ହେଉଛନ୍ତି ବୋଲି ଅଭିଯୋଗ କରି ରାହୁଲ କହିଲେ ଯେ ଭୋଟ ଜାଲିଆତିକୁ ନେଇ ସେ ଯେଉଁ ସବୁ ପ୍ରଶ୍ନ ଉଠାଇଛନ୍ତି, ତାହାର ଉତ୍ତର ଏପର୍ଯ୍ୟନ୍ତ ଦେଇ ନାହାନ୍ତି କମିସନ । ସେ କହିଲେ ଯେ କମିସନ ସହାୟତାରେ କ୍ଷମତାସୀନ ବିଜେପି ଗୋଟିଏ ପରେ ଗୋଟିଏ ନିର୍ବାଚନ ଜିତି ଚାଲିଛି । ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ ଏବଂ ବିହାର ହେଉଛି ଏହାର ଜ୍ୱଳନ୍ତ ଉଦାହରଣ । କେବଳ ବିହାରରେ ଏସଆଇଆର ସତ୍ତ୍ୱେ ଏକ ଲକ୍ଷ ୨୦ ହଜାରରୁ ଅଧିକ ନକଲି ଫଟୋ ଦେଖିବାକୁ ମିଳିଛି । ନିର୍ବାଚନ କମିସନ ଓ ବିଜେପି ମିଳିମିଶି ଭୋଟ ଚୋରି କରୁଛନ୍ତି । ଏହାଠାରୁ ବଡ଼ ଦେଶବିରୋଧୀ କାର୍ଯ୍ୟକଳାପ ଆଉ କିଛି ନୁହେଁ ବୋଲି ସେ କହିଛନ୍ତି ।

ଆଲୋଚନାରେ ଅଂଶ ଗ୍ରହଣ କରି ବିଜେପି ସାଂସଦ ନିଶିକାନ୍ତ ଦୁବେ କହିଲେ ଯେ ରାହୁଲ ଗାନ୍ଧୀ ଯେଉଁ ଇଭିଏମ୍‌କୁ ଦୋଷ ଦେଉଛନ୍ତି, ସେହି ଇଭିଏମର ପ୍ରଚଳନ କରିଥିଲେ ତାଙ୍କର ପିତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ । ୧୯୮୭ରେ ସେ ଏହାର ପ୍ରୟୋଗ କରିବାକୁ ଆରମ୍ଭ କରିଥିଲେ । ନରସିଂହ ରାଓଙ୍କ ନେତୃତ୍ୱାଧୀ କଂଗ୍ରେସ ସରକାର ଏହାର ଆନୁଷ୍ଠାନିକ ପ୍ରଚଳନ କରିଥିଲା । ରାହୁଲଙ୍କ ଭୋଟ ଚୋରି ଅଭିଯୋଗର ଉତ୍ତର ଦେଇ ସେ କହିଲେ ଯେ କଂଗ୍ରେସ ସମୟରେ ହିଁ ଗଣତନ୍ତ୍ରକୁ ଦମନ କରାଯାଇଥିଲା ।

# ଗୋଆ କ୍ଲବ୍ ଅଗ୍ନିକାଣ୍ଡ: ଦେଶ ଛାଡ଼ି ପଳାଇଲେ ମାଲିକ

ପାନାଜୀ, ୯।୧୨ (ଏଜେନ୍ସି):ଯାହା ଆଶା କରାଯାଉଥିଲା ତାହା ହିଁ ହୋଇଛି । ଗୋଆ କ୍ଲବ୍ 'ବର୍ଚ ବାଏ ରୋମିଓ ଲେନ'ରେ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ଜୀବନ ଯିବାର ଦିନକ ପରେ ଏହାର ମାଲିକ ଗୌରବ ଲୁଥରା ଏବଂ ସୌରଭ ଲୁଥରା ଦେଶ ଛାଡ଼ି ଫେରାର ହୋଇଯାଇଛନ୍ତି । ଉଭୟେ ଥାଇଲାଣ୍ଡ ପଳାଇ ଥିବା ଗୋଆ ପୁଲିସ କହିଛି । ଉଭୟଙ୍କୁ ଆଣିବା ପାଇଁ ଇଣ୍ଟରପୋଲର ସହାୟତା ନିଆଯାଇ ଉଭୟଙ୍କ ବିରୋଧରେ ବ୍ଲୁ କର୍ଣ୍ଣର ନୋଟିସ ଜାରି କରାଯାଇଛି । ତେବେ ମଙ୍ଗଳବାର ଦୁଇ ଭାଇଙ୍କ ଥାଇଲାଣ୍ଡ ଫଟୋ ସାମ୍ନାକୁ ଆସିଛି । ଗୋଆ ସରକାର ଉଭୟଙ୍କୁ କେମିତି ଧରି ପାରିଲେନି ବୋଲି ଏବେ ପ୍ରଶ୍ନ ଉଠୁଛି । ଜାଣିଶୁଣି ଦୁଇ ଭାଇଙ୍କୁ ବିଦେଶ ଯିବାରେ ସହାୟତା କରାଗଲା ବୋଲି ଅଭିଯୋଗ ଲାଗୁଛି । ଏପରି ସମୟରେ ସରକାର ଦୁଇ ଭାଇଙ୍କ ଆଉ ଏକ କ୍ଲବ 'ରୋମିଓ ଲେନ'କୁ ଭାଙ୍ଗି ଦେଇଛନ୍ତି । କାରଣ ସରକାରୀ ଜମିରେ ଏହାର ନିର୍ମାଣ କରାଯାଇଥିଲା ।



- ଦୁଇ ଭାଇଙ୍କୁ 'ବ୍ଲୁ କର୍ଣ୍ଣର' ନୋଟିସ
- ମାଟିରେ ମିଶିଲା ଲୁଥରା ଭାଇଙ୍କ ଆଉ ଏକ କ୍ଲବ୍

ସୂଚନା ଅନୁଯାୟୀ, ଉଭୟଙ୍କୁ ସନ୍ଧାନ କରି ପୁଲିସ ଘରେ ପହଞ୍ଚି ଥିଲା । କିନ୍ତୁ ନ ପାଇ ଦୁଇ ଭାଇଙ୍କ ବିରୋଧରେ ଲୁକଆଉଟ୍ ନୋଟିସ୍ ଜାରି କରାଯାଇଥିଲା । ଇନଷ୍ଟାଗ୍ରାମରେ କ୍ଲବ ମାଲିକ ସୌରଭ ଲୁଥ୍ରା ଏହି ଘଟଣା ଉପରେ ଦୁଃଖ ପ୍ରକାଶ କରିଥିଲେ । ସେ ପୀଡ଼ିତମାନଙ୍କୁ ସମସ୍ତ ପ୍ରକାରର ସାହାଯ୍ୟ ଯୋଗାଇବାକୁ ପ୍ରସ୍ତୁତ ଥିବା କହିଥିଲେ । ଅନ୍ୟପଟେ ତଦନ୍ତରୁ ଜଣାପଡିଛି ଯେ ଆବଶ୍ୟକୀୟ କାଗଜପତ୍ର ଏବଂ ଲାଇସେନ୍ସ ବିନା ନାଇଟ୍ କ୍ଲବ୍ ପରିଚାଳିତ ହେଉଥିଲା । ଏହି ଅଗ୍ନିକାଣ୍ଡ ମାମଲାରେ ପୁଲିସ ୫ ଜଣଙ୍କୁ ଗିରଫ କଲାଣି । ତେବେ ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ପରିବର୍ତ୍ତେ, ଉଦ୍ଦେଶ୍ୟ ନ ଥିବା ହତ୍ୟାକାଣ୍ଡ ମାମଲା ରୁଜୁ କରାଯାଇଥିବାରୁ ପୁଲିସ ଆଭିମୁଖ୍ୟ ପ୍ରତି ପ୍ରଶ୍ନ ଉଠୁଛି ।

# ମାଆଙ୍କ ଆଧାରରେ ଝିଅକୁ ଜାତି ପ୍ରମାଣପତ୍ର: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ସୁପ୍ରିମକୋର୍ଟ ଏକ ବଡ଼ ରାୟ ଦେଇଛନ୍ତି । ଜଣେ ଝିଅକୁ ତାଙ୍କ ମା'ଙ୍କ ଜାତି ଆଧାରରେ ଅନୁସୂଚିତ ଜାତି(ଏସସି) ପ୍ରମାଣପତ୍ର ପ୍ରଦାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଅନୁମତି ଦେଇଛନ୍ତି । ଏହି ରାୟ ଏକ ଉଦାହରଣ ସୃଷ୍ଟି କରିଛି । କାରଣ ପୂର୍ବରୁ ବାପାଙ୍କ ଆଧାରରେ ପିଲାଙ୍କୁ ଜାତି ପ୍ରମାଣପତ୍ର ମିଳୁଥିଲା । ପୁଡୁଚେରୀର ଜଣେ ଝିଅ ଏଥିପାଇଁ ଆବେଦନ କରିଥିଲେ । ତାଙ୍କ ମାଆ 'ଆଦି ଦ୍ରାବିଡ' (ଏସ୍‌ସି) ବର୍ଗର ଥିଲେ । କିନ୍ତୁ ସେ ଅନ୍ୟ ବର୍ଗର ବ୍ୟକ୍ତିଙ୍କୁ ବିବାହ କରିଥିଲେ । ମାତ୍ର ଶିକ୍ଷା କ୍ୟାରିୟରର ସୁରକ୍ଷା ପାଇଁ ମାଆଙ୍କ ଜାତିର ପ୍ରମାଣପତ୍ର ଆବଶ୍ୟକ ଥିଲା । କ୍ୟାରିୟର ବର୍ବାଦ ହେବାର ଆଶଙ୍କା କରି ସୁପ୍ରିମକୋର୍ଟ ଏହି ଅନୁମତି ଦେଇଛନ୍ତି । ପୂର୍ବରୁ ମଧ୍ୟ ବାପାଙ୍କ ଆଧାରରେ ଜାତି ପ୍ରମାଣପତ୍ର ଜାରିକୁ ବିରୋଧ କରି ଅନେକ ଆବେଦନ ଦାଏର କରାଯାଇଛି । ମାତ୍ର କୋର୍ଟରେ ଏହି ମାମଲା ଗୁଡ଼ିକ ପଡ଼ି ରହିଛି ।

ମାଡ୍ରାସ ହାଇକୋର୍ଟଙ୍କ ରାୟ ବିରୋଧରେ ଦାଏର ଏହି ଆବେଦନ ଉପରେ ଶୁଣାଣି କରି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ସୋମବାର କହିଥିଲେ ଯେ ଅନୁସୂଚିତ ଜାତି ପ୍ରମାଣପତ୍ର ବିନା ଝିଅର ଶିକ୍ଷାଗତ କ୍ୟାରିୟର କ୍ଷତିଗ୍ରସ୍ତ ହେବ । ଆମେ ଏବେ ଆଇନର ପ୍ରଶ୍ନକୁ ମୁକ୍ତ ରଖୁଛୁ । ତେବେ ଏହା ଭବିଷ୍ୟତରେ ବଡ଼ ବିତର୍କ ସୃଷ୍ଟି କରିପାରେ । ପରିବର୍ତ୍ତିତ ସମୟ ସହିତ ମାଆଙ୍କ ଜାତି ଆଧାରରେ ସନ୍ତାନଙ୍କୁ କାହିଁକି ଜାତି ପ୍ରମାଣପତ୍ର ପ୍ରଦାନ କରାଯିବ ନାହିଁ ବୋଲି ସିଜେଆଇ ପ୍ରଶ୍ନ କରିଥିଲେ । ଉଚ୍ଚ ଜାତିର ପୁରୁଷଙ୍କୁ ବିବାହ କଲେ ଏସ୍‌ସି ମହିଳାଙ୍କଠୁ ଜନ୍ମିତ ଏବଂ ଉଚ୍ଚ ଜାତିର ପରିବାରରେ ପାଳିତ ସନ୍ତାନମାନେ ମଧ୍ୟ ଏସସି ପ୍ରମାଣପତ୍ର ପାଇବାର ହକଦାର ହେବେ ବୋଲି ଏହି ରାୟର ଅର୍ଥ ହେବ ।

ରିପୋର୍ଟ ଅନୁଯାୟୀ, ଦୁଇ ଝିଅ ଏବଂ ପୁଅ ମାଆଙ୍କ ଆଧାରରେ ଏସ୍‌ସି ପ୍ରମାଣପତ୍ର ପ୍ରଦାନ ପାଇଁ ତହସିଲଦାରଙ୍କୁ ଅନୁରୋଧ କରିଥିଲେ । କାରଣ ତାଙ୍କ ସ୍ୱାମୀ ବିବାହ ପରଠାରୁ ତାଙ୍କ ନିଜ ଘରେ ବାପା ମା'ଙ୍କ ସହ ରହୁଥିଲେ । ଆବେଦନରେ ମହିଳା ଯୁକ୍ତି କରିଥିଲେ ଯେ, ତାଙ୍କ ପିତାମାତା ଏବଂ ଜେଜେମାଆ ହିନ୍ଦୁ ଦ୍ରାବିଡ଼ ସମ୍ପ୍ରଦାୟର ଥିଲେ ।

# ଇଣ୍ଡିଗୋର ୪୦୦ ବିମାନ ବାତିଲ

ନୂଆଦିଲ୍ଲୀ, ୯।୧୨ (ଏଜେନ୍ସି): ଇଣ୍ଡିଗୋ ଅଚଳାବସ୍ଥା ଆଜି ଅଷ୍ଟମ ଦିନରେ ପହଞ୍ଚିଛି । ମଙ୍ଗଳବାର ସକାଳ ୧୦ଟା୩୦ ସୁଦ୍ଧା ବେଙ୍ଗାଲୁରୁ, ହାଇଦରାବାଦ ଆଦି ବିମାନବନ୍ଦରରେ ୪୦୦ରୁ ଅଧିକ ଉଡ଼ାଣ ବାତିଲ କରିଦିଆଯାଇଛି । ଗତ ୭ ଦିନରେ ୪୫୦୦ରୁ ଅଧିକ ଉଡ଼ାଣ ବାତିଲ ହେଲାଣି । ମାତ୍ର ଇଣ୍ଡିଗୋ ସିଇଓ ପିଟର ଏଲବର୍ସ କହିଛନ୍ତି ଯେ ଉଡ଼ାଣ ସ୍ୱାଭାବିକ ହେବାରେ ଲାଗିଛି । ଏବେ ପରିଚାଳନା ସ୍ଥିର ରହିଛି । ଲକ୍ଷାଧିକ ଯାତ୍ରୀଙ୍କୁ ଅର୍ଥ ଫେରସ୍ତ କରାଯାଉଛି । ସବୁ ୧୩୮ ମାର୍ଗରେ ଉଡ଼ାଣ ଆରମ୍ଭ ହୋଇଛି । ସରକାରଙ୍କ ସହ ମଧ୍ୟ ସହଯୋଗ କରୁଛୁ । ତେବେ ପରିଚାଳନା ବିଭ୍ରାଟକୁ ନେଇ ଡିଜିସିଏ ସାମ୍ନାରେ ଇଣ୍ଡିଗୋ ଯେଉଁ ଉତ୍ତର ରଖିଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଏ ପର୍ଯ୍ୟନ୍ତ ପରିଚାଳନା ସମସ୍ୟାର ପ୍ରକୃତ କାରଣ ଜଣାପଡ଼ି ନାହିଁ । ଡିଜିସିଏର ମାନୁଆଲରେ ଏସ୍‌ସିଏନ ଉପରେ ଜବାବ ଦେବା ପାଇଁ ୧୫ ଦିନ ମିଳିଥାଏ । ତେଣୁ ମୂଳ କାରଣର ବିଶ୍ଳେଷଣ (ଆରସିଏ) ପାଇଁ ଅଧିକ ସମୟ ଦରକାର । ଅନ୍ୟପଟେ ଇଣ୍ଡିଗୋର ଉତ୍ତରଦାୟିତ୍ୱ ଧାର୍ଯ୍ୟ କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ଲୋକସଭାରେ କହିଛନ୍ତି । ଯାତ୍ରୀଙ୍କ ସୁରକ୍ଷା ପାଇଁ ନିୟମ ଅଣାଯିବ । ଇଣ୍ଡିଗୋକୁ ତୁରନ୍ତ ଟିକଟ ଅର୍ଥ ଫେରସ୍ତ କରିବା ପାଇଁ କୁହାଯାଇଛି । ଏହି ଏୟାରଲାଇନର ବିମାନ ସଂଖ୍ୟା ହ୍ରାସ କରିଦିଆଯାଇଛି । ଏହି ସ୍ଲଟ ଅନ୍ୟ ଏୟାରଲାଇନଙ୍କୁ ପ୍ରଦାନ କରାଯିବ ।

### ଇଣ୍ଡୋନେସିଆରେ ଅଫିସ କୋଠାରେ ନିଆଁ

# ୧୫ ମହିଳାଙ୍କ ସମେତ ୨୨ ମୃତ

ଜାକାର୍ତ୍ତା, ୯।୧୨ (ଏଜେନ୍ସି):ଇଣ୍ଡୋନେସିଆ ରାଜଧାନୀ ଜାକାର୍ତ୍ତାରେ ଥିବା ଏକ ୭ ମହଲା ବିଶିଷ୍ଟ ଅଫିସ କୋଠାରେ ମଙ୍ଗଳବାର ଦ୍ୱିପହରେ ନିଆଁ ଲାଗି ଯାଇଛି । ଏହି ଦୁର୍ଘଟଣାରେ ୨୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୧୫ ମହିଳା ଏବଂ ୭ ପୁରୁଷ ସାମିଲ ଅଛନ୍ତି । ଶ୍ୱାସରୁଦ୍ଧ ହୋଇ ଏମାନେ ପ୍ରାଣ ହରାଇ ଥିଲେ ବୋଲି କୁହାଯାଇଛି । ଆଉ କିଛି ଲୋକ ବି କୋଠା ଭିତରେ ଫସି ରହିଛନ୍ତି । ଏମାନଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି । ଏହି କୋଠାରେ 'ଟେରା ଡ୍ରୋନ ଇଣ୍ଡୋନେସିଆ'ର କାର୍ଯ୍ୟାଳୟ ଥିଲା । ଏହି କମ୍ପାନୀ ଖଣି ଏବଂ କୃଷି କ୍ଷେତ୍ର ସମ୍ବନ୍ଧିତ କାର୍ଯ୍ୟ ପାଇଁ ଡ୍ରୋନ ସର୍ଭେ କରୁଥିଲା । ରିପୋର୍ଟ ଅନୁଯାୟୀ, ପ୍ରଥମ ମହଲାରେ ଥିବା ଏକ ବ୍ୟାଟେରୀରେ ବିସ୍ଫୋରଣ ହୋଇ ନିଆଁ ଆରମ୍ଭ ହୋଇଥିଲା । ଏହା ଦେଖୁ ଦେଖୁ ଅନ୍ୟ ମହଲାକୁ ବ୍ୟାପି ଯାଇଥିଲା । ଏହି ସମୟରେ କର୍ମଚାରୀ ଖାଦ୍ୟ ଖାଉଥିବାରୁ କେହି ବାହାରକୁ ବାହାରି ପାରି ନ ଥିଲେ । ପ୍ରଥମେ କର୍ମଚାରୀ ନିଆଁ ଲିଭାଇବାକୁ ପ୍ରୟାସ କରିଥିଲେ । କିନ୍ତୁ ଏହାକୁ ନିୟନ୍ତ୍ରଣ କରିପାରି ନ ଥିଲେ । ବ୍ୟାଟେରି ଯୋଗୁଁ ନିଆଁ କ୍ଷୀପ୍ର ଗତିରେ ବ୍ୟାପି ଯାଇଥିଲା । ଏହା ଚାହୁଁ ଚାହୁଁ ସପ୍ତମ ମହଲା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା । ତଳେ ନିଆଁ ଲାଗିଥିବାରୁ ବାହାରକୁ ଯିବାର ରାସ୍ତା ବନ୍ଦ ହୋଇଯାଇଥିଲା । ଫଳରେ କର୍ମଚାରୀ ଭିତରେ ଫସି ରହିଥିଲେ । ଧୂଆଁରେ ଶ୍ୱାସରୁଦ୍ଧ ହୋଇ ଯାଇଥିଲେ । ଏବେ ସମ୍ପୂର୍ଣ୍ଣ କୋଠାର ଯାଞ୍ଚ କରାଯାଉଛି ।

- ଭୋଜନ କରୁଥିବାରୁ ବାହାରି ପାରିଲେନି କର୍ମଚାରୀ

## ଧାନର ଅଭାବୀ ବିକ୍ରି ପ୍ରତିବାଦ

# ରାଜପଥ ଅଚଳ କଲେ ଚାଷୀ

ଅତାବିରା, ୯।୧୨(ସମିସ): ବରଗଡ଼ ଜିଲ୍ଲା ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନ ବିଭିନ୍ନ ମଣ୍ଡିରେ ଧାନର ଅଭାବୀ ବିକ୍ରି ଓ ଅଚଳାବସ୍ଥାର ଜୋର୍‌ଦାର୍ ପ୍ରତିବାଦ କରିଛନ୍ତି ଚାଷୀ। ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଆହ୍ୱାନରେ ଚାଷୀମାନେ ଗୋଡ଼ଭଗା ଦେଇ ଯାଇଥିବା ସମ୍ବଲପୁର-ବରଗଡ଼ ଜାତୀୟ ରାଜପଥ-୫୩କୁ ପାଖାପାଖି ୩ଘଣ୍ଟା ଧରି ଅବରୋଧ କରିଛନ୍ତି। ରାସ୍ତା ଉପରେ ଶହଶହ ସଂଖ୍ୟାରେ ଗାଡ଼ିମଟର ଅଟକି ରହିବାରୁ ଜନଜୀବନ ଭୀଷଣ ବାଧାପ୍ରାପ୍ତ ହୋଇଥିଲା।



ଗତ ମାସ ୨୮ ତାରିଖରୁ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। କିନ୍ତୁ ଏଯାଏ ନାମକୁମାତ୍ର ଧାନ ସଂଗ୍ରହ କରାଯାଇଛି। କିଛି ମଣ୍ଡିରେ ଏଯାଏଁ ଅନୁକୂଳ ବି ହୋଇନାହିଁ। ତେଣୁ ଚାଷୀ ବାଧ୍ୟ ହୋଇ କମ୍ ଦରରେ ବାହାର ବେପାରୀଙ୍କୁ ଧାନ ବସ୍ତା ଟେକିଦେଉଛି। ଏହି ଅଭାବୀ ବିକ୍ରି ପ୍ରତିବାଦରେ ଗତକାଲି ଚାଷୀମାନେ ଗୋଡ଼ଭଗା ମଣ୍ଡି ସମ୍ମୁଖରେ ଧାରଣା ଦେଇ ଆଲୋଚନା ପାଇଁ ପ୍ରଶାସନକୁ ଡାକିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଆରଏମ୍‌ସି ସମ୍ପାଦକ ତଥା ସବ୍‌ରେଜିଷ୍ଟ୍ରାର ଅଙ୍କିତ ପଣ୍ଡା, ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ପ୍ରମୁଖ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଟୋକନ୍ ବଣ୍ଟନରେ ଅନିୟମିତତା, ମିଲର୍‌ଙ୍କୁ ଟାର୍ଗେଟ୍ ଦିଆନଯିବା, କଟନୀ-ଛଟନୀ, ସାଟେଲାଇଟ୍ ସର୍ଭେରୁ ବାଦ୍ ପଡ଼ିଥିବା ଫସଲର ପୁନଃ ସର୍ଭେ କରି ଟୋକନ୍ ଦେବା ବ୍ୟବସ୍ଥା କରିବାକୁ କୃଷକ ସଂଗଠନର ସଭାପତି ବୀରେନ୍ଦ୍ର କର ଦାବି କରିଥିଲେ। ଦିନ ସାଢ଼େ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଆଲୋଚନା ହୋଇଥିଲେ ହେଁ କୌଣସି ନିଷ୍କର୍ଷ ବାହାରି ପାରିନଥିଲା। ତେଣୁ ଆଜି ମଧ୍ୟାହ୍ନ ପ୍ରାୟ ୧୨ଟାରେ ଚାଷୀମାନେ ରାଜପଥକୁ ଓହ୍ଲାଇଥିଲେ। ରାସ୍ତା ଉପରେ ଧାନ ପକାଇ ସମ୍ବଲପୁର-ବରଗଡ଼ ରାଜପଥ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଖବର ପାଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ, ସିଏସ୍‌ଓ, ଏସିଏସ୍‌ଓ ବ୍ୟୋମକେଶ ମାଝୀ, ଓଡ଼ିଶା ମିଲର୍ ସଂଘର ରାଜ୍ୟ ସମ୍ପାଦକ ନିତେଶ ବଂସଲ ଯୋଗ ଦେଇ ଆଲୋଚନା କରିଥିଲେ। ଚାଷୀ, ପ୍ରଶାସନ ଓ ମିଲର୍ସଙ୍କ ଉପସ୍ଥିତିରେ ୫ଟି ବିଷୟରେ ସହମତି ପ୍ରକାଶ ପାଇବା ପରେ ଅପରାହ୍ଣ ୩ଟାରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

ଆଲୋଚନା ବେଳେ ସଂଗଠନ କାର୍ଯ୍ୟକାରୀ ସଭାପତି ଟିଖେଲାଲ ମିଶ୍ର, ସମ୍ପାଦକ ସୁରେଶ କର୍ଣ୍ଣ, ପାପାରାଓ, ଡିପି ଜୟ, ସତ ବାବୁ, କୃଷ୍ଣ ବାବୁ, ରାମ ବାବୁ, ବୁଦ୍ଧଦେବ ନନ୍ଦ, ସୁବାସ ବିଶ୍ୱାଳ, ସୁଜିତ ପ୍ରଧାନ, ଦୟାସାଗର ମେଣ୍ଡେଲୀ, ସଞ୍ଜୀବ ଶତପଥୀ, ଅମୀୟ ଦାଶ, ଭୁବନ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ମିଲର୍‌ଙ୍କ ମନମାନି
## ଦ୍ୱିତୀୟ ଦିନରେ ବି ଅଚଳାବସ୍ଥା

ସମ୍ବଲପୁର, ୯।୧୨(ସମିସ): କଟ୍‌ନିଛଟ୍‌ନିକୁ ନେଇ ସମ୍ବଲପୁର ଜିଲ୍ଲାର ଚାଉଁରପୁର ଓ ସେନ୍‌ହାପାଲି ମଣ୍ଡିରେ ଅଚଳାବସ୍ଥା ଜାରି ରହିଛି। ଆଜି ଦ୍ୱିତୀୟ ଦିନରେ ବି ଚାଷୀଙ୍କ ଧାନ ଉଠିପାରିନି। ଆଜି ମିଲର୍‌ମାନେ ଚାଉଁରପୁର ମଣ୍ଡିକୁ ଯାଇ ଚାଷୀଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ କଟ୍‌ନି ଛଟ୍‌ନି ପାଇଁ ଚାଷୀ ରାଜି ନହେବାରୁ ଆଲୋଚନା ବିଫଳ ହୋଇଛି। ସେନ୍‌ହାପାଲିରେ ବି ସମବସ୍ଥା ଦେଖାଦେଇଥିଲା। ଫଳରେ ଦୁଇଟିଯାକ ମଣ୍ଡିରେ ୨୫ରୁ ଉର୍ଦ୍ଧ୍ୱ ଲେଖାଏଁ ଧାନବସ୍ତା ଗାଡ଼ି ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ଏହି ସମସ୍ୟାର ଶୀଘ୍ର ସମାଧାନ ନହେଲେ, ଚାଷୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

ଜିଲ୍ଲାରେ ଧାନକିଣା ଆରମ୍ଭରୁ ମିଲର୍‌ମାନେ ଧାନ ନ ଉଠାଇବାକୁ ଜିଦ୍ ଧରିଥିଲେ। ଚାଷୀଙ୍କ ଅର୍ଥନୈତିକ ଅବରୋଧ ପରେ ଏବେ ମିଲର୍ ଧାନ ନେଉଛି। କିନ୍ତୁ ଏହା ଭିତରେ ଅନେକ ସମସ୍ୟା ଏବେ ବି ରହିଛି। ଅମଲକୁ ମାସକରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ଏଯାବତ୍ ସମସ୍ତ ଚାଷୀଙ୍କୁ ଟୋକନ ମିଳିନାହିଁ। ସେହିପରି, ଟୋକନ୍ ପାଇଥିବା ଚାଷୀର ମିଲ୍‌କୁ ଧାନ ନେଇ ଗଲାବେଳକୁ ମିଲର୍ ୫ରୁ ୬ କେଜି କାଟି ଦେଉଛି। କେତେକ ସ୍ଥାନରେ ୧୭ ପଏଣ୍ଟରୁ ଅଧିକ ଆଦ୍ରତା ଦେଖାଇ ଧାନ ଗାଡ଼ି ଫେରାଇ ଦେଉଛି ମିଲର୍। ଚାଷୀ ପାଖରେ ଧାନ ଗଚ୍ଛିତ କରିବାକୁ ଜାଗା ନଥିବା ବେଳେ ଧାର ସୁଝିବାକୁ ମହାଜନ ଦାଉ ସାଧିଲାଣି। ଏପରି ସ୍ଥିତିର ଫାଇଦା ଉଠାଇ ମିଲର୍‌ମାନେ କ୍ୱିଣ୍ଟାଲ ପିଛା ୮ କିଲୋ ପର୍ଯ୍ୟନ୍ତ ମଧ୍ୟ କଟ୍‌ନି କରୁଛନ୍ତି। ଏଭଳି ଜୁଲମ୍ କରାଗଲେ, ଚାଷୀ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ସୂଚନାଯୋଗ୍ୟ, ମିଲର୍‌ମାନଙ୍କ ମନମାନି ବଢ଼ି ଚାଲିଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏଥିରେ ଚାଷୀ ହନ୍ତସନ୍ତ ହେଉଛି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ମିଲର୍ ମାନଙ୍କ ମନମାନି ଚାଲିଛି। ସମସ୍ତ ଚାଷୀଙ୍କ ଟୋକନ ଆସିନାହିଁ, ଯେଉଁ ଚାଷୀମାନଙ୍କ ଟୋକନ୍ ଆସିଛି ସେମାନଙ୍କ ଧାନ ମିଲ୍‌କୁ ନେଲାବେଳେ ମିଲର୍ ୪ରୁ ୫ କିଲୋ କଟ୍‌ନି କରୁଛି। ପୁଣି ୧୭ରୁ ଅଧିକ ଆଦ୍ରତା ଥିଲେ ଗାଡ଼ି ଫେରାଇ ଦିଆଯାଉଛି। ଟୋକନ୍ ଓ କଟ୍‌ନିଛଟ୍‌ନି ସମସ୍ୟାର ଗୁରୁବାର ସୁଦ୍ଧା ସମାଧାନ ନହେଲେ ଆସନ୍ତା ଶୁକ୍ରବାର ବରେଇପାଲି, ଧମା ଓ ସେରସୁଆଁତଲଠାରେ ରାସ୍ତାରୋକ କରିବ ଚାଷୀ। ଅନ୍ୟପକ୍ଷରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତା କହଛନ୍ତି, ମିଲର୍‌ମାନେ ଆଜି ମଣ୍ଡିକୁ ଯାଇ ଆଲୋଚନା କରିଛନ୍ତି। ସମସ୍ୟାର ସମାଧାନ କରିବାକୁ ଏସିଏସ୍‌ଓଙ୍କୁ ଦାୟିତ୍ୱ ଦିଆଯାଇଛି।



■ କଟ୍‌ନିଛଟ୍‌ନିକୁ ବିରୋଧ କଲେ ଚାଷୀ
■ ମିଲର୍‌ଙ୍କ ସହ ଆଲୋଚନା ବିଫଳ
■ ଆନ୍ଦୋଳନମୁହାଁ ଚାଷୀ

## +୨ ନାମଲେଖା ପାଇଁ ପୁଣି ସୁଯୋଗ
# ଆଜିଠୁ ଆବେଦନ କରିପାରିବେ ଆଶାୟୀ

ଭୁବନେଶ୍ୱର, ୯ ।୧୨(ସମିସ): +୨ ନାମଲେଖା ପାଇଁ ଆଶାୟୀମାନଙ୍କୁ ଆଉ ଏକ ସୁଯୋଗ ପ୍ରଦାନ କରାଯାଇଛି। ଆସନ୍ତାକାଲି ଅର୍ଥାତ୍ ୧୦ ତାରିଖଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଏହାର ୩ ଦିନ ପରେ ଅର୍ଥାତ୍ ୧୭ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ। ଏହାସହ ୱେଟିଂ ତାଲିକା ମଧ୍ୟ ପ୍ରକାଶ ପାଇବ। ମୋଟ୍ ସିଟ୍‌ର ପ୍ରାୟ ୧୦ ଗୁଣା ପ୍ରାର୍ଥୀଙ୍କୁ ୱେଟିଂ ତାଲିକାରେ ରଖାଯିବ। ମେଧା ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନେ ୧୮ ଓ ୧୯ ତାରିଖରେ ନାମ ଲେଖାଇବେ। ୱେଟିଂ ତାଲିକାରେ ଥିବା ଅବଶିଷ୍ଟ ପ୍ରାର୍ଥୀ ୨୦ରୁ ୨୨ ତାରିଖ ମଧ୍ୟରେ ପଞ୍ଜୀକରଣ କରିବେ ଏବଂ ୨୨ତାରିଖରେ ସେମାନଙ୍କ ମେଧା ତାଲିକା ପ୍ରକାଶ ପାଇବ। ୨୪ ତାରିଖ ମଧ୍ୟରେ ନାମଲେଖା ପ୍ରକ୍ରିୟା ସରିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଆବେଦନ କରିଥିଲେ ମଧ୍ୟ ନାମ ଲେଖାଇନଥିବା ସମସ୍ତ ଛାତ୍ରଛାତ୍ରୀ ଆବେଦନ କରିପାରିବେ ବୋଲି କୁହାଯାଇଛି। ବିଦ୍ୟାଳୟରୁ ଦୂରେଇ ରହିଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନକୁ ଫେରାଇ ଆଣିବା ପାଇଁ ପୁଣିଥରେ ନାମଲେଖା ସୁଯୋଗ ଦିଆଯାଇଥିବା ନିର୍ଦ୍ଦେଶାଳୟ ଦର୍ଶାଇଛି। ହେଲେ, ଶିକ୍ଷାବର୍ଷକୁ ପ୍ରାୟ ୮ ମାସ ପୂରଣ ପରେ ମଧ୍ୟ ନାମଲେଖା ପ୍ରକ୍ରିୟା ସରୁନଥିବା ନେଇ ଅଭିଭାବକ ଓ ଶିକ୍ଷାବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି। ଆଉ ମାତ୍ର ଦୁଇ ମାସ ପରେ ପରୀକ୍ଷା ହେବାକୁ ଥିବା ବେଳେ ପିଲାମାନେ କ'ଣ ପଢ଼ିବେ ଓ କିପରି ପରୀକ୍ଷା ଦେବେ ବୋଲି ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ସାମ୍‌ସ ମାଧ୍ୟମରେ ନାମଲେଖା ପ୍ରକ୍ରିୟା ପରେ ନାମଲେଖା ମାତ୍ରାଧିକ ବିଳମ୍ବ ହେଉଥିବା ଶିକ୍ଷାବିତ୍‌ମାନେ ଅଭିଯୋଗ କରିବା ସହ ନାମଲେଖା ପ୍ରକ୍ରିୟାର ସରଳୀକରଣ ବା ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

## ପାଚିକା ସଂଘର ଆନ୍ଦୋଳନ ପ୍ରତ୍ୟାହୃତ
### ପ୍ରାଥମିକ ଶିକ୍ଷକଙ୍କୁ ପ୍ରତିଶ୍ରୁତି ଦେଲେ ସରକାର

ଭୁବନେଶ୍ୱର, ୯ ।୧୨(ସମିସ): ଦୁଇଦିନର ଅହୋରାତ୍ର ଧାରଣା ପରେ ପାଚିକା ସଂଘ ଆନ୍ଦୋଳନ ପ୍ରତ୍ୟାହାର କରିଛି। ମଙ୍ଗଳବାର ବିଭାଗୀୟ ସଚିବଙ୍କ ସହ ଆଲୋଚନା ପରେ ସେମାନେ ଆନ୍ଦୋଳନରୁ ଓହରିଥିବା ସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। ଶ୍ରୀ ସ୍ୱାଇଁ କହିଛନ୍ତି ଯେ ସରକାର ସେମାନଙ୍କ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଣୁ ସେମାନେ ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ଦାବି ପୂରଣ ନ ହେଲେ, ସଂଘ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ଅପରପକ୍ଷେ, ଦୁଇ ଦଫା ଦାବି ପୂରଣ ପାଇଁ ପ୍ରାଥମିକ ଶିକ୍ଷକ ମହାସଂଘ ସରକାରଙ୍କ ସହ ଆଲୋଚନା ଜାରି ରଖିଛି। ଆଜି ରାତିରେ ବିଧାୟକ ବାବୁ ସିଂ ଓ ପୂର୍ବତନ ସାଂସଦ ବିଶ୍ୱେଶ୍ୱର ଟୁଡୁ ଧାରଣାସ୍ଥଳକୁ ଯାଇ ଆନ୍ଦୋଳନରତ ଶିକ୍ଷକଙ୍କ ସହ ଆଲୋଚନା କରିଛନ୍ତି। ଶିକ୍ଷକଙ୍କ ଦାବି ପ୍ରତି ସରକାର ସମ୍ବେଦନଶୀଳ ଅଛନ୍ତି ଏବଂ ସମସ୍ତଙ୍କ ହିତରେ ପଦକ୍ଷେପ ନିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ ସେମାନେ ଆନ୍ଦୋଳନକୁ ପ୍ରତ୍ୟାହାର କରି ବିଦ୍ୟାଳୟରେ ଶିକ୍ଷାଦାନ କରିବାକୁ ଅନୁରୋଧ କରିଛନ୍ତି। ମହାସଂଘର କୋର୍ କମିଟି ଏହାକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ପଦକ୍ଷେପ ନେବ ବୋଲି ମହାସଂଘର ଆବାହକ ରାମଲାଲ୍ ପଟେଲ୍ ସୂଚନା ଦେଇଛନ୍ତି।

## ବିଜେପି ସଂଗଠନରେ ନୂତନ ନିଯୁକ୍ତି

■ ଯୁବମୋର୍ଚ୍ଚା ସଭାପତି ପଦ ବଜାୟ ରଖିବେ ଅଭିଲାଷ
■ ଐଶ୍ୱର୍ଯ୍ୟା ସମ୍ଭାଳିବେ ମହିଳା ବିଗ୍ରେଡ୍

ଭୁବନେଶ୍ୱର, ୯।୧୨(ସମିସ): ରାଜ୍ୟ ବିଜେପି ପକ୍ଷରୁ ମଙ୍ଗଳବାର ବିଭିନ୍ନ ମୋର୍ଚ୍ଚା ସଭାପତି, ଜିଲ୍ଲା ପ୍ରଭାରୀ ଓ ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଏହି ନୂଆ ନିଯୁକ୍ତି ପ୍ରଦାନ କରାଯାଇଥିବା ନେଇ ଦଳୀୟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁଯାୟୀ, ବିଜେପି ଯୁବମୋର୍ଚ୍ଚା ସଭାପତି ଭାବେ ପୂର୍ବବତ୍ ଅଭିଲାଷ ପଣ୍ଡା ଦାୟିତ୍ୱ ନିର୍ବାହ କରିବେ। ମହିଳା ମୋର୍ଚ୍ଚା ସଭାପତି ଭାବେ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ, କୃଷକ ମୋର୍ଚ୍ଚା ସଭାପତି ଭାବେ ଶୁଭ୍ରାଂଶୁ ମୋହନ ପାଢ଼ୀ, ଏସ୍‌ଟି ମୋର୍ଚ୍ଚା ସଭାପତି ଭାବେ କଣ୍ଡେରା ସୋରେନ, ଏସ୍‌ସି ମୋର୍ଚ୍ଚା ସଭାପତି ଭାବେ ବାଇଧର ମଲ୍ଲିକଙ୍କୁ ଦଳ ଦାୟିତ୍ୱ ଦେଇଛି। ଓବିସି ମୋର୍ଚ୍ଚା ସଭାପତି ଭାବେ ପ୍ରଦ୍ୟୁମ୍ନ ନାୟକ ଓ ସଂଖ୍ୟାଲଘୁ ମୋର୍ଚ୍ଚାର ସଭାପତି ଭାବେ ଗୁରିନ୍ଦର ସିଂ ନୂତନ ଦାୟିତ୍ୱ ପାଇଛନ୍ତି। ଏହାବ୍ୟତୀତ ସେଲ୍ ଇନ୍-ଚାର୍ଜ ଭାବେ ରଞ୍ଜନ କୁମାର ପଟେଲ, ରାଜ୍ୟସଭା ସାଂସଦ ସୁଜିତ କୁମାର ଓ ସୁଦୀପ୍ତ କୁମାର ରାୟଙ୍କୁ ଦାୟିତ୍ୱ ମିଳିଛି। କାର୍ଯ୍ୟାଳୟ ସମ୍ପାଦକ ଭାବେ ଦେବେନ୍ଦ୍ର କୁମାର ନନ୍ଦଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ଆଇଟି ସଂଯୋଜକ ଭାବେ ଜ୍ୟୋତିରଞ୍ଜନ ନାୟକ ନିଯୁକ୍ତି ପାଇଛନ୍ତି। ଏହାବ୍ୟତୀତ ସମସ୍ତ ୩୭ ସାଂଗଠନିକ ଜିଲ୍ଲାରେ ଜିଲ୍ଲା ପ୍ରଭାରୀ ନିଯୁକ୍ତି କରାଯାଇଛି।

## ୭୭ ପ୍ରତିଶତ ଘରେ ପହଞ୍ଚିଛି ପିଇବା ପାଣି

ଭୁବନେଶ୍ୱର, ୯ ।୧୨(ସମିସ): ରାଜ୍ୟରେ ମୋଟ ୮୮.୬୬ ଲକ୍ଷ ପରିବାରରୁ ଏଯାବତ୍ ୬୮.୩୬ ଲକ୍ଷ ପରିବାରକୁ ଟ୍ୟାପ ସଂଯୋଗ କରାଯାଇଛି। ମୋଟ ୭୭.୧୦ ପ୍ରତିଶତ ଘରେ ଏ ପର୍ଯ୍ୟନ୍ତ ପିଇବା ପାଣି ପହଞ୍ଚିଲାଣି ବୋଲି ଆଜି ଗୃହରେ ଉତ୍ତର ରଖିଛନ୍ତି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ। ଆଜି ପ୍ରଶ୍ନକାଳରେ ବିଧାୟକ ସାରଦା ଜେନା ଏବଂ ଅନ୍ୟ ପ୍ରଶ୍ନକର୍ତ୍ତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ଏକ ଧାର୍ଯ୍ୟ ସମୟସୀମା ଅନୁଯାୟୀ ସବୁ ଘରକୁ ପାଣି ପହଞ୍ଚାଇବା ପାଇଁ କାମ କରୁଛନ୍ତି। ଆସନ୍ତା ୨୦୨୭ ଶେଷ ସୁଦ୍ଧା ଆମେ ରାଜ୍ୟର ପ୍ରତିଟି ଘରକୁ ସ୍ୱଚ୍ଛ ପିଇବା ପାଣି ଯୋଗାଇ ଦେବୁ। ଏହି ସମୟସୀମା ସୁଦ୍ଧା ଆମେ ସମସ୍ତ ୨୦୭ ପ୍ରକଳ୍ପ କାମ ଶେଷ କରିବୁ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ଅତିରିକ୍ତ ପ୍ରଶ୍ନକର୍ତ୍ତା ଅଶୋକ ଦାସଙ୍କ ଏକ ପ୍ରଶ୍ନରେ ମନ୍ତ୍ରୀ କହିଥିଲେ ଯେ ପାନୀୟ ଜଳ ପ୍ରକଳ୍ପରେ ଖିଲାପି ପାଇଁ କେନ୍ଦ୍ର ସରକାର ୬୫୩ ସଂସ୍ଥା ଏବଂ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ରାଜ୍ୟ ସରକାର ମଧ୍ୟ ମେଗା ପ୍ରକଳ୍ପକୁ ତ୍ୱରିତ କର୍ଯ୍ୟାନ୍ୱୟନ ପାଇଁ ମାସର ୩ ଦିନ ସମୀକ୍ଷା ବୈଠକ କରୁଛନ୍ତି। ଯେଉଁଠି ପ୍ରକଳ୍ପକୁ ନେଇ ଅସୁବିଧା ରହିଛି, ସେଠାକୁ ମୁଁ, ବିଭାଗୀୟ ନିର୍ଦ୍ଦେଶକ ଓ ସର୍ବୋଚ୍ଚ ଯନ୍ତ୍ରୀ ଗସ୍ତ କରିବୁ। ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ହେଉଥିଲେ, ଆମେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ମନ୍ତ୍ରୀ କହିଛନ୍ତି।

# ସମଗ୍ର ମାନବତା ପାଇଁ ବନ୍ଦେ ମାତରମ୍ ଏକ ମନ୍ତ୍ର

ଭୁବନେଶ୍ୱର, ୯।୧୨(ସମିସ): ବନ୍ଦେ ମାତରମ୍-ଏକ ଗୀତ ନୁହେଁ, ଏହା ଭାରତର ଆତ୍ମା। ସମସ୍ତ ମାନବତା ପାଇଁ ଏହା ଏକ ମନ୍ତ୍ର। ଏହି ରାଷ୍ଟ୍ରଗୀତ ଆମ ଶିରା ପ୍ରଶିରାରେ ପ୍ରବାହିତ ହେଉଥିବା ରକ୍ତର ବେଗ, ଆଉ ଆମ ପ୍ରଶ୍ୱାସର ଗତି ସହିତ ଜଡିତ। ଆସନ୍ତା ହଜାର ହଜାର ବର୍ଷ ଧରି ଏହା ଭାରତର ଆତ୍ମା, ସ୍ପନ୍ଦନକୁ ଜାଗ୍ରତ କରୁଥିବ। ବନ୍ଦେ ମାତରମ ବିଭାଜନର ଗୀତ ନୁହେଁ, ବନ୍ଦେ ମାତରମ୍ ଯୋଡ଼ିବାର ଗୀତ ବୋଲି ମଙ୍ଗଳବାର ବିଧାନସଭାରେ ଦଳମତ ନିର୍ବିଶେଷରେ ବିଧାୟକମାନେ ମତ ପ୍ରକାଶ କରିଛନ୍ତି।

ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଲିଖିତ ଜାତୀୟ ଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତିକୁ ନେଇ ଆଜି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ଆଗତ କରିଥିବା ସଂକଳ୍ପକୁ ଗୃହ ଅନୁମୋଦନ କରିଛି। ସଂକଳ୍ପ ଅନୁମୋଦନ ପାଇବା ପରେ ଗୃହରେ ବନ୍ଦେ ମାତରମ ଗୀତ ପରିବେଷଣ ହୋଇଥିଲା। ତେବେ ଭାରତର ସମ୍ବିଧାନ ସଭା ବନ୍ଦେ ମାତରମ ସମ୍ପୂର୍ଣ୍ଣ ଗୀତରୁ ମାତ୍ର ୨ଟି ପଦକୁ ଅନୁମୋଦନ ଦେଇଥିବାରୁ ଏହାର ପୂର୍ଣ୍ଣାଙ୍ଗ ବାଦନକୁ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ନାପସନ୍ଦ କରିବା ସହ କକ୍ଷତ୍ୟାଗ କରିଥିଲେ। ଟଙ୍କାର ଅବମୂଲ୍ୟାୟନ, ଏସଆଇଆର ଏବଂ ଇଣ୍ଡିଗୋ ଅଚଳାବସ୍ଥାରୁ ଧ୍ୟାନ ହଟାଇବା ପାଇଁ ସ୍ୱାଧୀନତାର ୭୯ ବର୍ଷ ପରେ ସଂସଦରେ ବନ୍ଦେ ମାତରମ ବିତର୍କ କରାଯାଉଛି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି।

■ ବିଧାନସଭାରେ ସର୍ବସମ୍ମତି କ୍ରମେ ସଂକଳ୍ପ ପାରିତ
■ ପୂର୍ଣ୍ଣାଙ୍ଗ ଗୀତ ବାଦନକୁ ବିରୋଧୀଙ୍କ ବିରୋଧ
■ ଦୁଇ ପଦ ଗୀତ ବାଜିବା ପରେ କକ୍ଷତ୍ୟାଗ

ସଂକଳ୍ପକୁ ଆଗତ କରି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ବନ୍ଦେ ମାତରମ କେବଳ ଏକ ଗୀତ ନୁହେଁ। ଏହା ଏକ ସାମୂହିକ ସ୍ମୃତି ଓ ସାଂସ୍କୃତିକ ଶକ୍ତି। ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ବିରଚିତ ଏହି ଗୀତ ଥିଲା ରାଷ୍ଟ୍ରୀୟତାର ଅଭିବ୍ୟକ୍ତି। ଏହାର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସମସ୍ତେ ମନପ୍ରାଣ ଦେଇ ସେହି ଅମର, ଅଜର ଓ ଅମ୍ଳାନ ଗୀତକୁ ବାରମ୍ବାର ସ୍ମରଣ କରିବା ପୂର୍ବକ ଭାରତୀୟତାର ଜୟଗାନ କରିବା ବୋଲି ସେ କହିଥିଲେ। ଆଲୋଚନାରେ ଭାଗ ନେଇ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଯେ ମନ୍ତ୍ରୀ ଯେଉଁ ଐତିହାସିକ ପ୍ରସ୍ତାବ ଆଗତ କଲେ, ମୁଁ ତାକୁ ସମର୍ଥନ କରୁଛି। ୧୫୦ ବର୍ଷ ତଳେ ଏହି ଗୀତ ସମସ୍ତ ଦେଶକୁ ସ୍ୱାଧୀନତାର ମନ୍ତ୍ରରେ ଉଦବୁଦ୍ଧ କରିଥିଲା। ଆଗାମୀ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଏହା ଦେଶକୁ ଉଦ୍‌ବୁଦ୍ଧ କରୁଥିବ। ସେ କହିଥିଲେ ଯେ ବନ୍ଦେ ମାତରମ ଭାରତର ଆତ୍ମା, ଭାରତର ପ୍ରାଣ। ତେଣୁ ବନ୍ଦେ ମାତରମକୁ ନେଇ କୌଣସି ବିଭେଦ ସୃଷ୍ଟି କରାନଯାଉ। ସମ୍ବିଧାନ ଯାହା ନିର୍ଦ୍ଦେଶ ଦେଇଛି, ତାହାକୁ ଆମକୁ ମାନିବାକୁ ପଡ଼ିବ ବୋଲି ସେ କହିଥିଲେ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ ଯେ ଏହି ଗୀତ ଭାରତବର୍ଷର ଆତ୍ମା। ତେବେ ଦେଶ ଆଗରେ ଯେତେବେଳେ ବି କୌଣସି ଗମ୍ଭୀର ପରିସ୍ଥିତି ଦେଇ ଗତି କରେ, ସେତେବେଳେ ଧ୍ୟାନ ହଟାଇବାକୁ ବିଜେପି ଉଗ୍ର ଜାତୀୟତାବାଦର ଖେଳ ଆରମ୍ଭ କରିଥାଏ। ଆଗକୁ ପଶ୍ଚିମବଙ୍ଗ ନିର୍ବାଚନ ଥିବା ବେଳେ ବିଜେପି ଏଥିରୁ ଫାଇଦା ନେବାକୁ ଉଦ୍ୟମ କରୁଛି। ୧୫୦ ତମ ବର୍ଷ ପାଳନ କରିବା ସ୍ୱାଗତ ଯୋଗ୍ୟ। ବିଜେପି କାହିଁକି ଏନେଇ ବିତର୍କ ସୃଷ୍ଟି କରୁଛି ବୋଲି ସେ ପ୍ରଶ୍ନ କରିଥିଲେ। ଗୃହରେ ବନ୍ଦେ ମାତରମର ପୂର୍ଣ୍ଣାଙ୍ଗ ଗୀତ ଅର୍ଥାତ୍ ସମସ୍ତ ପଦ ବାଜିବାକୁ ନେଇ ବିବାଦ ଦେଖା ଯାଇଥିଲା। ଗୀତର ୨ଟି ପଦ ବାଜିବା ପରେ ଉଭୟ ବିଜେଡି ଓ କଂଗ୍ରେସ କକ୍ଷତ୍ୟାଗ କରିଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଯେ ବନ୍ଦେ ମାତରମ ଆମ ହୃଦୟ ଓ ପ୍ରାଣର ଗୀତ। ସମ୍ବିଧାନ ଯାହା ସ୍ୱୀକୃତି ଦେଇଛି, ତାହାକୁ ଆମେ ଗ୍ରହଣ କରିବୁ। ସେତିକି ଆମେ ଗାନ କରିବୁ। ସେଥିପାଇଁ ଆମେ ୨ଟି ପଂକ୍ତି ପରେ କକ୍ଷତ୍ୟାଗ କରିଛୁ ବୋଲି ସେ କହିଛନ୍ତି।

## ଭାରତୀୟ ସଂସ୍କୃତିର ଅବିଚ୍ଛିନ୍ନ ପ୍ରବାହର ପ୍ରତିଫଳନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୧୨(ସମିସ): 'ବନ୍ଦେ ମାତରମ୍' କେବଳ ଏକ ସାଧାରଣ ଗୀତ ନୁହେଁ। ଏହି ରାଷ୍ଟ୍ରଗୀତ ଆମ ଶିରା ପ୍ରଶିରାରେ ପ୍ରବାହିତ ହେଉଥିବା ରକ୍ତର ବେଗ, ଆଉ ଆମ ପ୍ରଶ୍ୱାସର ଗତି ସହିତ ଜଡିତ। ଏହି ଗୃହରେ ଆମ ସମସ୍ତଙ୍କ ପାଇଁ ବନ୍ଦେ ମାତରମ୍‌ର ଗାଥାକୁ ସ୍ମରଣ କରିବା ଏକ ସୌଭାଗ୍ୟର ବିଷୟ ବୋଲି ମନ୍ତବ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ସେ କହିଛନ୍ତି ଯେ ଏହା ଆମ ପାଇଁ ଗର୍ବର ବିଷୟ ଯେ, ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକୀ ଅବସରରେ, ଆମେ ଏହି ଐତିହାସିକ ଅବସରର ସାକ୍ଷୀ ହେଉଛୁ। ସ୍ୱାଧୀନତା ପରଠାରୁ ଯଦିଓ ରାଷ୍ଟ୍ରଗୀତ ଭାବେ ଏହାକୁ ମର୍ଯ୍ୟାଦା ଦିଆଯାଇଛି; କିନ୍ତୁ ସ୍ୱାଧୀନତା ପରବର୍ତ୍ତୀ ଭରତରେ ଏହାର ଗୁରୁତ୍ୱକୁ ଅବକ୍ଷୟ କରିବା ପାଇଁ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଦ୍ୱାରା ପ୍ରଚେଷ୍ଟା ଚାଲିଛି। ବନ୍ଦେ ମାତରମ୍ ପରି କାଳଜୟୀ ଗୀତ ଆମ ହୃଦୟରେ ଦେଶ ପ୍ରେମର ଗଭୀର ଅନୁଭବ ସୃଷ୍ଟି କରେ। 'ବନ୍ଦେ ମାତରମ୍' କେବଳ ଏକ ଜାତୀୟତାବାଦ ସଙ୍ଗୀତ ନୁହେଁ, ଏହା ଦେଶ ମାତୃକାର ବନ୍ଦନା। ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତି ଆମର ପ୍ରେରଣା, ଆମର ଶକ୍ତି। ବନ୍ଦେ ମାତରମ୍ ହେଉଛି ରାଷ୍ଟ୍ରର ପ୍ରକୃତ ଶକ୍ତି। ଏହା ଏକ ଚେତନା ଏବଂ ଆମ ଭାରତୀୟ ସଂସ୍କୃତିର ଅବିଚ୍ଛିନ୍ନ ପ୍ରବାହର ପ୍ରତିଫଳନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବିଧାନସଭା ମୁଲତବୀ କଲେ ସରକାର
# ଆନ୍ଦୋଳନକାରୀଙ୍କ କଥା ଶୁଣିଲେନି



ଭୁବନେଶ୍ୱର, ୯ ।୧୨(ସମିସ): ଶିକ୍ଷକ ଓ ପାଚିକାଙ୍କ ସମେତ ବିଭିନ୍ନ ସଂଗଠନ ବିଧାନସଭା ସମ୍ମୁଖରେ ଅହୋରାତ୍ର ଧାରଣା ଦେଲେ। ଶୀତ କାକରରେ ରାସ୍ତାରେ ଶୋଇ ନିଜର ହକ୍ ମାଗିଲେ। ସେମାନଙ୍କ ବିଭିନ୍ନ ଦାବି ମଧ୍ୟରେ ପାରିଶ୍ରମିକ ବୃଦ୍ଧି କରିବା ସମସ୍ତଙ୍କ ସାଧାରଣ ଦାବି ଥିଲା। ମାତ୍ର ସରକାର କୌଣସି ସଂଗଠନର ପାରିଶ୍ରମିକ ବୃଦ୍ଧି ସଂପର୍କରେ ଘୋଷଣା କଲେ ନାହିଁ। ବିଧାୟକମାନଙ୍କର ଦରମା ବୃଦ୍ଧି କରିବା ପରେ ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଦେଲେ। ଏହାକୁ ନେଇ ବିଭିନ୍ନ ସଂଗଠନ ସରକାରଙ୍କୁ କଟାକ୍ଷ କରିଛନ୍ତି।

ଏକାଧିକ ସଂଗଠନ ରାସ୍ତାରେ ଧାରଣା ଦେଉଥିବା ବେଳେ ଆଗକୁ ଅଧିକ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଘୋଷଣା କରିଛନ୍ତି। ମୁଖ୍ୟତଃ ଶିକ୍ଷକ ସଂଗଠନଗୁଡ଼ିକର ଧାରଣା ସରକାରଙ୍କ ଶିରପୀଡ଼ା ବଢ଼ାଇଥିଲା। ସମସ୍ତେ ସେମାନଙ୍କ ପାରିଶ୍ରମିକ ବଢ଼ାଇବାକୁ ଦାବି କରୁଛନ୍ତି। ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଅହୋରାତ୍ର ଧାରଣା ପଞ୍ଚମ ଦିନରେ ପହଞ୍ଚିଥିବା ବେଳେ ଆଗକୁ ଓଡ଼ିଶା କନିଷ୍ଠ ଶିକ୍ଷକ ମହାସଂଘ ଏବଂ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆସନ୍ତାକାଲି ଅର୍ଥାତ୍ ବୁଧବାର ଆନ୍ଦୋଳନ କରିବେ। ସେହିପରି ୧୧ ତାରିଖରେ ୬୬୨ବର୍ଗ କଲେଜରେ କାର୍ଯ୍ୟରତ ଅଧ୍ୟାପକମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଥିବା ବେଳେ ୧୨ ତାରିଖରେ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ସଂସ୍କୃତ ଶିକ୍ଷାନୁଷ୍ଠାନରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଧାରଣା ଦେବାକୁ ଘୋଷଣା କରିଛନ୍ତି। ଏପରି ସ୍ଥିତିରେ ସରକାର ସେମାନଙ୍କ ଦାବି ପୂରଣ କରିବା ପରିବର୍ତ୍ତେ ବିଧାନସଭାକୁ ମୁଲତବୀ କରି ନିଜ ଦାୟିତ୍ୱରୁ ଦୂରେଇ ଯାଉଥିବା ବିଭିନ୍ନ ସଂଗଠନ ଅଭିଯୋଗ କରିଛନ୍ତି। ମୁଖ୍ୟତଃ ପ୍ରାୟ ସମସ୍ତ ଦରମା ବୃଦ୍ଧି ଦାବି କରୁଥିବା ବେଳେ ସରକାର ବିଧାୟକଙ୍କ ଦରମା ବୃଦ୍ଧି କରି ବିଧାନସଭାକୁ ମୁଲତବୀ କରିବା ଚର୍ଚ୍ଚାର ପ୍ରସଙ୍ଗ ହୋଇଛି।

## ଅତ୍ୟଧିକ ନିଶ୍ଚେତକ ଦେଇ ବାଘକୁ ମାରିଦେଲେ !



ଅନୁଗୋଳ, ୯ ।୧୨(ସମିସ): ଅନୁଗୋଳ ବନଖଣ୍ଡ କରତପଟା ସେକ୍ସନ ଡିମିରିପାଳ ନିକଟ ଜଙ୍ଗଲରେ ଶିକାରୀ ଫାଶରେ ପଡ଼ିଥିବା କଲରାପତରିଆକୁ ଉଦ୍ଧାର ବେଳେ ତା'ର ମୃତ୍ୟୁ ହୋଇଛି। ଉଦ୍ଧାର କରାଯିବାର ମାତ୍ର କିଛି ସମୟ ପରେ ବାଘର ମୃତ୍ୟୁ ହୋଇଥିବାରୁ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଉଦ୍ଧାର ବେଳେ ବାଘକୁ ନିଶ୍ଚେତକ ଦିଆଯାଇଥିଲା। ନିଶ୍ଚେତକର ମାତ୍ରା ଅଧିକ ହୋଇ ଯାଇଥିବାରୁ ବାଘର ମୃତ୍ୟୁ ହୋଇଥିବା ଜଣେ ଜଙ୍ଗଲ ବିଭାଗ କର୍ମଚାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ତେବେ ବାଘ ମୃତ୍ୟୁ ସମ୍ପର୍କରେ ଅନୁଗୋଳ ଡିଏଫଓଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

ସୋମବାର ରାତିରେ କୌଣସି ଶିକାରୀ ଜନ୍ତୁ ଶିକାର ପାଇଁ ଜାଲ ପକାଇଥିଲେ। ସୋମବାର ରାତିରେ ପାଣି ଅବା ଖାଦ୍ୟ ଅନ୍ୱେଷଣରେ ଆସି ବାଘଟି ଫାଶରେ ପଡ଼ିଯାଇଥିଲା। ସକାଳେ ବାଘ ରଡ଼ି ଶୁଣି ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ଡ୍ରୋନ୍ କ୍ୟାମେରାରେ ବାଘକୁ ଠାବ କରିବା ପରେ ନିଶ୍ଚେତକ ବିଶେଷଜ୍ଞ ସମେତ ବନବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ୪/୫ଘଣ୍ଟା ପରିଶ୍ରମ ପରେ ବାଘକୁ ସୁସ୍ଥ ଅବସ୍ଥାରେ ଉଦ୍ଧାର କରିଥିଲେ। ବାଘ ଶରୀରର କୌଣସି ସ୍ଥାନରେ ସେଭଳି କୌଣସି ବଡ଼ କ୍ଷତ ନଥିଲା। ଫାଶରେ ପଡ଼ି ମଧ୍ୟ ବାଘଟି ବହୁତ ଫୂର୍ତ୍ତି ଥିଲା। ଯାହାକୁ ଦେଖିଲେ ଗର୍ଜନ କରୁଥିଲା। ହେଲେ ଅତ୍ୟଧିକ ନିଶ୍ଚେତକ ଦେବା ପରେ ତା'ର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ଦ୍ୱାରା ଏହି ଘଟଣାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

## ସରକାରୀ କର୍ମଚାରୀଙ୍କ ବେଆଇନ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରସଙ୍ଗ
# ସରକାର ଓ କର୍ମଚାରୀ ସଂଘକୁ ହାଇକୋର୍ଟଙ୍କ ନୋଟିସ୍

କଟକ, ୯ ।୧୨(ସମିସ): ସରକାରୀ ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ ସମୟରେ ଲଗାତାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ତଥା ସରକାରୀ କାମ ପ୍ରଭାବିତ ହେଉଥିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାର ଆଜି ପ୍ରାରମ୍ଭିକ ଶୁଣାଣି କରି ପ୍ରତିପକ୍ଷ ରାଜ୍ୟ ସରକାର ଓ କର୍ମଚାରୀ ସଂଘଗୁଡ଼ିକୁ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ। ପ୍ରତାପ ଚନ୍ଦ୍ର ସାହୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆବେଦନକାରୀ ଅଭିଯୋଗ କରିଥିଲେ ଯେ ଓଡ଼ିଶା ସରକାରୀ କର୍ମଚାରୀଙ୍କ ଆଚରଣ ନିୟମ ୧୯୫୯କୁ ଉଲ୍ଲଂଘନ କରାଯାଇ ଏଭଳି ଆନ୍ଦୋଳନ କରାଯାଉଛି। ନିକଟରେ ଓଏଏସ୍ ଅଧିକାରୀ ଓ ରାଜସ୍ୱ ଅମଲାମାନେ ଆନ୍ଦୋଳନ କରିବା ସହ ସମୂହ ଛୁଟିରେ ଯାଇଥିଲେ। ଏହାଦ୍ୱାରା ସରକାରୀ କାମ ଗଭୀର ଭାବେ ପ୍ରଭାବିତ ହୋଇଥିଲା। ସେହିଭଳି ଶିକ୍ଷକମାନଙ୍କ ଆନ୍ଦୋଳନ ପାଇଁ ଶିକ୍ଷାଦାନ ପ୍ରଭାବିତ ହେଉଛି। ଆନ୍ଦୋଳନକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଏପରି ଆନ୍ଦୋଳନ ବଢ଼ିବାରେ ଲାଗିଛି ବୋଲି ଆବେଦନକାରୀ ଦର୍ଶାଇଥିଲେ। ଏଣୁ ରାଜ୍ୟରେ "ଓଡ଼ିଶା ସରକାରୀ କର୍ମଚାରୀଙ୍କ ଆଚରଣ ନିୟମ, ୧୯୫୯"ର ବ୍ୟବସ୍ଥାକୁ କଡ଼ାକଡ଼ି କାର୍ଯ୍ୟକାରୀ ଏବଂ ପାଳନ କରିବାକୁ ନିର୍ଦ୍ଦେଶନାମା ଜାରି କରିବା, ସର୍ବୋଚ୍ଚ ଅଦାଲତଙ୍କ ଆଦେଶ ଉଲ୍ଲଂଘନ କରି ଧର୍ମଘଟ କରିଥିବା ଓଏଏସ୍ ଏବଂ ରାଜସ୍ୱ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ ଏବଂ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଉ ବୋଲି ପ୍ରାର୍ଥନା କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି। ରାଜ୍ୟ ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସଚିବ, ଓଏଏସ୍ ସଂଘ ଓ ଓଡ଼ିଶା ରାଜସ୍ୱ ଅମଲା ସଂଘକୁ ପକ୍ଷଭୁକ୍ତ କରିଛନ୍ତି ଆବେଦନକାରୀ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର୨୩କୁ ଧାର୍ଯ୍ୟ କରାଯାଇଛି।

### ଆଉ ମିଳୁନି ପୁରୁଣା ଧାନର ମହକ

# ହଜିଗଲାଣି ୩୦ ପ୍ରଜାତିର ଧାନ

ଶେରଗଡ଼, ୯ ।୧୨(ସମିସ):



ପ୍ରାୟ ୩୦ ପ୍ରଜାତିର ଧାନ ବିହନ ହଜିଯିବାକୁ ବସିଲାଣି । ବହୁ ପୁରୁଣା ଚାଷୀଙ୍କ ପାଖରେ ଆଉ ପୁରୁଣା ଧାନ ବିହନ ନଥିବା ମଧ ପରିଲକ୍ଷିତ ହେଉଛି । ଆଉ କିଛି ବର୍ଷ ପରେ ସମ୍ପୂର୍ଣ୍ଣ ଭାବେ ଏହି ଧାନ ବିହନ ବିଲୁପ୍ତ ହୋଇଯିବା ଅନୁମାନ କରାଯାଉଛି । ଶେରଗଡ଼ ବ୍ଲକ ମୁଖ୍ୟତଃ ଏକ ଚାଷୀ ପ୍ରବଣ । ଏଠାରେ ଧାନ ଚାଷ ବହୁଳ ଭାବେ କରାଯାଏ । ପୂର୍ବରୁ ଚାଷୀକୂଳ ରୂଆ ଅପେକ୍ଷା ବୁଣାକୁ ଅଧିକ ଗୁରୁତ୍ୱ ଦେଉଥିଲେ । ଏବେ ନୂଆ ପ୍ରଣାଳୀରେ ଧାନ ଚାଷ କରାଯାଉଛି । ଅନେକ ସ୍ଥାନରେ ଚାଷୀ ଅଧିକ ଅମଳ ଲାଗି ଧାଡିରୁଆ ପ୍ରଣାଳୀକୁ ମଧ ଆପଣାଇଛନ୍ତି । ବର୍ତ୍ତମାନ ବିଶେଷ ଭାବେ କନକ ପ୍ଲସ, କମଳା ଗୋଲ୍ଡ, ପ୍ରୋସିଆମି, ଗୀତାଞ୍ଜଳି, ଜାନକୀ, ପ୍ରତୀକ୍ଷା, ୫୦୧, ୭୫୨୨, ଜଳମିତ୍ର ପ୍ରମୁଖ ବିହନ ବ୍ୟବହାର କରି ଚାଷୀ ଚାଷ କରୁଛନ୍ତି । ଏଥି ମଧରେ କନକ ପ୍ଲସ, କମଳା ଗୋଲ୍ଡ, ୭୫୨୨, ଜାନକୀ, ଜିରା ରାଇସ ସମେତ ଅନ୍ୟ କେତେକ ଧାନ ଚାଷ ପର୍ଯ୍ୟାପ୍ତ ପରିମାଣରେ କରାଯାଉଛି । ପୁରୁଣା ଧାନ ଚାଷ ମଧ ପୂର୍ବାପେକ୍ଷା କମିଛି । ବେସରକାରୀ ବିହନ ଓ ଧାଡିରୁଆ ପ୍ରଣାଳୀରେ ଚାଷ କଲେ ଏକର ପିଛା ପ୍ରାୟ ୨୮ କ୍ୱିଣ୍ଟାଲରୁ ଅଧିକ ଧାନ ଅମଳ କରିହେବ ଏବଂ ସଠିକ ବେଉଷଣ ଓ ପାଗ ଅନୁକୂଳ ରହିଲେ ଚାଷୀ ନିଶ୍ଚିତ ଲାଭବାନ ହୋଇପାରିବ । ଆଧୁନିକ ଚାଷ ଯୋଗୁଁ ପ୍ରାୟ ୩୦ ପ୍ରଜାତିର ବିହନ ବୁଡିବାକୁ ବସିଲାଣି । ବିଶେଷ କରି ପୁଷ୍ପା, ପୂଜା, ମସୁରୀ, ଧଳା ମସୁରୀ, ସ୍ୱର୍ଣ୍ଣ ମସୁରୀ, ୧୦୦୧,୧୦୦୯, ସାମଳା, ଜଗନ୍ନାଥ, ବାୟାପଣ୍ଡା, ରତ୍ନଚୁଡି, ଲଲାଟ, ମଥୁରା ମହୀପାଳ, ବେଲି ଭୋଗ, ବସୁମତୀ, ରାଜଭୋଗ, ଶଙ୍କରା ପରି ଅନେକ ଧାନ ବିହନ ଏବେ ବିଲୁପ୍ତ ହେବାକୁ ବସିଲାଣି । ଏହି ବିହନ ବୁଡିବାର ମୁଖ୍ୟ କାରଣ ସ୍ୱଳ୍ପ ପରିମାଣରେ ଅମଳ ହେବା । ୩୦ ପ୍ରଜାତିର ଧାନ ଚାଷ ଆଉ ଖରିଫ ଋତୁରେ ହେଉନାହିଁ । ତଥାପି ଏହି ଚାଉଳର ଚାହିଦା ଅଧିକ ରହିଛି । ଅଧିକ ଅମଳ ଲାଗି ପର୍ଯ୍ୟାପ୍ତ ପରିମାଣରେ ସାର, କୀଟନାଶକ ପ୍ରୟୋଗ ଯୋଗୁଁ ଏହି ଚାଉଳର ଭାତ ଆଉ ପୂର୍ବ ଧାନ ଭଳି ସ୍ୱାଦ ମିଳୁନଥିବା କୁହାଯାଉଛି । ପୁରୁଣା ଧାନ ବିହନରେ ଚାଷ କଲେ ଏହି ଧାନ ଅଧିକ ଲମ୍ବା ହେବା ସହ ଛଣ ମଧ ବଳିଷ୍ଠ ହେଉଥିଲା । ନୂଆଁ ବିହନ ୧୪୦ରୁ ୧୫୦ ଦିନ ମଧରେ ଅମଳ ହୋଇପାରୁଛି । ପୁରୁଣା ଧାନ ବିହନରେ ଚାଷ କଲେ ୧୬୦ରୁ ଅଧିକ ଦିନର ଆବଶ୍ୟକତା ରହିଛି । ଏବେ ପାଣିପାଗ ଓ ବର୍ଷାରେ ଅନିୟମିତତା ଯୋଗୁଁ ବର୍ଷା ବହୁତ କମ ହେଉଛି । ଏଣୁ ପୁରୁଣା ଧାନ ଚାଷ କଲେ ମରୁଡି ହେବା ସମ୍ଭାବନା ମଧ ରହିଛି । ଏଥିପାଇଁ ପୁରୁଣା ବିହନକୁ ଛାଡି ନୂଆ ବିହନ ଓ ନୂତନ ପ୍ରଣାଳୀରେ ଚାଷ କରାଯାଉଛି ବୋଲି ଚାଷୀଙ୍କ ଠାରୁ ଶୁଣିବାକୁ ମିଳୁଛି ।

## ମା'ରାମାୟଣାମ୍ମା ମନ୍ଦିର ପରିଚାଳନା କମିଟି ଗଠିତ



ଛତ୍ରପୁର, ୯ ।୧୨(ସମିସ): ଛତ୍ରପୁର ସହରର ଆରାଧଦେବୀ ମା'ରାମାୟଣାମ୍ମା ଠାକୁରାଣୀ ମନ୍ଦିରର ସୁପରିଚାଳନା ନିମନ୍ତେ ମନ୍ଦିର ପରିସରରେ ସମ୍ପାଦକ ବି. ଶ୍ରୀନିବାସଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା ହେବା ସହିତ ଏକ ନୂତନ କମିଟି ଗଠନ କରାଯିବା ସହିତ ନୂତନ କର୍ମକର୍ତ୍ତାଙ୍କୁ ମଧ ଚୟନ କରାଯାଇଥିଲା । ଏଥିରେ ସଭାପତି ଭାବେ ଏସ. ରାମ ମୋହନ ରାଓ, ଉପସଭାପତି ଭାବେ ସିଏଚ. ଦୟାନନ୍ଦ ରେଡ୍ଡୀ, କେ. ଚନ୍ଦ୍ର ଶେଖର ରେଡ୍ଡୀ ଓ ଏମ. ସମରେନ୍ଦ୍ର ସେନାପତି, ସମ୍ପାଦକ ଭାବେ ବି. ଶ୍ରୀନିବାସ, ଯୁଗ୍ମ ସମ୍ପାଦକ ଭାବେ ସିଏଚ. ପୂର୍ଣ୍ଣ କୁମାର, କୋଷାଧକ୍ଷ ଭାବେ ଏନ. ପ୍ରଭାକର ରାଓ ଏବଂ ଉପଦେଷ୍ଟା ଭାବେ ଏ. ରାବଣା ରାଓ ଓ ରବୀନ୍ଦ୍ରନାଥ ସାହୁଙ୍କୁ ମନୋନୀତ କରାଯାଇଛି । ଏହି କମିଟି ମନ୍ଦିରର ଉନ୍ନତି ଓ ବିକାଶ ଏବଂ ବିଭିନ୍ନ ଆନୁଷ୍ଠାନିକ କାର୍ଯ୍ୟ କରିବା ନିମନ୍ତେ ସହଯୋଗ କରିବ । ବୈଠକରେ ଟି. ଚନ୍ଦ୍ର ଶେଖର ରାଓ, ଏସ. ଡାଲେୟା ରେଡ୍ଡୀ, ସୁଧୀର କୁମାର ପଟ୍ଟନାୟକ, ପି. ରାଜୁ ରେଡ୍ଡୀ, ଜି. ଜନାର୍ଦ୍ଦନ ରାଓ, କେ. ରାମବାବୁ, ଦିଲ୍ଲୀପ କୁମାର ପାଳ, ରାଜେନ୍ଦ୍ର କୁମାର ସାହୁ, ବୁଲୁ ଓ ରମେଶଙ୍କ ସମେତ ବହୁ ଅଞ୍ଚଳବାସୀ ଓ ଶ୍ରଦ୍ଧାଳୁ ମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଗତ ୧୬ ଅଗଷ୍ଟ ୨୦୧୨ରେ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଚୟନ ହୋଇଥିଲା । ଏହି କମିଟି ଭାଙ୍ଗି ପୁଣି ନୂତନ ଭାବେ କମିଟି ଗଠନ ହୋଇଥିବା ଆଇନଜୀବୀ ତଥା ସମ୍ପାଦକ ବି. ଶ୍ରୀନିବାସ ସୂଚନା ଦେଇଛନ୍ତି ।

## ଗ୍ରାମକଣ୍ଟକ ପଟ୍ଟା ନିମନ୍ତେ ଆବେଦନ ଅବଧି ବୃଦ୍ଧି

**ଛତ୍ରପୁର, ୯ ।୧୨(ସମିସ):** ଗଞ୍ଜାମ ଜିଲ୍ଲାର ଗ୍ରାମକଣ୍ଟକ ହିତାଧିକାରୀଙ୍କ ନିମନ୍ତେ ଖୁସି ଖବର । ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମକଣ୍ଟକ ପଟ୍ଟା ନିମନ୍ତେ ଆବେଦନକାରୀଙ୍କ ଅବଧି ତାରିଖ ସମୟ ସୀମାକୁ ବୃଦ୍ଧି କରାଯାଇଛି । ଏହା ଆସନ୍ତା ୨୦୨୭ ମାର୍ଚ୍ଚ ୩୧କୁ ଅବଧିର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି ବୋଲି ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା ସୂଚନା ଦେଇଛନ୍ତି । ପୂର୍ବରୁ ଗ୍ରାମ କଣ୍ଟକ ପଟ୍ଟା ନିମନ୍ତେ ଆବେଦନ ତାରିଖ ୨୦୨୫ ମାର୍ଚ୍ଚ ୩୧କୁ ସମୟ ସୀମା ରହିଥିବା ବେଳେ ଜିଲ୍ଲାର ହିତାଧିକାରୀ ସୁବିଧା ନିମନ୍ତେ ସମୟ ସୀମାକୁ ବୃଦ୍ଧି କରିବା ନିମନ୍ତେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ଏନେଇ ହିତାଧିକାରୀଙ୍କ ହିତକୁ ଦୃଷ୍ଟି ରଖି ଆବେଦନ ତାରିଖକୁ ପରିବର୍ତ୍ତନ କରି ଏହାକୁ ୨୦୨୭ ମାର୍ଚ୍ଚ ୩୧ ତାରିଖ ନିମନ୍ତେ ଅବଧିକୁ ବୃଦ୍ଧି କରାଯାଇଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୪୩୬୭୧ ତା ୧୯ ନଭେମ୍ବର ୨୦୨୫ରେ ଆସିଛି । ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ୩୦ ହଜାରରୁ ଅଧିକ ଗ୍ରାମକଣ୍ଟକ ମାମଲା ଗୁଡିକ ଫଇସଲା ନିମନ୍ତେ ପେଣ୍ଡିଙ୍ଗ ରହିଥିବା ରାଜସ୍ୱ ବିଭାଗ ପକ୍ଷରୁ ସୂଚନା ମିଳିଛି ।

## ନବବଧୂଙ୍କ ଆତ୍ମହତ୍ୟା

**ଛତ୍ରପୁର, ୯ ।୧୨(ସମିସ):** ଚମାଖଣ୍ଡି ଥାନା ଅନ୍ତର୍ଗତ ନାଉଳି ଗ୍ରାମର ମୋହନ ସେଠୀଙ୍କ ସ୍ତ୍ରୀ ତୁଳସୀ ସେଠୀ(୨୦) ଘରେ କେହି ନଥିବା ବେଳେ ବେକରେ ଚୁନି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ଚମାଖଣ୍ଡି ଥାନା ଏସ୍ଆଇ ଲକ୍ଷ୍ମୀପ୍ରିୟା ମଲିକ ଓ ବିଟ୍ ହାଉସ ଅଧିକାରୀ ପରମେଶ୍ୱର ମଲିକ ଘଟଣାସ୍ଥଳରେ ପହଞ୍ଚି ତୁଳସୀର ମୃତଦେହକୁ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛନ୍ତି । ଘଟଣାର ତଦନ୍ତ ଚାଲିଛି ବୋଲି ତଦନ୍ତ ଅଧିକାରୀ ଲକ୍ଷ୍ମୀପ୍ରିୟା ମଲିକ ସୂଚନା ଦେଇଛନ୍ତି । ଏନେଇ ଚମାଖଣ୍ଡି ଥାନାରେ ଏକ ମାମଲା ରୁଜୁ ହୋଇଛି ।

ପ୍ରକାଶ ଯେ, ଖଲ୍ଲିକୋଟ ଅଞ୍ଚଳର ତୁଳସୀ ସେଠି ଗତ ୬ ମାସ ତଳେ ନାଉଳି ଗ୍ରାମର ମୋହନ ସେଠୀକୁ ପ୍ରେମ ବିବାହ କରିଥିଲେ । ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି ।

## ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ; କବିସୂର୍ଯ୍ୟନଗରର ୨ ପ୍ରତିଯୋଗୀ

**କବିସୂର୍ଯ୍ୟନଗର, ୯ ।୧୨(ସମିସ):** ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲ୍ଲାରେ ୧୭ଟି କୋର୍ଟରେ ଗତ ୨୩ ତାରିଖରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ୬ ଜଣ ଜିଲ୍ଲାସ୍ତରକୁ ମନୋନିତ ହୋଇଥିବାବେଳେ ସେଥିରେ ବରିଷ୍ଠ ବିଭାଗରେ କବିସୂର୍ଯ୍ୟନଗରର ଦୁଇ ପ୍ରତିଯୋଗୀ ରହିଛନ୍ତି । ଟଙ୍କଛାଇ ସରକାରୀ ୟୁଜି ହାଇସ୍କୁଲର ଦଶମ ଛାତ୍ର ଉଗ୍ରନାରାୟଣ ଜେନା ଦ୍ୱିତୀୟ ଓ କବିସୂର୍ଯ୍ୟନଗର ଓଏଭି ନବମ ଛାତ୍ରୀ ସ୍ନେହାଶ୍ରୀ ପ୍ରଧାନ ତୃତୀୟ ସ୍ଥାନ ହାସଲ କରି ବ୍ଲକ ପାଇଁ ଗୌରବ ଆଣିଛନ୍ତି । କବିସୂର୍ଯ୍ୟନଗର କୋର୍ଟ ଏବଂ ବାର ଆସୋସିସନ ପକ୍ଷରୁ ଦୁଇ ପ୍ରତିଯୋଗୀ, ସ୍କୁଲ କର୍ତ୍ତୃପକ୍ଷ ଓ ତାଙ୍କ ପିତାମାତାଙ୍କୁ ଧନ୍ୟବାଦ ଦେଇଛନ୍ତି ।

### ■ କଳିଙ୍ଗା ଘାଟିରେ ଦୁର୍ଘଟଣା; ଚାଳକ ଗୁରୁତର

## ଗାର୍ଡୱାଲ ଭାଙ୍ଗି ମାଡ଼ିଗଲା ଧାନମଳା ମେସିନ ବୋଝେଇ ଟ୍ରକ୍



ଜି.ଉଦୟଗିରି, ୯।୧୨(ସମିସ): କନ୍ଧମାଳ ଜିଲ୍ଲା କଳିଙ୍ଗା ଘାଟିରେ ମଙ୍ଗଳବାର ସନ୍ଧ୍ୟାରେ ପୁଣି ଏକ ଦୁର୍ଘଟଣା ଘଟିଛି । ବରଗଡ଼ରୁ ଇଚ୍ଛାପୁର ଯାଉଥିବା ଧାନ ଅମଳ ମେସିନ୍ ଲୋଡ୍ ଆଇଚର ଟ୍ରକ୍ ଭରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗାର୍ଡୱାଲ୍ ଭାଙ୍ଗି ପାହାଡ଼ରେ ପିଟି ହୋଇଯାଇଥିଲା । ଏଥିରେ ଟ୍ରକରେ ବସିଥିବା ୩ ଜଣଙ୍କ ମଧରୁ ଦୁଇ ଜଣ ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଟିକାବାଲି ନିଆଯାଇଥିବା ବେଳେ ଚାଳକ ସେଠାରେ ଚାପି ହୋଇ ରହିଥିଲେ । ଖବର ପାଇ ଜି.ଉଦୟଗିରି ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଚାପି ହୋଇ ରହିଥିବା ଆହତଙ୍କୁ ହାଇଡ୍ରୋଲିକ କଟର୍ ମେସିନ ଦ୍ୱାରା ଦୁଇ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ କରି ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନା ନେଇଥିଲେ । କାର୍ଯ୍ୟରତ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟାଳୟକୁ ସ୍ଥାନାନ୍ତର କରିଥିବା କହିଛନ୍ତି । ଟିକାବାଲି ଅଞ୍ଚଳର ବିପଦର ବନ୍ଧୁ ସଂଗଠନ ସଦସ୍ୟ ହିରୋ ଭାଇ ଓ ଅନ୍ୟମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ । ଜି.ଉଦୟଗିରି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ତଦାରଖ କରୁଛି ।

## ବିଭିନ୍ନ ବିଭାଗର ସମୀକ୍ଷା କଲେ ଜିଲ୍ଲାପାଳ



**ଛତ୍ରପୁର, ୯ ।୧୨(ସମିସ):** ଛତ୍ରପୁର ସ୍ଥିତ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ହର୍ ଘର୍ ଜଲ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳ, ମିଶନ ଇନ୍ଦ୍ରଧନୁଷ, ପୋଷଣ୨.୦, ପିଏମ-ସୂର୍ଯ୍ୟଘର, ପିଏମ ବିଶ୍ୱକର୍ମା, ପିଏମ ମାତୃ ବନ୍ଦନା, କିଷାନ କ୍ରେଡିଡ କାର୍ଡ, ସ୍ୱାସ୍ଥ୍ୟ କାର୍ଡ, ସମ୍ବନ୍ଧୀୟ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଅଧକ୍ଷତା କରିଥିଲେ । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ପର୍ଯ୍ୟାୟ କ୍ରମେ ୨୦ ଲକ୍ଷ ୯୬ ହଜାର ୭୪୪ ଗୋଟି ସ୍ୱାସ୍ଥ୍ୟ କାର୍ଡ ଆସିଥିବା ବେଳେ ୧୩ ଲକ୍ଷ ୬୮ ହଜାର ୪୩୦୩ଟି କାର୍ଡ ଚଳିତ ମାସ ୮ତାରିଖ ସୁଦ୍ଧା ବଣ୍ଟନ ହୋଇଥିବା ସୂଚନା ମିଳିଛି । ଯାହାକି ୬୫ ପ୍ରତିଶତ ହୋଇଥିବା ବେଳେ ୭ ଲକ୍ଷ ୨୮ ହଜାର ୩୧୪ କାର୍ଡ ବଣ୍ଟନ ହୋଇପାରିନାହିଁ । ବହୁ ସ୍ଥାନରେ ଇ.କେୱାଇସି କରାନଯାଇ ହିତାଧିକାରୀଙ୍କୁ ବଣ୍ଟନ ହୋଇଥିବାରୁ ଜିଲ୍ଲାପାଳ ବିରକ୍ତି ପ୍ରକାଶ କରିଥିଲେ । ଜିଲ୍ଲାରେ ମେଗା ପ୍ରକଳ୍ପ କାମ ଧିମା ଚାଲିଥିବା ବୈଠକରେ କୁହାଯାଇଛି । ପିଏମ୍ ସୂର୍ଯ୍ୟଘର ଯୋଜନା ଜିଲ୍ଲାରେ ଧିମା ଚାଲିଛି । ଜିଲ୍ଲାରେ ୧୯ ହଜାର ୨୪୬ ଟି ଆବେଦନ ଆସିଥିବା ବେଳେ ୬୨୦୫ ଭେର ସିଲେକ୍ସନ ହୋଇଥିବା ବେଳେ ୧୪୮୨ଟି ସଂଯୋଗ କରାଯାଇଛି ଓ ୧୩୮୮ ଜଣକୁ ସବ୍‌ସିଡି ମିଳିଛି । ସେହିପରି ପିଏମ ବିଶ୍ୱକର୍ମାରେ ଆସୁଥିବା ଆବେଦନ ଗୁଡିକ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ପ୍ରତିମାସରେ ଏହିପରି ସମୀକ୍ଷା ବୈଠକ କରାଯିବ, ସମସ୍ତଙ୍କ କାର୍ଯ୍ୟଦକ୍ଷତା ପରଖାଯିବ, ଲୋକଙ୍କୁ ଯେପରି ଉତ୍ତମସେବା ଯୋଗାଯିବ ସେ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁନିଲ କୁମାର କେର୍କେଟାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ପ୍ରମୁଖ ଉପସ୍ଥିତ ଥିଲେ ।

## ହୋଟେଲରୁ ନାବାଳକ ଉଦ୍ଧାର

**ପାରଳାଖେମୁଣ୍ଡି, ୯ ।୧୨(ସମିସ):** ଗୁମ୍ମା ବ୍ଲକ ସେରଙ୍ଗ ବସଷ୍ଟାଣ୍ଡର ଏକ ହୋଟେଲରେ କାମ କରୁଥିବା ଜଣେ ଶିଶୁ ଶ୍ରମିକକୁ ଉଦ୍ଧାର କରାଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା ଶାଖା, ଚାଇଲଡ ହେଲପ ଲାଇନ, ଜିଲ୍ଲା ଶ୍ରମ ବିଭାଗ ଏବଂ ସେରଙ୍ଗ ଥାନା ପୁଲିସଙ୍କ ମିଳିତ ସହଯୋଗରେ ନାବାଳକଙ୍କୁ ଉଦ୍ଧାର କରାଯାଇଥିଲା । ସେ ହୋଟେଲରେ ଶ୍ରମିକ ଭାବେ କାମ କରୁଥିଲା । କୌଣସି ସୂତ୍ରରୁ ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ଏକ ଟିମ୍ ଗଠନ କରାଯାଇ ଶିଶୁଟିକୁ ଉଦ୍ଧାର କରାଯାଇଥିଲା । ଶିଶୁ ବୟସ ୧୩ ବର୍ଷ ହେବ । ଶିଶୁଟି ସପ୍ତମ ଶ୍ରେଣୀରୁ ଡ୍ରପଆଉଟ୍ ଅଛି ଏବଂ ନାବାଳକ ଶିଶୁଟିକୁ ଜିଲ୍ଲା ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପନ କରାଯାଇଥିଲା ।

## ଓକିଲଙ୍କ ଅକାଳ ବିୟୋଗରେ ଶୋକ

**ବୁଗୁଡା, ୯ ।୧୨(ସମିସ):** ସ୍ଥାନୀୟ ଓକିଲ ସଂଘର ସଦସ୍ୟ ପ୍ରକାଶ ଚନ୍ଦ୍ର ଭୂୟାଁ(୫୭)ଙ୍କ ଅକାଳ ବିୟୋଗରେ ଶୋକର ଛାୟା ଖେଳିଯାଇଛି । ମଙ୍ଗଳବାର ଅପରାହ୍ନରେ ସେ କୋର୍ଟ ପରିସରରେ କାର୍ଯ୍ୟରତ ଥିବାବେଳେ ହୃଦଘାତର ଶିକାର ହୋଇଥିଲେ । ତାଙ୍କୁ ତୁରନ୍ତ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ମୃତ୍ୟୁରେ ଓକିଲ ମହଲ ସମେତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ସୀମାନ୍ତ ମନ୍ଦିରରୁ ଚୋରି



**ପାରଳାଖେମୁଣ୍ଡି, ୯ ।୧୨(ସମିସ):** ଗଜପତି ଜିଲ୍ଲା କାଶୀନଗର ବ୍ଲକ ସୀମାନ୍ତ ଆନ୍ଧ୍ରପ୍ରଦେଶ କତ୍ତୁରୁ ମଣ୍ଡଳମରେ ଥିବା ଲିହୁରୀ ଗ୍ରାମ ଗୋପୀନାଥ ମନ୍ଦିରରୁ ଚୋରି ହୋଇଛି । ଦୁର୍ବୃତ୍ତ ଦିଅଁଙ୍କ ଅଳଙ୍କାର ସହ ମନ୍ଦିରରେ ଲାଗିଥିବା ସିସିଟିଭିକୁ ମଧ ନେଇଯାଇଛନ୍ତି । ଘଟଣା ସ୍ଥଳରେ କତ୍ତୁରୁ ପୁଲିସ ପହଞ୍ଚି ତନାଘନା ଆରମ୍ଭ କରିଛି । ଗତକାଲି ରାତିରେ ସମସ୍ତ ନୀତିକାନ୍ତି ସରିବା ପରେ ମନ୍ଦିର ତାଲା ପକାଇ ଯାଇଥିଲେ ମୁଖ୍ୟ ପୂଜକ । ଆଜି ସକାଳୁ ଆସି ମନ୍ଦିର କବାଟ ଖୋଲିବା ବେଳେ ଦିଅଁଙ୍କ କୌଣସି ଅଳଙ୍କାର ନଥିବା ଦେଖିଥିଲେ । ପରେ ମନ୍ଦିରର ସିସିଟିଭି ଦେଖିବା ବେଳକୁ ସିସିଟିଭି କ୍ୟାମେରା ଓ ହାଡ଼ଡିସ୍କ ମଧ ନଥିଲା । ଏହାପରେ ଗ୍ରାମବାସୀ ଓ ମନ୍ଦିର କମିଟି କତ୍ତୁରୁ ଥାନାରେ ଅଭିଯୋଗ କରିବା ପରେ ଘଟଣାସ୍ଥଳେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଲିହୁରୀ ଗ୍ରାମ ଆନ୍ଧ୍ରପ୍ରଦେଶରେ ରହିଥିଲେ ହେଁ ଓଡିଶାବାସୀ ଏଠାକାର ପ୍ରସିଦ୍ଧ ଗୋପୀନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥାନ୍ତି ।

## କର୍କଟ ପୀଡ଼ିତଙ୍କୁ ରକ୍ତଦାନ କଲେ ପ୍ରେସ୍‌କ୍ଲବ ସଦସ୍ୟ

ବେଲଗୁଣ୍ଠା, ୯ ।୧୨(ସମିସ): ବେଲଗୁଣ୍ଠା ପ୍ରେସ୍ କ୍ଲବର ଯୁବ ସଦସ୍ୟ ପଞ୍ଚାନନ ସାହୁ ଜଣେ କର୍କଟ ପୀଡ଼ିତ ଯୁବକଙ୍କୁ ରକ୍ତଦାନ କରି ତାଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇଛନ୍ତି । ଦଶପଲ୍ଲା ଅଞ୍ଚଳର କର୍କଟ ପୀଡ଼ିତ ପ୍ରତାପ ଚନ୍ଦ୍ର ସାହୁ (୩୭) ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ମଙ୍ଗଳବାର ତାଙ୍କୁ ଜରୁରୀ ପରିସ୍ଥିତିରେ 'ଏ' ପଜିଟିଭ୍ ବର୍ଗର ରକ୍ତ ଦରକାର ହୋଇଥିଲା । ରକ୍ତଭଣ୍ଡାରରେ ଉପଲବ୍ଧ ନଥିବାରୁ ପ୍ରତାପଙ୍କ ପରିବାର ଲୋକେ ଚିନ୍ତିତ ହୋଇପଡ଼ିଥିଲେ । ଖବର ଗୋପବନ୍ଧୁ ଟ୍ରଷ୍ଟର ସଦସ୍ୟ ସଞ୍ଜୟ ପ୍ରଧାନଙ୍କ ନିକଟରେ ପହଞ୍ଚିବା ପରେ ସେ ବେଲଗୁଣ୍ଠା ପ୍ରେସକ୍ଲବ ସଦସ୍ୟ ପଞ୍ଚାନନ ସାହୁଙ୍କୁ ଯୋଗାଯୋଗ କରିଥିଲେ । ପଞ୍ଚାନନ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟର ରକ୍ତଭଣ୍ଡାରରେ ପହଞ୍ଚି ରକ୍ତଦାନ କରିଥିଲେ । ପଞ୍ଚାନନଙ୍କ ଏହି ମହତ୍ କାର୍ଯ୍ୟପାଇଁ



ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଉପଦେଷ୍ଟା ସନ୍ତୋଷ କୁମାର ବିଷୋୟୀଙ୍କ ସମସ୍ତ ସଦସ୍ୟ ପଞ୍ଚାନନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ପୃଥକ ସଡ଼କ ଦୁର୍ଘଟଣାରେ ୫ ଆହତ

ଗୋଷାଣି, ୯ ।୧୨(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଏବଂ ଗାରାବନ୍ଧ ଥାନା ଅଞ୍ଚଳରେ ଆଜି ରାତି ୭ଟା ବେଳେ ଦୁଇ ପୃଥକ ସଡକ ଦୁର୍ଘଟଣାରେ ୫ ଜଣ ଆହତ ହୋଇଛନ୍ତି । ଗାରାବନ୍ଧ ଥାନା ଅନ୍ତର୍ଗତ ଲାବାଣ୍ୟଗଡ-ପିଲୁରୁ ଗ୍ରାମ ମଧରେ ଜଣେ ବାଇକ ଚାଳକ କୌଣସି କାରଣରୁ ଭାରସାମ୍ୟ ହରାଇ ମୁଖ୍ୟରାସ୍ତା ଉପରେ ପଡ଼ିଯାଇଥିଲେ । ବାଇକ ଚାଳକ ଓ ପଛରେ ବସିଥିବା ଜଣେ ଆହତ ହୋଇଥିଲେ । ଆହତ ମାନେ ହେଲେ ୱାଇ.ସାକେତ ଓ ୱାଇ. ନିଖିଲ କୁମାର । ସେମାନେ ଆନ୍ଧ୍ରପ୍ରଦେଶ ପଲାସାର ବୋଲି ଜଣାପଡିଛି । ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଗାରାବନ୍ଧ ପୁଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ପୁଲିସ୍ ଗାଡିରେ ଗୁରାଣ୍ଡି ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ଆହତଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଯାଇଥିଲା । ସେହିପରି ଗୁରାଣ୍ଡି ଥାନା ଅନ୍ତର୍ଗତ ଲିଙ୍ଗିପୁର-କାମଧେନୁ ଛକର ମୁଖ୍ୟ ରାସ୍ତାର ତିନିଜଣ ଗୋଟିଏ ବାଇକରେ ଯାଉଥିବା ବେଳେ ବାଇକ ସହ ପଡ଼ିଯାଇଥିଲେ । ଏଥିରେ ବାଇକ ଚାଳକଙ୍କ ସମେତ ଦୁଇ ଜଣ ଆହତ ହୋଇଥିଲେ । ଆହତମାନେ ହେଲେ ଗୋଷାଣି ବ୍ଲକ ଅନ୍ତର୍ଗତ ବଡ଼କଣ୍ଡା ଗ୍ରାମର ଜାନେଶ ରାଉଳ(୨୦), ଭବାନୀ ରାଉଳ ଓ ବିଶ୍ୱଚରଣ ଭୂୟାଁ । ଖବର ପାଇ ଗୁରାଣ୍ଡି ପୁଲିସ ପହଞ୍ଚି ଆହତ ତିନି ଜଣଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା ।

## ଆଜିଠୁ କନିଷ୍ଠ ଶିକ୍ଷକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ପୋଲସରା, ୯ ।୧୨(ସମିସ): ପୋଲସରା ବ୍ଲକରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକ ସଙ୍ଘ ବୁଧବାର ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଘୋଷଣା କରିଛନ୍ତି । ଆଜି ସଂଘ ପକ୍ଷରୁ ଉପରୋକ୍ତ ମର୍ମରେ ଏକ ସ୍ମାରକପତ୍ର ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି । ପୋଲସରା ବ୍ଲକ କନିଷ୍ଠ ଶିକ୍ଷକ ସଂଘର ସଭାପତି ମୃତ୍ୟୁଞ୍ଜୟ ସାହୁ ଓ ସମ୍ପାଦକ ନିରଞ୍ଜନ ଦୀକ୍ଷିତ ଜଣାଇଛନ୍ତି । ସଂଘ ପକ୍ଷରୁ କୁହାଯାଇଛି ଯେ ଚଳିତ ବର୍ଷ ଅଗଷ୍ଟ ମାସରେ କନିଷ୍ଠ ଶିକ୍ଷକ ମାନଙ୍କୁ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ମାତ୍ର ଏହା ମଧରେ ୩ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ କୌଣସି ଆନୁସଙ୍ଗିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । କନିଷ୍ଠ ଶିକ୍ଷକ ସଂଘର ରାଜ୍ୟ କମିଟି ନିଷ୍ପତ୍ତି ଅନୁଯାୟୀ ବୁଧବାର ଠାରୁ ପୋଲସରା ବ୍ଲକରେ କାର୍ଯ୍ୟରତ ସମସ୍ତ ୪୨ ଜଣ କନିଷ୍ଠ ଶିକ୍ଷକ ସମୂହ ଛୁଟି ନେବେ । ଶିକ୍ଷକମାନଙ୍କ ଦାବି ପୂରଣ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ପ୍ରଭାତ କୁମାର ସାହୁ, ଚିତ୍ରସେନ ପାତ୍ର, ରତ୍ନାକର ପ୍ରଧାନ, ସୁରଜ ସାହୁ, ଲଳିତ ଶେଖର ସିଂ, ପୂଜା ଗୌଡ଼, ସିନ୍ଧୁର ସୋରେନ ଓ ଆଶା ଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।


## ନିର୍ମାଣ ପରେ ବି ଖୋଲୁନି ଓଏଭି ହଷ୍ଟେଲ; ଛାତ୍ରଛାତ୍ରୀ ହନ୍ତସନ୍ତ

ଭଞ୍ଜନଗର, ୯ ।୧୨(ସମିସ):




ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ରେ ବିକଳ ଚିତ୍ର ଦେଖିବାକୁ ମିଳିଛି । ଛାତ୍ରଛାତ୍ରୀଙ୍କ ପାଇଁ ଏଠାରେ ଉଭୟ ଛାତ୍ରାବାସ ଓ ଛାତ୍ରୀ ନିବାସ ନିର୍ମାଣ ସରିଥିଲେ ମଧ ଏହାକୁ କାର୍ଯ୍ୟକାରୀ କରାଯାଉ ନାହିଁ । ହଷ୍ଟେଲ ଖୋଲୁନଥିବାରୁ ଛାତ୍ରଛାତ୍ରୀ ମାନେ ପ୍ରତିଦିନ ଗାଡି ଭଡା କରି ବିଦ୍ୟାଳୟକୁ ଯାତାୟାତ କରୁଛନ୍ତି । ଆଉ କିଏ ସମ୍ପର୍କୀୟ ଓ ଭଡା ଘରେ ରହି ପାଠ ପଢୁଛନ୍ତି । ଫଳରେ ଦୂର ଦୂରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଗାଡ଼ି ଓ ଘରଭଡା ଟଙ୍କା ଗଣିଗଣି ଅଭିଭାବକ ମାନେ ଶୋଷଣର ଶିକାର ହେଉଛନ୍ତି ।

ସୂଚନା ମୁତାବକ, ଭଞ୍ଜନଗର ବ୍ଲକ ଜିଲୁଣ୍ଡି ପଞ୍ଚାୟତର ମଳାସପଦର ରାସ୍ତାରେ ଥିବା ଜିଲୁଣ୍ଡି ପଲ୍ଲୀ ମୌଜାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ଏଠାରେ ଷଷ୍ଠ ଶ୍ରେଣୀରୁ ଆରମ୍ଭ ହୋଇ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ପର୍ଯ୍ୟନ୍ତ ପାଠପଢ଼ା ହେଉଛି । ଏଠାରେ ଷଷ୍ଠ ଶ୍ରେଣୀରେ ୭୮, ସପ୍ତମରେ ୭୬, ଅଷ୍ଟମରେ ୭୬, ନବମରେ ୭୯, ଦଶମରେ ୬୯, ଏକାଦଶ ବିଜ୍ଞାନରେ ୩୩ ଓ ବାଣିଜ୍ୟରେ ୬ ଜଣ ଛାତ୍ରଛାତ୍ରୀ ସମେତ ଦ୍ୱାଦଶ ବିଜ୍ଞାନରେ ୧୬ ଓ ବାଣିଜ୍ୟରେ ମାତ୍ର ଜଣେ ଛାତ୍ରଛାତ୍ରୀଙ୍କୁ ମିଶାଇ ମୋଟ ୪୩୪ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଛାତ୍ରଛାତ୍ରୀଙ୍କ ରହିବା ନିମନ୍ତେ ଏଠାରେ ଶହେ ଶଯ୍ୟା ବିଶିଷ୍ଟ ଗୋଟିଏ ଲେଖାଏଁ ଛାତ୍ରାବାସ ଓ ଛାତ୍ରୀ ନିବାସ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ଅନୁଦାନ ଯୋଗଇ ଦିଆଯାଇଥିଲା । ବର୍ତ୍ତମାନ ଛାତ୍ରାବାସ ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଛାତ୍ରୀନିବାସ କାମ ଗତ ଦୁଇ ବର୍ଷ ହେଲା ଶେଷ ହୋଇସାରିଛି । ହେଲେ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟ ପକ୍ଷରୁ ଛାତ୍ରୀମାନଙ୍କୁ ଏଠାରେ ରହିବାର ଅନୁମତି ମିଳିନାହିଁ । ଏଠାରେ ହଷ୍ଟେଲ ଖୋଲି ନଥିବାରୁ ଛାତ୍ରଛାତ୍ରୀମାନେ ୩୦ରୁ ୩୫ କିଲୋମିଟର ଦୂରରୁ ଗାଡ଼ିଭଡ଼ା କରି ପ୍ରତିଦିନ ବିଦ୍ୟାଳୟକୁ ଯାତାୟାତ କରୁଛନ୍ତି । କିଛି ଛାତ୍ରଛାତ୍ରୀ ଭଡ଼ାଘର କିମ୍ବା ନିଜର ସମ୍ପର୍କୀୟଙ୍କ ଘରେ ରହୁଛନ୍ତି । ଯଦ୍ୱାରା ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ତେବେ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଅଭିଭାବକମାନେ ଅର୍ଥ ଖର୍ଚ୍ଚ କରୁଥିଲେ ବି ସେମାନଙ୍କ ମଧରେ ତିବ୍ର ଅସନ୍ତୋଷ ଦେଖାଦେଉଛି । ସରକାର ଏହି ସମସ୍ୟର ସମାଧାନ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଭଞ୍ଜନଗର ଓଏଭିରେ ଯଥାଶୀଘ୍ର ଉଭୟ ଛାତ୍ରାବାସ ଓ ଛାତ୍ରୀ ନିବାସ ଖୋଲିବାକୁ ଅଭିଭାବକ ମାନେ ଦାବି କରିଛନ୍ତି ।



## ଦୁଇ ଘରୁ ସୁନାଗହଣା ଓ ମୋବାଇଲ୍ ଚୋରି

ବ୍ରହ୍ମପୁର, ୯।୧୨(ସମିସ): ଦୁଇଟି ଘରୁ ସୁନାଗହଣା ଓ ମୋବାଇଲ ଚୋରି ହୋଇଛି। ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ରେଡିଓଷ୍ଟେସନ ନିକଟସ୍ଥ ବ୍ୟାଙ୍କ କଲୋନୀ ୩ୟ ଲାଇନ ନିବାସୀ ରମେଶ ଚନ୍ଦ୍ର ପଣ୍ଡାଙ୍କ ଘରୁ ଚୋରି ହୋଇଛି। ଶନିବାର ରାତିରେ ରମେଶଙ୍କ ଘରେ କେହି ନଥିବା ବେଳେ ଏହାର ସୁଯୋଗ ନେଇ କେହି ଗ୍ରୀଲର ତାଲା ଭାଙ୍ଗି ଘରେଥିବା ଆଲମିରା ଚାବି ଭାଙ୍ଗି ସେଥିରୁ ସୁନାଗହଣା, ଦାମୀ ପୋଷାକ ଓ ବିଭିନ୍ନ ସାମଗ୍ରୀ ଚୋରି କରିଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ସେହିଭଳି ବିଜୟ ବିହାର ୬ଷ୍ଠ ଲାଇନ୍‌ରେ ଥିବା ଘରୋଇ ବ୍ୟାଚ୍‌ଲର ରୁମରେ ରବିବାର ଜଣେ ଛାତ୍ର ଭୋରରୁ କବାଟ ଖୋଲି ବାହାରକୁ ଯାଇଥିଲେ। କିଛି ସମୟ ପରେ ସେଠାରେ ରହୁଥିବା ଅନ୍ୟ ଛାତ୍ରମାନେ ଉଠି ଦେଖିବା ବେଳକୁ ୬ଟି ମୋବାଇଲ ଫୋନ୍, ୨ଟି ଲାପ୍‌ଟପ୍ ଓ ଦାମୀ ଘଡ଼ି ସମେତ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଉଭାନ ହୋଇଯାଇଥିଲା। ଚୋରି ହୋଇଥିବା ସନ୍ଦେହରେ ଛାତ୍ରମାନେ ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

## ବାର୍ ମାଲିକଙ୍କୁ ଆକ୍ରମଣ; ଯୁବକ ଗିରଫ

ବ୍ରହ୍ମପୁର, ୯।୧୨(ସମିସ): ଜଣେ ବାର ମାଲିକଙ୍କୁ ଆକ୍ରମଣ ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ହିଞ୍ଜିଳି ଅଞ୍ଚଳର ଚିଣ୍ଟୁ ଦାସ(୨୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ରବିବାର ରାତିରେ ଶ୍ରୀରାମ ନଗର ଛକ ନିକଟରେ ଥିବା ବାର ମାଲିକ ଶଙ୍କର ପାତ୍ର ଓ ଗ୍ରାହକ ଚିଣ୍ଟୁଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ହଠାତ ଉତକ୍ଷିପ୍ତ ହୋଇ ଚିଣ୍ଟୁ ବାର ମାଲିକଙ୍କୁ ମଦ ବୋତଲରେ ଆକ୍ରମଣ କରିଥିଲା। ଏଥିରେ ବାର ମାଲିକ ଶଙ୍କର ଆହତ ହୋଇଥିଲେ। ପରେ ସେ ବଡ଼ବଜାର ଥାନରେ ଘଟଣାକୁ ନେଇ ଅଭିଯୋଗ କରିଥିଲେ। ପୁଲିସ ମାମଲର ତଦନ୍ତ କରିବା ସହ ଚିଣ୍ଟୁକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି।

## ବାଇକ୍ ଧକ୍କାରେ କୁଟୁରା ମୃତ

ଭଞ୍ଜନଗର, ୯ ।୧୨(ସମିସ): ବାଇକ୍ ଆଗକୁ ଦ୍ରୁତ ଗତିରେ ରାସ୍ତା ପାର ହେଉଥିବା ଏକ କୁଟୁରା ଆସି ପିଟି ହେବାରୁ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। କୁଟୁରାଟିର ମୃତ୍ୟୁ ଘଟିଥିବା ବେଳେ ବାଇକ୍‌ରେ ଥିବା ୨ଜଣ ଗୁରୁତର ହୋଇଛନ୍ତି। ଏଭଳି ଏକ ଦୁର୍ଘଟଣା ଭଞ୍ଜନଗର-ଦୁର୍ଗାପ୍ରାସାଦ ମୁଖ୍ୟ ରାସ୍ତାର ସୋରାଦେବୀ ମନ୍ଦିର ନିକଟରେ ମଙ୍ଗଳବାର ସକାଳେ ଘଟିଛି। ଆହତ ୨ ଜଣ ହେଲେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଥାନା ମାଲିକପୁର ଗ୍ରାମର ସୁରଜ କୁମାର ପ୍ରଧାନ ଓ ଗୋକୁଳାନନ୍ଦ ନାୟକ। ଭଞ୍ଜନଗର ପୁଲିସ ଆହତ ଦ୍ୱୟଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍‌ପିଟାଲରେ ଭର୍ତ୍ତି କରିଛି। ଏଥିସହ ବନବିଭାଗ କର୍ମଚାରୀମାନେ ମୃତ କୁଟୁରାକୁ ଜବତ କରି ସ୍ଥାନୀୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପୋତି ଦେଇଛନ୍ତି।

## ସାନ୍ ଆଣ୍ଡ ନିଲ୍ ଫାଉଣ୍ଡେସନ୍ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ



ବ୍ରହ୍ମପୁର, ୯।୧୨(ସମିସ): ସାନଆଣ୍ଡ ନିଲ ଫାଉଣ୍ଡେସନ ତରଫରୁ ଅସହାୟଙ୍କୁ ଶୀତରୁ ରକ୍ଷା ପାଇବା ପାଇଁ କମ୍ବଳ ଏବଂ ଖାଦ୍ୟ ବଣ୍ଟନ କରାଯାଇଛି। ରେଳୱେ ଷ୍ଟେସନ, ବସଷ୍ଟାଣ୍ଡ, ଗେଟ ବଜାର, ନଗର ଚିକିତ୍ସାଳୟ, ଫାଷ୍ଟଗେଟ, ତାଲୁକା ଛକ, ଆସ୍କା ରୋଡ ପ୍ରଭୃତି ସ୍ଥାନରେ ବଣ୍ଟନ କରାଯାଇଛି। ସାନ ଆଣ୍ଡ ନିଲ ଫାଉଣ୍ଡେସନର ପ୍ରତିଷ୍ଠାତା ପି ଧର୍ମା ରାଓଙ୍କ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ମହଲରେ ପ୍ରଶଂସା କରାଯାଇଛି। କାର୍ଯ୍ୟକ୍ରମରେ ସମ୍ପାଦକ, ସନ୍ଧ୍ୟା, ଦୀନେଶ କୁମାର, ସମାରାନିକା, ସମୀର, ଉମା ମାହେଶ୍ୱରୀ, ସଂଯୋଜକ ଚିଟି ବାବୁ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।

### ସହରରେ ବଢୁଛି ବୁଲା କୁକୁରଙ୍କ ଦୌରାତ୍ମ୍ୟ

# ସ୍ଥାନାନ୍ତରବେଳେ ପଶୁପ୍ରେମୀ-ଅଞ୍ଚଳବାସୀ ମାରପିଟ୍





- ଥାନାରେ ପୃଥକ ପୃଥକ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ
- ବିଇଏମ୍‌ସି ପକ୍ଷରୁ ୭ କୁକୁର ସ୍ଥାନାନ୍ତର

ବ୍ରହ୍ମପୁର, ୯।୧୨(ସମିସ): ବ୍ରହ୍ମପୁରରେ ଦିନକୁ ଦିନ ବୁଲା କୁକୁରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ବିଇଏମ୍‌ସି ପକ୍ଷରୁ ଏବିସି ବା ଆନିମଲ ବାର୍ଥ କଣ୍ଟ୍ରୋଲ କାର୍ଯ୍ୟକ୍ରମ ହାତକୁ ନେବାରେ ବିଳମ୍ବ ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା କୁହାଯାଇଛି। ବୁଲା କୁକୁରଙ୍କ କାମୁଡ଼ାରେ ଗୋଷାଣିନୂଆଗାଁ ଇଲାକାରେ ଗତ ସପ୍ତାହକ ମଧ୍ୟରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ କୁକୁର କାମୁଡ଼ିଥିବା ଅଭିଯୋଗ ହୋଇଛି। କୁକୁର କାମୁଡ଼ାରୁ ପିଲା, ମହିଳା ଓ ବରିଷ୍ଠ ନାଗରିକ କେହି ମଧ ବର୍ତ୍ତି ନାହାନ୍ତି। ରାସ୍ତା ଉପରେ ବୁଲା କୁକୁରମାନେ ଏଣେତେଣେ ବୁଲିବା ଓ ଦୌଡ଼ିବା ଫଳରେ ସଡ଼କ ଦୁର୍ଘଟଣା ଘଟୁଥିବା ବେଳେ ସ୍କୁଲ ଓ କଲେଜକୁ ଯାଉଥିବା ଛାତ୍ରଛାତ୍ରୀ ଏପରିକି ପ୍ରାତଃ ଭ୍ରମଣରେ ଯାଉଥିବା ବରିଷ୍ଠ ନାଗରିକଙ୍କୁ କୁକୁର ଗେଡ଼ାଇ କାମୁଡୁ ଥିବା ଅଭିଯୋଗ ହୋଇଛି। ଫଳରେ ସହରର ବିଭିନ୍ନ ଅଞ୍ଚଳରେ ଲୋକେ ଘରୁ ବାହାରିବାକୁ ଡରୁଛନ୍ତି। ଖାସ କରି ଗୋଷାଣିନୂଆଗାଁ ଥାନା ଇଲାକାର ଶାସ୍ତ୍ରୀନଗର ୩ୟ ଲାଇନ ଓ ବିଲସାହି ଅଞ୍ଚଳରେ ବୁଲା କୁକୁରଙ୍କ ଦୌରାତ୍ମ୍ୟକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ହିଂସ୍ର କୁକୁରଙ୍କୁ ଚିହ୍ନଟ କରି ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ବିଇଏମ୍‌ସିରେ ଲିଖିତ ଅଭିଯୋଗ କରାଯାଇଥିଲା। ଯାହାକୁ ନେଇ ବିଇଏମ୍‌ସି କର୍ମଚାରୀ କୁକୁର ଧରା ଗାଡ଼ି ସହିତ ମଙ୍ଗଳବାର ସମ୍ପୃକ୍ତ ଅଞ୍ଚଳକୁ ଯାଇଥିବା ବେଳେ ବୁଲା କୁକୁରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ନିୟମ ବିରୁଦ୍ଧ ବୋଲି ପଶୁପ୍ରେମୀମାନେ ଯୁକ୍ତି ବାଢ଼ିଥିଲେ। ଫଳରେ କୁକୁର ଧରିବାକୁ ଆସିଥିବା ବିଇଏମ୍‌ସି କର୍ମଚାରୀ ଅଡୁଆରେ ପଡ଼ିଯାଇଥିଲେ। ଏଭଳି ପରିସ୍ଥିତିରେ କୁକୁରଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ଅଞ୍ଚଳବାସୀ ଏକାଠି ହୋଇ ପଶୁପ୍ରେମୀଙ୍କ ଯୁକ୍ତିକୁ ପ୍ରବଳ ବିରୋଧ କରିଥିଲେ। ଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା ଓ ପରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଗୋଷାଣିନୂଆଗାଁ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀର ସଦସ୍ୟଙ୍କୁ ପ୍ରଥମେ ବୁଝାଇବାକୁ ଚେଷ୍ଟା କରିଥିଲା। ପରେ ସେମାନଙ୍କୁ ଥାନାକୁ ନେଇଥିଲା। ସେଠାରେ ଉଭୟ ଗୋଷ୍ଠୀ ପକ୍ଷରୁ ପୃଥକ ପୃଥକ ଲିଖିତ ଏତଲା ପରେ ପୁଲିସ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡିଛି। ସମ୍ପୃକ୍ତ ଅଞ୍ଚଳରୁ ବିଇଏମ୍‌ସି ପକ୍ଷରୁ ହିଂସ୍ର ହୋଇଥିବା ଦୁଇଟି ବୁଲା କୁକୁରଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ସହିତ ଅନ୍ୟ ୫ଟି ଏହିଭଳି ମୋଟ ୭ଟି ବୁଲା କୁକୁରଙ୍କୁ ଫାଷ୍ଟଗେଟ ଅଞ୍ଚଳରେ ଖୋଲା ସ୍ଥାନରେ ଛାଡ଼ି ଦିଆଯାଇଥିବା ଜଣାପଡିଛି। ସହରରେ ବିଇଏମସି ପକ୍ଷରୁ ତୁରନ୍ତ ଏବିସି କାର୍ଯ୍ୟକ୍ରମକୁ ଆରମ୍ଭ କରି କୁକୁରଙ୍କ ବନ୍ଧ୍ୟାକରଣ ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ଦାବି ହୋଇଛି।

### ଅଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନର ଆମରଣ ଅନଶନ

## ଦ୍ୱିତୀୟ ଦିନରେ ଅଚେତ ହେଲେ ଦୁଇ ଡାକ୍ତର ଛାତ୍ର





**ଅନଶନ ସ୍ଥଳରେ ନଥିଲା ଆମ୍ବୁଲାନ୍ସ; ବାଇକ୍‌ରେ ଗଲେ ମେଡ଼ିକାଲ**

ବ୍ରହ୍ମପୁର, ୯ ।୧୨ (ସମିସ): ଅଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନ ପକ୍ଷରୁ ୮ ଦଫା ଦାବି ନେଇ ସାମୂହିକ ଆମରଣ ଅନଶନ ଜାରି ରହିଛି। ଏହିକ୍ରମରେ ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍‌ପିଟାଲର ଛାତ୍ର ସଂସଦ ପକ୍ଷରୁ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ତେବେ ଦୁଇଜଣ ଛାତ୍ର ଅଚେତ ହୋଇଥିବା ଜଣାପଡ଼ିଛି। ଆହତ ଡ଼ାକ୍ତର ଛାତ୍ରଙ୍କୁ ନିକଟସ୍ଥ ସିଟି ହସ୍ପିଟାଲରେ ଚିକିତ୍ସା କରାଯାଇଥିବା ଜଣାପଡ଼ିଛି। ଡାକ୍ତର ଛାତ୍ର ସୁରଜ୍ ଭାନ ଓ କୈବଲ୍ୟ କଲ୍ୟାଣ ସାହୁ ଅସୁସ୍ଥ ପରେ ଘଟଣା ସ୍ଥଳରେ ଆମ୍ବୁଲାନ୍ସ ନଥିଲା। ଛାତ୍ରମାନେ ବାଧ ହୋଇ ଅସୁସ୍ଥ ସହପାଠୀଙ୍କୁ ବାଇକ ଯୋଗେ ହସ୍ପିଟାଲରେ ଭର୍ତ୍ତି କରିଥିବା ଜଣାପଡିଛି। ଅନଶନ ସମ୍ପର୍କରେ ଅବଗତ କରାଇବା ପରେ ମଧ୍ୟ କାହିଁକି ଓ କେଉଁ କାରଣରୁ ଧାରଣ ସ୍ଥଳେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଆମ୍ବୁଲାନ୍ସ ସମେତ ଡାକ୍ତରୀ ଟିମ୍ ମୁତୟନ କରାଯାଇନଥିଲା। ତାହାକୁ ନେଇ ବଡ଼ ପ୍ରଶ୍ନ ଉଠିଛି। ତେବେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଅନଶନରତ ଡାକ୍ତର ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଅବହେଳା ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ କିଛି ଦିନ ପୂର୍ବେ ଛାତ୍ର ସଂସଦ ପକ୍ଷରୁ ନିଜ ଆପ୍ରୋନ ସ୍ୱାସ୍ଥାମନ୍ତ୍ରୀଙ୍କୁ ଡ଼ାକ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିଲା। ତାହା ମଙ୍ଗଳବାର ଫେରି ଆସିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ସଂଗଠନ ପକ୍ଷରୁ ଦୀର୍ଘ ୧୯ ଦିନ ଧରି କଳା ବ୍ୟାଜ୍ ପରିଧାନ କରିବା ପରେ ମଧ୍ୟ ସେମାନଙ୍କ ଦାବି ପୂରଣ ହୋଇନଥିଲା। ପରେ ଛାତ୍ରଛାତ୍ରୀ ବିଭିନ୍ନ ପନ୍ଥା ଆପଣାଇ ଆନ୍ଦୋଳନକୁ ଓହ୍ଲାଇଥିଲେ। ତଥାପି ସରକାର ଛାତ୍ର ସଂଗଠନର କୌଣସି ଦାବିକୁ ଗ୍ରହଣ କଲେ ନାହିଁ। ସରକାର ତୁରନ୍ତ ଓପିଏସ୍‌ସି ଜରିଆରେ ଆୟୁଷ ଡାକ୍ତର ପଦବୀ ସୃଷ୍ଟି କରିବା ସହ ନିଯୁକ୍ତି ପ୍ରଦାନ କରିବା ଭଳି ୮ ଦଫା ଦାବି ନେଇ ସୋମବାରରୁ ଆମରଣ କରିବାକୁ ସଂଘ ନିଷ୍ପତି ନେଇଥିଲେ।

### ଆନ୍ଧ୍ରରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

## ମାସେ ପରେ ମିଳିଲା ଖବର; ନଡ଼ାବିଡ଼ା ନେଇ ଶେଷକୃତ୍ୟ

ଦିଗପହଣ୍ଡି, ୯।୧୨(ସମିସ): ଗଞ୍ଜାମ ଦିଗପହଣ୍ଡି ଅଞ୍ଚଳର ଜଣେ ଯୁବକ ଦାଦନ ଖଟିବାକୁ ମୁମ୍ବାଇ ଯାଇ ଫେରୁଥିବାବେଳେ ଆନ୍ଧ୍ରରେ ଅସୁସ୍ଥ ହୋଇ ଷ୍ଟେସନରେ ମୃତ୍ୟୁ ଘଟିଲା। ମାତ୍ର ପରିବାର ଲୋକେ ଖବର ପାଇଲେନି। ମାସେ ପରେ ଏବେ ଖବର ପାଇବା ପରେ ପ୍ରତୀକାତ୍ମକ ଭାବେ ଶେଷକୃତ୍ୟ କରାଯାଇଛି। ମୃତକ ହେଲେ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବି.ତୁରୁବୁଡି ଗ୍ରାମର ବଳରାମ ଗୌଡ(୩୫)।

ବି. ତୁରୁବୁଡ଼ିର ଭଗବାନ ଗୌଡ଼ଙ୍କ ବଡ଼ପୁଅ ବଳରାମ ପରିବାର ପ୍ରତିପୋଷଣ ନିମନ୍ତେ ଦୀର୍ଘ ୧୫ ବର୍ଷ ହେଲା ମୁମ୍ବାଇ ଯାଇ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରିବା ସହ ଗାଁକୁ ଯାଆସ କରୁଥିଲେ। ଗତ ନଭେମ୍ବର ୭ରେ ଅନ୍ୟ ୩ ଓଡ଼ିଆ ଶ୍ରମିକଙ୍କ ସହ ବ୍ରହ୍ମପୁର ଷ୍ଟେସନକୁ ଟ୍ରେନ ଯୋଗେ ଫେରୁଥିଲେ। ୮ ତାରିଖରେ ସେ ଆନ୍ଧ୍ରପ୍ରଦେଶର ଚନ୍ଦୁରୁ ଷ୍ଟେସନରେ ଅସୁସ୍ଥତା କାରଣରୁ ଟ୍ରେନରୁ ଓହ୍ଲାଇ ପଡ଼ିଥିଲେ। କିନ୍ତୁ ସେ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ବଳରାମଙ୍କ ସହ ଯୋଗାଯୋଗ ପାଇଁ ବହୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା। ବଳରାମଙ୍କ ମୃତଦେହ ସେଠାକାର ରେଳବାଇ ପୁଲିସ ଉଦ୍ଧାର କରି ପରିଚୟ ଖୋଜିବାକୁ ଚେଷ୍ଟା ଚଳାଇଥିଲା। କିନ୍ତୁ ତାଙ୍କ ନିକଟରେ ଆଧାର କାର୍ଡ କିମ୍ବା ମୋବାଇଲ ଫୋନ୍ ନଥିବାରୁ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ସହ ୩ ଦିନ ହସ୍ପିଟାଲ୍‌ରେ ରଖିଥିଲେ। ତାଙ୍କ ପରିଚୟ ଜାଣିବାରେ ବିଫଳ ହେବାପରେ ଶେଷରେ ମୃତଦେହକୁ ପୋତି ଦେଇଥିଲେ। ଏନେଇ ପରିବାର ବ୍ୟସ୍ତ ବିବ୍ରତ ହୋଇ ଶେଷରେ ବଳରାମଙ୍କ ସହ ଟ୍ରେନ ଯୋଗେ ଆସିଥିବା ଗଞ୍ଜାମ ଜିଲ୍ଲା ଜରଡ଼ା ଥାନା ଖାରିଆଗୁଡା ଅଞ୍ଚଳର ଜଣେ ଯୁବକଙ୍କ ସହ ଯୋଗାଯୋଗ କରିବା ପରେ ସେ ସମସ୍ତ ଘଟଣା ପରିବାର ଲୋକଙ୍କୁ କହିଥିଲେ। ଏହାପରେ ବଳରାମଙ୍କ ସ୍ତ୍ରୀ ଓ ଭାଇ କୃଷ୍ଣ ଆନ୍ଧ୍ରପ୍ରଦେଶର ଚନ୍ଦୁରୁ ଷ୍ଟେସନରେ ପହଞ୍ଚି ସେଠାକାର ରେଳବାଇ ପୁଲିସକୁ ବଳରାମଙ୍କ ଫଟୋ ଦେଖାଇବା ପରେ ପୁଲିସ ତାଙ୍କ ପୋଷାକ, ବ୍ୟାଗ ଦେଖାଇବା ସହ ମୃତ୍ୟୁ ହୋଇଥିବା କହିଥିଲେ। ବଳରାମଙ୍କ ସ୍ତ୍ରୀ ଓ ପୁଅ ଝିଅ ବାପାଙ୍କୁ ହରାଇ ବାହୁନି ବାହୁନି କାନ୍ଦୁଥିବା ବେଳେ ସନ୍ଧ୍ୟାରେ ତାଙ୍କ ମରଶରୀର ପରିବର୍ତ୍ତେ ପରିବାର ଲୋକେ ଏକ ନଡ଼ା ବିଡ଼ାକୁ ପ୍ରତୀକାତ୍ମକ ମୃତଦେହ ଭାବେ ଶ୍ମଶାନକୁ ନେଇ ତାଙ୍କ ଶେଷକୃତ୍ୟ କରିଛନ୍ତି। ତେବେ ତାଙ୍କ ମୃତ୍ୟୁ କିଭଳି ଘଟିଲା ସେ ନେଇ ପରିବାର ଲୋକେ ସନ୍ଦେହରେ ରହିଥିବା ବେଳେ ମୃତକଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ଲିଙ୍ଗରାଜ ଦୋରା ସ୍ଥାନୀୟ ପ୍ରଶାସନକୁ ଅନୁରୋଧ କରିଛନ୍ତି।



## ଦୁଇ ଇଟାଭାଟିରେ ତହସିଲଦାରଙ୍କ ଚଢ଼ଉ

ଧରାକୋଟ, ୯ ।୧୨(ସମିସ): ଧରାକୋଟ ତହସିଲ ପକ୍ଷରୁ ପୋଡ଼ାଇଟା ଭାଟି ଭାଙ୍ଗିବା ଅଭିଯାନ ଜାରି ରହିଛି। ମଙ୍ଗଳବାର ବାହାରପୁର ଓ ମହୁଲପଲ୍ଲୀ ଅଞ୍ଚଳର ଦୁଇଟି ଇଟା ଭାଟିରେ ବୁଲ୍‌ଡୋଜର ଚାଲିଛି। ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ସୁପରଭାଇଜର ସୁଜ୍ଞାନି ବେହେରା, ରାଜସ୍ୱ ନୀରିକ୍ଷକ ରବୀନ୍ଦ୍ର ଗୌଡ଼, ଏସ୍ ଯଜେୟାଙ୍କ ଉପସ୍ଥିତିରେ ଉଭୟ ଭାଟିରୁ ୫୦ ହଜାର ଇଟା ନଷ୍ଟ କରାଯାଇଛି। ପରିବେଶ ପ୍ରଦୂଷଣ ହେଲା ଭଳି ମାଟି, ବାଲି, ପାଣିକୁ ଏକତ୍ରିତ କରି ଇଟା ପ୍ରସ୍ତୁତ କରାଯାଉଥିବାରୁ ଆଜି ପୁଣି ଭଙ୍ଗା ଯାଇଛି। ବେଆଇନ ଭାବରେ ଗଢି ଉଠୁଥିବା ଇଟା ଭାଟିକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ତହସିଲଦାର କହିଛନ୍ତି।



## ଏମ୍‌କେସିଜିରେ ଖୁବ୍‌ଶୀଘ୍ର ନିଯୁକ୍ତି ହେବେ ୩୪ କର୍ମଚାରୀ




- ମିଳିବ ଉନ୍ନତ ମାନର ସେବା
- ଚଳିତ ମାସ ଶେଷ ସୁଦ୍ଧା ସରିପାରେ ଟେଣ୍ଡର ପ୍ରକ୍ରିୟା

ବ୍ରହ୍ମପୁର, ୯।୧୨ (ସମିସ): ଏମକେସିଜି ମେଡ଼ିକାଲରେ ବହୁ ବର୍ଗର କର୍ମଚାରୀ ପଦବୀ ଖାଲି ରହିଛି। ଫଳରେ ସେବା ଓ ଚିକିତ୍ସା ନପାଇ ଅନେକେ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି। ଚଳିତମାସ ଶେଷ ସୁଦ୍ଧା ଏହି ପ୍ରକ୍ରିୟା ଶେଷ ହେବ ବୋଲି ଜଣାପଡିଛି। ଏହା ପରେ କିଛି ଦିନ ମଧ୍ୟରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ବିଭିନ୍ନ ସ୍ଥାନରେ ଲ୍ୟାବ୍ ଟେକ୍ନିସିଆନ୍, ରେଡିଓଗ୍ରାଫର, ଫାର୍ମାସିଷ୍ଟ, ଇସିଜି ଟେକ୍ନିସିଆନ୍ ଓ ଡାଏଲିସିସ୍ ଟେକ୍ନିସିଆନ୍ ନିଯୁକ୍ତି ପାଇବେ। ଚଳିତମାସ ୧ତାରିଖରେ ଏହି ଟେଣ୍ଡରରେ ଆହ୍ୱାନ କରାଯାଇଛି। ସେଥିରେ ମୋଟ ୧୨ଜଣ ଲେଖାଏଁ ଲ୍ୟାବ୍ ଟେକ୍ନିସିଆନ ଓ ଫାର୍ମାସିଷ୍ଟଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଉଲ୍ଲେଖ ରହିଛି। ଏହା ସହ ୭ଜଣ ଇସିଜି ଟେକ୍ନିସିଆନ୍ ଓ ୩ଜଣ ଡାଏଲିସିସ୍ ଟେକ୍ନିସିଆନ୍ ନିଯୁକ୍ତି ପ୍ରଦାନ କରିବାକୁ ଟେଣ୍ଡରରେ ଆହ୍ୱାନ କରାଯାଇଛି। କୌଣସି ଠିକ ସଂସ୍ଥା ଟେଣ୍ଡର ପ୍ରକ୍ରିୟାରେ ଚୟନ ହେବା ପରେ ଆଉଟ୍ ସୋର୍ସିଂ ଜରିଆରେ ଏହି ସମସ୍ତ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତି ଦ୍ୱାରା ବହୁ ରୋଗୀ ପ୍ରତିଦିନ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପାଇବେ ବୋଲି ଆଶା କରାଯାଇଛି। ଏହି କର୍ମଚାରୀମାନେ ଆଇସିୟୁ, ଆଶୁ ଚିକିତ୍ସା ବିଭାଗ, ଡାଏଲିସିସ୍ ୟୁନିଟ ଓ ମେଡିକାଲ ଏବଂ କଲେଜର ବିଭିନ୍ନ ଲ୍ୟାବରେ ଟେକ୍ନିସିଆନ କାର୍ଯ୍ୟ କରିବେ। ଅନ୍ୟପକ୍ଷରେ କର୍ମଚାରୀ ଅଭାବ କାରଣରୁ ଏକ୍ସ-ରେ ପରୀକ୍ଷା କରିବା ନିମନ୍ତେ ରୋଗୀମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ମଧ ସେବା ନ ପାଇ ଫେରୁଥିଲେ। ସେହିପରି ବିଭିନ୍ନ ରକ୍ତ ପରୀକ୍ଷା ନିମନ୍ତେ ଲ୍ୟାବ୍ ଟେକ୍ନିସିଆନ ଅଭାବ କାରଣରୁ ମେଡିକାଲ ଓ କଲେଜର ବହୁ ଲ୍ୟାବ୍‌ରେ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରିବାର ସମସ୍ୟା ରହିଥିଲା। ମେଡ଼ିକାଲର ଆଶୁ ଚିକିତ୍ସା ବିଭାଗରେ ସ୍ୱଳ୍ପ ମାତ୍ରାରେ ଇସିଜି ଟେକ୍‌ନିସିଆନ୍ ଥିବା ବେଳେ ଗୁରୁତର ଅବସ୍ଥାରେ ମେଡିକାଲ ଆସିଥିବା ରୋଗୀଙ୍କ ସଙ୍ଗେ ସଙ୍ଗେ ଇସିଜି ପରୀକ୍ଷା କରିବା କଷ୍ଟ ହେଉଥିଲା। ଏହା ମେଡ଼ିକାଲର ଡାଏଲିସିସ୍ ୟୁନିଟରେ ଦିନକୁ ଦିନ ଡାଏଲିସିସ୍ ରୋଗୀଙ୍କ ସଂଖ୍ୟା କମିବାରେ ଲାଗିଥିଲା।

ଏଭଳି ଭାବେ କର୍ମଚାରୀ ଅଭାବା କାରଣରୁ ସଠିକ୍ ସମୟରେ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ବଞ୍ଚିତ ହେଉଥିଲେ। ଏହାର ସୁବିଧା ସୁଯୋଗ ନେଇ ମେଡ଼ିକାଲରେ ବିଭିନ୍ନ ସମୟରେ ସକ୍ରିୟ ଥିବା ଦଲାଲ ମାନେ ରୋଗୀଙ୍କୁ ସହର ବିଭିନ୍ନ ଘରୋଇ ଡ଼ାଏଗ୍ନୋଷ୍ଟିକ ସେଣ୍ଟରକୁ ନେଇ ଟଙ୍କା ଲୁଟୁଥିବା ଅଭିଯୋଗ ରହୁଥିଲା। କିନ୍ତୁ କିଛି ଦିନ ମଧ୍ୟରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ବିଭିନ୍ନ ବର୍ଗର ୩୪ରୁ ଊର୍ଦ୍ଧରୁ ଆଉଟ୍ ସୋର୍ସିଂ କର୍ମଚାରୀ ନିଯୁକ୍ତି ହେବେ ପରେ ବହୁ ସମସ୍ୟା ସମାଧାନ ହେବ ବୋଲି ଆଶା କରାଯାଉଛି।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସୁରକ୍ଷା ଜମା ରାଶିର ସମାୟୋଜନ/ଦାବି ସମ୍ବନ୍ଧୀୟ ବିଜ୍ଞପ୍ତି

ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଯୋଗାଣ ସଂହିତା ୨୦୧୯ର ବିନିୟମ ୫୩ ଏବଂ ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୪୭ର ବ୍ୟବସ୍ଥା ଅନୁଯାୟୀ, ଟିପିସିଓଡିଏଲକୁ ପୂର୍ବ ବର୍ଷ ଅର୍ଥାତ୍ ଆର୍ଥିକ ବର୍ଷ ୨୪-୨୫ର ଏପ୍ରିଲରୁ ମାର୍ଚ୍ଚ ପର୍ଯ୍ୟନ୍ତ ୧୨ (ବାର) ମାସର ହାରାହାରି ବିଦ୍ୟୁତ ବ୍ୟବହାର ଉପରେ ଆଧାର କରି ସୁରକ୍ଷା ଜମା ରାଶିର ସମୀକ୍ଷା କରିବା ଆବଶ୍ୟକ କରୁଛି। ଏହା ଏକ ବାର୍ଷିକ ସମୀକ୍ଷା ପ୍ରକ୍ରିୟା। ଏହି ସମୀକ୍ଷାର ଉଦ୍ଦେଶ୍ୟ ହେଉଛି ଯେ ଟିପିସିଓଡିଏଲ ପାଖରେ ହାରାହାରି ଦୁଇ ମାସର ବିଦ୍ୟୁତ୍ ବ୍ୟବହାର ସହିତ ସମାନ ପର୍ଯ୍ୟାପ୍ତ ସୁରକ୍ଷା ଜମା ଉପଲବ୍ଧ ଅଛି।

ଯେଉଁ ଉପଭୋକ୍ତାମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ କମିଯାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମାଠାରୁ ୧୦% ରୁ ଅଧିକ ଅତିରିକ୍ତ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଜମା ହୋଇଛି, ସେମାନେ ବିଦ୍ୟୁତ ବିଲ୍‌ରେ ସମାୟୋଜନ ମାଧ୍ୟମରେ ଫେରସ୍ତ ପାଇବେ। ସେହିଭଳି, ଯେଉଁ ଗ୍ରାହକମାନଙ୍କର ବିଦ୍ୟୁତ ବ୍ୟବହାର ଗତ ଆର୍ଥିକ ବର୍ଷରେ ବୃଦ୍ଧି ପାଇଛି, ଫଳସ୍ୱରୂପ ଆବଶ୍ୟକ ସୁରକ୍ଷା ଜମା ଠାରୁ ୧୦% ରୁ ଅଧିକ କମ୍ ସୁରକ୍ଷା ଜମା ଟିପିସିଓଡିଏଲ ପାଖରେ ଅଛି, ସେମାନଙ୍କୁ ବାକି ସୁରକ୍ଷା ଜମା ପୈଠ କରିବାକୁ ପଡିବ। ଏହିଭଳି ଉପଭୋକ୍ତାମାନେ ଦାବି ନୋଟିସ୍ ପାଇବେ ଏବଂ ଏହି ଅତିରିକ୍ତ ସୁରକ୍ଷା ଜମା (ASD) ନୋଟିସ୍ ପାଇବାର ୩୦ ଦିନ ମଧ୍ୟରେ ପୈଠ କରିବାକୁ ବାଧ୍ୟ ହେବେ।

ସମାୟୋଜନ/ଅତିରିକ୍ତ ସୁରକ୍ଷା ଦାବି ସମ୍ବନ୍ଧୀୟ ସୂଚନା ଉପଭୋକ୍ତାଙ୍କୁ ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରରେ ଏସ୍‌ଏମ୍‌ଏସ୍/ହ୍ୱାଟ୍‌ସଆପ୍ ମାଧ୍ୟମରେ ନୋଟିସର ଏକ ସଫ୍ଟ କପି ଡାଉନଲୋଡ କରିବା ପାଇଁ ଏକ ଲିଙ୍କ ସହିତ ପଠାଯିବ। ଏହା ବ୍ୟତୀତ, ଉପଭୋକ୍ତାଙ୍କ ପାଖରେ ଟିପିସିଓଡିଏଲ ୱେବସାଇଟ / ମିତ୍ର ଆପ୍‌ରୁ ସିଧାସଳଖ ସମାୟୋଜନ ବିବରଣୀ / ଏଏସ୍‌ଡି ନୋଟିସ୍ ସିଧାସଳଖ ଡାଉନଲୋଡ କରିବାର ବିକଳ୍ପ ଅଛି।

ଉପଭୋକ୍ତାମାନେ ଆରଟିଜିଏସ୍/ଏନ୍‌ଇଏଫଟି ମାଧ୍ୟମରେ କିମ୍ବା ନିକଟସ୍ଥ ଟିପିସିଓଡିଏଲ କାର୍ଯ୍ୟାଳୟକୁ ଯାଇ ଏଏସ୍‌ଡି ଡିମାଣ୍ଡ ଅନଲାଇନରେ ଦେୟ ପୈଠ କରିପାରିବେ। ଏନ୍‌ଇଏଫଟି/ଆରଟିଜିଏସ୍‌ଦେୟ ପାଇଁ, ଆକାଉଣ୍ଟ ନମ୍ବର TPCODLxxxxxxxxxx (ଯେଉଁଠାରେ xxxxxxxxx ହେଉଛି ଏଏସ୍‌ଡି ରେଫରେନ୍‌ସ ଡକ୍ୟୁମେଣ୍ଟ ନମ୍ବର) ଏବଂ ଆଇଏଫଏସ୍‌ସି କୋଡ୍ IBKL0000042 ହେବା ଉଚିତ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୫ ଅନୁଯାୟୀ, ଗ୍ରାହକମାନେ ଟିପିସିଓଡିଏଲ ଦ୍ୱାରା ଡିମାଣ୍ଡ ନୋଟିସ୍ ଜାରି ହେବାର ତିରିଶ (୩୦) ଦିନ ମଧ୍ୟରେ ନିଶ୍ଚିତଭାବେ ଏଏସ୍‌ଡି ଦେବାକୁ ପଡିବ। ବିଳମ୍ବଜନିତ ଦେୟ ପାଇଁ ବାର୍ଷିକ ଅତିରିକ୍ତ ୧୫% ଶୁଳ୍କ ପୈଠ କରିବାକୁ ପଡିବ। ଓଇଆରସି ଯୋଗାଣ ସଂହିତା ୨୦୧୯ ର ଧାରା ୫୬ ଅନୁଯାୟୀ, ଯଦି ଏଏସ୍‌ଡି ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ ନ କରାଯାଏ, ତେବେ ଉପଭୋକ୍ତା ଯୋଗାଣ ବିଚ୍ଛିନ୍ନ ହେବା ପାଇଁ ଦାୟୀ ରହିବେ।

ଉପଭୋକ୍ତମାନଙ୍କୁ ଅବଗତ କରାଯାଉଛି ଯେ ସେମାନେ ଟିପିସିଓଡିଏଲ ପାଖରେ ଥିବା ସୁରକ୍ଷା ଜମା ଉପରେ ବାର୍ଷିକ ୬.୫୦% ହାରରେ ସୁଧ ପାଉଛନ୍ତି, ଯାହା ବାର୍ଷିକ ଭାବରେ ସେମାନଙ୍କ ଆକାଉଣ୍ଟରେ ଜମା କରାଯାଉଛି। ଏହା ବ୍ୟତୀତ, ଓଇଆରସିର ନିର୍ଦ୍ଦେଶ ଅନୁଯାୟୀ, ଉପଭୋକ୍ତାଙ୍କ ଠାରୁ ସଂଗ୍ରହ କରାଯାଇଥିବା ସୁରକ୍ଷା ଜମା ଟିପିସିଓଡିଏଲ ଦ୍ୱାରା ବ୍ୟବସାୟିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଏ ନାହିଁ। ବରଂ, ଏହାକୁ ଅଧିସୂଚିତ ବ୍ୟାଙ୍କଗୁଡିକରେ ସ୍ଥାୟୀ ଜମା ଭାବରେ ସୁରକ୍ଷିତ ଭାବରେ ରଖାଯାଏ। ଏହି ଜମା ଉପରେ ଅର୍ଜିତ ସୁଧ ଏଏଆରରେ ଉପଭୋକ୍ତାଙ୍କୁ ପ୍ରଦାନ କରାଯାଏ।

**ଅଧିକ ବିବରଣୀ ପାଇଁ, ଦୟାକରି ଆମର ଉପଭୋକ୍ତା ସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ, ୧୯୧୨ରେ କଲ୍ କରନ୍ତୁ, କିମ୍ବା ୯୫୫୬୧୭୧୦୦୨ରେ ମିସ୍‌ଡ କଲ କରନ୍ତୁ ଅବା ଟିପିସିଓଡିଏଲ ୱେବସାଇଟ୍/ମିତ୍ର ଆପରେ ଲଗ୍ ଇନ୍ କରନ୍ତୁ।**

**୧୦ ଡିସେମ୍ବର ୨୦୨୫ଠାରୁ ମିସ୍‌ଡ କଲ ସେବା ସକ୍ରିୟ ରହିବ।**

# ସମ୍ପାଦକୀୟ



ଲୋକଙ୍କ ଆଚରଣ ରୁଚିଶୀଳ ହେଲେ ବୈଶ୍ୱିକ ପରିବେଶ ମଧ୍ୟ ରୁଚିପୂର୍ଣ୍ଣ ହେବ।
-ଜର୍ଜ ଅରୱେଲ୍

ସକାଳ
THE SAKALA

## ଅସୁସ୍ଥ ସ୍ୱାସ୍ଥ୍ୟାବସ୍ଥା

ରାଜ୍ୟରେ ସରକାରୀ ଓ ଘରୋଇ ମେଡିକାଲ୍ ସଂଖ୍ୟା ଇତିମଧ୍ୟରେ ୧୯ ରେ ପହଞ୍ଚିଛି। ସେଥିରୁ ବର୍ଷକୁ ପାଖାପାଖି ୨୨୦୦ ଡାକ୍ତର ଓ ୯୦୦ ବିଶେଷଜ୍ଞ ଉତ୍ତୀର୍ଣ୍ଣ ହେଉଛନ୍ତି। ଅଥଚ ଆମ ରାଜ୍ୟରେ ଡାକ୍ତର-ରୋଗୀ ଅନୁପାତର ବୈଷମ୍ୟ ବାରି ହୋଇପଡୁଛି। ସହରାଞ୍ଚଳ ଡାକ୍ତରଖାନାମାନଙ୍କରେ ରୋଗୀମାନଙ୍କର ରାତି ଅଧରୁ ଲମ୍ବା ଧାଡ଼ି ଏବଂ ଗ୍ରାମାଞ୍ଚଳରେ ରୋଗୀମାନଙ୍କୁ ଖଟିଆରେ ବୋହି ଜିଲ୍ଲା ଡାକ୍ତରଖାନାକୁ ଆଣିବାର କ୍ରମବର୍ଦ୍ଧିଷ୍ଣୁ ଦୃଶ୍ୟରୁ ଆମ ଚିକିତ୍ସା ବ୍ୟବସ୍ଥାର ବିକଳ ଅବସ୍ଥା ପ୍ରମାଣିତ ହେଉଛି। ବିଧାନସଭାର ଚଳିତ ଅଧିବେଶନରେ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ରାଜ୍ୟରେ ମୋଟ୍ ମଞ୍ଜୁରୀପ୍ରାପ୍ତ ୧୫୭୭୪ ଡାକ୍ତର ପଦବୀରୁ ୯୫୦୩ ବା ୬୦% ଡାକ୍ତର ପଦବୀ ଖାଲି ପଡ଼ିଛି। ୬୨୭୧ ଡାକ୍ତରଙ୍କୁ ସରକାର ନିୟମିତ ନିଯୁକ୍ତ କରିଥିବା ବେଳେ ୧୧୩୫ ଡାକ୍ତର ଠିକାରେ ନିଯୁକ୍ତ ହୋଇଛନ୍ତି। ଅଧିକ ଡାକ୍ତର ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)କୁ ଅନୁରୋଧ କରାଯାଇଥିବା ବିଭାଗୀୟ ମନ୍ତ୍ରୀ ସୂଚନା ଦେଇଛନ୍ତି। କିନ୍ତୁ ଓପିଏସ୍‌ସି ଦ୍ୱାରା ସଦ୍ୟତମ ଚୟନ କରାଯାଇଥିବା ତାଲିକା ପ୍ରକାଶନର ତିନି ମାସ ବିତିସାରିଥିଲେ ମଧ୍ୟ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏଥିରୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସରକାରଙ୍କ ଆନ୍ତରିକତା କେତେ ତାହା ଆଉ ବୁଝାଇ କହିବା ଆବଶ୍ୟକ ନୁହେଁ।

ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ପ୍ରତିବର୍ଷ ସରକାରୀ ଓ ଘରୋଇ ମେଡିକାଲ୍ କଲେଜ୍‌ରୁ ଯେଉଁ ଡାକ୍ତରୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେଉଛନ୍ତି ସେମାନେ ଯାଉଛନ୍ତି କୁଆଡ଼େ? ଚାରିବର୍ଷିଆ ଡାକ୍ତରୀ ପାଠ୍ୟକ୍ରମ ସହିତ ଏକବର୍ଷର ବାଧ୍ୟତାମୂଳକ ତାଲିମ୍ ସରିବା ପରେ ସେମାନେ ଡାକ୍ତରୀ ଚିକିତ୍ସା ପାଇଁ ଯୋଗ୍ୟ ବୋଲି ଡାକ୍ତରୀ ପାଠ୍ୟକ୍ରମ ଓ ତାଲିମ୍ ଅନୁଷ୍ଠାନ ପକ୍ଷରୁ ପ୍ରମାଣପତ୍ର ଓ ଅନୁମତିପତ୍ର ଦିଆଯାଉଛି। ତେବେ ସରକାର ପୁଣି ଓପିଏସ୍‌ସି ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି କେଉଁ ଉଦ୍ଦେଶ୍ୟରେ ଏବଂ ତାହା ନିୟମିତ ସମ୍ପନ୍ନ ହେଉନାହିଁ କାହିଁକି? ଜଣେ ସଚେତନ ନାଗରିକଙ୍କୁ ଏହିସବୁ ପ୍ରଶ୍ନ ଆନ୍ଦୋଳିତ କଲା ବେଳେ ସମାଧାନର ସୂତ୍ରଟିଏ ମଧ୍ୟ ସ୍ୱତଃ ଜନ୍ମ ନିଏ। ଯଦି ସରକାର ଓପିଏସ୍‌ସି ଚୟନ ପ୍ରକ୍ରିୟାକୁ ସର୍ବାଦୌ ଗୁରୁତ୍ୱ ଦେଉଛନ୍ତି ତେବେ ଭଲ କଥା; କିନ୍ତୁ ଏହି ଅବଧି ମଧ୍ୟରେ ଠିକା ନିଯୁକ୍ତିରେ ଅସୁବିଧା କେଉଁଠି ରହିଛି? ପୂର୍ବ ସରକାର ଅମଳରେ ଏହିଭଳି ଠିକା ନିଯୁକ୍ତି ଯୋଗୁଁ ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟାରେ ଅନେକାଂଶ ସୁଧାର ଆସିପାରିଥିଲା। କିନ୍ତୁ କେଉଁ ଉଦ୍ଦେଶ୍ୟ ନେଇ ଏବେକାର ସରକାର ଏହାକୁ ଉଠାଇ ନେଲେ ତାହା ବୁଝାପଡୁନାହିଁ। ପୁଣି ଯଦି ଘରୋଇ କ୍ଲିନିକ୍, ଡାକ୍ତରଖାନା ଓ ମଲ୍‌ଟି ସ୍ପେଶାଲିଷ୍ଟ ହସ୍ପିଟାଲ୍‌ମାନେ ସଦ୍ୟତମ ଉତ୍ତୀର୍ଣ୍ଣ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଦକ୍ଷତା ଉପରେ ଭରସା କରିପାରୁଛନ୍ତି, ସେମାନଙ୍କୁ ଅଧିକ ଦରମାରେ ନିଯୁକ୍ତି ଦେଇପାରୁଛନ୍ତି ସରକାରୀ ନୀତିରେ ସେମାନେ ଅଛୁଆଁ କାହିଁକି ଓ କିପରି ହେଉଛନ୍ତି?

ଏ ପ୍ରଶ୍ନ କେବଳ ଆମର ନୁହେଁ; ଏଥିରେ ନିହିତ ରହିଛି ଓଡ଼ିଶା ଭଳି ପ୍ରାକୃତିକ ଦୁର୍ବିପାକ ଓ ମ୍ୟାଲେରିଆପ୍ରବଣ ଏକ ରାଜ୍ୟର ଜନସ୍ୱାସ୍ଥ୍ୟର ସମସ୍ୟା ଓ ସମାଧାନର ସୂତ୍ର। ଜନସ୍ୱାର୍ଥ ଓ ସାମୂହିକ କଲ୍ୟାଣ ଦୃଷ୍ଟିରୁ ସରକାର ଜନସ୍ୱାସ୍ଥ୍ୟର ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦିଅନ୍ତୁ। ●

## ରଙ୍ଗର ମୋହ

ଜୀବନଦର୍ଶନରେ ରଙ୍ଗର ଆଳଙ୍କାରିକ ଭୂମିକା ଅନସ୍ୱୀକାର୍ଯ୍ୟ। କିନ୍ତୁ ଯେତେବେଳେ ତାହା(ରଙ୍ଗ) ଜୀବନଚର୍ଯ୍ୟାର ଅଙ୍ଗ ହୋଇପଡ଼େ ତାହା ଆନନ୍ଦ ବଦଳରେ ସମସ୍ୟା ସୃଷ୍ଟି କରେ। ଯାହା ଆଖିକୁ ଭଲ ଦେଖାଯାଏ ତାହା ଶରୀର ପାଇଁ ମଧ୍ୟ ଅନୁକୂଳ ହେବ, ଏହା ଅବଧାର୍ଯ୍ୟ ନୁହେଁ। କିନ୍ତୁ ରଙ୍ଗର ଏହି ମୋହକୁ ଆମେ ପରିହାର କରିପାରୁ ନ ଥିବାରୁ ଆମ ଲକ୍ଷ୍ୟଅଲକ୍ଷ୍ୟରେ ରୋଗପସରାକୁ କିଣି ଆଣୁଛୁ। ଏବେ ବଜାରରେ ଭଳିକି ଭଳି ଖାଦ୍ୟ ମିଳୁଥିବା ବେଳେ ଏଭଳି କୌଣସି ଖାଦ୍ୟ ସାମଗ୍ରୀ ନାହିଁ, ଯାହା କୃତ୍ରିମ ରଙ୍ଗରେ ରଙ୍ଗାୟିତ ନୁହେଁ। ଏହାକୁ ଚାହିଁ ଦୋକାନବଜାରରେ ରଙ୍ଗର ପସରା ମେଲିଛି ଏବଂ ଶିଳ୍ପ ସାମ୍ରାଜ୍ୟ ଗଢ଼ି ଉଠିଛି। ଭାରତରେ ଖାଦ୍ୟ-ରଙ୍ଗ ଶିଳ୍ପର ଆକାର ୨୦୨୩ ସୁଦ୍ଧା ୧୦ କୋଟି ଡଲାର ଥିବା ବେଳେ ୨୦୩୦ ସୁଦ୍ଧା ୧୭ କୋଟି ଡଲାରକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି।

ଆମ ଖାଦ୍ୟରେ ମିଶୁଥିବା ରଙ୍ଗକୁ ମୁଖ୍ୟତଃ ପ୍ରାକୃତ୍ରିକ ଓ କୃତ୍ରିମ ବା ଜୈବିକ ଓ ରାସାୟନିକ ଭାବେ ବିଭକ୍ତ କରାଯାଏ। ଖାଉଟି ସମାଜର ଏକ ଧାରଣା ରହି ଆସିଛି ଯେ ଖାଦ୍ୟରେ ମିଶୁଥିବା ରଙ୍ଗ ଜୈବିକ, ଯାହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ନୁହେଁ। ଶାସନ ଓ ପ୍ରଶାସନିକ ସ୍ତରରେ ମଧ୍ୟ ଏହି ଧାରଣାକୁ ସ୍ୱୀକୃତି ମିଳିସାରିଛି। କିନ୍ତୁ ଆମେ ଥରେ ଚିନ୍ତା କରିବା ଆବଶ୍ୟକ ଯେ ଯେଉଁସମୟରେ ଜୀବନରକ୍ଷାକାରୀ ଔଷଧ ଭେଜାଲ୍‌ମୁକ୍ତ ନୁହେଁ ଖାଦ୍ୟ-ରଙ୍ଗ ନିର୍ମାତାମାନଙ୍କର ସାଧୁତା ଉପରେ ବିଶ୍ୱାସ କରାଯାଇପାରିବ କିଭଳି? ଶସ୍ତା ରାସାୟନିକ ରଙ୍ଗ ବଦଳରେ ନିର୍ମାତା ଅଧିକ ମୂଲ୍ୟଯୁକ୍ତ ଜୈବିକ ରଙ୍ଗ ବିକ୍ରି କରି ଲାଭ ପ୍ରତିଶତକୁ ଯେ କମ୍ କରିବ, ଆପାତତଃ ଏହି ବିଶ୍ୱାସ ଆଜିର ଦିନରେ ଜନ୍ମିବା କଷ୍ଟକର। କିନ୍ତୁ ବିଡ଼ମ୍ବନା ହେଉଛି ଶରୀର ପ୍ରତି କ୍ଷତିକାରକ ଜାଣି ମଧ୍ୟ ଖାଦ୍ୟ-ରଙ୍ଗକୁ ଉତ୍ପାଦନଠାରୁ ବିକ୍ରି ଓ ବ୍ୟବହାର ପର୍ଯ୍ୟନ୍ତ ସବୁସ୍ତରରେ ସରକାରୀ ସ୍ୱୀକୃତି ମିଳିଯାଉଛି। ଏହାର ଯାଞ୍ଚ ମଧ୍ୟ ହେଉନାହିଁ।

ସମସ୍ୟାଟି ଏତେ ଗଭୀରକୁ ଚାଲିଗଲାଣି ଯେ ଏହାର ସମ୍ପୂର୍ଣ୍ଣ ସମାଧାନ ସୂତ୍ର ପ୍ରଥମେ ଅଣ୍ଡା ନା ପ୍ରଥମେ ପକ୍ଷୀ ପ୍ରଶ୍ନର ଉତ୍ତର ଖୋଜିବା ଭଳି ହୋଇଛି। ବିକ୍ରେତାମାନଙ୍କ ଦାବି ଯେ ଖାଦ୍ୟ ରଙ୍ଗୀନ ନ ହେଲେ ଗ୍ରାହକ ମୁହଁ ଫେରାଇ ନେଉଛନ୍ତି। ସଚେତନ ଖାଉଟିଙ୍କ କହିବା କଥା, ଯଦି କୌଣସି ଏକ ଅଞ୍ଚଳରେ କୌଣସି ବିକ୍ରେତା ରଙ୍ଗ ବ୍ୟବହାର କରିବେ ନାହିଁ ତେବେ ଖାଉଟିଙ୍କ ପାଖରେ ରଙ୍ଗହୀନ କି ରଙ୍ଗଯୁକ୍ତ ତୁଳନା କରିବାର ଅବକାଶ ରହନ୍ତା ନାହିଁ ଏବଂ ସାମଗ୍ରିକ ଭାବେ ସମାଜର ମଙ୍ଗଳସାଧନ ହୁଅନ୍ତା। ଯଦି ବଜାରରେ ରଙ୍ଗ କିଣିବାକୁ ମିଳନ୍ତା ନାହିଁ ତେବେ ଯାଇ ଏହି ଦ୍ୱିତୀୟ ସୂତ୍ରଟି କାମ କରନ୍ତା। କିନ୍ତୁ ଉଭୟ ଶାସନ/ପ୍ରଶାସନର ସମ୍ବେଦନହୀନତା ଓ ଉଦାସୀନତା ସମାଧାନର ସୂତ୍ର ନିର୍ଣ୍ଣୟରେ ବାଧକ ସାଜିଛି।

ରଙ୍ଗହୀନ ଜୀବନର ଅର୍ଥ ନ ଥାଇ ପାରେ, କିନ୍ତୁ ରଙ୍ଗହୀନ ଖାଦ୍ୟରସ୍ୱାଦ ଅଛି। ବିଶେଷକରି କୃତ୍ରିମ ରଙ୍ଗ ବିହୀନ ଖାଦ୍ୟ ହିଁ ଅଧିକ ପୁଷ୍ଟିକର। ଖାଦ୍ୟ ପୁଷ୍ଟିକର ଓ ତଟକା ହେବା ଉଚିତ, ରଙ୍ଗୀନ ନୁହେଁ। ରଙ୍ଗୀନ ଖାଦ୍ୟକୁ ଅଭ୍ୟାସରୁ ଦୂରେଇ ନ ପାରିଲେ ଶରୀର ରୋଗାକ୍ରାନ୍ତ ଏବଂ ଜୀବନ ରଙ୍ଗହୀନ ହୋଇଯିବ। ତେଣୁ ରଙ୍ଗୀନ ଜୀବନ ପାଇଁ ଖାଦ୍ୟ-ରଙ୍ଗର ମୋହକୁ ପରିହାର କରିବା ବାଞ୍ଛନୀୟ। ●

# ଭିନ୍ନକ୍ଷମର ଭାବନା ଓ ଆମ କର୍ତ୍ତବ୍ୟ

ଅମାତ୍ୟ କୁମାର ପ୍ରଧାନ



ଏ ଧରାପୃଷ୍ଠରେ ସବୁବର୍ଗର ଲୋକଙ୍କ ପାଇଁ ସମାନତା ତଥା ସମ୍ମାନ ସହ ବଞ୍ଚିବାର ଏବଂ ପ୍ରତ୍ୟେକ କ୍ଷେତ୍ରରେ ପୂର୍ଣ୍ଣ ଅଂଶଗ୍ରହଣ କରିବା ଅଧିକାର ରହିଛି। ଏହାକୁ ସାକାର କରିବାକୁ ହେଲେ ସକ୍ଷମ ବର୍ଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ଏହାର ଘୋର ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଏଥିସହିତ ସବୁଠାରୁ ବଡ଼ ପ୍ରଶ୍ନ ଯୋଡ଼ି ହୋଇଯାଇଛି। ତାହା ହେଉଛି ଅକ୍ଷମ କିଏ - ବ୍ୟକ୍ତି ନା ବ୍ୟବସ୍ଥା? ଅସଲ ବାଧା ରହିଥାଏ ଆମ ମାନସିକତାରେ। ଆମେ ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଦେଖିଲେ ଅପାରଗ ବୋଲି ଧରିନେଉ। କୌଣସି ଗୋଟିଏ ଆଙ୍ଗିକ ତ୍ରୁଟି ଯୋଗୁଁ ବ୍ୟକ୍ତିଟି ସାମଗ୍ରିକ ଭାବେ ଅସମର୍ଥ ହୋଇ ନ ଥାଏ। ତା'ର ଅନ୍ୟ ଅଙ୍ଗଗୁଡ଼ିକ ତୁଳନାତ୍ମକ ଭାବେ ସକ୍ରିୟ ହୁଏ। ଆମ ସମୟରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଭାବ ନାହିଁ, ଯେଉଁମାନେ ସକ୍ଷମମାନଙ୍କଠାରୁ ବହୁତ ଆଗରେ। ହେଲେନ କେଲେର, ଭୀମ ଭୋଇ, ସୁଧା ଚନ୍ଦ୍ରନ, ଷ୍ଟିଫେନ ହକିନ୍ସ, ଗାୟକ ରବୀନ୍ଦ୍ର ଜୈନ ଓ ଆମ ଓଡ଼ିଶାର ପ୍ରଶାସନିକ ଅଧିକାରୀ ସନ୍ନ୍ୟାସୀ ବେହେରା, ଚେସ କ୍ରୀଡ଼ାବିତ୍ ସୌନ୍ଦର୍ଯ୍ୟ ପ୍ରଧାନ ପ୍ରମୁଖ।

ସମାଜ ଯେଉଁମାତ୍ରାରେ ସଭ୍ୟ ହୋଇଚାଲିଛି ଶାରୀରିକ ଗଠନ, ଆର୍ଥିକ ତାରତମ୍ୟ, ସାମାଜିକ ବିଷମତା, ରଙ୍ଗଭେଦ, ଜାତିଭେଦ, ଭୌଗୋଳିକ ତାରତମ୍ୟ, ଲିଙ୍ଗଭେଦକୁ ମୂଳୋତ୍ପାଟନ ପାଇଁ ଜାତୀୟ, ଅନ୍ତର୍ଜାତୀୟସ୍ତରରେ ପ୍ରଚେଷ୍ଟା ସେହିମାତ୍ରାରେ ବଢ଼ିଛି। ବିଭିନ୍ନ ଦେଶର ଶାସକ, ବୁଦ୍ଧିଜୀବୀ, ବିଶେଷଜ୍ଞଗଣ ଅନେକ ସମୟରେ ସମ୍ମିଳନୀ ମାଧ୍ୟମରେ ଭେଦଭାବକୁ ଏକ କଳଙ୍କ ବୋଲି ଚିନ୍ତା ପ୍ରକଟ କରିବା ପୂର୍ବକ ନିରାକରଣ ପାଇଁ ଅନେକ ନିୟମ ଓ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ଭିତରେ ଏହାର ନିରାକରଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। କେତେକ ପ୍ରଭାବଶାଳୀ ପଦକ୍ଷେପ ମଧ୍ୟ ନେଇଛନ୍ତି।

ଭେଦ ବା ବୈଷମ୍ୟତା ପ୍ରାକୃତିକ ନୁହେଁ। ଏହା ସମାଜ ନିଜେ ତିଆରି କରିଥିବା ଏକ ଅବଧାରଣା। ଅଙ୍ଗ ଗଠନ ଜନିତ ତ୍ରୁଟି କାରଣରୁ ଯଦି ଜଣେ ବ୍ୟକ୍ତି ସାମାନ୍ୟ ବିବେଚନା କରୁଥିବା କୌଣସି କାର୍ଯ୍ୟକୁ ସମ୍ପନ୍ନ କରିବାରେ ପଛରେ ରହିଲା, ତା'କୁ ଆମେ ଅସମର୍ଥ ଅଥବା ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ଅଭିହିତ କରିଥାଉ। ସମାଜ ଦ୍ୱାରା ନିର୍ମିତ ଏହି ଅବଧାରଣା ସମୟକ୍ରମେ ଏତେମାତ୍ରାରେ ସଘନ ହୋଇଯାଏ ଯେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅକ୍ଷମତା ଅନୁଯାୟୀ ଅନ୍ଧ, ମୂକ, ବଧିର ଆଦି ଚିହ୍ନ ଲଗେଇ ଦିଆଯାଏ। ଜଣେ ଯଦି ଆମେ ଶୁଣୁଥିବା ମାତ୍ରାରେ ଶୁଣି ନ ପାରେ, ଆମେ ଦେଖୁଥିବା ଅନୁପାତରେ ଦେଖି ନ ପାରେ, ଆମ ବୁଦ୍ଧି ସହ ସମକକ୍ଷ ହୋଇ ନ ପାରେ ତାକୁ ଯଥାକ୍ରମେ କାଲା(ଶ୍ରବଣ ବାଧିତ) ଅନ୍ଧ (ଦୃଷ୍ଟି ବାଧିତ), ବେଡା(ମାନସିକ ଅନଗ୍ରସର) ଆଖ୍ୟା ଦେଇ ଏକ 'ନାମପଟି'(ମାର୍କା) ଦେଇଥାଉ। ସକ୍ଷମ କ୍ଷେତ୍ରରେ ଆମେ ଯଦି ବ୍ୟକ୍ତିଙ୍କୁ ରଙ୍ଗଭେଦ ଅନୁଯାୟୀ 'କଳା' ଉଚ୍ଚତା ଅନୁଯାୟୀ 'ଗେଡ଼ା' ଅପେକ୍ଷାକୃତ ବଡ଼ ଦାନ୍ତ ଥିବା ବ୍ୟକ୍ତିଙ୍କୁ 'ଦନ୍ତୁରା' ଡାକିବା ତା'ର ଯନ୍ତ୍ରଣା ସହଜରେ ଅନୁମେୟ। ସେହିପରି ବଡ଼ ଉଦର ଥିବା ବ୍ୟକ୍ତିଙ୍କୁ 'ପେଟୁ' ଚୁଟି ଝଡ଼ି ଯାଇଥିବା ବ୍ୟକ୍ତିଙ୍କୁ 'ଚନ୍ଦା' ଡାକିଲେ କ'ଣ ହୁଏ ତାହା ସମସ୍ତଙ୍କ ଅନୁଭୂତିର କଥା। ତେବେ ଗୋଟିଏ ଅଙ୍ଗର ସାମର୍ଥ୍ୟକୁ ନେଇ ଏହିଭଳି ଲେବୁଲ ଲଗେଇବା କେତେଦୂର ଯଥାର୍ଥ?

ଧ୍ରୁବସତ୍ୟ ହେଲା 'ସାମର୍ଥ୍ୟରେ ଅସମାନତା'। ଭଗବାନଙ୍କ ସୃଷ୍ଟିରେ ବୈଶିଷ୍ଟ୍ୟ ହେଉଛି ପ୍ରତି ମଣିଷକୁ ଅନନ୍ୟ ଭାବେ ସୃଷ୍ଟି କରିବା। ବୋଧହୁଏ ଏହା ହିଁ ଆମ ଜୀବଜଗତର ସୌନ୍ଦର୍ଯ୍ୟ। ଯଦି ସମସ୍ତେ ସମାନ ଉଚ୍ଚତା ବିଶିଷ୍ଟ ଥା'ନ୍ତେ ତେବେ ଡେଙ୍ଗା ବ୍ୟକ୍ତିର ମହିମା କିଛି ରୁହନ୍ତା ନାହିଁ କିମ୍ବା ଗେଡ଼ା ବ୍ୟକ୍ତିର କିଛି ହୀନମନ୍ୟତା ମଧ୍ୟ ଆସନ୍ତା ନାହିଁ। ଗୋରା ଚମଡ଼ାର ମହିମା କଳା ଚମଡ଼ାର ଉପସ୍ଥିତି ଯୋଗୁଁ। ପଶୁ, ପକ୍ଷୀ, ଉଦ୍ଭିଦ, କୀଟ, ପତଙ୍ଗ ସମସ୍ତ କ୍ଷେତ୍ରରେ ବିବିଧତା ରହିଛି। କୌଣସି ଜେବ୍ରାର ଶରୀରର ଚିହ୍ନଗୁଡ଼ିକ ସମାନ ନ ଥାଏ। ତେବେ ସମସ୍ୟା ସେତେବେଳେ ଉପୁଜେ ଯେତେବେଳେ ଭିନ୍ନତାକୁ ସମାଜ ଏକ ସହଜତା ସହକାରେ ଆପଣେଇ ପାରେନି, ବରଂ ନିଜେ ନିଜେ ବାଛବିଚାର କରେ। ଏହିଠାରୁ ହିଁ ଲୋକଙ୍କ ପାଇଁ ମୁଖ୍ୟସ୍ରୋତ ଅପହଞ୍ଚ ହୋଇପଡ଼େ। ଏପ୍ରକାର ବାଧା ଏକ ଉତ୍କଟ ରୂପ ଧାରଣ କରେ ଯେ କିଛିଲୋକ ସବୁକ୍ଷେତ୍ରରୁ ବଞ୍ଚିତ, ଲାଞ୍ଛିତ, ଶୋଷିତ, ଅପମାନିତ ବୋଧ କରିଥା'ନ୍ତି। ଏ କ୍ଷେତ୍ରରେ ଭିନ୍ନକ୍ଷମମାନଙ୍କ ସମସ୍ୟା ଅତି ଚରମ।

ଆମେ ଯେତେବେଳେ କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀକୁ ନିର୍ଦ୍ଦିଷ୍ଟ ନକାରାତ୍ମକ ଲେବୁଲ ଲଗେଇଦେଉ ତାହା ଏକ ବିରାଟ ସାମାଜିକ ବାଧକ ହୋଇ ଉଠେ। ସାଧାରଣ ସଭାମାନଙ୍କରେ ଆମେ କହୁ 'ଅନ୍ଧ' ହୋଇ ମଧ୍ୟ ଭଲ ଗୀତ ଗାଆନ୍ତି, ଛୋଟା ହୋଇ ମଧ୍ୟ ଦୌଡ଼ି ପାରନ୍ତି, ଜନଜାତି ହୋଇ ମଧ୍ୟ ନିଟ(ଡାକ୍ତରୀ ପରୀକ୍ଷା) ଯୋଗ୍ୟତା ହାସଲ କଲେ ଇତ୍ୟାଦି। ଆମେ ତାଙ୍କ ସୁନ୍ଦର କଣ୍ଠକୁ ସ୍ୱୀକାର ନକରି 'ଅନ୍ଧତ୍ୱ'କୁ ଇଙ୍ଗିତ କରିବାରେ ପଛଘୁଞ୍ଚା ଦେଉନୁ। ଆମେ ଜଣେ ସାଧାରଣ ବ୍ୟକ୍ତିଠାରୁ ଅଧିକ ଦୌଡୁଥିବା ସାମର୍ଥ୍ୟକୁ ଅଣଦେଖା କରି 'ଛୋଟା'କୁ ଗୁରୁତ୍ୱ ଦେଉ। ସେମିତି ଡାକ୍ତରୀ ପରୀକ୍ଷାରେ କୃତକାର୍ଯ୍ୟ ଜନିତ ସାମର୍ଥ୍ୟକୁ ଆଗ ନକରି 'ଜନଜାତି'କୁ ଆଗରେ ପ୍ରଦର୍ଶନ କରୁ। ଏହା ହିଁ ବାଧକ।

ସଭ୍ୟ ଭାଷା ବୋଲି 'ବିକଳାଙ୍ଗ' ବଦଳରେ 'ଦିବ୍ୟାଙ୍ଗ', 'ଅକ୍ଷମ' ବଦଳରେ 'ଭିନ୍ନକ୍ଷମ' ବଦଳ ଶବ୍ଦ ବ୍ୟବହାର କଲେ ମଧ୍ୟ 'ଲେବୁଲ' ହିଁ ଲଗାଉଛୁ। ଆମେ ସହଜ ହୋଇ ପାରୁନା। ଶବ୍ଦର ଚରମତାରେ ଆମେ ଏକୂଳରୁ ସେକୂଳ ଦୋଳାୟମାନ ହେଉଚୁ। ଅକ୍ଷମତା ପ୍ରତିଭାର ସୀମିତତା ନୁହେଁ। ଏହା ସମାଜର ଦାୟିତ୍ୱ ଯେ ପରିବେଶକୁ ସୁଗମ୍ୟ କରିବା, ଯେଉଁଥିରେ ଅନ୍ୟମାନେ ଖାପ ଖୁଆଇପାରିବେ। ବିଶେଷ ଆବଶ୍ୟକତାର ମାନେ କେବଳ ସହାୟକ ଉପକରଣ ପ୍ରଦାନରେ ସୀମିତ ନୁହେଁ। ସାଧାରଣ ଶିଶୁ ଯେମିତି ପ୍ରାକ କିଶୋର, କିଶୋରାବସ୍ଥା ଓ ଯୁବକାବସ୍ଥାରେ ଅନେକ ଜୈବିକ ପରିବର୍ତ୍ତନକୁ ସମାନ କରେ ଏବଂ ତଦନୁଯାୟୀ ସ୍ୱତନ୍ତ୍ର ଆବଶ୍ୟକତା ଲୋଡ଼େ, ଠିକ ସେହିପରି ବୟସ ଅନୁପାତରେ ଜଣେ ଭିନ୍ନକ୍ଷମ ଶିଶୁର ଜୈବିକ ଆବଶ୍ୟକତାକୁ ଦୃଷ୍ଟି ଦେବାକୁ ପଡ଼ିବ। ତାକୁ ଅଣଦେଖା କଲେ ବିକୃତି ଆହୁରି ବଢ଼ିବ।

ଅକ୍ଷମତା ଦୃଶ୍ୟ ହୋଇପାରେ ଅବା ଅଦୃଶ୍ୟ। ଶାରୀରିକ ଅଥବା ମାନସିକ। ସାମୟିକ କିମ୍ବା ସ୍ଥାୟୀ ହୋଇପାରେ। ଆସନ୍ତୁ ମିଳିମିଶି ଏହି ସମାଜ ନିର୍ମିତ ଧାରଣା ଜନିତ ବାଧାକୁ ଭାଙ୍ଗିବା। କାରଣ ଏହା ହିଁ ସାମୂହିକ ସମାଜ ପାଇଁ ମଙ୍ଗଳକର। କୌଣସି ଜିନିଷ ନିର୍ମାଣ କରିବା କଷ୍ଟ, ଭାଙ୍ଗିବା ତ ଅତି ସହଜ। କିଛି ଲୋକଙ୍କ ପାଇଁ ବ୍ୟବସ୍ଥା ଅନୁକୂଳ ନୁହେଁ, ବାଧା ରହିଛି। ତେଣୁ ବ୍ୟବସ୍ଥାର ଅକ୍ଷମତାକୁ ଦୂର କଲେ ସବୁକିଛି ଠିକ ହୋଇଯିବ। ଆବଶ୍ୟକତା ଅନୁଯାୟୀ କିଛି ଲୋକଙ୍କୁ ଆସନ୍ତୁ ଉନ୍ନୀତ କରିବା। ●

(ଜିଲ୍ଲା ଭିନ୍ନକ୍ଷମ ସଂଯୋଜକ)
ସୁନ୍ଦରଗଡ଼, ମୋ: ୯୪୩୭୨୧୯୬୧୩

# ଆମ ହସ୍ତଶିଳ୍ପର ସୁଯୋଗ ଓ ସମ୍ଭାବନା

ପ୍ରିୟଦର୍ଶିନୀ ଦାସ

ହସ୍ତଶିଳ୍ପ ଓ ସ୍ଥାୟୀ ହସ୍ତଶିଳ୍ପର ଚାହିଦା ବିଶ୍ୱସ୍ତରରେ ଦ୍ରୁତଗତିରେ ବୃଦ୍ଧି ପାଉଛି, ଯାହା ଅନନ୍ୟ, ପରିବେଶ ଅନୁକୂଳ ଉତ୍ପାଦ, ନୈତିକ ଉତ୍ପାଦନ ଓ ସାଂସ୍କୃତିକ ପ୍ରାମାଣିକତା ପ୍ରତି ଗ୍ରାହକଙ୍କ ଆକାଂକ୍ଷା ଦ୍ୱାରା ପରିଚାଳିତ। ଏହା ଭାରତରେ ଲକ୍ଷ ଲକ୍ଷ କାରିଗରଙ୍କ ପାଇଁ ଏକ ଅତ୍ୟନ୍ତ ଉତ୍ସାହଜନକ ଏବଂ ସକାରାତ୍ମକ ସଙ୍କେତ, ଯେଉଁମାନେ ଅନେକ ହସ୍ତଶିଳ୍ପ ଉତ୍ପାଦନ କରନ୍ତି। ମୁଖ୍ୟତଃ ପରିବେଶଅନୁକୂଳ ସାମଗ୍ରୀରୁ, ଯାହା ଗ୍ରାହକଙ୍କ ପସନ୍ଦ ଓ ପସନ୍ଦ ବହୁଳ ଉତ୍ପାଦିତ ସାମଗ୍ରୀରୁ ଜନସାଧାରଣଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ଆଡ଼କୁ ସ୍ଥାନାନ୍ତରିତ ହେଉଛି। ଅନନ୍ୟତା ଓ ପ୍ରାମାଣିକ ଉତ୍ପାଦ ପାଇଁ ଇଚ୍ଛା, ସାଂସ୍କୃତିକ ସଂଯୋଗ ଓ କାରିଗରଙ୍କୁ ସମର୍ଥନ କରିବା ଇତ୍ୟାଦି ଭଳି ଅନେକ ପ୍ରମୁଖ କାରଣଗୁଡ଼ିକ ମଧ୍ୟରେ ପରିବେଶଗତ ଚେତନା ବୃଦ୍ଧି ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ହସ୍ତଶିଳ୍ପ ଓ ହସ୍ତଶିଳ୍ପ ଉତ୍ପାଦ ପ୍ରତି ପରିବେଶଗତ ସଚେତନତା ବୃଦ୍ଧି ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହୋଇଥିଲେ ମଧ୍ୟ ଏହା ନିଶ୍ଚିତ ଭାବରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ ନୁହେଁ। କାରଣ ଗ୍ରାହକମାନେ ବିଭିନ୍ନ ପ୍ରକାରର ଆନ୍ତରିକ ପ୍ରେରଣା ଦ୍ୱାରା ପରିଚାଳିତ ହୁଅନ୍ତି। ଅନ୍ୟାନ୍ୟ ପ୍ରମୁଖ ବାହକମାନଙ୍କ ମଧ୍ୟରେ ଅନନ୍ୟତା, ସାଂସ୍କୃତିକ ସଂଯୋଗ ଓ ନୈତିକ ଉତ୍ପାଦନ ପାଇଁ ଇଚ୍ଛା ଅନ୍ତର୍ଭୁକ୍ତ। ରିପୋର୍ଟ ଅନୁଯାୟୀ, ବିଶ୍ୱ ହସ୍ତଶିଳ୍ପ ବଜାର ଆକାର ୨୦୨୪ ରେ ୯୦୬.୮ ବିଲିୟନ ଡଲାର ଥିଲା ଏବଂ ୨୦୩୩ ସୁଦ୍ଧା ଏହା ୧.୯୪ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି, ଯାହା ପ୍ରାୟ ୮.୮୩%ର ଏକ ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାରରେ ବୃଦ୍ଧି ପାଇବ। ଏହି ଅଭିବୃଦ୍ଧି ମୁଖ୍ୟତଃ ବିଶ୍ୱବ୍ୟାପୀ ଗ୍ରାହକମାନଙ୍କ ଦ୍ୱାରା ଅନନ୍ୟ ଏବଂ ସ୍ଥାୟୀ ଉତ୍ପାଦ ପାଇଁ ବଢୁଥିବା ଚାହିଦାକୁ ଦାୟୀ କରାଯାଇଛି, ଯାହାଦ୍ୱାରା ଗ୍ରାହକ ଆଚରଣରେ ଅଧିକ ସଚେତନ ବ୍ୟବହାର ପ୍ରତି ଏକ ପ୍ରମୁଖ ପରିବର୍ତ୍ତନ ଆସିଛି।

ହସ୍ତଶିଳ୍ପଗୁଡ଼ିକୁ ସାଧାରଣତଃ କପଡ଼ା ଆଧାରିତ ହସ୍ତଶିଳ୍ପ, ଧାତୁ ହସ୍ତଶିଳ୍ପ, ପଥର ହସ୍ତଶିଳ୍ପ, କାଠ ହସ୍ତଶିଳ୍ପ, ଚମଡ଼ା ହସ୍ତଶିଳ୍ପ, ପ୍ରାକୃତିକ ତନ୍ତୁ ଓ ଘାସ ଆଧାରିତ ହସ୍ତଶିଳ୍ପ, କାଦ ଆଧାରିତ ହସ୍ତଶିଳ୍ପ, କାଗଜ ହସ୍ତଶିଳ୍ପ, ହାଡ଼-ଶୃଙ୍ଗ-ଖୋଳ ଆଧାରିତ ହସ୍ତଶିଳ୍ପ, ଲାଖ ଓ ମହମ ଆଧାରିତ ହସ୍ତଶିଳ୍ପ ଇତ୍ୟାଦି ତିଆରିରେ ବ୍ୟବହୃତ ମୌଳିକ କଞ୍ଚାମାଲ ଆଧାରରେ ବର୍ଗୀକୃତ କରାଯାଏ। ଭାରତ ସରକାରଙ୍କ ବୟନ ମନ୍ତ୍ରଣାଳୟ ଅଧୀନରେ ଥିବା ହସ୍ତଶିଳ୍ପ ବିକାଶ କମିଶନର (ଡିସି) ହସ୍ତଶିଳ୍ପକୁ ୯ଟି ପ୍ରମୁଖ ବର୍ଗ ଓ ୩୬ଟି ଉପ-ବର୍ଗରେ ବିଭକ୍ତ କରିଛନ୍ତି, ଯେଉଁଥିରେ ୪୫୪ଟି ବିଭିନ୍ନ ହସ୍ତଶିଳ୍ପର ତାଲିକା ଅନ୍ତର୍ଭୁକ୍ତ। ତଥାପି ପରିବେଶ-ଅନୁକୂଳ ହସ୍ତଶିଳ୍ପ ଉତ୍ପାଦର ଚାହିଦା ବୃଦ୍ଧି ପାଇବା ସହିତ ଗତ କିଛିବର୍ଷ ମଧ୍ୟରେ ଅନେକ ଉତ୍ପାଦ ବର୍ଗ ଉଭା ହୋଇଛି।

ଏହି ପରିବର୍ତ୍ତନ ମୁଖ୍ୟତଃ ନୂତନ ପିଢ଼ିର ଆଗ୍ରହ-ଚାଳିତ କାରିଗର, ଡିଜାଇନର ଓ ଉଦ୍ୟୋଗୀମାନଙ୍କ ଦ୍ୱାରା ଅଭିନବ ସାମଗ୍ରୀ ଏବଂ ମିଶ୍ରିତ ଗଣମାଧ୍ୟମ ବ୍ୟବହାର କରିବା ଯୋଗୁଁ ଆସୁଛି, ଯାହା ମଧ୍ୟରୁ ଅନେକ ସରକାରଙ୍କ ଦ୍ୱାରା ହସ୍ତଶିଳ୍ପ ବର୍ଗ ଅଧୀନରେ ତାଲିକାଭୁକ୍ତ ହୋଇନାହାନ୍ତି। ଡିସି ହସ୍ତଶିଳ୍ପ ପୋର୍ଟାଲରେ ୩୨ଟି ବିଭିନ୍ନ ବର୍ଗରୁ ୩୫, ୩୧୨ଟି ଉତ୍ପାଦ ତାଲିକାଭୁକ୍ତ ହୋଇଥିବା ସତ୍ତ୍ୱେ ପ୍ରତିବର୍ଷ ନୂତନ ଯୁଗର ଗ୍ରାହକ-କୈନ୍ଦ୍ରିକ ଏବଂ ପରିବେଶ ସଚେତନ କାରିଗର ଓ ଡିଜାଇନରମାନଙ୍କ ଦ୍ୱାରା ଆଗତ ନବସୃଜନ ସହିତ ହସ୍ତଶିଳ୍ପର ନୂତନ ରୂପ ନିରନ୍ତର ବିକଶିତ ହେଉଛି। ସରକାର ଏହି ନୂତନ ହସ୍ତଶିଳ୍ପର ସମ୍ଭାବନାକୁ ମୂଲ୍ୟାଙ୍କନ କରିବା ଉଚିତ ଏବଂ ଉପଯୁକ୍ତ ହସ୍ତଶିଳ୍ପ ବର୍ଗ ଅଧୀନରେ ସେଗୁଡ଼ିକୁ ଚିହ୍ନଟ କରିବା ଉଚିତ, ଯାହାଦ୍ୱାରା ସେମାନେ ମଧ୍ୟ ସରକାରୀ ଯୋଜନା ଏବଂ ଲାଭ ପାଇପାରିବେ।

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ୫୫ଟି ହସ୍ତଶିଳ୍ପକୁ ସ୍ୱୀକୃତି ଦେଇଛି, ଯେଉଁଥିରେ ପଟ୍ଟଚିତ୍ର ଚିତ୍ରକଳା, ପଥର ଓ କାଠ ଖୋଦନ, ରୁପା ଫିଲିଗ୍ରୀ, ଆପ୍ଲିକ୍ କାମ, ଟେରାକୋଟା, ପିତ୍ତଳ ଓ ଘଣ୍ଟି ଧାତୁ ଶିଳ୍ପ, ବେତ ଓ ବାଉଁଶ ଶିଳ୍ପ ଇତ୍ୟାଦି ଅନ୍ତର୍ଭୁକ୍ତ। ରାଜ୍ୟ ସାରା ବିସ୍ତାରିତ ୧.୩ ଲକ୍ଷରୁ ଅଧିକ କାରିଗରଙ୍କ ଦ୍ୱାରା ଅଭ୍ୟାସ କରାଯାଏ। ଜାତୀୟ ଧାରା ସହିତ ତାଳ ଦେଇ ଓଡ଼ିଶା ଅନେକ ଯୁବପ୍ରତିଭାଙ୍କୁ ମଧ୍ୟ ଆକର୍ଷିତ କରିଛି। ବିଶେଷକରି କାରିଗର-ଆଧାରିତ ଷ୍ଟାର୍ଟଅପ୍ ଓ କ୍ଷୁଦ୍ର-ଉଦ୍ୟୋଗରେ ମହିଳା, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ତଥାକଥିତ କାରିଗର ପାରମ୍ପରିକ ସମ୍ପ୍ରଦାୟର ନୁହନ୍ତି। ଅନ୍ତର୍ଜାତୀୟ ବଜାରରେ ହସ୍ତଶିଳ୍ପର ବର୍ଦ୍ଧିତ ଚାହିଦା, ବିଶେଷକରି ୟୁରୋପୀୟ ସଂଘ ଦେଶ, ଆମେରିକା, କାନାଡ଼ା, ଜାପାନ ଓ ଦକ୍ଷିଣ କୋରିଆରେ ଭାରତୀୟ ହସ୍ତଶିଳ୍ପ ପାଇଁ ପ୍ରଚୁର ସୁଯୋଗ ପ୍ରଦାନ କରେ। କାରଣ ଏହାର ଅନନ୍ୟ ବୈଶିଷ୍ଟ୍ୟ ଓ ସ୍ଥାୟୀ ଉତ୍ପାଦନ ପଦ୍ଧତି। ଏହି ବର୍ଦ୍ଧିତ ସୁଯୋଗ ସତ୍ତ୍ୱେ ଭାରତୀୟ ହସ୍ତଶିଳ୍ପ ଅନ୍ତର୍ଜାତୀୟ ବଜାରରେ ଏହାର ବଜାର ଅଂଶ ବୃଦ୍ଧି କରିବାକୁ ସଂଘର୍ଷ କରୁଛି। ସ୍ଥାୟୀ-ପ୍ରାମାଣିକ ହସ୍ତଶିଳ୍ପ ଉତ୍ପାଦ ପ୍ରତି ସେମାନଙ୍କର ପରିବର୍ତ୍ତିତ ପସନ୍ଦ ଉପରେ ଆଧାରିତ ଅନ୍ତର୍ଜାତୀୟ ବଜାରରେ ଗ୍ରାହକଙ୍କ ସ୍ୱାଦ ବୁଝିବାର ଅଭାବ ଯୋଗୁଁ ଏହି ପାର୍ଥକ୍ୟ ଦେଖାଯାଉଛି। ପ୍ରାୟ ଏକ ଟ୍ରିଲିୟନ ଡଲାର ବିଶ୍ୱ ବଜାର ମଧ୍ୟରୁ ଭାରତ ଭଳି ଏକ ଦେଶ, ଯାହା ହସ୍ତଶିଳ୍ପ ଐତିହ୍ୟ ପାଇଁ ଜଣାଶୁଣା, କେବଳ ୪.୫ ବିଲିୟନ ଡଲାର ମୂଲ୍ୟର ହସ୍ତଶିଳ୍ପ ରପ୍ତାନି କରିପାରିଛି। ଯେତେବେଳେ ଭାରତୀୟ ହସ୍ତଶିଳ୍ପ କ୍ଷେତ୍ର ପାଇଁ ପ୍ରଚୁର ସୁଯୋଗ ରହିଛି, ସେତେବେଳେ ସରକାର ଅନ୍ତର୍ଜାତୀୟ ବଜାରରେ ଏହାର ଅଂଶ ବୃଦ୍ଧି କରିବା ପାଇଁ ବିଦ୍ୟମାନ ନୀତି ଓ ଯୋଜନାଗୁଡ଼ିକର ପୁନର୍ବିଚାର କରିବା ଉଚିତ।

ଘରୋଇ କ୍ଷେତ୍ରରେ, ଜେନ ଜେଡ ଓ ମିଲେନିୟାଲ୍ସଙ୍କ ମଧ୍ୟରେ ହସ୍ତଶିଳ୍ପ ପ୍ରତି ପରିବର୍ତ୍ତନଶୀଳ ରୁଚି ମଧ୍ୟ ସମାନ ଭାବରେ ଉତ୍ସାହଜନକ ସଙ୍କେତ ଦେଉଛି। ନୂତନ ପିଢ଼ିର ଉଦ୍ୟୋଗୀମାନେ, ବିଶେଷକରି ଓଡ଼ିଶାର ମହିଳାମାନେ, ବର୍ଦ୍ଧିତ ଗ୍ରାହକ ଆଧାରକୁ ସୁହାଇ ହସ୍ତଶିଳ୍ପରେ ଅନେକ ନୂତନତ୍ୱ ଆଣୁଛନ୍ତି। ତଥାପି ସେମାନଙ୍କୁ ସ୍ୱୀକୃତି, ସମର୍ଥନ ଏବଂ ପ୍ରୋତ୍ସାହନ ପାଇଁ ଏକ ଦୃଢ଼ ଇକୋ-ସିଷ୍ଟମ ମଧ୍ୟ ଆବଶ୍ୟକ। ହସ୍ତଶିଳ୍ପ କ୍ଷେତ୍ରକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ 'ଜାତୀୟ ହସ୍ତଶିଳ୍ପ ସପ୍ତାହ' ଏକ ଭଲ ପଦକ୍ଷେପ। ଏହାର ପାଳନ ସହିତ ପୂର୍ବ ଅଭିଜ୍ଞତାରୁ ଶିକ୍ଷା ଗ୍ରହଣ କରି ଭାରତ ସରକାର 'ଜାତୀୟ ହସ୍ତଶିଳ୍ପ ଦିବସ' ମଧ୍ୟ ଘୋଷଣା କରିବା ଉଚିତ। କାରିଗରମାନେ ବିଶ୍ୱାସ କରନ୍ତି ଯେ ଜାତୀୟ ହସ୍ତଶିଳ୍ପ ସପ୍ତାହ ସହିତ ହସ୍ତଶିଳ୍ପର ପାଳନ ଏବଂ ସ୍ୱୀକୃତି ପାଇଁ ଉତ୍ସର୍ଗୀକୃତ ଏକ ଦିନ ଏହି କ୍ଷେତ୍ରକୁ ଆହୁରି ପ୍ରୋତ୍ସାହିତ କରିପାରିବ। ●

(ଲେଖିକା 'ଓଡ଼ିଶାର ସବୁଜ ରାଣୀ' ଭାବରେ ପରିଚିତ)
ଭୁବନେଶ୍ୱର, ମୋ: ୮୮୯୫୭୫୨୪୭୪

# ବାଳକ ରାମ ଦାସ ମଠ

ସ୍ୱପ୍ନେଶ୍ୱର

**ଲୋକକଥାରେ ଲୋକଦେବତା**

ବାଳକ ଦାସ ଅବିଭକ୍ତ ପଞ୍ଜାବ ପ୍ରଦେଶର ଲାହୋର ସହରରେ ଏକ ନିମ୍ନ-ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇଥିଲେ। ବୁଢ଼ା ବାପା ମାଆ ଓ ପାଞ୍ଚ ଭାଇଙ୍କୁ ନେଇ ତାଙ୍କର ପରିବାରରେ ସେ ଥିଲେ ମଝିଆଁ ପୁଅ। କୈଶୋର ଓ ଆଦ୍ୟ ଯୌବନରେ ସେ ଅଳସୁଆ ଓ ଖାଦ୍ୟଲୋଭୀ ଥିବାରୁ ଭାଇମାନେ ତାଙ୍କୁ ଘରୁ ବାହାର କରିଦେଲେ। ବାଳକ ଦାସ ସୌଭାଗ୍ୟବଶତଃ ସେ ଦୁର୍ଯୋଗକୁ ସୁଯୋଗରେ ପରିଣତ କରିଦେଲେ। ସେ ଜଙ୍ଗଲରେ କଠୋର ତପସ୍ୟା କରି ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ରଙ୍କୁ ସନ୍ତୁଷ୍ଟ କରି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବର ଲାଭ କଲେ। ପ୍ରଥମ ବର ହେଲା ସେ ସଙ୍କଳ୍ପ କରି ଯାହା ଛୁଇଁଦେବେ ତାହା ସୁନା ପାଲଟି ଯିବ ଏବଂ ଦ୍ୱିତୀୟ ବର ଥିଲା ଯେ ଇଚ୍ଛାମୃତ୍ୟୁ ବରଣ କରି ବୈକୁଣ୍ଠ ଗମନ କରିବେ। ମହାପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ କରୁଣାରୁ ସିଦ୍ଧି ଲାଭ କରି ଥିବାରୁ ସେ 'ବାଳକ ରାମ ଦାସ' ନାମରେ ଖ୍ୟାତିଲାଭ କଲେ।

ପ୍ରଥମ ବର ପ୍ରୟୋଗ କରି ସେ ଅଚଳାଚଳ ସମ୍ପତ୍ତିର ଲାଭ କଲେ। ସେ ଅର୍ଥ ବିନିମୟରେ ଏକ ବିରାଟ ମଠ ନିର୍ମାଣ କରି ଦୁଃଖୀରଙ୍କୀଙ୍କୁ ଅନ୍ନଦାନ ଓ ଅସହାୟମାନଙ୍କୁ ସାହାଯ୍ୟର ବନ୍ଦୋବସ୍ତ କଲେ। ତା'ପରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଏକ ବିରାଟ ପଟୁଆରରେ ଶ୍ରୀକ୍ଷେତ୍ରରେ ଆସି ପହଞ୍ଚିଲେ। ସେତେବେଳେ ମଦନ ଭାରତୀ ନାମରେ ଜଣେ ଶାକ୍ତ ସନ୍ନ୍ୟାସୀ ନୀଳାଚଳରେ ବାସ କରୁଥିଲେ। ବିଭିନ୍ନ ପ୍ରକାରର କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ପାଥେୟ କରି ସେ କ୍ଷେତ୍ରରେ ଅନେକ ଶିଷ୍ୟ ସୃଷ୍ଟି କରିବାରେ ସମର୍ଥ ହୋଇଥିଲେ। କିନ୍ତୁ ବାଳକ ଦାସ ସିଦ୍ଧ ବୈଷ୍ଣବ ସନ୍ନ୍ୟାସୀ ହୋଇଥିବାରୁ ଏବଂ ଅମାପ ସମ୍ପତ୍ତିର ମାଲିକ ହୋଇଥିବାରୁ ଧୀରେଧୀରେ ତାଙ୍କର ଅନୁଗାମୀ ସଂଖ୍ୟା ବଢ଼ିଲା। ଏଥିରେ ମଦନଭାରତୀ ଓ ତାଙ୍କର ଶିଷ୍ୟମାନେ ନିଜକୁ ଅସୁରକ୍ଷିତ ମନେ କଲେ। ସେମାନେ ବାଳକ ଦାସଙ୍କ ନାମରେ କୁତ୍ସାରଟନା କରିବାକୁ ଲାଗିଲେ। କିନ୍ତୁ ସେମାନଙ୍କର ସମସ୍ତ ଅପଚେଷ୍ଟା ଅସଫଳ ହେବା ପରେ ମଦନ ଭାରତୀ ବାଳକ ରାମ ଦାସଙ୍କୁ ଏକ ପରୀକ୍ଷାକୁ ଆହ୍ୱାନ କଲେ। ପରୀକ୍ଷା ହେଲା ଯେ ଜଣେ ଲୋକକୁ ହାଣି ମୁଣ୍ଡ ଗଣ୍ଡି ଅଲଗା କରି ଦିଆଯିବ। ଯଦି ବାଳକ ଦାସ ତା'କୁ ଜୀବନ ଦାନ ଦେଇପାରିବେ ତେବେ ତାଙ୍କ ଶ୍ରେଷ୍ଠତ୍ୱକୁ ମଦନ ଭାରତୀ ସ୍ୱୀକାର କରିବେ। ବାଳକ ଦାସ ସେ ଆହ୍ୱାନକୁ ଗ୍ରହଣ କଲେ; କିନ୍ତୁ ଜଣେ ଲୋକକୁ ମାରିବା ଅପେକ୍ଷା ଗୋଟେ ଶବ ଅଣିବା ପାଇଁ ପ୍ରସ୍ତାବ ଦେଲେ।

ନିର୍ଦ୍ଦିଷ୍ଟ ଦିନ ଭାରତୀଙ୍କ ଶିଷ୍ୟମାନେ ଗୋଟେ ଶବ ଆଣି ପରୀକ୍ଷା ଯାଗାରେ ପହଞ୍ଚିଲେ। ରାମ ଦାସ ମହାରାଜ ଶବକୁ କୋଳରେ ଧରି ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ। ପ୍ରାର୍ଥନା ପରେ ଶବର କାନରେ ରାମ ତାରକ ମନ୍ତ୍ର ପଢ଼ିବାରୁ ଶବ ଜୀବନ ଲାଭ କରି ବସି ଉଠିଲା। ଏହା ଦେଖି ମଦନ ଭାରତୀ ହାର ମାନି ଶିଷ୍ୟମାନଙ୍କ ସହ କ୍ଷେତ୍ର ତ୍ୟାଗ କଲେ।

ବାଳକ ରାମ ଦାସଙ୍କ ପ୍ରତିଷ୍ଠା କ୍ଷେତ୍ରରେ ବହୁ ଗୁଣରେ ବଢ଼ିଗଲା। ସେ ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟରେ ଏକ ବିରାଟ ମଠ ନିର୍ମାଣ କରି ମହାପ୍ରଭୁଙ୍କ ଆରାଧନାରେ ନିମଗ୍ନ ହେଲେ। ପ୍ରତିଦିନ ହଜାର ହଜାର ଭକ୍ତଙ୍କୁ ମଠ ତରଫରୁ ଅନ୍ନଦାନ ଏବଂ ଲକ୍ଷ ଲକ୍ଷ ଗରିବଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଗଲା। ଅନେକ ବର୍ଷ ପରେ ସିଦ୍ଧ ବାଳକ ରାମ ଦାସ ଇହଧାମ ତ୍ୟାଗ କରିବା ପାଇଁ ଇଚ୍ଛା କଲେ। ସାଧୁ ମହାରାଜଙ୍କ ଦେହ ତ୍ୟାଗ ପରେ ମର ଶରୀରକୁ ମଠ ପରିସରରେ ସମାଧି ଦିଆଗଲା। ମୃତ୍ୟୁ ପରେ ମଧ୍ୟ ବାଳକ ଦାସ ଦେଖେଇ ଥିବା ଏକ ଚମତ୍କାରିତାର ରୋଚକ ବର୍ଣ୍ଣନା 'ଦାର୍ଢ଼ତ୍ୟା ଭକ୍ତି'ରେ ଦେଖିବାକୁ ମିଳେ। ବାଳକ ରାମ ଦାସ ମଠ ଧନରତ୍ନରେ ପରିପୂର୍ଣ୍ଣ ଥିଲା। ମହନ୍ତଙ୍କ ମୃତ୍ୟୁ ପରେ ସେ ସମ୍ପତ୍ତି ହଡ଼ପ କରିବା ପାଇଁ କେତେକ ପାରିଷଦ ରାଜାଙ୍କୁ ପ୍ରସ୍ତାବ ଦେଲେ। ରାଜା ଲୋଭାସକ୍ତ ହୋଇ ସେ ସମ୍ପତ୍ତି ହାତେଇବା ପାଇଁ ପାଇକବଳଙ୍କୁ ନିଯୁକ୍ତ କଲେ। ପାଇକମାନେ ମଠରେ ପହଞ୍ଚିବା ପରେ ଶିଷ୍ୟମାନେ ସମାଧି ନିକଟରେ ଗୁହାରୀ କଲେ। ବାଳକ ଦାସ ସମାଧିର ମୁଦ ଖୋଲିବା ପାଇଁ ସମାଧି ଭିତରୁ ଆଦେଶ ଦେଲେ। ମୁଦ ଖୋଲା ହେବା ପରେ ସେ ତା' ଭିତରୁ ଜୀବନ୍ତ ବାହାରି ଆସି ପାଇକମାନଙ୍କୁ କହିଲେ - ଶୁଣ ହେ ରାଜଦୂତମାନେ, କହ ନୃପତି ସନ୍ନିଧାନେ / ଏତେକ ରାଜ୍ୟ ନ ଅଣ୍ଟିଲା, ବୈଷ୍ଣବ ଧନେ ଆଶ୍ରେ କଲା / ଆମ୍ଭର ମଲେ ସିନା ନେବ, ନୋହିଲେ କି କରି ପାରିବ / ଆମ୍ଭେ ରହିବୁ କିଛି ଦିନ, ଆଗହୁଁ ମରୁ ସେ ରାଜନ / ତହିଁ ଉତାରେ ଆମ୍ଭେ ଯିବା, ଏ କୀର୍ତ୍ତି ଜଗତେ ରଖିବା।' ଏହା ଦେଖି ପାଇକମାନେ ଭୟରେ ସ୍ଥାନ ତ୍ୟାଗ କଲେ। ତା'ର ଦଶ ଦିନ ପରେ ରାଜା ଅଚାନକ ମୃତ୍ୟୁବରଣ କଲେ। ତା' ପରେ ବାଳକ ରାମ ଦାସ 'ଭଜିଲେ ଶ୍ରୀରାମ ଶ୍ରୀରାମ, ପୁଣି ଗମିଲେ ନିଜ ଧାମ।' ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୀତବାସ ପଣ୍ଡା ହତ୍ୟା ମାମଲା

# ପୁଲିସ ପକ୍ଷରୁ ୩୭୨ ପୃଷ୍ଠାର ସିଡି ଦାଖଲ

**■ ଅତିରିକ୍ତ ଜିଲ୍ଲାଜଜ୍‌ଙ୍କ କୋର୍ଟକୁ ମାମଲା ସ୍ଥାନାନ୍ତର**
**■ ୧୨ରେ ୫ ଅଭିଯୁକ୍ତଙ୍କ ଜାମିନ ଆବେଦନର ପରବର୍ତ୍ତୀ ଶୁଣାଣି**

ବ୍ରହ୍ମପୁର, ୯।୧୨(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ବିଚାର ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟରୁ ସ୍ଥାନାନ୍ତର ହୋଇ ଅତିରିକ୍ତ ଜିଲ୍ଲା ଜଜ୍ (ତୃତୀୟ)ଙ୍କ କୋର୍ଟକୁ ଆସିଛି। ଆଜିଠାରୁ ମାମଲାର ବିଚାର ଓ ଶୁଣାଣି ଏହି କୋର୍ଟରେ ଆରମ୍ଭ ହୋଇଛି। ମାମଲାରେ ବୈଦ୍ୟନାଥପୁର ଥାନା ପୁଲିସ ୧୬ ଜଣଙ୍କୁ ଗିରଫ କରିଥିବା ବେଳେ ତଦନ୍ତ ଜାରି ରହିଛି। ଗିରଫ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ, ଆଇନଜୀବୀ ମଦନ ମୋହନ ଦଳେଇ, ଶୂନ୍ୟ ଚନ୍ଦ୍ର ଦାସ ଓ ସୁନୀଲ ହୋତା ପ୍ରମୁଖ ୫ଜଣଙ୍କ ଜାମିନ ଆବେଦନର ଶୁଣାଣି ମଙ୍ଗଳବାର ହେବାକୁ ଦିନ ଧାର୍ଯ୍ୟ ହୋଇଥିଲା।

ପୂର୍ବରୁ ଅର୍ଥାତ୍ ଗତ ୩ତାରିଖରେ ଜାମିନ ଆବେଦନର ଶୁଣାଣି ପୂର୍ବରୁ ପୁଲିସ ସରକାରୀ ଓକିଲଙ୍କ ଜରିଆରେ ସିଡି (କେସ ଡାଏରୀ) ଦାଖଲ ପାଇଁ ଅଧିକ ସମୟ ମାଗିଥିଲା। ଫଳରେ ୯ ତାରିଖରେ ସିଡି ଦାଖଲ କରିବାକୁ ପୁଲିସକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆଜି ପୁଲିସ ପକ୍ଷରୁ ୩୭୨ ପୃଷ୍ଠା ସମ୍ବଳିତ ସିଡି ଦାଖଲ କରାଯାଇଥିଲା। ତେବେ ନିର୍ଦ୍ଧାରିତ ସମୟରେ ଏପରିକି ନିତିନିୟମ ପାଳନରେ ଅବହେଳା ଅର୍ଥାତ୍ ଇନ୍‌ଡେକ୍ସ ପ୍ରସ୍ତୁତ କରାଯାଇ ନଥିବାରୁ ପୁଲିସକୁ ଅପଦସ୍ଥ ହେବାକୁ ପଡ଼ିଥିବା ଜଣାଯାଇଛି। ସେପଟେ ମାମଲାର ତଦନ୍ତ ଜାରି ରହିଥିବା ଯୋଗୁଁ କେସ୍ ଡାଏରୀ ଦାଖଲରେ ବିଳମ୍ବ ଘଟିଥିବା ପୁଲିସ ପକ୍ଷରୁ କୁହାଯାଇଛି। ଆସନ୍ତା ୧୨ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିବା ଜଣାପଡ଼ିଛି।

ଅଭିଯୁକ୍ତଙ୍କ ପକ୍ଷରୁ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମାନସ ଚାନ୍ଦଙ୍କ ସମେତ କୈଳାସ ପଣ୍ଡା, କୁମାରକାନ୍ତ ବେହେରା, ଦୀପକ ପଟ୍ଟନାୟକ, ସଂଜିତ କୁମାର ପାଣିଗ୍ରାହୀ, ଶିବ ନାରାୟଣ ସାହୁ ଓ ଅନନ୍ତ ନାରାୟଣ ଜେନା ପ୍ରମୁଖ ମକଦ୍ଦମା ପରିଚାଳନା କରୁଥିବା ବେଳେ ଅନ୍ୟ ଆଇନଜୀବୀମାନେ ସହଯୋଗ କରିଥିଲେ।

ସେପଟେ ଏହି ଚର୍ଚ୍ଚିତ ମାମଲାରେ ମକଦ୍ଦମା ପରିଚାଳନା ପାଇଁ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ସୁପାରିଶକ୍ରମେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭାବେ ନିଯୁକ୍ତ ବରିଷ୍ଠ ଆଇନଜୀବୀ କାଳୀପ୍ରସାଦ ମିଶ୍ର ଓ ସହକାରୀ ସ୍ୱତନ୍ତ୍ର ପିପି ଅବିନାଶ ପାଢ଼ୀ ମକଦ୍ଦମା ପରିଚାଳନା କରିଥିଲେ। ଆଜିର ଶୁଣାଣି ବେଳେ କୋର୍ଟ ହଲରେ ଶତାଧିକ ଆଇନଜୀବୀଙ୍କ ସମେତ ମାମଲାର ତଦନ୍ତ ଅଧିକାରୀ ତଥା ଟାଉନ୍ ଏସ୍‌ଡିପିଓ ପ୍ରିୟସ ରଂଜନ ଛୋଟରାୟ, ଅତିରିକ୍ତ ଏସ୍‌ପି ଆଲୋକ ଜେନା ଓ ଇନ୍ସପେକ୍ଟର ଏ. ସ୍ୱର୍ଣ୍ଣଲତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଜାମିନ ପାଇଁ ଆବେଦନ ହୋଇଥିବା ସମସ୍ତ ୫ ଅଭିଯୁକ୍ତଙ୍କ ଗିରଫ କ୍ଷେତ୍ରରେ ପୁଲିସ ବ୍ୟକ୍ତିର ସାମ୍ବିଧାନିକ ଅଧିକାର ଉଲ୍ଲଂଘନ କରିଥିବା ସହ ସୁପ୍ରିମକୋର୍ଟଙ୍କ କୋର୍ଟଙ୍କ ନିର୍ଦ୍ଦେଶର ଖୋଲାଖୋଲି ଅବମାନନା କରିଥିବା ଅଭିଯୋଗ କରିଛନ୍ତି ଅଭିଯୁକ୍ତଙ୍କ ଓକିଲ। କୋର୍ଟ ଉଭୟ ପକ୍ଷର ଯୁକ୍ତି ଶୁଣିଥିବା ବେଳେ ପୁଲିସ ପକ୍ଷରୁ ମଧ ମାମଲାରେ ଜଡ଼ିତ ସମସ୍ତ ୧୬ଜଣଙ୍କ ସମ୍ପର୍କିତ ତଥା କେସ୍ ଡାଏରୀକୁ ଦାଖଲ କରିଛି। ପୁଲିସ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଦାଖଲ କରାଯାଇଥିବା ନଥିପତ୍ରରେ ତାଳମେଳ ନଥିବା ଦର୍ଶାଇ ଜାମିନ ମିଳିବା ନେଇ ବେଶ୍ ଆଶାବାଦୀ ଥିବା କହିଛନ୍ତି ଅଭିଯୁକ୍ତଙ୍କ ଓକିଲ ସମୂହ।

ପ୍ରକାଶଯୋଗ୍ୟ, ଗତ ଅକ୍ଟୋବର ୬ ତାରିଖ କୁମାର ପୂର୍ଣ୍ଣିମା ରାତିରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ବୈକୁଣ୍ଠନଗର ସ୍ଥିତ ତାଙ୍କ ବାସଭବନ ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା।

# ୪୪,୭୭୧ କୋଟି ଟଙ୍କାର ରାସ୍ତା ପ୍ରକଳ୍ପକୁ କେନ୍ଦ୍ର ଅନୁମୋଦନ

**■ ଏନ୍‌ଏଚ୍ ପାଇଁ ୩୦ ଓ ଏସ୍‌ଏଚ୍ ପ୍ରକଳ୍ପ ପାଇଁ ୧୩ ହଜାର କୋଟି**
**■ ଭୁବନେଶ୍ୱରରୁ ପାରାଦୀପକୁ ସଂଯୋଗ ହେବ ନୂତନ ଗ୍ରୀନ ଫିଲଡ୍ ରାସ୍ତା**

ଭୁବନେଶ୍ୱର, ୯।୧୨(ସମିସ): ରାଜ୍ୟରେ ଥିବା ଜାତୀୟ ରାଜପଥ (ଏନ୍‌ଏଚ୍) ଏବଂ ରାଜ୍ୟ ରାଜପଥ (ଏସ୍‌ଏଚ୍)ର ଉନ୍ନତୀକରଣ ଏବଂ ପ୍ରସ୍ତାବିତ ନୂତନ ପ୍ରକଳ୍ପକୁ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଅନୁମୋଦନ ମିଳିଛି। ନୂଆଦିଲ୍ଲୀ ଗସ୍ତରେ ଥିବା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନିତିନ ଗଡ଼କରିଙ୍କ ସହ ସାକ୍ଷାତ ଆଲୋଚନା କରିବା ସହ ରାଜ୍ୟରେ ଥିବା ବିଭିନ୍ନ ରାସ୍ତା ପ୍ରକଳ୍ପ ବିଷୟରେ ଆଲୋଚନା କରି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟରେ ୫ଟି ଜାତୀୟ ରାଜପଥ ପ୍ରକଳ୍ପ, ୫ଟି ରାଜ୍ୟ ରାଜପଥ ଓ ସିଆର୍‌ଆଇଏଫ୍ ପ୍ରକଳ୍ପ ପାଇଁ ମୋଟ ୪୪,୭୭୧ କୋଟି ଟଙ୍କାର ଅନୁମୋଦନ ମିଳିଛି। ଏଥିରେ ଭୁବନେଶ୍ୱର-ପୁରୀ ରାସ୍ତାକୁ ୮ ଲେନ୍ କରିବା, ୧୪୦ କିଲୋମିଟର ଦୀର୍ଘ ଟାଙ୍ଗୀ-ପୁଇଁତୋଳା-ଇଚ୍ଛାପୁରମ୍ ରାସ୍ତାକୁ ୬ଲେନ୍ ବିଶିଷ୍ଟ କରିବା ପାଇଁ ଅନୁମୋଦନ ମିଳିଛି। ସେହିପରି ୪୦୦ କିଲୋମିଟର ଦୀର୍ଘ ରାଉରକେଲା-ବଡ଼ବିଲ-ପାରାଦୀପ ଭାୟା ଡୁବୁରି ରାସ୍ତାକୁ ୮ ଲେନ୍ କରିବା ପାଇଁ ଏବଂ ଏନ୍‌ଏଚ୍-୧୪୯ ଅଧୀନରେ ଥିବା ୬୮ କିଲୋମିଟର ଦୀର୍ଘ ପାଲଲହଡ଼ା-ପିଟିରି ରାସ୍ତାକୁ ୪ ଲେନ୍ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିଛି।

ଅନ୍ୟପକ୍ଷରେ, ୨୦୨୫ ନଭେମ୍ବର ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ଇଣ୍ଡିଆନ୍ ରୋଡ୍ କଂଗ୍ରେସ ଅବସରରେ ସଡ଼କ ପରିବହନ ଓ ଜାତୀୟ ରାଜମାର୍ଗ ମନ୍ତ୍ରାଳୟର ମନ୍ତ୍ରୀଙ୍କ ପ୍ରତିଶ୍ରୁତି ମୁତାବକ ୧୫୦୦ କୋଟି ଟଙ୍କା ସିଆର୍‌ଆଇଏଫ୍ ଯୋଜନା ଅଧୀନରେ ଅନୁମୋଦନ ମିଳିଛି। ସେହିପରି ୫ଟି ରାଜ୍ୟ ରାଜପଥ ପ୍ରକଳ୍ପର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ପାଇଁ ୧୩,୧୪୧ କୋଟି ଟଙ୍କାର ଅନୁମୋଦନ ମିଳିଛି। ଏଥିରେ ବରପାଲି-ବଲାଙ୍ଗିର ରାସ୍ତା ଓ କେସିଙ୍ଗା-ଭବାନୀପାଟଣା-ଜୁନାଗଡ଼ ରାସ୍ତାକୁ ୪ ଲେନ୍ କରିବା, ୪ ଲେନ୍ ବିଶିଷ୍ଟ ବଲାଙ୍ଗିର-ନୟାଗଡ଼ ରାସ୍ତା, ହିଞ୍ଜିଳିକାଟୁ ବାଇପାସ୍ ରାସ୍ତା ସହ ବ୍ରହ୍ମପୁରରୁ କାଳୁଷଣ୍ଡପୁର ରାସ୍ତାକୁ ୪ ଲେନ୍ କରିବା ଏବଂ ମୋହନାରୁ ପାରଳାଖେମୁଣ୍ଡି ରାସ୍ତାର ଉନ୍ନତୀକରଣ ସହ ଏନ୍‌ଏଚ୍-୨୬ର ପ୍ରଶସ୍ତିକରଣକୁ ଅନୁମୋଦନ ମିଳିଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭୁବନେଶ୍ୱରରୁ ପାରାଦୀପ ସିଧାସଳଖ ନୂଆ ଗ୍ରୀନ ଫିଲଡ୍ ରାସ୍ତା ନିର୍ମାଣ ନେଇ ସଫଳ ଆଲୋଚନା ହୋଇଛି ଓ ଆଗାମୀ ଦିନରେ ପାରାଦ୍ୱୀପ ସହର ପରିସର ଯଥେଷ୍ଟ ବୃଦ୍ଧି ପାଇବାକୁ ଥିବା ବେଳେ ପ୍ରମୁଖ ବନ୍ଦର ସହରକୁ ରାଜଧାନୀ ଭୁବନେଶ୍ୱର ସହ ଯୋଡ଼ିବା ପାଇଁ ଏହି ଗ୍ରୀନଫିଲଡ ରାସ୍ତା ବେଶ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମନ୍ତ୍ରୀ ବିଧାୟକଙ୍କ...

ଆଧାରରେ ସ୍ୱୟଂଚାଳିତ ଭାବେ ସଂଶୋଧନ ହେବ ଏବଂ ଭବିଷ୍ୟତରେ ବିଧାୟକ ଓ ମନ୍ତ୍ରୀମାନଙ୍କ ଦରମା ବୃଦ୍ଧି ପାଇଁ ଆଉ ବିଧାନସଭାରେ ବିଲ୍ ଆଣିବାକୁ ପଡିବ ନାହିଁ।

ନୂତନ ବ୍ୟବସ୍ଥାରେ ପୂର୍ବରୁ ବିଧାୟକଙ୍କ ୩୫ ହଜାର ଟଙ୍କା ମୂଳ ବେତନ ରାଶିକୁ ଏବେ ୯୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ବିରୋଧୀ ଦଳ ନେତା ଓ ସରକାରୀ ମୁଖ୍ୟ ସଚେତକ ପୂର୍ବରୁ ୪୦ ହଜାର ଟଙ୍କା ପାଉଥିବା ବେଳେ ଏଣିକି ସେମାନଙ୍କୁ ମାସିକ ୯୬ ହଜାର ଟଙ୍କା ଦରମା ମିଳିବ। ସେହିପରି ଉପମୁଖ୍ୟ ସଚେତକଙ୍କ ମୂଳ ବେତନ ୩୬ ହଜାର ଟଙ୍କା ପରିବର୍ତ୍ତେ ୯୨ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଦରମା ବ୍ୟତୀତ ବିଧାୟକମାନେ ନିର୍ବାଚନ ମଣ୍ଡଳୀ ଓ ସଚିବାଳୟ ଭତ୍ତା ବାବଦରେ ମାସିକ ୭୫ ହଜାର ଟଙ୍କା ପାଇବେ। ବୈଠକ ଭତ୍ତା ବାବଦରେ ଦୈନିକ ୩ ହଜାର ଟଙ୍କା ପାଇବେ। ସେହିପରି ରାଜ୍ୟ ବାହାରକୁ ଗଲେ ପୂର୍ବରୁ ମିଳୁଥିବା ୨ ହଜାର ଟଙ୍କା ଭତ୍ତାକୁ ୧୦ ହଜାରକୁ ବୃଦ୍ଧି କରାଯାଇଛି। ବିଧାୟକ ନିଜ କାରରେ କିମ୍ବା ଭଡା କାରରେ ଯାତାୟାତ କଲେ ରାଜ୍ୟ ଭିତରେ କିଲୋମିଟର ପିଛା ୨୫ ଟଙ୍କା ଓ ରାଜ୍ୟ ବାହାରେ କିଲୋମିଟର ପିଛା ୩୫ ଟଙ୍କା ଦିଆଯିବ। ପୂର୍ବରୁ ରାଜ୍ୟ ଭିତରେ ୧୫ ଟଙ୍କା ଓ ରାଜ୍ୟ ବାହାରେ ୨୦ ଟଙ୍କା ଏଭଳି ଯାତାୟାତ ଭତ୍ତା ପାଉଥିଲେ। ଏହା ଅତିରିକ୍ତ ପରିବହନ ଭତ୍ତା ୧୫ ହଜାରରୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି।

ପୂର୍ବରୁ ବିଧାୟକମାନଙ୍କୁ ମାସିକ ବିଜୁଳି ବ୍ୟୟ ବାବଦରେ ୫ ହଜାର ଟଙ୍କା ମିଳୁଥିବାବେଳେ ଏବେ ତାହା ୨୦ ହଜାରକୁ ବୃଦ୍ଧି ପାଇଛି। ଅପରପକ୍ଷେ କୌଣସି ବିଧାୟକ ସରକାରୀ କ୍ୱାର୍ଟର ପାଇନଥିଲେ କ୍ୱାର୍ଟର ପାଇବା ପର୍ଯ୍ୟନ୍ତ ଦୈନିକ ୨ ହଜାର ଟଙ୍କା ଲେଖାଏଁ ଆବାସ ଭତ୍ତା ପାଇବେ। ପୂର୍ବରୁ ଏଥିପାଇଁ ମାତ୍ର ୧ ହଜାର ଟଙ୍କା ମିଳୁଥିଲା। ବିଧାୟକମାନେ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ କୌଣସି କମିଟି କାର୍ଯ୍ୟରେ ସମ୍ପୃକ୍ତ ନଥାଇ ଯାତ୍ରା କରୁଥିଲେ ଯାତ୍ରାଖର୍ଚ୍ଚ ବାବଦରେ ମାସିକ ୫୦ ହଜାର ଟଙ୍କା ଦିଆଯିବ। ସେହିପରି ଜିପ, ମୋଟର ସାଇକେଲ, ସ୍କୁଟର କିମ୍ବା ଅନୁରୂପ ଗାଡ଼ି କିଣିବା ପାଇଁ ବିଧାୟକମାନେ ସର୍ବାଧିକ ୧୦ ଲକ୍ଷ ଟଙ୍କା ଅଗ୍ରୀମ ପାଇପାରିବେ। ପୂର୍ବରୁ ଏହା ସର୍ବାଧିକ ୫ ଲକ୍ଷ ଟଙ୍କା ରହିଥିଲା। ସେହିପରି ଭାବରେ ମନ୍ତ୍ରୀମାନଙ୍କର ଦରମା ଓ ଭତ୍ତା ମଧ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ମୂଳ ବେତନ ୪୧ ହଜାରରୁ ୧ ଲକ୍ଷ ଟଙ୍କା, ଉପମୁଖ୍ୟମନ୍ତ୍ରୀଙ୍କ ମୂଳ ବେତନ ୪୦ ହଜାରରୁ ୯୮ ହଜାର ଟଙ୍କା, ମନ୍ତ୍ରୀ ୯୬ ହଜାର ଟଙ୍କା, ରାଷ୍ଟ୍ରମନ୍ତ୍ରୀଙ୍କ ମୂଳ ବେତନ ୩୮ ହଜାରରୁ ୯୪ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି।

ଅନ୍ୟପକ୍ଷରେ ବ୍ୟକ୍ତିଗତ କାର ରକ୍ଷଣାବେକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀ ଏଣିକି ମାସିକ ୯୧ ହଜାର ଟଙ୍କା, ଉପମୁଖ୍ୟମନ୍ତ୍ରୀ ୮୯ ହଜାର ଟଙ୍କା, ମନ୍ତ୍ରୀ ୮୭ ହଜାର ଟଙ୍କା, ରାଷ୍ଟ୍ରମନ୍ତ୍ରୀ ୮୫ ହଜାର ଟଙ୍କା ଓ ଉପମନ୍ତ୍ରୀ ୮୩ ହଜାର ଟଙ୍କା ପାଇବେ। ପୂର୍ବରୁ ଏଥିପାଇଁ ମାତ୍ର ୧୭ ହଜାର ଟଙ୍କା ମିଳୁଥିଲା। ଏଥିସହିତ ବ୍ୟକ୍ତିଗତ ବ୍ୟୟ ଭତ୍ତା ବାବଦରେ ମୁଖ୍ୟମନ୍ତ୍ରୀ ୧ ଲକ୍ଷ ୮୩ ହଜାର ଟଙ୍କା, ଉପମୁଖ୍ୟମନ୍ତ୍ରୀ ୧ ଲକ୍ଷ ୮୧ ହଜାର ଟଙ୍କା, ମନ୍ତ୍ରୀ ୧ ଲକ୍ଷ ୭୯ ହଜାର ଟଙ୍କା, ରାଷ୍ଟ୍ରମନ୍ତ୍ରୀ ୧ ଲକ୍ଷ ୭୭ ହଜାର ଟଙ୍କା ଏବଂ ଉପମନ୍ତ୍ରୀ ୧ ଲକ୍ଷ ୭୫ ହଜାର ଟଙ୍କା ପାଇବେ। ବିଧାନସଭାର ବୈଠକ ସମୟରେ ବିଧାନସଭାରେ ଯୋଗଦେବା ଲାଗି ଦୈନିକ ଭତ୍ତା ୮୦୦ ଟଙ୍କା ଦିଆଯାଉଥିବାବେଳେ ଏବେ ୨ ହଜାର ଟଙ୍କା ମିଳିବ। ବାଚସ୍ପତି ଏବଂ ଉପବାଚସ୍ପତିଙ୍କର ଦରମା ଓ ଭତ୍ତା ମଧ ବୃଦ୍ଧି ମଧ ହାତ ଖୋଲି ଦେଇଛନ୍ତି ମୋହନ ସରକାର। ବାଚସ୍ପତି ପୂର୍ବରୁ ମୂଳ ବେତନ ୪୦,୫୦୦ ଟଙ୍କା ପାଉଥିଲେ ଓ ଏହାକୁ ୯୮ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିସହିତ ବିଧାନସଭା ଏବଂ ଏହାସହ ଜଡ଼ିତ କମିଟିରେ ଯୋଗଦେବା ପାଇଁ ବୈଠକ ଭତ୍ତା ବାବଦରେ ଦୈନିକ ୨ ହଜାର ଟଙ୍କା, କାର ରକ୍ଷଣାବେକ୍ଷଣ ପାଇଁ ମାସିକ ୮୯ ହଜାର ଟଙ୍କା, ବ୍ୟକ୍ତିଗତ ବ୍ୟୟ ଭତ୍ତା ଲାଗି ମାସକୁ ୧ ଲକ୍ଷ ୮୧ ହଜାର ଟଙ୍କା ଦିଆଯିବ।

## ପେନସନ୍ ୩୫ ହଜାରରୁ...

ଅତିରିକ୍ତ ପେନସନ ପ୍ରଦାନ କରାଯିବ। ପୂର୍ବରୁ ଏଥିପାଇଁ ସେମାନଙ୍କୁ ୨ ହଜାର ଟଙ୍କା ଲେଖାଏଁ ମିଳୁଥିଲା। ନୂଆ ଆଇନ ପରେ ପ୍ରତ୍ୟେକ ପୂର୍ବତନ ବିଧାୟକଙ୍କୁ ମାସକୁ ୧୨,୫୦୦ ଟଙ୍କା ଗସ୍ତ ଭତ୍ତା ଦିଆଯିବ। ଯେଉଁ ସଦସ୍ୟ ପ୍ରଥମଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି ଓ ସେହି ସମୟ ମଧ୍ୟରେ ତାଙ୍କର ଦେହାନ୍ତ ହୋଇଛି ତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ଏକକାଳୀନ ୨୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ। ପୂର୍ବତନ ବିଧାୟକମାନଙ୍କୁ ଚିକିତ୍ସା ଭତ୍ତା ବାବଦରେ ମାସିକ ୨ ହଜାର ଟଙ୍କା ବଦଳରେ ୨୫ ହଜାର ଟଙ୍କା ମିଳିବ। ସେହିପରି ଗସ୍ତ ଖର୍ଚ୍ଚ ବାବଦରେ ସେମାନଙ୍କୁ ୧୨୫୦୦ ଟଙ୍କା ମିଳିବ ବୋଲି ଜଣାପଡ଼ିଛି।

## ୧୮ କାର୍ଯ୍ୟଦିବସ...

ସୂଚନାଯୋଗ୍ୟ ଯେ ଏହି ଅଧିବେଶନ ଆସନ୍ତା ୩୧ ତାରିଖ ଯାଏଁ ଚାଲିବାକୁ ଥିବାବେଳେ ମୋଟ ୨୯ଟି କାର୍ଯ୍ୟ ଦିବସ ଧାର୍ଯ୍ୟ ହୋଇଥିଲା। ପ୍ରଥମ ଦିନରେ ବାଚସ୍ପତି ଦ୍ରୌପଦୀ ମୁର୍ମୁ ବିଧାନସଭା ଇତିହାସରେ ପ୍ରଥମଥର ପାଇଁ ସମ୍ବୋଧନ ରଖିଥିଲେ। ସେହିପରି ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୭୪୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ ଆଗତ କରିଥିବା ବେଳେ ଗତ ୮ ତାରିଖରେ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଗୃହର ସମ୍ମତି ଲାଭ କରିଥିଲା। ଏହି ଅଧିବେଶନରେ ଗୃହରେ ମୋଟ ୨୮ଟି ତାରକା ପ୍ରଶ୍ନର ଆଲୋଚନା ହୋଇଥିଲା। ୬ଟି ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇଥିବା ବେଳେ ୪ଟି ବାର୍ଷିକ ରିପୋର୍ଟ ଉପସ୍ଥାପନ ହୋଇଥିଲା। ସେହିପରି ୩ଟି କମିଟି ରିପୋର୍ଟ ଉପସ୍ଥାପନ, ୪ଟି ବିବୃତି ଉପସ୍ଥାପନ, ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଓ ଶେଷଦିନରେ ଦରମା ବୃଦ୍ଧି ବିଲକୁ ମିଶାଇ ମୋଟ ୭ଟି ବିଲ୍ ପାରିତ ହୋଇଥିବା ଜଣାପଡ଼ିଛି। ସେହିପରି ଅଧିବେଶନରେ ୨ଟି ସଂକଳ୍ପ, ୫ଟି ବିଭାଗର ଅତିରିକ୍ତ ଖର୍ଚ୍ଚଦାବୀ ଆଲୋଚନା ସହ ୩ଟି ସିଏଜି ରିପୋର୍ଟ ମଧ ଉପସ୍ଥାପିତ ହୋଇଛି।

## ବିଏଲଓଙ୍କୁ ସୁରକ୍ଷା...

କୌଣସି ତ୍ରୁଟିରେ ଏସଆଇଆର ପ୍ରକ୍ରିୟା ସଂପନ୍ନ କରିବା ଲାଗି ସୁନିଶ୍ଚିତ କରିବାକୁ ପଡ଼ିବ।

ପଶ୍ଚିମ ବଙ୍ଗରେ ବିଏଲଓଙ୍କୁ ଧମକ ମିଳୁଛି ବୋଲି ସନାତନୀ ସଂସଦ ପକ୍ଷରୁ ଆଗତ ପିଟିସନ ଉପରେ ସୁପ୍ରିମ କୋର୍ଟ ନିର୍ବାଚନ କମିସନ, କେନ୍ଦ୍ର ସରକାର ଓ ପଶ୍ଚିମ ବଙ୍ଗ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ନୋଟିସ ଜାରି କରିବା ବେଳେ ଜଷ୍ଟିସ ବାଗଚି ଆବେଦନକାରୀଙ୍କୁ ପ୍ରଶ୍ନ କରିଥିଲେ ଯେ ଏଭଳି ଧମକ କେବଳ କଣ ପଶ୍ଚିମ ବଙ୍ଗରେ ମିଳୁଛି? ରାଜ୍ୟରେ କେବଳ ଗୋଟିଏ ଏଫଆଇଆର ହୋଇଛି ଏବଂ ଏହାକୁ ସମଗ୍ର ରାଜ୍ୟ ପରିସ୍ଥିତି ବୋଲି କିପରି କୁହାଯିବ।

## କାଟିଦେଲେ ୧୦%...

ଇଣ୍ଡିଗୋ ଉପରେ ପଡ଼ିବ। ୧୦% ହିସାବରେ ପ୍ରାୟ ୨୦୦ରୁ ଅଧିକ ବିମାନ ଉଡ଼ାଣ ହ୍ରାସ କରିବାକୁ ହେବ। ସରକାରଙ୍କ ଏହି ନିଷ୍ପତ୍ତି ପରେ ଇଣ୍ଡିଗୋର ସେୟାର ମୂଲ୍ୟ ହ୍ରାସ ପାଇଥିବା ବେଳେ ସ୍ପାଇସଜେଟର ବୃଦ୍ଧି ପାଇଛି। ଏହା ସହିତ ବୁଧବାର ସନ୍ଧ୍ୟା ୫ଟା ସୁଦ୍ଧା ପରିବର୍ତ୍ତୀ ଉଡ଼ାଣ ତାଲିକା ଜମା କରିବାକୁ ଇଣ୍ଡିଗୋକୁ ଡିଜିସିଏ ନିର୍ଦ୍ଦେଶ ଦେଇଛି। ଅନ୍ୟପକ୍ଷରେ ବର୍ତ୍ତମାନ ସ୍ଥିତିର ଯାଞ୍ଚ ପାଇଁ କେନ୍ଦ୍ର ୧୦ଟି ବଡ଼ ବିମାନବନ୍ଦରରେ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ମୁତୟନ କରିଛି। ଯାତ୍ରୀ କେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଏମାନେ ସନ୍ଧାନ କରିବେ। ଏହି ଅଧିକାରୀ ଡେପୁଟି ସଚିବ, ନିର୍ଦ୍ଦେଶକ ଏବଂ ଯୁଗ୍ମ ସଚିବ ସ୍ତରର। ମୁମ୍ବଇ, ବେଙ୍ଗାଲୁରୁ, ହାଇଦରାବାଦ, କୋଲକାତା, ଚେନ୍ନଇ, ଅହମଦାବାଦ, ପୁନେ, ଗୌହାଟୀ, ଗୋଆ ଏବଂ ତିରୁଅନନ୍ତପୁରମରେ ଏହି ଅଧିକାରୀଙ୍କୁ ମୁତୟନ କରାଯାଇଛି

## ମାଟି ମୁଣ୍ଡ...

ହେବା ପର୍ଯ୍ୟନ୍ତ ସିସିଟିଭି ଓ ପୁଲିସ ଦୁଇ ଗାଁ ଉପରେ ତୀକ୍ଷ୍ଣ ନଜର ରଖିବ ବୋଲି ବୈଠକରେ ଆଲୋଚନା ହୋଇଛି। ବୈଠକରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଡିଆଇଜି ଡକ୍ଟର କନୱର୍ ବିଶାଳ ସିଂ, ଏସ୍‌ପି ବିନୋଦ ପାଟିଲ ଏଚ୍ ପ୍ରମୁଖ ଉପସ୍ଥିତ ଥିଲେ।

ଅପରପକ୍ଷେ, ଉଭୟ ଗ୍ରାମରେ ପୁଲିସ୍ ଛାଉଣୀ ହୋଇଥିବାରୁ ଆଜି ଘରପୋଡ଼ି, ମାରପିଟ୍ ଭଳି ହିଂସାକାଣ୍ଡ ଘଟିନାହିଁ। ଏହି ଘଟଣାରେ ପୁଲିସ ଆଜି ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ, ଏମ୍‌ଭି ୨୬ ଗ୍ରାମର ସୁଖରଂଜନ ମଣ୍ଡ। ଗତକାଲି ସନ୍ଧ୍ୟା ୬ଟାରୁ ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ ରହିଥିବା ବେଳେ ବର୍ତ୍ତମାନ ସ୍ଥିତିକୁ ଆଖି ଆଗରେ ରଖି ଆସନ୍ତାକାଲି ୧୨ଟା ଯାଏଁ ଏହାକୁ ବଳବତ୍ତର ରଖାଯାଇଛି।

ସୂଚନାନୁଯାୟୀ, ରାଖେଳଗୁଡ଼ାର ବିଧବା ଲୋକେ ପଡ଼ିଆମି ଗତ ୧ ତାରିଖ ଦିନ ଜମିକୁ କାମ କରିବାକୁ ଯାଇ ଆଉ ଘରକୁ ଫେରିନଥିଲେ। ଦୁଇ ଦିନ ପରେ ମହିଳାଙ୍କ ମୁଣ୍ଡବିହୀନ ଶବ ପୋଟେରୁ ନଦୀର ଡୁଡୁମେଟଲା ଗ୍ରାମର ମଶାଣି ନିକଟସ୍ଥ ଏକ ଗଛ କଡ଼ରୁ ଉଦ୍ଧାର ହୋଇଥିଲା। ଲୋକେଙ୍କ ସହ ଏମ୍‌ଭି-୨୬ ଗ୍ରାମର ୩ଜଣଙ୍କ ଜମିବାଡ଼ି ବିବାଦ ଥିବାରୁ ତାଙ୍କୁ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଛି ବୋଲି ରାଖେଳଗୁଡ଼ା ଗ୍ରାମବାସୀ ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଦୁଇ ଗାଁ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ରାଖେଳଗୁଡା ଏବଂ ଏହାର ଆଖପାଖ ଗ୍ରାମର ଗ୍ରାମବାସୀ ୨ ଦିନ ଧରି ଏମଭି-୨୬ ଗ୍ରାମରେ ନିଆଁ ଲଗାଇ ସବୁ କିଛି ଧୂଳିସାତ୍ କରିଦେଇଥିଲେ। ଏମଭି-୨୬ ଗ୍ରାମର ମୋଟ ୧୮୮ ଘର ମଧ୍ୟରୁ ୧୬୩ ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

ଆଜି ଜିଲ୍ଲାପାଳ ଏମଭି-୨୬ ଗ୍ରାମରେ ପହଞ୍ଚି ସ୍ଥିତି ତଦାରଖ କରିଛନ୍ତି। ରାଜ୍ୟ ସରକାରଙ୍କ ପାଣ୍ଠି ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ମୃତ ମହିଳାଙ୍କ ପରିବାରକୁ ମୋଟ ୪ ଲକ୍ଷ ୩୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରାଯାଇଛି। ସେହିପରି ଆଗାମୀ ଦିନରେ ସମ୍ପୂର୍ଣ୍ଣ କ୍ଷୟକ୍ଷତିର ଆକଳନ କରି ସରକାରଙ୍କ ନୀତି ନିୟମ ଅନୁଯାୟୀ ଏମ୍‌ଭି ୨୬ ଗ୍ରାମର ଲୋକଙ୍କୁ ସହାୟତା ରାଶି ପ୍ରଦାନ କରିବାକୁ କୁହାଯାଇଛି।

ଇତିମଧ୍ୟରେ ଆଦିବାସୀ ମହାସଂଘ ସଭାପତି ବନ୍ଧୁ ମୁଦୁଲି ପ୍ରଶାସନ ନିକଟରେ ୭ ଗୋଟି ଦାବି ରଖିଛନ୍ତି। ତନ୍ମଧ୍ୟରୁ, ମୁଖ୍ୟତଃ ୩୦ଦିନ ମଧ୍ୟରେ ଦୋଷୀକୁ ଧରିବା ସହ ତାକୁ ଫାଶୀଦଣ୍ଡରେ ଦଣ୍ଡିତ କରିବା, ସରକାରଙ୍କ ପକ୍ଷରୁ ମୃତ ମହିଳାଙ୍କ ପରିବାରବର୍ଗଙ୍କୁ ୩୦ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, ଦୋଷୀଙ୍କ ପରିବାରବର୍ଗଙ୍କୁ ମାଲକାନଗିରି ଜିଲ୍ଲାରୁ ତଡ଼ିବା, ବାଂଲାଦେଶ ଅନୁପ୍ରବେଶକାରୀଙ୍କୁ ଜିଲ୍ଲାରୁ ତଡ଼ିବା ଏବଂ ଯେଉଁ ବଙ୍ଗୀୟ ନାଗରିକ ସରକାରୀ ପ୍ରଦତ୍ତ ଜମି ବ୍ୟତୀତ ଅନ୍ୟ ଜମି ଜବରଦଖଲ କରିଛନ୍ତି, ତାହାକୁ ଗ୍ରାମସଭାକୁ ହସ୍ତାନ୍ତର କରିବେ।

ଆଦିବାସୀ ପରମ୍ପରା ଅନୁଯାୟୀ, ମୁଣ୍ଡ ନଥିଲେ ଶବ ସତ୍କାର ସମ୍ଭବ ନୁହେଁ। ତେଣୁ ମୃତ ମହିଳାଙ୍କ ଲାଗି ମାଟିର ଏକ ମୁଣ୍ଡ ତିଆରି କରାଯାଇଥିଲା। ଉକ୍ତ ମୁଣ୍ଡକୁ ଲଗାଇ ଆଜି ପରମ୍ପରା ଅନୁଯାୟୀ ଶବ ସତ୍କାର କରାଯାଇଛି। ଶବ ସତ୍କାର ବେଳେ ଘଟଣାସ୍ଥଳରେ ପୁଲିସ ଡିଆଇଜି ଡକ୍ଟର କନୱର୍ ବିଶାଳ ସିଂ, ଏସ୍‌ପି ବିନୋଦ ପାଟିଲ ଏଚ୍, ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟଙ୍କ ସମେତ ପୁଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୧୦ ଡିଗ୍ରୀ ତଳେ...

ଶୁଷ୍କ ବାୟୁ ପ୍ରଭାବରେ ୧୨ ଯାଏଁ ଶୀତ ଲହରୀ ଜାରି ରହିବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ବୁଧବାର ଝାରସୁଗଡ଼ା, ଅନୁଗୁଳ, ସୁନ୍ଦରଗଡ଼, ସୋନପୁର, କଳାହାଣ୍ଡି, କନ୍ଧମାଳ ଓ କୋରାପୁଟରେ ପ୍ରବଳ ଶୀତ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଅନ୍ୟପଟେ ଦୁଇ ଦିନ ଯାଏଁ ବିଭିନ୍ନ ଜିଲ୍ଲାରେ ଘନ କୁହୁଡ଼ି ସ୍ଥିତିର ମଧ ଆଶଙ୍କା ରହିଛି। ସୁନ୍ଦରଗଡ଼, କନ୍ଧମାଳ ଓ ଝାରସୁଗୁଡ଼ାରେ କୁହୁଡ଼ି ପ୍ରଭାବ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

## ଭାଙ୍ଗିଲା ଦାଦନମୁକ୍ତ...

ସ୍ତରରେ ସ୍ୱେଚ୍ଛାକୃତ ପଞ୍ଜିକରଣ ବ୍ୟବସ୍ଥା, ସଚେତନତା କାର୍ଯ୍ୟକ୍ରମ, ପୁଲିସ ସହଯୋଗରେ ବେଆଇନ ଶ୍ରମିକ ନିଯୁକ୍ତି ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ପ୍ରବାସୀ ଶ୍ରମିକଙ୍କ ପିଲାମାନଙ୍କ ପାଇଁ ଋତୁକାଳୀନ ଛାତ୍ରାବାସର ବ୍ୟବସ୍ଥା ଇତ୍ୟାଦି କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ହେଲେ ରାଜ୍ୟର ଦାଦନ ଜନିତ ସମସ୍ୟା ସମ୍ପର୍କରେ ସ୍ୱେଚ୍ଛାସେବୀ ଓ ସାମାଜିକ କର୍ମୀଙ୍କୁ ସରକାରଙ୍କ ଉତ୍ତର ସନ୍ତୁଷ୍ଟ କରିପାରିନାହିଁ। ଦାଦନ ଗବେଷକ ତଥା ସାମାଜିକ କର୍ମୀ ଉମି ଡାନିଏଲ୍ କହିଛନ୍ତି ଯେ ସରକାର ଯେଉଁ ତଥ୍ୟ ଦେଇଛନ୍ତି ଏଥିରେ ବଲାଙ୍ଗିର ଜିଲ୍ଲାରେ ଅଧାରୁ ଅଧିକ ଶ୍ରମିକ ରହିଛନ୍ତି। ଅର୍ଥାତ୍ ଏଠାରେ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଅଧିନିୟମ ଅନୁଯାୟୀ ପଞ୍ଜିକରଣ ବ୍ୟବସ୍ଥା ଲାଗୁ ହୋଇଛି। ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲାରୁ ସୁରତରେ ଦେଢ଼ ଲକ୍ଷରୁ ଅଧିକ ଶ୍ରମିକ କାର୍ଯ୍ୟ କରୁଥିବାବେଳେ ସରକାରୀ ଭାବେ ଏହି ସଂଖ୍ୟା ୨୫୫୩ ବୋଲି ଦର୍ଶାଯାଇଛି। କୋଭିଡ୍ ସମୟରେ ରାଜ୍ୟକୁ ୧୦ ଲକ୍ଷ ପ୍ରବାସୀ ଶ୍ରମିକ ଫେରିଥିଲେ। ସେ ସମୟରେ ସରକାର ଜିଲ୍ଲାୱାରୀ ତାଲିକା ଜାରି କରିଥିଲେ। ମାତ୍ର ବର୍ତ୍ତମାନ କେବଳ ପଞ୍ଜିକୃତ ତଥ୍ୟ ଜାରି କରାଯାଉଛି। ରାଜ୍ୟ ସରକାର ଦାଦନ ସମସ୍ୟା ରୋକିବାକୁ ଏକ କମିଟି କରିଛନ୍ତି। ଏହା ସହ ଏକ ବଡ଼ ପଦକ୍ଷେପ ଭାବେ କିଛି ଜିଲ୍ଲାରେ 'ଏମ୍‌ଜିଏନ୍‌ଆରଇଜିଏସ୍' କାମ ୩୦୦ ଦିନ ପାଇଁ ଘୋଷଣା କରିଛନ୍ତି। ମାତ୍ର ବର୍ତ୍ତମାନ କେନ୍ଦ୍ର ସରକାର 'ଏମ୍‌ଜିଏନ୍‌ଆରଇଜିଏସ୍'ରେ ଅର୍ଥ କମାଇବାରେ ଲାଗିଛନ୍ତି। ଏହାଛଡ଼ା ରାଜ୍ୟ ସରକାର ମଧ ନିଜସ୍ୱ ବଜେଟ୍‌ରେ ଏନେଇ କୌଣସି ବଜେଟ୍ ବ୍ୟବସ୍ଥା କରି ନାହାନ୍ତି। ତେଣୁ ଏହା କେମେତ ଫଳପ୍ରଦ ହେବ ତାକୁ ନେଇ ଉମି ଡାନିଏଲ୍ ସନ୍ଦେହ ପ୍ରକଟ କରିଛନ୍ତି।

**NOTICE**

By virtue of an affidavit sworn before Executive Magistrate, Kutra, dated 07.11.2025, I, PUJA BAHALA, D/o CHANDRA BAHALA, permanent resident of Vill.-Gairbahal, P.O.-Gairbahal, P.S.-Kutra, Dist.-Sundargarh, PIN-770018, declare that I have changed my name from PANDREE BAHALA to PUJA BAHALA.Henceforth, I shall be known as PUJA BAHALA for all purposes.
PUJA BAHALA

**FOR SALE**

1 Number of TATA INTRA V-50 (SCV), Registration No.- OD-01-AZ-3938, Model- 2024, ENGINE NO – 15CR12KVXSA9757, CHASSIS NO - MAT535508RYK39842, For Details, contact – 88959 97418, 94375 77758, SUNDARAM FINANCE LTD., First floor, Choudhury Complex, SAHADEVKHUNTA, BALASORE,756001, PH. NO- 06782-266657

**VEHICLE FOR SALE**

HONDA AMAZE CAR, Model - 2023, Registration No- OD-34-T-0229, in as is where is condition, Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days.

**AFFIDAVIT**

By virtue of an affidavit before the Notary Public, Bhubaneswar on dtd. 08.12.2025, I, Debiprasad Moharana, resident of At-Gadarodanga, Dist- Puri, Odisha-752011 have changed my minor son's name from Jyansh Moharana to Sivansh Moharana. Henceforth he shall be known as Sivansh Moharana for all purposes.
Sd/- Debiprasad Moharana

**AFFIDAVIT**

By virtue of an affidavit before the Notary Public, Bhubaneswar on dtd. 08.12.2025, I, Atul Kumar Sahu, resident of Qtr. No. J1B/33, Po: South Balanda, Ps: Balanda, Talcher, Dist.: Angul, Odisha-759116 have changed my minor son's name from Udit Sahu to UDIT P KR SAHOO. Henceforth he shall be known as **UDIT P KR SAHOO** Moharana for all purposes.
Sd/- Atul Kumar Sahu

**LOST**

I Gangadhar Meher(65) years, S/o Bipin Meher of Vill- Bandhanjhuli, Po-Damamunda,Ps-Manamunda, Dist.: Boudh (Odisha) have lost Registered ROR(Patta) vide khata no.105/02, Mouja-Bandhanjhuli issued by Sub-Register office, Kantamal. The said registered deed was misplaced somewhere on 02/06/2025 at evening about 7pm while I am coming from Bandhanjhuli to Manamunda on the way and not able to track out the same. If any body found please contact Advocate Dipti Ranjan Baral, Mob:7008424871.

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 05.12.2025, I Sushant Swain, S/o- Trinath Swain perment resident At- Baulaghai, Dengapadar, Dist- Ganjam, Odisha, PIN-761146, declare that I have changed my sons name from Rudra Swain to Badal Swain, henceforth, he shall be known as **BADAL SWAIN** for all purposes.
Sushant Swain

**NOTICE (FOR MINOR)**

By virtue of an affidavit sworn before Notary Public, Bhubaneswar, dated 08.12.2025, I, Suparna Kumar Mohanty, Address: At- Kuansh, PO/Ps./Dist: Bhadrak, Odisha - 756100 declare that I have changed the name of my minor daughter from Annkhita S Mohanty to Annkhita Sammiksha Mohanty. Henceforth, she shall be known as **Annkhita Sammiksha Mohanty** for all purposes.

**ବିଜ୍ଞପ୍ତି**

ଏତଦ୍ୱାରା M/s. Kandhal Indane Gramin Vitrakର ସମସ୍ତ ଉପଭୋକ୍ତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଯେ, ଉକ୍ତ ଉପଭୋକ୍ତାମାନଙ୍କ ଗ୍ୟାସ ସେବା ପାଇଁ ନିମ୍ନଲିଖିତ M/s ମାରୁତି ଇଣ୍ଡେନ୍ ଗ୍ରାମିଣ ବିତରକ ସହିତ ଯୋଗାଯୋଗ କରନ୍ତୁ।
M/s Maruti Indane Gramin Vitrak
At/Po/Ps-Kundheigola, Taluka-Reamal, District-Debagrah, State- Odisha, Pin-768109, Ph. No.-7749005400 (Prop.-Satyabrata Dalbehera)
ଧନ୍ୟବାଦ୍

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M )
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M )
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

**ମାନ୍ୟବର ସଦସ୍ୟଙ୍କ କୋର୍ଟରେ**
**ଦ୍ୱିତୀୟ ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ଟ୍ରାଇବୁନାଲ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ**
**M.A.C. ନଂ. 81/2025 (307/2024)**
ପ୍ରାପ୍ତେଷୁ,
ଶ୍ରୀ ପବିତ୍ର ଦାସ, ପିତା: ରାଜେଶ୍ୱର ଦାସ
ଗ୍ରାମ/ପୋ: ସୁନାଦେଇ, ଭାୟା/ଥାନା: ଗୋଳନ୍ଥରା
ଜିଲ୍ଲା ଗଞ୍ଜାମ, ଓଡ଼ିଶା, ପିନ୍: ୭୬୧୦୦୮
ଯେତେବେଳେ ଏହା କୋର୍ଟର ସନ୍ତୁଷ୍ଟି ଅନୁଯାୟୀ ପ୍ରମାଣିତ ହୋଇଛି ଯେ ଉପରୋକ୍ତ ପ୍ରତିବାଦୀଙ୍କୁ ୩ ଥର ନୋଟିସ୍ ସାଧାରଣ ସେବା ପଦ୍ଧତିରେ ପ୍ରଦାନ କରାଯାଇପାରିବ ନାହିଁ। ତେଣୁ ଏହି ଘୋଷଣାନାମା CPC ର ଆଦେଶ, ନିୟମ (22) ଅନୁଯାୟୀ ତାଙ୍କୁ ତା ୨୨ ଡିସେମ୍ବର ମାସ ୨୦୨୫ ତାରିଖ ସକାଳ ୧୦ ଟାରେ ଏହି ଟ୍ରିବ୍ୟୁନାଲ୍ ସମ୍ମୁଖରେ ବ୍ୟକ୍ତିଗତ ଭାବରେ କିମ୍ବା ତାଙ୍କ ଓକିଲଙ୍କ ମାଧ୍ୟମରେ ହାଜର ହେବା ପାଇଁ ଜାରି କରାଯାଇଛି।
ଧ୍ୟାନ ଦିଅନ୍ତୁ ଯେ ଉପରେ ଉଲ୍ଲେଖ କରାଯାଇଥିବା ପୂର୍ବ ଦିନ ଆପଣ ହାଜର ନହେଲେ, ଉକ୍ତ ମାମଲାଟି ଆପଣଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ଶୁଣାଣି ଏବଂ ନିର୍ଣ୍ଣୟ କରାଯିବ।
ଏହି ତା. ୫ ଡିସେମ୍ବର ମାସ ୨୦୨୫ ରେ ମୋ ହାତରେ ଏବଂ କୋର୍ଟର ମୋହର ରେ ପ୍ରଦାନ କରାଯାଇଛି।
**ଦ୍ୱିତୀୟ ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ଟ୍ରାଇବୁନାଲ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ**

O-1739
**GOVT.OFODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR**
e-mail ID :- eerwrairangpur@yahoo.com
"e" procurement notice for Building works
Bid identification No- RWDRRP-17 of 2025-26
1. Name of the work : maintenance of non residencial building for the year 2025-26
2. Estimate Cost : Rs. 2.94 lakhs 4.20 (approximately)
3. Class of Contractor : "D" & "C" Class or relevant of works license.
4. Period of Completion : 01 (One) calendar months
5. Tender Paper Cost : As per Annexure
The details are as follows:-

| Procurement Officer | Bid Identification No | Availability of tender On-line for bidding | | Last Date& Time of seeking Tender Clarification | Date &Time of Opening of Tender in O/O Superintending Engineer, Rural Works Division, Rairangpur |
|---|---|---|---|---|---|
| | | From | To | | |
| S.E.R.W Division, Rairangpur. | RWDRRP-17/2025-26 | 11.12.2025 at 11.00 A.M. | 20.12.2025 Up to 5.00 P.M. | 19.12.2025 Up to 5.00 P.M. | 22.12.2025 at 11.30 A.M |

Further details can be seen from the website www.tendersodisha.gov.in
-Sd-
Er. Sanjeet Naik
Executive Engineer,
R.W. Division, Rairangpur.
OIPR-25107/11/0035/2526

RR-34
OFFICE OF THE PRINCIPAL
**B.K.COLLEGE OF ART & CRAFTS**
Department of Odia Language, Literature & Culture, Government of Odisha
Tapovan, Khandagiri, Bhubaneswar-751030. Phone: 0674-2386434, Email: bkartcollege@gmail.com
ବିଭୁତି କାନୁନ୍‌ଗୋ ଚାରୁ ଓ କାରୁ କଳା ମହାବିଦ୍ୟାଳୟ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ADVERTISEMENT
B. K. College of Art & Crafts, Bhubaneswar intends to purchase of books for College Library during the year 2025-26. The books would be exclusively on Fine Arts, Applied Art, Art History, Architecture, Culture, Pottery & Ceramic, Crafts ,Decorative Design, Interior Decoration, Computer, Logo, Calligraphy, Indological Philosophical, Aesthetic both Indian and Western and Far eastern.
The intending Book Sellers/Firms are requested to submit their recent catalogue to the undersigned on or before 17th December 2025 for selection of books.
The recent catalogue received after the stipulated date shall not be entertained.
Principal
B.K.College of Art & Crafts,
Khandagiri,Bhubaneswar-30
Website:bkartcollege@gmail.com
OIPR-03010/11/0001/2526

### ପାରଳା ରେଳଷ୍ଟେସନର ନବୀକରଣ

# ବିଜୁଳି ଗଲେ ଷ୍ଟେସନ୍‌ରେ କିଟିକିଟି ଅନ୍ଧାର

ପାରଳାଖେମୁଣ୍ଡି, ୯ ।୧୨(ସମିସ):






ପାରଳାଖେମୁଣ୍ଡି ରେଳ ଷ୍ଟେସନକୁ ଅମୃତ ଭାରତ ଯୋଜନାରେ ସାମିଲ କରି ନୂତନ ଭାବେ ନିର୍ମାଣ ରେଳ ବିଭାଗ କରୁଛି। ଉଦ୍‌ଘାଟନ ପୂର୍ବରୁ ବିଭିନ୍ନ କାମର ଶେଷ ସ୍ପର୍ଶ ଦିଆଯାଉଛି। ଷ୍ଟେସନର ସୌନ୍ଦର୍ଯ୍ୟକରଣ ଠାରୁ ଆରମ୍ଭ କରି ଦୁଇ ପ୍ଲାଟଫର୍ମ, କାର୍ଯ୍ୟାଳୟ କୋଠା ଚକାଚକ୍ କରାଯାଇଛି। ରାତିରେ ରଙ୍ଗବେରଙ୍ଗ ଆଲୋକରେ ଝଲସୁଛି ରେଳଷ୍ଟେସନ। ହେଲେ ଯାତ୍ରୀଙ୍କ ପାଇଁ ଗାଡି ପାର୍କିଂ ବ୍ୟବସ୍ଥା, ରେଳଷ୍ଟେସନ ପରିସରର ରାସ୍ତା ନିର୍ମାଣରେ ତ୍ରୁଟି ଓ ସନ୍ଧ୍ୟା ବା ରାତ୍ର ସମୟରେ ସଠିକ୍ ବିଦ୍ୟୁତସେବା ଯୋଗାଣରେ ତ୍ରୁଟି ପରିଲକ୍ଷିତ ହୋଇଛି। ଯାତ୍ରୀଙ୍କ ସୁବିଧା ଲାଗି ଗାଡ଼ି ପାର୍କିଂ ବ୍ୟବସ୍ଥା କରାଯାଇଛି। ଶହ ଶହ ଗାଡ଼ି ପାର୍କିଂ ପାଇଁ ସୁବ୍ୟବସ୍ଥା ହୋଇଛି। ହେଲେ ପାର୍କିଂ ସ୍ଥଳରେ ଛାତ ନ ଥିବାରୁ ଗାଡି ଖୋଲାମେଲାରେ ଖରା, ବର୍ଷା, ଶୀତ କାକରରେ ପଡ଼ିରହୁଛି। ଏଥିରେ ଗାଡ଼ି ଖରାପ ହୋଇଯାଉଥିବା ଅଭିଯୋଗ ହେଉଛି। ଏପରିକି କିଛି ଯାତ୍ରୀ ଦୁଇରୁ ତିନି ଦିନ ଧରି ଗାଡ଼ି ରଖି ଯାଉଛନ୍ତି। ଏବାବଦରେ ପାର୍କିଂ ଫି' ମଧ ପୈଠ କରୁଛନ୍ତି। କିନ୍ତୁ ଖୋଲାମେଲାରେ ପାର୍କିଂ ହେଉଥିବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ରେଳଷ୍ଟେସନ ପରିସରରେ ନବନିର୍ମିତ ରାସ୍ତା ଚିକ୍କଣ ଦିଶୁଛି, ହେଲେ ନିର୍ମାଣ ନିମ୍ନମାନର ହୋଇଥିବାରୁ କେତେକାଂଶରେ ଘାସ ବାହାରୁ ଥିବା ଦେଖିବାକୁ ମିଳୁଛି। ସେହିପରି ରେଳଷ୍ଟେସନରେ ରାତିରେ ଠିକ୍ ଭାବେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉନଥିବା ମଧ ଅଭିଯୋଗ ହୋଇଛି। ବେଳେ ବେଳେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ହେଉଥିବାରୁ ଏହି ସମୟରେ ଟ୍ରେନ୍ ଆସିଲେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର

## ଖୋଲାରେ ଗାଡ଼ି ପାର୍କିଂକୁ ନେଇ ଅସନ୍ତୋଷ

ସମ୍ମୁଖୀନ ହେଉଛନ୍ତି। ଷ୍ଟେସନ ପରିସର ଅନ୍ଧକାରମୟ ହୋଇପଡୁଥିବା ଯୋଗୁ ଯାତ୍ରୀମାନେ ଅନ୍ଧାରରେ ପଡ଼ିଉଠି ଯାତାୟାତ କରୁଥିବା ପ୍ରକାଶ କରିଛନ୍ତି।

ପାରଳାଖେମୁଣ୍ଡି ଷ୍ଟେସନ ଏହି ଅଞ୍ଚଳର ଏକ ବଡ଼ ରେଳଷ୍ଟେସନ ହୋଇଥିଲେ ହେଁ, ଏହି ଷ୍ଟେସନ ଦେଇ ଚଳାଚଳ କରୁଥିବା ଟ୍ରେନ୍ ମାତ୍ର ଦୁଇ ମିନିଟ ପାଇଁ ରହଣି କରୁଛି। ଏଠାରେ ଯାତ୍ରୀଙ୍କ ସଂଖ୍ୟା ଅଧିକ୍ ରହିଛି। ଷ୍ଟେସନରେ ବାର୍ଷିକ ହାରାହାରି ତିନି କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟିକଟ ବିକ୍ରି ହେଉଥିବା ବେଳେ ଯାତ୍ରୀଙ୍କ ସଂଖ୍ୟା ମଧ ଅଧିକ ରହିଛି। ତେଣୁ ଏଠାରେ ଦୁଇ ମିନିଟ ବଦଳରେ ୫ ମିନିଟ୍ ରହଣି ପାଇଁ ଦାବି କରିଛନ୍ତି ବହୁ ଯାତ୍ରୀ। ସେହିଭଳି ଅଞ୍ଚଳବାସୀଙ୍କ ପକ୍ଷରୁ ହାଇଦରାବାଦ ତଥା ସିକନ୍ଦରାବାଦ୍‌କୁ ଟ୍ରେନ୍ ଚଳାଚଳ ପାଇଁ ବାରମ୍ବାର ଦାବି ହେଉଥିଲେ ହେଁ ଏଥିପ୍ରତି ରେଳ ବିଭାଗ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଆଜି ସୁଦ୍ଧା ଯେତିକି କାମ ହୋଇଛି ତାହା ଅତ୍ୟନ୍ତ ସନ୍ତୋଷଜନକ ବୋଲି ମତ ପ୍ରକାଶ ପାଉଥିବା ବେଳେ ଷ୍ଟେସନର ଏପରି କେତେକ ଅସୁବିଧାକୁ ସୁଧାରିବାପାଇଁ ମତପ୍ରକାଶ ପାଇଛି।

ଅନ୍ୟପକ୍ଷରେ ନୌପଡ଼ା-ପାରଳାଖେମୁଣ୍ଡି-ଗୁଣପୁର ରେଳପଥର ୬ଟି ଷ୍ଟେସନରେ ଟ୍ରେନକ୍ରସିଂ ବ୍ୟବସ୍ଥା ସହ ୨ଲେଖାଏଁ ପ୍ଲାଟଫର୍ମ ଏବଂ ଫୁଟ ଓଭରବ୍ରିଜ୍ ନିର୍ମାଣ ହେବ। ଏନେଇ ରେଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ରେଳପଥକୁ ଅଗ୍ରାଧିକାର ଭିତ୍ତରେ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିବା ଜଣାପଡ଼ିଛି। ବିଭିନ୍ନ ସମୟରେ କାଶୀନଗର ଏବଂ ତେମ୍ମୁରଠାରେ କ୍ରସିଂ ପାଇଁ ଦାବି ହୋଇ ଆସୁଥିବାବେଳେ ବର୍ତ୍ତମାନ ୬ଟି ଷ୍ଟେସନରେ କ୍ରସିଂ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ରେଳ ବିଭାଗ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି। ପାରଳାଖେମୁଣ୍ଡି-ଗୁଣୁପୁର ମଧ୍ୟରେ ବଂଶଧାରା, କାଶୀନଗର କ୍ରସିଂ ସହ ୨ ଗୋଟି ପ୍ଲାଟଫର୍ମ, ସେହିପରି କେ.ସୀତାପୁରରେ ଦୁଇଟି ପ୍ଲାଟଫର୍ମ ସହ ଫୁଟ୍ ଓଭରବ୍ରିଜ୍ ଏବଂ ଟ୍ରେନ କ୍ରସିଂ, ସେହିଭଳି ପାରଳାଖେମୁଣ୍ଡି-ନୌପଡ଼ା ମଧ୍ୟରେ ପୁରୁଣାପାଟଣାରେ ନୂତନ କ୍ରସିଂ ସହ ଦୁଇ ପ୍ଲାଟଫର୍ମ, ତେମ୍ମୁର ଠାରେ ଟ୍ରେନ କ୍ରସିଂ ସହ ଦୁଇ ପ୍ଲାଟଫର୍ମ ଏବଂ ଟେକାଲିରେ କ୍ରସିଂ ସହ ପ୍ଲାଟଫର୍ମ ନିର୍ମାଣ କରାଯିବ ବୋଲି ରେଳ ବିଭାଗ ପକ୍ଷରୁ ଗତ ୨୮ ତାରିଖରେ ପ୍ରକାଶ ପାଇଥିବା ବିଜ୍ଞପ୍ତି ପ୍ରକାରେ ଜଣାପଡିଛି। ଏହା ସହ ପ୍ରତି ଷ୍ଟେସନରେ କମ୍ପ୍ୟୁଟରାଇଜେଡ୍ ଟିକେଟ ବିକ୍ରି ହେବ। ଏହା ଫଳରେ ଟ୍ରେନଗୁଡିକ ଚଳାଚଳରେ ବିଳମ୍ବ ହେବ ନାହିଁ। ନୂତନ ଟ୍ରେନ ଆସିବାରେ ଏଣିକି ରାସ୍ତା ଫିଟିବ ବୋଲି କୁହାଯାଉଛି।

## ଗୋଆରେ ଦାଦନ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ମୋହନା, ୯।୧୨(ସମିସ): ଦାଦନ ଖଟିବାକୁ ଯାଇ ଗୋଆରେ ଯୁବକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ମୃତକ ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ଲିଲିଗଡ ପଞ୍ଚାୟତ ଡେଙ୍ଗାଆମ୍ବ ଗାଁର ସନ୍ୟା ମଲ୍ଲିକଙ୍କ ପୁଅ ଜୟ ମଲ୍ଲିକ। ବର୍ଷେ ତଳେ ସେ ଗୋଆ ଯାଇ ଏକ ହୋଟେଲରେ ୱେଟର କାମ କରୁଥିଲେ। ଚଳିତ ମାସ ୬ ତାରିଖ ସନ୍ଧ୍ୟାରେ ଓଲ୍ଡ ଗୋଆ ପୁଲିସ ଷ୍ଟେସନ ନିକଟରେ ଥିବା "ସାମ୍ବାର' ନାମକ ଏକ ହୋଟେଲର ବାଥରୁମ୍ ପାଇପରୁ ଜୟଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ଗୋଆ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରି ଅଧିକ ତଦନ୍ତ ଚଳାଇଛି।




ଅନ୍ୟପଟେ କିଭଳି ଏତେ କମ ଉଚ୍ଚତାରେ ଜଣେ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିପାରିବ ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହା ହତ୍ୟା ନା ଆତ୍ମହତ୍ୟା ତାର ତଦନ୍ତ ପାଇଁ ଦାବି କରିଛନ୍ତି ପରିବାରବର୍ଗ। ମଙ୍ଗଳବାର ଅପରାହ୍ନରେ ଜୟଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଜୟଙ୍କ ପରିବାର ବର୍ଗଙ୍କୁ ଆବଶ୍ୟକ କ୍ଷତିପୂରଣ ଯୋଗାଇବା ପାଇଁ ଦଗ୍ରାମବାସୀ ଦାବି କରିଛନ୍ତି।

## ଆଲିଗଣ୍ଡା ଧର୍ମାଞ୍ଚଳରେ ମା' ମାରୀୟାଙ୍କ ପର୍ବ



ମୋହନା, ୯।୧୨(ସମିସ): ମୋହନା ବ୍ଲକ ଆଲିଗଣ୍ଡା ଧର୍ମାଞ୍ଚଳରେ ବିମଳା ଗର୍ଭସମ୍ଭୁତା ମା ମାରୀୟାଙ୍କ ପର୍ବ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ପର୍ବରେ ବ୍ରହ୍ମପୁର ଧର୍ମପ୍ରଦେଶର ଧର୍ମାଧ୍ୟକ୍ଷ ଡ଼.ଶରତ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦାନ କରି ସମିଳିତ ମହାଦିବ୍ୟଯଜ୍ଞ ପୌରହିତ୍ୟ କରିବା ସହ ମା ମେରୀଙ୍କ ବାକ୍ୟ ପ୍ରଚାର କରିଥିଲେ। ଏହି ମହାଦିବ୍ୟଯଜ୍ଞରେ ବିଭିନ୍ନ ଧର୍ମାଞ୍ଚଳରୁ ଯାଜକ ଗଣ, ସେବାଭଗ୍ନୀ ଗଣ ଓ ଖ୍ରୀଷ୍ଟ ବିଶ୍ୱାସୀ ବିଭିନ୍ନ ପ୍ରକାର ମାନସିକ ମନସ୍କାମନା ନେଇ ମାଙ୍କ ନିକଟରେ ହଜାର ହଜାର ସଂଖ୍ୟା ରେ ଯୋଗଦାନ କରିଥିଲେ। ଏହି ଯଜ୍ଞରେ ଧର୍ମାଞ୍ଚଳର ସହକାରୀ ଯାଜକ ଦୀନବନ୍ଧୁ ନାୟକଙ୍କ ଉପସ୍ଥିତିରେ ଯୁବକ ଓ ଯୁବତୀଙ୍କୁ ନେଇ ଆଧ୍ୟାତ୍ମିକ ସଂଗୀତ ଗାନ କରିବା ସହ ନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଖ୍ରୀଷ୍ଟ ଧର୍ମୀ କ୍ୟାଣ୍ଡେଲ ଧରି ବିମଳା ଗର୍ଭସମ୍ଭୁତା ମା ମାରୀୟାଙ୍କ ପ୍ରତିମୂର୍ତ୍ତିକୁ ନେଇ ଏକ ଶୋଭାଯାତ୍ରା କରିଥିଲେ। ଏହି ସବୁ କାର୍ଯ୍ୟକ୍ରମକୁ ଧର୍ମାଞ୍ଚଳର ମୁଖ୍ୟଯାଜକ ଅଶୋକ କୁମାର ନାୟକ ଓ ସମସ୍ତ ମଣ୍ଡଳୀର କର୍ମକର୍ତ୍ତା ବେହେରା,ଅଧିକାରୀ ଓ ପ୍ରଚାରକ ପରିଚାଳନା କରିଥିଲେ।

### ୭ମ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ କ୍ରୀଡ଼ା ପ୍ରତିଯୋଗିତା

## ଗଜପତିର କିଶୋରଚନ୍ଦ୍ର ରଥଙ୍କୁ ପଦକ

ପାରଳାଖେମୁଣ୍ଡି,୮ ।୧୨(ସମିସ): ହାଇଦରାବାଦର ଉସମାନିଆ ବିଶ୍ୱ ବିଦ୍ୟାଳୟ ଖେଳପଡିଆରେ ସପ୍ତମ ଅନ୍ତର୍ଜାତୀୟ ବରିଷ୍ଠ ନାଗିରିକଙ୍କ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଓଡ଼ିଶାର ୧୨ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ପାରଳାଖେମୁଣ୍ଡିର ବରିଷ୍ଠନାଗରିକ ମଞ୍ଚର କିଶୋର ଚନ୍ଦ୍ର ରଥ ଭାଗ ନେଇ ୧୦୦ ମିଟର ଦୌଡରେ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ




ପଦକ ଏବଂ ଟ୍ରିପଲ୍ ଜମ୍ପରେ ଦ୍ୱିତୀୟ ସ୍ଥାନ ହାସଲ କରି ରୌପ୍ୟ ପଦକ ହାସଲ କରିଥିବାର ଜଣାପଡିଛି। ଏହି ଖବର ଜଣାପଡିବା ପରେ ବିଭିନ୍ନ ମହଲରେ ଶ୍ରୀରଥଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ହାତୀ ଭୟ

## ଦୁଗୁଡ଼ି-ପିଡ଼ିକାମାହା ରାସ୍ତାରେ ଲାଗୁନି ଷ୍ଟ୍ରିଟ୍ ଲାଇଟ୍

ଜି.ଉଦୟଗିରି, ୯।୧୨(ସମିସ): ଜି.ଉଦୟଗିରି ନିକଟସ୍ଥ ଦୁଗୁଡ଼ିରୁ ପୀଡିକାମାହା ରାସ୍ତାରେ ଜନବସତି ସ୍ଥାନରେ ଲାଗିନି ଷ୍ଟ୍ରିଟ୍ ଲାଇଟ୍। ଏହି ଅଞ୍ଚଳରେ ସବୁବେଳେ ହାତୀ ଭୟ ଲାଗି ରହୁଛି। ହି ରାସ୍ତାରେ ଜନବସତି ରହିଥିବା ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ରହିଥିବା ବେଳେ ଷ୍ଟ୍ରିଟ୍ ଲାଇଟ ଲାଗିନଥିବା ଅଭିଯୋଗ କରିଛନ୍ତି ଲୋକେ। ବହୁବାର ଅଭିଯୋଗ କଲା ପରେ ମଧ କେହି ଶୁଣୁନଥିବା କହିଛନ୍ତି ସ୍ଥାନୀୟବାସିନ୍ଦା। ଦୀର୍ଘବର୍ଷ ହେଲା ସେମିତି ଅନ୍ଧାରରେ ଲୋକେ ଯାତାୟାତ କରୁଥିବା ବେଳେ ହାତୀ ଭୟରେ ସନ୍ଧ୍ୟା ହେଲେ ଘରୁ ବାହାରିବାକୁ ଲୋକେ ଡରୁଛନ୍ତି। ଛାତ୍ରଛାତ୍ରୀ ସନ୍ଧ୍ୟାରେ ଯିବା ଆସିବା ବେଳେ ସରୀସୃପ ଭୟ ଅଭିଭାବକଙ୍କ



ଚିନ୍ତା ବଢ଼ାଉଛି। ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିହାତି ଆବଶ୍ୟକ ଥିବା ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବାକୁ ଦାବି ହୋଇଛି।

## ଅଭିଯୁକ୍ତକୁ ଉଠାଇ ନେଲା ଗୁଜରାଟ ପୁଲିସ

ବାଲିଗୁଡା, ୯।୧୨(ସମିସ): ବାଲିଗୁଡ଼ା ଥାନା ପରୁଭଙ୍ଗା ଗ୍ରାମରୁ ଏକ ଗଞ୍ଜେଇ ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଉଠାଇ ନେଇଛି ଗୁଜରାଟ ପୁଲିସ। ସୂଚନା ଅନୁସାରେ ଗତ ୨୦୨୨ରେ ଗୁଜରାଟର ଜେତପୁର ଉଦ୍ୟୋଗନଗର ଅନ୍ତର୍ଗତ ସାପରବେରବାଲ ଥାନାରେ ରୁଜୁ ହୋଇଥିବା ଏକ ଗଞ୍ଜେଇ ମାମଲାରେ ଅଭିଯୁକ୍ତ ଥିଲେ ବାଲିଗୁଡ଼ାର ବାରଖମା ପଞ୍ଚାୟତ ପରୁଭଙ୍ଗା ଗ୍ରାମର ସଚିନ କହଁର। ବହୁଦିନ ହେଲା ସେ ଫେରାର ଥିବା ସୂଚନା ଦେଇଥିଲେ ଗୁଜରାଟ ପୁଲିସ। ସଚିନ ପରୁଭଙ୍ଗାରେ ନିଜ ବାସଭବନରେ ଲୁଚି ରହିଥିବା ଖବର ପାଇଥିଲା ଗୁଜୁରାଟ ପୁଲିସ। ରବିବାର ବିଳମ୍ବିତ ରାତିରେ ପହଞ୍ଚି ପୁଲିସ ସଚିନକୁ କାବୁ କରି ନେଇଥିଲା। ସୋମବାର କୋର୍ଟରେ ଦାଖଲ କରି ମଙ୍ଗଳବାର ପୁଣି ଗୁଜୁରାଟ ନେଇଯାଇଥିବା ଜଣାପଡ଼ିଛି।

## ଗଛରେ ପିଟିହେଲା ବାଇକ୍; ୨ ମୃତ

ବାଲିଗୁଡା, ୯।୧୨(ସମିସ): ବାଲିଗୁଡା ଥାନା ବିରାଗୁଡାରେ ମଙ୍ଗଳବାର ଅପରାହ୍ନରେ ଏକ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟି ହେବାରୁ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ବାଇକ୍‌ରେ ବସିଥିବା ତିନିଜଣ ଗାଡ଼ିରୁ ତଳେ ପଡିଯାଇଥିଲେ। ଦୁଇଜଣ ଯୁବକ ଜୀବନ ନାୟକ (୧୯) ଓ ଆଜାଦ ମଳିକ (୧୬)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅସ୍ଥିର ନାୟକ(୧୮) ଗୁରୁତର ଅବସ୍ଥାରେ ପଡିରହିଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଗୁରୁତରଙ୍କୁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ଅସ୍ଥିର ନାୟକଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ୩ଜଣଙ୍କ ଘର ବାଲିଗୁଡା ବ୍ଲକ ବାଟାଗୁଡାରେ ବୋଲି ଜଣାପଡିଛି।

## ଶ୍ରେଣୀଗୃହରେ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ



କାଶୀନଗର, ୯।୧୨(ସମିସ): ଗଜପତି ଜିଲ୍ଲା କାଶୀନଗରସ୍ଥିତ ବାରଣସୀ ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ରୀ ଶ୍ରେଣୀଗୃହରେ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନା ମୁତାବକ ମଙ୍ଗଳବାର ବିଦ୍ୟାଳୟରେ କ୍ଲାସ ଚାଲିଥିବାବେଳେ ନବମ ଶ୍ରେଣୀଗୃହରେ ହଠାତ୍ ଛାତ୍ରୀ ଜଣକ ବାନ୍ତି କରିଥିଲେ। ଉପସ୍ଥିତ ଶିକ୍ଷୟିତ୍ରୀ ତାଙ୍କୁ ପଚରାଉଚରା କରିବାରୁ ସେ ମୂଷାମରା ବିଷ ଖାଇଥିବା କହିଥିଲେ। ସଙ୍ଗେ ସଙ୍ଗେ ଛାତ୍ରୀଙ୍କୁ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଘରୋଇ କଳହ ଯୋଗୁ ଛାତ୍ରୀ ଜଣକ ଏଭଳି କରିଥିବା ତାଙ୍କ ମା' କହିଛନ୍ତି। ଛାତ୍ରୀ ଜଣକ ବିଦ୍ୟାଳୟକୁ ଆସି ଆତ୍ମହତ୍ୟା ଉଦ୍ୟମ କରିବା ପର୍ଯ୍ୟନ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ କ'ଣ କରୁଥିଲେ ବୋଲି ପ୍ରଶ୍ନ ଉଠିଛି। ଶିକ୍ଷକ/ଶିକ୍ଷୟତ୍ରୀଙ୍କ ଅବହେଳାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ଖବର ପାଇ ବିଦ୍ୟାଳୟରେ ପହଞ୍ଚି ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ଏବିଇଓ ନର୍ମଦା ଦାଶଙ୍କ ସହ ଯୋଗାଯୋଗ ବେଳେ ସେ ସ୍କୁଲକୁ ଯାଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରିଥିବା କହିଥିଲେ।

ପ୍ରକାଶ ଯୋଗ୍ୟ ଯେ , ଦୀର୍ଘଦିନ ହେଲା ବିଦ୍ୟାଳୟରେ କେହି ପ୍ରଧାନ ଶିକ୍ଷକ ନାହାନ୍ତି। ବିଇଓ ଦାୟିତ୍ୱରେ ଥିବା ଜଣେ ଏଡିଇଓ ସ୍କୁଲର ଡିଡିଓ ଥିବାବେଳେ ଚରମ ଅବ୍ୟବସ୍ଥା ଓ ବିଶୃଙ୍ଖଳା ଭିତରେ ସ୍କୁଲ, ହଷ୍ଟେଲ ଚାଲିଛି। ଘଟଣା ସମ୍ପର୍କରେ ଗଜପତି ଡିଇଓଙ୍କୁ ବି ଅବଗତ କରାଯାଇଛି।

## କଳିଙ୍ଗ କଲେଜ ଓଡ଼ିଆ ବିଭାଗର ଆଲୋଚନାଚକ୍ର




ଜି.ଉଦୟଗିରି, ୯।୧୨(ସମିସ): ଜି.ଉଦୟଗିରି ବ୍ଲକ କଳିଙ୍ଗ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ "ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନା' ଶୀର୍ଷକ ଏକ ଆଲୋଚନାଚକ୍ର ବିଭାଗ ମୁଖ୍ୟା ସୁପ୍ରିୟା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ ଯୋଗ ଦେଇ ଓଡ଼ିଆ ବିଭାଗର ଏହି ସାଧୁ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। ପ୍ରାଧ୍ୟାପକ ନିରଞ୍ଜନ ପାଣ୍ଡିଆଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ବର୍ଷ ଛାତ୍ରୀ ସବନମ୍ ସାହୁ ଭିତ୍ତି ପ୍ରବନ୍ଧ ପାଠ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଶଙ୍କରାଖୋଲ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ରାମକୃଷ୍ଣ ମହାନ୍ତି ଯୋଗ ଦେଇ ଓଡ଼ିଆ କବିତାରେ ବିଭିନ୍ନ ସମୟରେ କବିମାନେ ପ୍ରଗତିବାଦୀ ଚେତନାକୁ ନିଜ ସାରସ୍ୱତ ସୃଷ୍ଟିରେ ପ୍ରୟୋଗ କରିଥିଲେ ବୋଲି କହିଥିଲେ। ପ୍ରଗତିବାଦୀ ଚେତନା ମାନବୀୟ ମୂଲ୍ୟବୋଧର ଅସଲ ପରିଚୟ ବୋଲି ଆଲୋଚନାରେ ଅଂଶଗ୍ରହଣ କରି ଅଧ୍ୟାପିକା ସୁପ୍ରିୟା ମହାନ୍ତି, ପ୍ରାଧ୍ୟାପକ ନିରଞ୍ଜନ ପାଣ୍ଡିଆ, ଅଧ୍ୟାପକ ଡ.ନଳିନୀ କୁମାର ପାଣିଗ୍ରାହୀ କହିଥିଲେ। ତୃତୀୟ ବର୍ଷ ଛାତ୍ର ଅଜୟ କୁମାର ପ୍ରଧାନ ପ୍ରସ୍ତାବନା ରଖିଥିବା ବେଳେ ପ୍ରଥମ ବର୍ଷ ଛାତ୍ର ବିକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଲାଇନପଡ଼ାରେ ରାଜ୍ୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତା




ଚକାପାଦ, ୯।୧୨(ସମିସ): ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ଖୁଡୁତେନ୍ତୁଳିରେ ଗୌରୀ ଶଙ୍କର ଯୁବକ ସଂଘ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ମଙ୍ଗଳବାର ସକାଳେ ଅନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାକୁ ସରପଞ୍ଚ ସୁମତୀ କହଁର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ନାଏବ ସରପଞ୍ଚ ଅଗସ୍ତି ଡିଗାଲ ଓ ପ୍ରତାପ କିଶୋର ପୃଷ୍ଟି ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ କନ୍ଧମାଳ ସିକ୍ସ ସହିତ ସଞ୍ଜୟ ସିକ୍ସର ହୋଇଥିବା ବେଳେ ଅପରାହ୍ନରେ କୋଟଗଡ଼ ସହିତ ଜି.ଉଦୟଗିରିର ମ୍ୟାଚ ହୋଇଥିଲା। ଏହି ଦୁଇ ମ୍ୟାଚରେ କନ୍ଧମାଳ ସିକ୍ସ ଏବଂ ଜି.ଉଦୟଗିରି ବିଜୟୀ ହୋଇଥିଲେ। ମ୍ୟାଚକୁ କଂଗ୍ରେସ ଜିଲ୍ଲା ସଭାପତି ଚନ୍ଦ୍ର ଶେଖର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିବା ବେଳେ ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ସନ୍ତୋଷ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଚନ୍ଦ୍ର ଶେଖର ଦଳବେହେରା, ସରୋଜ କୁମାର ଭୋଇ, ଗୋବିନ୍ଦ ଅମାତ, ଅରୂପ କହଁର, ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର କହଁର, ପ୍ରଦୀପ କୁମାର ମଳିକ,ମଲେଶ୍ୱର କହଁର, ସଂଜିତ କୁମାର ନାଏକ ଉପସ୍ଥିତ ରହି ଖେଳାଳିଙ୍କୁ ଏବଂ ଗୌରୀ ଶଙ୍କର ଯୁବକ ସଂଘ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। କମିଟି ସଭାପତି ଚିତ୍ତ ରଞ୍ଜନ ଦିଗାଲ ପରିଚାଳନା କରିଥିବା ବେଳେ ଖେଳ ପରିଚାଳକ ପ୍ରଦୀପ୍ତ ଦିଗାଲ, ଭାଷ୍ୟକାର ଥିଲେ ତ୍ରିପାଠୀ ଦିଗାଲ। ଗୋପବନ୍ଧୁ ଦାସ, ପ୍ରଶ୍ନ କୁମାର ପୃଷ୍ଟି, କାହ୍ନୁ ଚରଣ ପୃଷ୍ଟି, ରଙ୍କନିଧି ପୃଷ୍ଟି, ମାୟାଧର ଦିଗାଲ, ମୁଖ୍ୟ ଉପଦେଷ୍ଟା ଏବଂ ମୁଖ୍ୟ ପରିଚାଳକ ସୁଧୀର ରଞ୍ଜନ ଦିଗାଲ ପରିଚାଳନା କରିଥିଲେ।

### ଜିଲ୍ଲାସ୍ତରୀୟ ମାଣ୍ଡିଆ ଓ ହରଡ଼ ସଂଗ୍ରହ କମିଟି ବୈଠକ

# ମାଣ୍ଡିଆ କ୍ୱିଣ୍ଟାଲ ୪୮୮୬ ଓ ହରଡ଼ ୮୦୦୦ ଟଙ୍କା

ପାରଳାଖେମୁଣ୍ଡି, ୯ ।୧୨(ସମିସ)




ଗଜପତି ଜିଲ୍ଲା ସଦରମହକୁମା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଓ ହରଡ଼ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନେନାଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପରିଷଦ ସଭାପତି ଜି.ତିରୁପତି ରାଓ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏମ.ପ୍ରକାଶ ରାଓ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ଚଳିତ ଖରିଫ ଋତୁ ପାଇଁ ମାଣ୍ଡିଆ ଓ ହରଡ କିଣା ଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ମାଣ୍ଡିଆ ଓ ହରଡର କ୍ରୟ ନୀତି, ଏମ୍ଏସପି ବିବରଣୀ, ଏମପିଏଏସ୍ ଅନଲାଇନ ପୋର୍ଟାଲରେ କୃଷକ ନିବନ୍ଧନ ପ୍ରଗତି,ମଣ୍ଡି ପ୍ରସ୍ତୁତି ଏବଂ ବ୍ଲକ୍ ଭିତ୍ତିକ ଲକ୍ଷ୍ୟ ସମ୍ପର୍କରେ ଅଲୋଚନା ହୋଇଥିଲା। ଖରିଫ ମାର୍କେଟିଂ ୨୦୨୫-୨୬ ପାଇଁ ମାଣ୍ଡିଆର ଏମ୍ଏସପି ୪୮୮୬ ଟଙ୍କା ଓ ହରଡର ୮୦୦୦ଟଙ୍କା ପ୍ରତି କ୍ୱିଣ୍ଟାଲ୍ ନିର୍ଦ୍ଧାରିତ ହୋଇଛି ଏବଂ ଏଫଏକ୍ୟୁ ନମୁନା ଅନୁସାରେ ଚାଷୀଙ୍କ ଠାରୁ ସରକାର ମାଣ୍ଡିଆ ଓ ହରଡ କିଣିବା ପାଇଁ ଧାର୍ଯ୍ୟ କରାଯାଇଛି। ଜିଲ୍ଲାର ୬ ବ୍ଲକ୍‌ରେ ୨୩ଟି କେନ୍ଦ୍ର ସ୍ଥାପିତ ହେବ। ୯ଟି ବ୍ଲକ୍

## ୬ ବ୍ଲକ୍‌ର ୨୩ଟି କେନ୍ଦ୍ରରେ କିଣାଯିବ

ସ୍ତରୀୟ କିଣିବା ସଂସ୍ଥା ବିଏଲପିଏ (୫ ଏଫପିଓ ଏବଂ ୪ ବିଏଲ୍ଏଫ୍) ଖରିଦ କାର୍ଯ୍ୟକୁ ସମ୍ଭାଳିବେ। ଏହି ବର୍ଷ ପାଇଁ ଜିଲ୍ଲାର ରାଗି (ମାଣ୍ଡିଆ) ଖରିଦ ଲକ୍ଷ୍ୟ ୨୫ହଜାର କ୍ୱିଣ୍ଟାଲ୍ ରଖାଯାଇଛି। ଜିଲ୍ଲା ପୋର୍ଟାଲରେ ୬୪୬୫ ନୂଆ କୃଷକ ନିବନ୍ଧନ ଲକ୍ଷ୍ୟ ରହିଛି। ସେହିପରି ହରଡର ୫ ମଣ୍ଡି ୫ଟି ସ୍ଥାନରେ ଓ ୮୦୦୦ ସର୍ବନିମ୍ନ ସରକାରଙ୍କ ନିର୍ଦ୍ଧାରିତ ଦରରେ ଚାଷୀଙ୍କ ଠାରୁ କ୍ରୟ କରାଯିବ। ମଣ୍ଡି ଖୋଲିବା ପାଇଁ ଜାନୁଆରୀ ୨୦୨୬ ପ୍ରଥମ ସପ୍ତାହରେ ପ୍ରସ୍ତାବ ରଖାଯାଇଛି। ଖରିଦ ହୋଇଥିବା ସମସ୍ତ ମାଣ୍ଡିଆକୁ ଚାଷୀଙ୍କ ଠାରୁ ସରକାରଙ୍କ କେନ୍ଦ୍ରୀୟ ଗୃହ ତଥା ବିଭିନ୍ନ କେନ୍ଦ୍ରୀୟ ଗୋଦାମକୁ ଗାଡ଼ିରେ ନେବା ଓ ମାଣ୍ଡିଆ କିଣିବାରେ ସପ୍ତାହ ମଧ୍ୟରେ ସେମାନଙ୍କ ବ୍ୟାଙ୍କ ଖାତାକୁ ବିକ୍ରି ରାଶି ମଧ ଆସିବା ବିଷୟରେ ଆଲୋଚନା କରାଯାଇଥିଲା। ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟ ବିଭାଗ ଦ୍ୱାରା ସଂଗ୍ରହ କରିବା ପାଇଁ ବ୍ୟବସ୍ଥା ରହିଛି। ସେହିପରି ପ୍ରତ୍ୟେକ ବ୍ଲକ୍‌ର ଗୋଷ୍ଠୀ କୃଷି ଅଧିକାରୀ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ। ଭାରପ୍ରାପ୍ତ ଜିଲ୍ଲାପାଳ ଏହି ସମସ୍ତ କାର୍ଯ୍ୟକୁ ଅଧିକାରୀଙ୍କୁ କୃଷକଙ୍କ ସହିତ ସମନ୍ୱୟ ରଖି ମାଣ୍ଡିଆ ଓ ହରଡ଼ ସଂଗ୍ରହ କରିବାରେ ସୁଚାରୁରୂପେ ପରିଚାଳନା କରିବା ପାଇଁ ପରାମର୍ଶ ଦେଇଥିଲେ।

ସେହିପରି ଆଞ୍ଚଳିକସ୍ତରରେ କୃଷି ଓ ଯନ୍ତ୍ରପାତି ମେଳା ପାଇଁ ମଧ ଆଲୋଚନା କରାଯାଇଥିଲା। ଉକ୍ତ ମେଳା ଜାନୁୟାରୀ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଗଜପତି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। କୃଷକଙ୍କୁ ବିଭିନ୍ନ କୃଷି ଯନ୍ତ୍ରପାତି ସଂପର୍କରେ ଜଣାଇବା ଏବଂ କିଭଳି ସହଜରେ ଉପଲବ୍ଧ କରାଇବା ନେଇ ଏହି ମେଳାହେବ। ଉକ୍ତ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାରେ ଗଜପତି,ଗଞ୍ଜାମ, ରାୟଗଡ଼ା, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ଉଦ୍ୟୋଗୀ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ମେଳାରେ ୧୦୦ରୁ ଅଧିକ ଷ୍ଟଲ ଖୋଲାଯାଇ ବିଭିନ୍ନ ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରିବା ସହିତ ରିହାତି ଦରରେ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଜିଲ୍ଲାର ବିଭିନ୍ନ ବିଭାଗ ତଥା ଉଦ୍ୟାନ କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ ବିକାଶ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା, ଓଡ଼ିଶା କୃଷି ଶିଳ୍ପ ନିଗମ, ମିଶନ ଶକ୍ତି ଓ ଓଡିଶା ମିଲେଟ୍ ମିଶନ ଭଳି ବିଭିନ୍ନ ବିଭାଗ ନିଜ ନିଜ ବିଭାଗର ଯନ୍ତ୍ରପାତି ପ୍ରଦର୍ଶିତ କରାଯିବ। ଏଥିରେ ଚାଷୀ ବିଭିନ୍ନ ଚାଷ ସଂପର୍କରେ ଜ୍ଞାନ ଅର୍ଜନ କରିବା ସହିତ କୃଷିର ବିକାଶ ହେବା କୃଷକଙ୍କୁ ସଚେତନ କରାଯିବା ବୋଲି ଆଲୋଚନା କରାଯାଇଛି। ଉକ୍ତ ବୈଠକରେ ଅତିରିକ୍ତ କୃଷି ଅଧିକାରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ଓ ସଂଘମିତ୍ରା ପ୍ରଧାନ, ଜିଲ୍ଲା ନାବାର୍ଡ ଅଧିକାରୀ ପ୍ରତୀକ କୁମାର ପଣ୍ଡା, ସହକାରୀ କୃଷି ଅଧିକାରୀ କେ.ସୁରୋଜ କୁମାର ସାହୁ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଦୁଇ ଆକାଉଣ୍ଟରୁ ୧୦ ଲକ୍ଷ ୮୦ ହଜାର ଟଙ୍କା ଗାଏବ!

ଜୟପୁର, ୯ ।୧୨(ସମିସ): ଜୟପୁର ନିକଟସ୍ଥ ଟାଙ୍କୁଆ ଗ୍ରାମସ୍ଥିତ ଏକ ଘରୋଇ ବ୍ୟାଙ୍କରେ ଦୁଇଜଣ ଜମାକାରୀଙ୍କ ଏକାଉଣ୍ଟରୁ ମାତ୍ର ୩ରୁ ୫ ମିନିଟ ମଧ୍ୟରେ ୧୦ ଲକ୍ଷ ୮୦ ହଜାର ଟଙ୍କା ଗାଏବ ହେବା ନେଇ ଚର୍ଚ୍ଚାର ବିଷୟ ପାଲଟିଛି । ଏହିପରି ସ୍ଥାନୀୟ ଜୟପୁର ସଦରଥାନା ବାମୁଣି ଗାଁ ଠାରେ ରହିଥିବା ଏକ ଘରୋଇ ବ୍ୟାଙ୍କରେ ମାତ୍ର ୨ଦିନରେ ୨ଜଣ ଖାତାଧାରୀଙ୍କ ଟଙ୍କା ଅନ୍‌ଲାଇନ ମାଧ୍ୟମରେ ଅଜଣା ଏକାଉଣ୍ଟକୁ ଟ୍ରାନ୍ସଫରକୁ ନେଇ ବ୍ୟାଙ୍କର କିଛି ଅସାଧୁ କର୍ମଚାରୀ ମାନଙ୍କ କାର୍ଯ୍ୟଧାରା ପ୍ରତି ଜମାକାରୀ ଓ ଗ୍ରାହକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି । ଏଥିନେଇ ଜିଲ୍ଲା ସାଇବର କ୍ରାଇମ ଥାନା ଏବଂ ସଦରଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିବା ବେଳେ ଉପଯୁକ୍ତ ତଦନ୍ତ ପରେ ଘଟଣାର ଦୋଷୀ ଓ ଠକ ମାନଙ୍କ ବିଷୟରେ ସୂଚନା ମିଳିବ ବୋଲି ସାଧାରଣରେ ଆଲୋଚନାର ବିଷୟ ପାଲଟିଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଜୟପୁର ବ୍ଲକ ଅନ୍ତର୍ଗତ ଟାଙ୍କୁଆ ଗ୍ରାମପଞ୍ଚାୟ ବାମୁଣି ଗାଁ ଏକ ଘରୋଇ ବ୍ୟାଙ୍କର ଖାତାଧାରୀ ତଥା ଥୁରୁଡିପୁଟ ଗ୍ରାମର ବାସିନ୍ଦା କ୍ୟାନସରରେ ପୀଡିତ ଶିକ୍ଷକ ସଦାନନ୍ଦ ସାମନ୍ତରାୟ

**କ୍ୟାନସର ପୀଡିତା ଚିକିତ୍ସା ନ ପାଇ ଘରକୁ ଫେରିଲେ**

ନିଜର ପାଟିର ଅସ୍ତ୍ରୋପଚାର ପାଇଁ ବିଶାଖପାଟଣା ଚିକିତ୍ସାଳୟକୁ ଯାଇଥିଲେ । କିନ୍ତୁ ଗତ ରବିବାର ସଂଧ୍ୟାରେ ତାଙ୍କ ମୋବାଇଲର ହ୍ୱାଟ୍ସ ଆପକୁ ଆରିଟିଓ ଚାଲାନ ଏପିକେ ନାମକ ଏକ ଲିଙ୍କ ଆସିଥିଲା । ଉକ୍ତ ଲିଙ୍କକୁ ଡାଉନ୍‌ଲୋଡ କରିବା ମାତ୍ରେ ତିନୋଟି ପର୍ଯ୍ୟାୟରେ ୨ଲକ୍ଷ, ୫ ଲକ୍ଷ ଏବଂ ୧ଲକ୍ଷ ୮୭ହଜାର ଟଙ୍କା ଜମାଖାତାରୁ ଟ୍ରାନ୍ସଫର ହୋଇଯାଇଥିବା ବେଳେ ତାଙ୍କର ନାବାଳିକ ଝିଅ ଭବାନୀ ସାମନ୍ତରାୟଙ୍କ ଜମାଖାତାରୁ ୧୦ ହଜାର ଟଙ୍କା ସମୁଦାୟ ୮ଲକ୍ଷ ୯୭ ହଜାର ଟଙ୍କା ଟ୍ରାନ୍ସଫର ହୋଇଯାଇଥିଲା । ଶେଷରେ ଟଙ୍କା ଗାୟବ ହେବା ପରେ ବିନା ଅସ୍ତ୍ରୋପଚାରରେ ଗତକାଲି ଜୟପୁର ଫେରିଆସିବା ପରେ ଗତାକାଲି ଉକ୍ତ ବ୍ୟାଙ୍କୁ ଯାଇ ଅଭିଯୋଗ କରିଥିଲେ । କିନ୍ତୁ ତାଙ୍କ ଜମାଖାତାରୁ ଟଙ୍କା ଟ୍ରାନ୍ସଫର ହୋଇଯାଇଥିବା ନେଇ ଜଣାପଡିବା ପରେ ଏଥିନେଇ କୋରାପୁଟ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହିପରି ସଦାନନ୍ଦଙ୍କ ନିକଟରେ ଏସବିଆଇ ବ୍ୟାଙ୍କରୁ ନିଜସ୍ୱ ଏକ ଋଣ କରିଥିବା ବେଳେ ଉକ୍ତ ଟଙ୍କାକୁ ଟାଙ୍କୁଆ ବ୍ରାଞ୍ଚର ଏକ ଘରୋଇ ବ୍ୟାଙ୍କର ଜମାଖାତାରେ ୫ଲକ୍ଷ ଟ୍ରାନ୍ସଫର କରିଥିଲେ । ସେହିପରି ଅନ୍ୟ ଜଣେ ସ୍ଥାନୀୟ ସେଲୁନ ବ୍ୟବସାୟୀ କେ. ଭେଙ୍କେଟେଶଙ୍କ ଠାରୁ ମଧ୍ୟ ଗତକାଲି ଏହି ଏପିକେ ଆପ ମାଧ୍ୟମରେ ୧ଲକ୍ଷ ୮୩ ହଜାର ଟଙ୍କା ସାଇବର ଲୁଟ ହୋଇଥିବା ନେଇ ଅଭିଯୋଗ ହୋଇଛି । ଏଥିନେଇ ସନ୍ଦେହ ହେବାକୁ ଅଭିଯୋଗକାରୀ ଭେଙ୍କଟେସ ଆଜି ଟାଙ୍କୁଆ ଉକ୍ତ ଘରୋଇ ବ୍ୟାଙ୍କ ଶାଖାକୁ ଯାଇ ଯାଞ୍ଚ ବେଳେ ତାଙ୍କ ଏକାଉଣ୍ଟରୁ ୧ଲକ୍ଷ ୮୩ ହଜାର ଟଙ୍କା ଟ୍ରାନ୍ସଫର ହୋଇଥିବା ଜାଣିବାକୁ ପାଇଥିଲେ । ଉଭୟଙ୍କ କୋରାପୁଟସ୍ଥିତ ସାଇବର ଥାନାରେ ଅଭିଯୋଗ କ୍ରମେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରାଯାଇଛି ।

## ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଲେ ଏଡିଇଓ



ଜୟପୁର/ବୈପାରୀଗୁଡ଼ା, ୯ ।୧୨(ସମିସ): କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକର ବୋଦାପୁଟ ଗ୍ରାମପଞ୍ଚାୟତର ଏକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ଅମରବର ମଲ୍ଲିକ ଜଣେ ଠିକାଦାରଙ୍କ ଫାଇଲ ପ୍ରକ୍ରିୟାକରଣ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ଆଜି ସଂଧ୍ୟା ୮ ସମୟରେ ଜୟପୁର ପାରବେଢାସ୍ଥିତ ରାଜସ୍ୱ କୋଲନୀ ସରକାରୀ ଗୃହରେ ଅଭିଯୋଗକାରୀ ଠିକାଦାରଙ୍କ ଠାରୁ ୨୦ ହାଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଅଭିଯୋଗ କ୍ରମେ ପ୍ରସ୍ତୁତ ରହୁଥିବା ଭିଜିଲାନ୍ସ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ତାଙ୍କୁ ଧରିଥିଲେ । ସେହିପରି ତାଙ୍କ ସରକାରୀ ଗୃହ ଏବଂ ବୋଦାପୁଟ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏସପି ରବିନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଯାଞ୍ଚ ଜାରି ରହିଛି । ଭିଜିଲାନ୍ସ ବିଭାଗର ସୂଚନା ଅନୁଯାୟୀ, ଅଭିଯୁକ୍ତ ଏଡିଇଓ ଶ୍ରୀ ମଲ୍ଲିକ ସ୍ଥାନୀୟ ଜଣେ ଠିକାଦାରଙ୍କ ନିର୍ମାଣ କାର୍ଯ୍ୟର ଫାଇଲ ପ୍ରକ୍ରିୟାକରଣ ଏବଂ ତାଙ୍କ ସପକ୍ଷରେ ୱାର୍କ ଅର୍ଡର ଜାରୀ କରିବା ପାଇଁ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିବା ପାଇଁ ୨ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ । ଏହିପରି ବାରମ୍ବାର ଠିକାଦାରଙ୍କ ଅନୁରୋଧ କରିଥିଲେ ସୁଦ୍ଧା ସେ ଅଣଦେଖା କରୁଥିଲେ । ଶେଷରେ କାର୍ଯ୍ୟାଦେଶ ପାଇଁ ପ୍ରଥମ ପର୍ଯ୍ୟାୟରେ ଆଜି ୨୦ ହଜାର ଟଙ୍କା ଲାଞ୍ଚ ଦେବାକୁ ବାଧ କରିଥିଲେ । ଏଥିନେଇ ଅଭିଯୋଗକାରୀ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ । ଭିଜିଲାନ୍ସ ଏସିପି ଶ୍ରୀ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଆଜି ଦାବି ମୁତାବିକ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଡିଏସପି ସୂର୍ଯ୍ୟକାନ୍ତି ଟାକ୍ରୀଙ୍କ ନେତୃତ୍ୱରେ ଭିଜିଲାନ୍ସ ଦଳ ଚଢଉ କରିବା ସହ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲେ ଏବଂ ତାଙ୍କ ନିକଟରୁ ଉକ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି ।

## ଜାନୁଆରୀ ୯ରୁ ଆରମ୍ଭ ହେବ ମାଣ୍ଡିଆ କ୍ରୟ

କୋରାପୁଟ, ୯ ।୧୨(ସମିସ):ଆସନ୍ତା ବର୍ଷ ଜାନୁଆରୀ ମାସ ୯ ତାରିଖରୁ ଜିଲ୍ଲାରେ ଖରିଫ ଋତୁ ମାଣ୍ଡିଆ କ୍ରୟ କରାଯିବ ଏବଂ ଜିଲ୍ଲାର ବୈପାରିଗୁଡ । ବ୍ଲକରୁ ମାଣ୍ଡିଆ କ୍ରୟର ଶୁଭାରମ୍ଭ କରାଯିବ ବୋଲି ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ ମାଣ୍ଡିଆ କ୍ରୟ କମିଟି ବୈଠକରେ ନିଷ୍ପତି ନିଆଯାଇଛି । ଶ୍ରୀ ଅନ୍ନ ଅଭିଯାନ ଅନ୍ତର୍ଗତ କୃଷି ବିଭାଗ , କୋରାପୁଟ ତରଫରୁ ମାଣ୍ଡିଆ କ୍ରୟ କରିବା ନିମନ୍ତେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କୋରାପୁଟ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ହେମନ୍ତ କୁମାର ପଢିହାରୀ, ଟିଡିସିସି ମ୍ୟାନେଜର ତଥା କୋରାପୁଟ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝି ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବବର୍ଷ ଭଳି ଚଳିତ ବର୍ଷ ୪୮ ଟି ମଣ୍ଡି ଖୋଲିବାକୁ ନିଷ୍ପତି ନିଆଯାଇଥିବା ବେଳେ ଚଳିତ ବର୍ଷ ୨ ଲକ୍ଷ ୪୧ ହଜାର କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଜଣାପଡ଼ିଛି । ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ସ୍କିମ ଅଫିସର ତାପସ ଚନ୍ଦ୍ର ରାୟ, ଜିଲ୍ଲା ଉପନିବନ୍ଧକ ସମବାୟ ସମିତି ମୋନିକା ରାୟ, ଜୟପୁର ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ସମସ୍ତ ବ୍ଲକ କୃଷି ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ମାଣ୍ଡିଆ କ୍ରୟ କାରୀ ସଂସ୍ଥା, ଡିପିଏମ ଓ ଟିମ ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ୭୨ ୮୨୩ ଏକର ମାଣ୍ଡିଆ ଚାଷ ଜମିର ପଞ୍ଜିକରଣ ହୋଇଛି । ମାଣ୍ଡିଆ କ୍ୱିଣ୍ଟାଲ ପିଛା ୪୮୪୬ ସ୍ଥିରୀକୃତ ହୋଇଥିବା ବେଳେ ଚଳିତ ବର୍ଷ ଲକ୍ଷ୍ୟଧାର୍ଯ୍ୟ ଠାରୁ ଅଧିକା ମାଣ୍ଡିଆ କ୍ରୟ କରାଯିବ ବୋଲି ଜିଲ୍ଲାପାଳ ଆଶାବ୍ୟକ୍ତ କରିଛନ୍ତି । ଡାଲି ଜାତୀୟ ଶସ୍ୟ ଯଥା ମୁଗ, ବିରି ଏବଂ ହରଡ ମଣ୍ଡି ମାନଙ୍କରେ କ୍ରୟ କରିବା ପାଇଁ ନିଷ୍ପତି ନିଆଯାଇଛି । ଯାହାର ସର୍ବନିମ୍ନ ସହାୟକ ମୁଲ୍ୟ କ୍ୱିଣ୍ଟାଲ ପିଛା ୮ ହଜାର ଟଙ୍କା ରହୁଥିବା କୋରାପୁଟ ଜିଲ୍ଲା କୃଷି ଅଧିକାରୀ ହେମନ୍ତ କୁମାର ପଢ଼ିହାରୀ କହିଛନ୍ତି ।

## ଜାତୀୟ ରାଜପଥରୁ ଜବରଦଖଲ ଉଚ୍ଛେଦ

କୋରାପୁଟ, ୯ ।୧୨(ସମିସ): କୋରାପୁଟ ପୌର ପରିଷଦ ଅଧିନରେ ରହିଥିବା ଜାତୀୟ ରାଜପଥରେ ପୌର ପରିଷଦ ଏବଂ ପୋଲିସ ପକ୍ଷରୁ ମିଳିତ ଭାବେ ଜବର ଦଖଲ ଉଚ୍ଛେଦ କରାଯାଇଛି ।କୋରାପୁଟ ସହରରେ ଥିବା ପେଟ୍ରୋଲ ପମ୍ପ ଠାରୁ ଆରମ୍ଭ କରି ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ଜାତୀୟ ରାଜପଥ ପାଶ୍ୱର୍?ରେ ରହିଥିବା ଜବରଦଖଲ ଉଚ୍ଛେଦ କରାଯାଇଛି । ଜବର ଦଖଲ କରିଥିବା ଦୋକାନୀ ଗୁଡ଼ିକୁ ବାରମ୍ବାର କାର୍ଯ୍ୟାଳୟର ରାଜସ୍ୱ ସଂଗ୍ରହକାରୀଙ୍କ ଦ୍ୱାରା କୁହାଯାଇଥିବା ଏବଂ ମାଇକ ଯୋଗେ ପ୍ରଚାର କରାଯାଇଥିବା ସତ୍ୱେ ଦୋକାନୀ ମାନେ ଉଠାଇ ନ ଥିବାରୁ ଆଜି ସେଗୁଡିକୁ ଉଚ୍ଛେଦ କରାଯାଇଥିଲା ବୋଲି ପୌର ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି । ପ୍ରତ୍ୟେକ ୧୫ ଦିନରେ ଜବରଦଖଲ ଉଚ୍ଛେଦ ଅଭିଯାନ କରାଯିବ । ଆଗକୁ ପରବ ମହୋତ୍ସବ ପାଳନ କରାଯାଉଥିବାରୁ ଯେପରି ଟ୍ରାଫିକ ସମସ୍ୟା ନ ଉପୁଜେ ସେଥିପ୍ରତି ଧ୍ୟାନ ଦିଆଯାଇ ସହର ମଧ୍ୟରେ ରାସ୍ତା କଡ଼ରେ ବସିଥିବା ଉଠାଦୋକାନୀ ଗୁଡିକୁ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି ।

## ରାଣିଡୁଡୁମା ପରିଦର୍ଶନ କଲେ ପର୍ଯ୍ୟଟନ ବିକାଶ ପରିଷଦ କମିଟି

ନନ୍ଦପୁର, ୯।୧୨(ସମିସ): ନନ୍ଦପୁର ପର୍ଯ୍ୟଟନ ବିକାଶ ପରିଷଦ ନୂତନ କମିଟିର ସଦସ୍ୟ ମଙ୍ଗଳବାର ରାଣୀ ଡୁଡୁମା ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରି ଫେରିଥିବା ଜଣାପଡିଛି । ପରିଷଦର ଉପ ସଭାପତି ଗୋପାଳ କୃଷ୍ଣ ବେବର୍ତ୍ତାଙ୍କ ନେତୃତ୍ୱରେ ପରିଷଦର ସ୍ଥାୟୀ ସଦସ୍ୟ ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି, ଆଇଆଇସି ମମତା କୁମାରୀ ପଣ୍ଡା, ଉପ ସଭାପତି ସେକ ଗୋଫୁର, ସମ୍ପାଦକ ତୁଷାର କାନ୍ତ ମହାନ୍ତି, ମୁନା ଦଳପତି, ଉପଦେଷ୍ଟା କମିଟି ସଦସ୍ୟ ଜଗନ୍ନାଥ ପାଙ୍ଗି, ଭଗବାନ ଖରା, ସଦସ୍ୟା ବିଜୟ ଲକ୍ଷ୍ମୀ ପଟ୍ଟନାୟକ, ବାବୁ ରାଓ ଖରା, ଭୁବନ ଆସନ ଧାରୀ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ନନ୍ଦପୁର ରାଣୀ ଡୁଡୁମା ପର୍ଯ୍ୟଟନ ସ୍ଥଳୀର ଉପ କମିଟି ଗଠନ ଉପରେ ଆଲୋଚନା କରାଯାଇଥିଲା । ଖୁବଶୀଘ୍ର ନନ୍ଦପୁର ବ୍ଲକ ଅଧୀନରେ ରହିଥିବା ସମସ୍ତ ପର୍ଯ୍ୟଟନ ସ୍ଥଳୀ ଉପ କମିଟି ଗଠନ କରି ପରିଚାଳନା ଦାୟିତ୍ୱ ପ୍ରଦାନ କରାଯିବ ବୋଲି କହିଛନ୍ତି ଉପ ସଭାପତି ଶ୍ରୀ ବେବର୍ତ୍ତା ।

## ଦଣ୍ଡନାଚ ଓ ପ୍ରହ୍ଲାଦ ନାଟକକୁ ବିଶ୍ୱ ଐତହ୍ୟ ମାନ୍ୟତା ପାଇଁ ପ୍ରୟାସ



ଛତ୍ରପୁର, ୯ ।୧୨(ସମିସ): ଗଞ୍ଜାମ ଜିଲ୍ଲା କଳା ଓ ସଂସ୍କୃତିର ପରିଚୟ ଦଣ୍ଡନାଚ ଓ ପ୍ରହ୍ଲାଦ ନାଟକ ୟୁନେସ୍କୋ ବିଶ୍ୱ ଐତହ୍ୟ ମାନ୍ୟତା ପ୍ରଦାନ କରିବା ନେଇ ଗଞ୍ଜାମ ପ୍ରଶାସନ ଅଣ୍ଟା ଭିଡିଛି । ଏନେଇ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଅଧ୍ୟକ୍ଷ୍ୟତା କରିଥିଲେ । ଜିଲ୍ଲାରେ ପ୍ରାୟ ୬୨ରୁ ଅଧିକା ଲୋକନାଟକ ରହିଥିବା ବେଳେ ଦଣ୍ଡନାଚ ଓ ପ୍ରହ୍ଲାଦ ନାଟକ ସ୍ୱତନ୍ତ୍ର ପରିଚୟ ରହିଛି । ଏହି ଦୁଇ ଲୋକକଳାକୁ ୟୁନେସ୍କୋ ମାନ୍ୟତା ମିଳିବା ନେଇ ପୂର୍ବରୁ ମଧ୍ୟ ବୈଠକ ହୋଇସାରିଥିବା ବେଳେ କମିଟି ମଧ୍ୟ ଗଠନ ହୋଇଥିବା ବୈଠକରେ ଆଲୋଚନା କରାଯାଇଥିଲା । ଆସନ୍ତା ୩୦ ତାରିଖ ମଧ୍ୟରେ ଦୁଇଟି ଲୋକକଳା ବିଷୟରେ ବିଭିନ୍ନ ତଥ୍ୟ ନେଇ ଏକ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରି ପ୍ରଦାନ କରିବାକୁ କୁହାଯାଇଛି । ଏହି ଡକ୍ୟୁମେଣ୍ଟାରୀ ଏକ ଏକ୍ସପୋର୍ଟ କମିଟିକୁ ପ୍ରଦାନ କରିବେ ବୋଲି ଜିଲ୍ଲାପାଳ କହିଥିଲେ । ପରେ ଏହା ଫାଇନାଲ କରାଯାଇ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ନିକଟକୁ ପଠାଯିବ । ବୈଠକରେ ବହୁ ସଂସ୍କୃତି ବିଶେଷଜ୍ଞ ଓ ଗବେଷକ ଯୋଗଦେଇ ନୃତ୍ୟ ସମ୍ପର୍କରେ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିବା କହିଥିଲେ । ଦଣ୍ଡନାଚ ପାଇଁ ସଂସ୍କୃତି ଗବେଷକ ବାୟା ମନୁ ଚର୍ଚ୍ଚି ଗବେଷଣା କରୁଥିବା ବେଳେ ପହ୍ଲଲାଦ ନାଟକକୁ ଡ.ଲମ୍ବୋଧର ପୃଷ୍ଟି ଗବେଷଣା କରୁଥିବା କୁହାଯାଇଛି ।

ପୂର୍ବରୁ ମୟୁରଭଞ୍ଜର ଛଉ ନୃତ୍ୟକୁ ୟୁନେସ୍କୋ ମାନ୍ୟତା ମିଳିସାରିଥିବା ବେଳେ ପୁରୀର ରଥଯାତ୍ରା ଓ କଟକର ବାଲି ଯାତ୍ରାକୁ ୟୁନେସ୍କୋ ମାନ୍ୟତା କେନ୍ଦ୍ରକୁ ଦଲିଲ ଦସ୍ତାବିଜ ପଠାସାରିଥିବା ବୈଠକରେ ଆଲୋଚନା ହୋଇଥିଲା । କିପରି ଜିଲ୍ଲାର ଏହି ଦୁଇ ନାଚକୁ ୟୁନେସ୍କୋ ମାନ୍ୟତା ମିଳିବ ସେନେଇ ଏକ ଭଲ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରିବାକୁ କୁହାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ଅଦିତ୍ୟ ଆଚାର୍ଯ୍ୟ, ଅବସରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରବିନାରାୟଣ ବେହେରା, ଆଞ୍ଚଳିକ ନିର୍ଦ୍ଦେଶକ ଉଚ୍ଚ ଶିକ୍ଷା ବିଭାଗ ସିଦ୍ଧାର୍ଥ ଶଙ୍କର ପାଢୀ, ଐତିହାସିକ ଗବେଷକ ଡ.ଅନନ୍ତରାମ କର, ଡ.ଲମ୍ବୋଧର ପାଣିଗ୍ରାହୀ, ସଂସ୍କୃତି ଗବେଷକ ବାୟା ମନୁ ଚର୍ଚ୍ଚି, ଡ.ଏ. ଆପାରାଓ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ୍ ପ୍ରତିଯୋଗିତା




କବିସୂର୍ଯ୍ୟନଗର, ୯ ।୧୨(ସମିସ): ସ୍ଥାନୀୟ ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ବିଇଓ ଅଭିମନ୍ୟୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସୀମାଞ୍ଚଳ ପାଣି, ମୁଖ୍ୟବକ୍ତା ଏବିଇଓ ମାଧବ ଚନ୍ଦ୍ର ମାଝୀ, ସମ୍ମାନିତ ଅତିଥି ବିଆରସିସି ରବିନାରାୟଣ ବେହେରା, ଦିବାକର ଶତପଥୀ, ମିହିର କୁମାର ଶତପଥୀ, ମଧୁସୂଦନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ତିନୋଟି ବିଭାଗରେ ମୋଟ ୧୫୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସମସ୍ତ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସିଆରସିସି ରବୀନ୍ଦ୍ର ବିଶ୍ୱାଳ, ମିହିରକାନ୍ତ ସାହୁ, ପ୍ରଭାକର ଜେନା, ରାଜୀବ ଲୋଚନ ସାହୁ, ଶ୍ରୀହର୍ଷ ପରିଡା, ଅରୁଣ କୁମାର ଚୌଧୁରୀ, ଉଜ୍ଜଳ ପାଢ଼ୀ ପ୍ରମୁଖ ସିଆରସିସି ସଂଯୋଜନା କରିଥିଲେ । ଭକ୍ତିପ୍ରଦ ସ୍ୱାଇଁ ( ପିୟୁପିଏସ, ଏସ. ପଙ୍କଲବାଡି ), ରୁଦ୍ର ସ୍ୱାଇଁ (ପିଏମ୍‌ଏସ୍‌ଡି ହାଇସ୍କୁଲ, ବରିଡା), ବିକାଶ ସାହୁ (ସୁବଳୟା ୟୁଜିହେଚଏସ୍) ପ୍ରମୁଖ ଛାତ୍ରଛାତ୍ରୀ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିଲେ । ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

## କୁଟୁଣିଗଣ୍ଡାରେ ପ୍ରାଣୀ ସ୍ୱାସ୍ଥ୍ୟ ଶିବିର

ଧରାକୋଟ, ୯ ।୧୨(ସମିସ): ଧରାକୋଟ ପ୍ରାଣୀ ଚିକିତ୍ସାଳୟ ତରଫରୁ ଏକ ପଶୁ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଉପାନ୍ତ ଅଞ୍ଚଳରେ ଥିବା କୁଟୁଣିଗଣ୍ଡା ଗାଁରେ ଅନୁଷ୍ଠିତ ହୋଇଯାଇଛି । ଧରାକୋଟ ପ୍ରାଣୀ ଚିକିତ୍ସାଳୟର ଡାକ୍ତର ମାନସ ରଞ୍ଜନ ପଲେଇଙ୍କ ନେତୃତ୍ୱରେ ମାଣିକପୁର ପ୍ରାଣିଧନ ନୀରିକ୍ଷକ ରଞ୍ଜନ କୁମାର ବିଶ୍ୱାଳ, ସାବା ମୈତ୍ରୀ ଧୀରେନ୍ଦ୍ର ନାୟକ, ସହାୟକ ରମେଶ ଚନ୍ଦ୍ର ସେଠୀ, ମଙ୍ଗୁଲୁ ଗୌଡ଼ ପ୍ରମୁଖ ଏହି ଶିବିରରେ ଉପସ୍ଥିତ ଥିଲେ । ଏହି ଅବସରରେ ଅଶୋକ ପଲ୍ଲୀ, ପିଲୀପଦର, ନାକତିରି, ଘୋଡାଆମ୍ବ, ଶାଗକିଆରୀ, ଫଟା ଚାଞ୍ଚରା ଆଦି ଗ୍ରାମରୁ ଅଣା ଯାଇଥିବା ପ୍ରାୟ ୧୫୦ରୁ ଅଧିକ ବଳଦ ମାନଙ୍କର ଚିକିତ୍ସା କରାଯାଇ ସମସ୍ତଙ୍କର ଟିକାକରଣ କରାଯାଇଥିଲା ।

## ଛତିଶଗଡ଼କୁ ଧାନ ଚୋରା ଚାଲାଣ, ଗାଡ଼ି ଜବତ

ରାଇଘର, ୯।୧୨(ସମିସ): ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ଓ ଉମରକୋଟ ଅଞ୍ଚଳରୁ ଧାନ ଅମଳ ଆରମ୍ଭରୁ ଧାନର ଚୋରା ଚାଲାଣ ହେବା ନେଇ ଗତ କିଛି ଦିନ ଆଗରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା ।। ପ୍ରଶାସନର ନିରବତାକୁ ନଜରରେ ରଖି ଆଜି ସନ୍ଧ୍ୟା ସମୟରେ ଛତିଶଗଡ଼ର ଜଣେ ବେପାରୀଙ୍କ ଧାନଗାଡ଼ିକୁ ଜବତ କରାଯାଇ ଯୋଗାଣ ବିଭାଗୀୟ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି । ଗାଡିରେ ପାଖାପାଖି ୬୦୦ ବସ୍ତା ଧାନ ଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଅଞ୍ଚଳର କିଛି ବ୍ୟବସାୟୀଙ୍କୁ ଛତିଶଗଡ଼ର ବ୍ୟବସାୟୀ ହଇରାଣ କରିବା ନେଇ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ଆକ୍ରୋଶ ମୂଳକ ପଦକ୍ଷେପ ନେଇ ଛତିଶଗଡ଼ ବେପାରୀଙ୍କ ଗାଡ଼ି ଅଟକାଇ ଥିବା ଜଣାଯାଇଛି । ବର୍ତ୍ତମାନ ଧାନ ଅମଳ ଆରମ୍ଭ ହୋଇଯାଇଛି । ଦଲାଲ୍ ମାନେ ଛତିଶଗଡ଼କୁ ଚାଲାଣ କରିବା ଆରମ୍ଭ କରିଛନ୍ତି । ପ୍ରକାଶ ଥାଉ କି ବର୍ଷା ଖରାରେ ଚାଷୀ କିଛି ଧାନ ଉତ୍ପାଦନ କରିବାରେ ସଫଳ ହୋଇଥିବା ବେଳେ ଏହାର ଫାଇଦା ଉଠାଉଛନ୍ତି ଦଲାଲ୍ । ବିଶେଷ କରି ଛତିଶଗଡ଼, ଉମରକୋଟ ଓ ରାଇଘର , ଅଞ୍ଚଳର କିଛି ଦଲାଲ୍ ସକ୍ରିୟ ଥିବା ସାଧାରଣ ରେ ଆଲୋଚନା ହେଉଅଛି । ସାଧାରଣ ତ ଦଲାଲ୍ ମାନେ ସିଧସଳଖ ଚାଷୀ ମାନଙ୍କ ନିକଟକୁ ଯାଇ ବହୁ କମ୍ ମୂଲ୍ୟରେ ଧାନ କିଣି ପଡ଼ୋଶୀ ରାଜ୍ୟ ଛତିଶଗଡ଼ କୁ ଚାଲାଣ କରୁଛନ୍ତି । ବର୍ତ୍ତମାନ ଧାନ ମଣ୍ଡି ଖୋଲି ନ ଥିବାରୁ ଦଲାଲ୍ ମାନେ ଏହାର ଫାଇଦା ଉଠାଉଛନ୍ତି ।

**● ଜିଲ୍ଲାପାଳଙ୍କୁ ଭେଟିଲେ ଡେଙ୍ଗାଜାନିଗୁଡ଼ା ଗ୍ରାମବାସୀ**

## ଗାଁ ସ୍ଥାନାନ୍ତର ନ ହେଲେ ଆତ୍ମାହୁତି ଧମକ



କୋରାପୁଟ, ୯।୧୨ (ସମିସ): ନାଲକୋ ପକ୍ଷରୁ ନିର୍ମାଣ ରେଡମଡ ପଣ୍ଡ ଯୋଗୁଁ ଗ୍ରାମବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଉ ଥିବା ଘଟଣା ଉଲ୍ଲେଖ କରି ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡେଙ୍ଗାଜାନିଗୁଡ଼ା ଗ୍ରାମବାସୀ ମଙ୍ଗଳବାର ସନ୍ଧ୍ୟାରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସାକ୍ଷାତ କରି ଗ୍ରାମବାସୀଙ୍କୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଅନୁରୋଧ କରିଛନ୍ତି । ଯଦି ୧୫ ଦିନ ମଧ୍ୟରେ ସ୍ଥାନାନ୍ତର କରା ନଯାଏ ତାହେଲେ ଗ୍ରାମବାସୀ ନାଲକୋ ମୁଖ୍ୟ ଫାଟକ ସମ୍ମୁଖରେ ସମୂହ ଆତ୍ମହୁତି ଦେବାକୁ ଚେତାବନୀ ଦେଇଛନ୍ତି । ଡେଙ୍ଗାଜାନିଗୁଡ଼ା ଗ୍ରାମର ସର୍ବ ମଙ୍ଗଳା ଠାକୁରାଣୀ ମା ନିସାନିମୁଣ୍ଡା ସଂଗଠନ ସଭାପତି ବଳି ବିଶୋଇ, ସମ୍ପାଦକ ପୁରୁଷୋତ୍ତମ ଜାନି, ସଦସ୍ୟ ଦାମ ବିଶୋଇ, ରଞ୍ଜିତା ସାହୁ, ବୃନ୍ଦାବନ ବିଶୋଇ, ଭାନୁବତି ବିଶୋଇ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ନାଲକୋ ପ୍ରତିଷ୍ଠା ସମୟରେ ସେମାନଙ୍କୁ କର୍ମନିଯୁକ୍ତି ସହ ଅନ୍ୟାନ୍ୟ ସୁବିଧା ଦେବା ପାଇଁ ପ୍ରତିଶ୍ରୁତି ଦେଇ ସେମାନଙ୍କ ଗ୍ରାମର ୨୫୭ ଏକର ଜମି ଅଧିଗ୍ରହଣ କରିଥିଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା ନାଲକୋ ଡେଙ୍ଗାଜାନିଗୁଡ଼ା ଗ୍ରାମରେ କୌଣସି ଉନ୍ନୟନ କାର୍ଯ୍ୟ କରିନଥିବା ବେଳେ ସେମାନଙ୍କୁ ମରଣ ମୁହଁକୁ ଠେଲି ଦେଇଛି । ଗତ କିଛି ବର୍ଷ ହେଲା ଗାଁ ଉପକଣ୍ଠରେ ନାଲକୋ ରେଡମଡ ପଣ୍ଡ ନିର୍ମାଣ କରିଛି, ଯାହାକି ଗ୍ରାମବାସୀଙ୍କ ପାଇଁ କାଳ ସାଜିଛି । ଯଦି ଦୁଇ ସପ୍ତାହ ମଧ୍ୟରେ ଗ୍ରାମବାସୀଙ୍କ ଦାବିପୂରଣ ନହୁଏ ତାହେଲେ ସେମାନେ ସମୂହ ଆତ୍ମହୁତି ଦେବାକୁ ଚେତାବନି ଦେଇଛନ୍ତି ।

## ପତ୍ନୀ ହତ୍ୟାକାରୀକୁ ଆଜୀବନ ଜେଲ୍

ଉମରକୋଟ, ୯।୧୨(ସମିସ): ପତ୍ନୀ ହତ୍ୟାକାରୀ ସ୍ୱାମୀକୁ ଉମରକୋଟ ଅତିରିକ୍ତ ଜିଲା ଦୌରା ଜଜ୍ ସୁନୀତା ପଟ୍ଟନାୟକ ଆଜି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି । ସୂଚନା ଅନୁସାରେ ଉମରକୋଟ ସହର ନିକଟସ୍ଥ ମିକ୍ସ ଫାର୍ମ ୟୁଭି ୫୨ ଗ୍ରାମର ବିପ୍ଲବ ବିଶ୍ୱାସ ୨୦୨୦ ମସିହା ଫେବ୍ରୁଆରୀ ୧୦ ତାରିଖ ଦିନ ଉମରକୋଟ ବ୍ଲକର ମୃତମା ଗ୍ରାମର ଅଜିତ ସରକାରଙ୍କ ଝିଅ ଚୁମୁକି ଓରଫ ସିପ୍ରା ବିଶ୍ୱାସଙ୍କ ସହ ବୈଦିକ ରୀତି ନୀତିରେ ବିବାହ କରିଥିଲେ । ବିବାହର କିଛି ଦିନ ପରେ ସ୍ୱାମୀ ବିପ୍ଲବ ବିଶ୍ୱାସ ଓ ଶାଶୂ ଆଶାଲତା ବିଶ୍ୱାସ ସିପ୍ରାକୁ ଯୌତୁକ ନିର୍ଯାତନ ଦେବା ସହ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଇ ଆସୁଥିଲେ । ୨୦୨୧ ଜାନୁଆରୀ ୫ ତାରିଖ ଦିନ ସକାଳ ପ୍ରାୟ ୧୦ ଟା ସମୟରେ ସ୍ୱାମୀ ବିପ୍ଲବ, ସ୍ତ୍ରୀ ସିପ୍ରା କୁ ବାପ ଘରେ ଛାଡ଼ି ଦେବି କହି ୩୫ ଦିନର ଝିଅ ଓ ସ୍ତ୍ରୀକୁ ଧରି ଏକ ବାଇକରେ ବସାଇ ବାହାରି ଥିଲା, ତେବେ ଅଧିକାରୀଗୁଡା ଠାରୁ ଚିକଲପଦର ସଂଯୋଗ କରୁଥିବା ଏକ ନିଛାଟିଆ ରାସ୍ତାରେ ବିପ୍ଲବ ବାଇକ ରଖି ସିପ୍ରାକୁ ପ୍ରଥମେ ମାଡ଼ ମାରିଥିଲା ପରେ ଶାଢୀର ଧଡ଼ିରେ ବେକକୁ ଜୋରରେ ଭିଡ଼ି ଦେବାରୁ ସିପ୍ରା ଘଟଣା ସ୍ଥଳରେ ହିଁ ପ୍ରାଣ ହରାଇଥିଲା । ୩୫ ଦିନର ଝିଅକୁ ଧରି ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲା । ୩୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଆଜି ଉମରକୋଟ ଅତିରିକ୍ତ ଜିଲା ଦୌରା ଜଜ ସୁଶ୍ରୀ ସୁନିତା ପଟ୍ଟନାୟକ ବିପ୍ଲବକୁ ୩୦୨ ଭାରତୀୟ ପିଙ୍ଗଳ ଧାରାରେ ଆଜୀବନ କାରାଦଣ୍ଡ ଆଦେଶ ଶୁଣାଇବା ସହ ୫୦ ହଜାର ଟଙ୍କା ଜୋରିମାନା ଅର୍ଥ ଦଣ୍ଡ ଶୁଣାଇଛନ୍ତି । ଅର୍ଥ ଅନାଦେୟ କ୍ଷେତ୍ରରେ ଆଉ ବର୍ଷେ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । କିନ୍ତୁ ପ୍ରମାଣ ଅଭାବରୁ ମା ଆଶା ଲତାକୁ ଖଲାସ କରି ଦେଇଛନ୍ତି । ସରକାରଙ୍କ ପକ୍ଷରୁ ସରକାରୀ ଆଇନଜୀବୀ ଝାଡେଶ୍ୱର ମହାନ୍ତି ମୋକଦ୍ଦମା ପରିଚାଳନା କରୁଥିଲେ ।

## ପୌରସଂସ୍ଥାର ଟେଣ୍ଡରର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା!

ଜୟପୁର, ୯ ।୧୨(ସମିସ) : ଜୟପୁର ପୌରସଂସ୍ଥା ପକ୍ଷରୁ ୪ଟି କାର୍ଯ୍ୟକାରୀ ସଂସ୍ଥାକୁ ପିପିପି ମୋଡରେ ପ୍ରଦାନ କରିବା ନେଇ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏହା ପୂର୍ବରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ପରିଚାଳନା କରୁଥିବା ଯୋଗୁଁ କେବଳ ମହିଳା ଏସଏଚଜିଙ୍କୁ ହିଁ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବା ନେଇ କାଉନସିଲ ବୈଠକ ନିଷ୍ପତି ଅନୁଯାୟୀ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏଥିରେ କିଛି ସର୍ତ୍ତବଳୀ ରଖାଯାଇଛି । ଭାରପ୍ରାପ୍ତ ପୌର ଅଧିକାରୀ ତଥା ଉପ ଜିଲ୍ଲାପାଳଙ୍କ ଅଗଚୋରରେ ପ୍ରକାଶ କରାଯାଇଥିବା ନେଇ ଚର୍ଚ୍ଚାର ବିଷୟ ପାଲଟିଛି । ଟେଣ୍ଡର ଆହ୍ୱାନ ଏବଂ ଏହାର ଅନ୍ୟାନ୍ୟ ନିୟମାବଳୀରେ ପୌରନିର୍ବାହୀ ଅଧିକାରୀଙ୍କ ସ୍ୱାକ୍ଷର ରହିଥିବା ବେଳେ ସର୍ତ୍ତାବଳୀ ପୃଷ୍ଠାରେ ପୌର ନିର୍ବାହୀ ଅଧିକାରୀଙ୍କ କୌଣସି ସ୍ୱାକ୍ଷର ନାହିଁ । ଏଥିରେ ଏହି ବିଭାଗକୁ ପରିଚାଳନା କରୁଥିବା ଏବଂ ଟେଣ୍ଡର ପାଇଁ କାର୍ଯ୍ୟକରୁଥିବା ୩ରୁ ୪ ଜଣ କର୍ମଚାରୀଙ୍କ ସଂଶ୍ଲିଷ୍ଟ ରହିଥିବା ବେଳେ ସେମାନଙ୍କୁ ଏହିପରି ପୌରନିର୍ବାହୀ ଅଧିକାରୀଙ୍କୁ ଅଗଚୋରରେ କାର୍ଯ୍ୟକରିବା ପାଇଁ କେଉଁ ଦାୟିତ୍ୱରେ ରହିଥିବା ବ୍ୟକ୍ତି ପ୍ରତ୍ସାହିତ କରିଥିବା ନେଇ କିଛି କାଉନସିଲର ମାନେ ଅଭିଯୋଗ କରିଛନ୍ତି ।ଜଣେ ଭାରତୀୟ ପ୍ରଶାସନିକ ଅଧିକାରୀ ପୌରସଂସ୍ଥାର ଭାରପ୍ରାପ୍ତ ଅଧିକାରୀ ରହିଥିବା ବେଳେ ବିନା ତାଙ୍କ ଦୃଷ୍ଟି ଆକର୍ଷଣରେ କର୍ମଚାରୀ ମାନଙ୍କ କାର୍ଯ୍ୟଧାରା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ବେଳେ ବେଆଇନ ନିୟମ ଭଙ୍ଗ କରାଯାଇ ସରକାରୀ କାର୍ଯ କରିଥିବା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି । ଏହିପରି ଆଜି କିଛି ଏହିପରି କିଛି ଟେଣ୍ଡର ଆବେଦନକାରୀ ଅନଲାଇନ ମାଧ୍ୟମରେ ଟେଣ୍ଡର କାଗଜ ଡାଉନଲୋଡ କରିବା ପରେ ଏହିପରି ଗୋଟିଏ ଓ ଦୁଇଟି ମହିଳା ଏସଏଚଜିଙ୍କୁ ସୁହାଇବା ଭଳି ସର୍ତ୍ତକୁ ନେଇ କିଛି କାଉନସିଲରଙ୍କୁ ଅବଗତ କରିଥିଲେ । ଏହିପରି କାଉନସିଲର ମାନେ ପୌର ନିର୍ବାହୀ ଅଧିକାରୀ ଏ.ଶଶ୍ୟା ରେଡ୍ଡି ଏବଂ ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତଙ୍କ ନିକଟରେ ଅଭିଯୋଗ କରିଥିଲେ । ଅପରାହ୍ନରେ ପୌର ନିର୍ବାହୀ ଅଧିକାରୀ କୁମାରୀ ରେଡ୍ଡି ପୌର କାର୍ଯ୍ୟାଳୟରେ ପହଞ୍ଚିଥିଲେ ଏବଂ ସମସ୍ତ ବିଷୟର ଯାଞ୍ଚ ବେଳେ ଏହିପରି ସମସ୍ୟା ନେଇ ଜାଣିବା ସହିତ ଏଥିରେ ସାମିଲ କିଛି କର୍ମଚାରୀଙ୍କୁ ତାଗିଦ୍ କରିଥିଲେ । ଏହିପରି ଆବେଦନ କରିଥିବା ଦୁଇଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ମାନେ କାର୍ଯାଳୟରେ ପହଞ୍ଚି ଟେଣ୍ଡରରେ ଏହିପରି ସର୍ତ୍ତକୁ ନେଇ ପୌର ନିର୍ବାହୀ ଅଧିକାରୀ କୁମାରୀ ରେଡ୍ଡିଙ୍କୁ ଅଭିଯୋଗ କରିଛନ୍ତି । ଏହିପରି କୌଣସି ସର୍ତ୍ତ ନଥିବା ବେଳେ ଆବଶ୍ୟକ ସ୍ଥଳେ ପୁନଃର୍ବାର ଟେଣ୍ଡର ଆହ୍ୱାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଟେଣ୍ଡର ପ୍ରକ୍ରିୟା ନିମନ୍ତେର ଗତ ୫ ତାରିଖରେ ପୌରସଂସ୍ଥା ପକ୍ଷରୁ ଟାଉନହଲ ନିକଟସ୍ଥ ଆହାର କେନ୍ଦ୍ର ରୋଷେଇ ଏବଂ ବଣ୍ଟନ, ଆଶ୍ରୟ ସ୍ଥଳୀ, ଜୟପୁର ଗୋଡିଆ ଧୋବାସାହି, କୁମ୍ଭାରସାହି, ମକାପୁଟ ଏମସିସିର ଖତ ପ୍ରସ୍ତୁତିକରଣ ଏବଂ ମକାପୁଟ ଠାରେ ମଳମୂତ୍ର ପ୍ରକ୍ରିୟାକରଣ ପରିଚାଳନା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହିପରି ଗତ ୬ ତାରିଖ ଠାରୁ ଆସନ୍ତା ୨୦ ତାରିଖ ସଂଧ୍ୟା ୫ଟା ସୁଦ୍ଧା ଅନଲାଇନ ମାଧ୍ୟମରେ ଟେଣ୍ଡର କାଗଜ ଡାଉନଲୋଡ ଏବଂ ଦାଖଲା ନେଇ ଧାର୍ଯ୍ୟ କରାଯାଇଥିବା ବେଳେ ୨୧ ତାରିଖରେ ଏହାର ଉଠାଣ କରାଯିବା ନେଇ ଉଲ୍ଲେଖ ରହିଛି ।

## ୨ ୱାରେଣ୍ଟି ଗିରଫ

ଉମରକୋଟ, ୯।୧୨ (ସମିସ): ୨୦୧୭ ମସିହାର ଏକ ଘଟଣାରେ ସମ୍ପୃକ୍ତ ୨ ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଉମରକୋଟ ପୋଲିସ । ଥାନା ଅଧିକାରୀ ରମାକାନ୍ତ ସାଏଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ଅକ୍ଷୟ ମିଶ୍ର ଦୁଇ ୱାରେଣ୍ଟିଙ୍କୁ ବଡ଼କୁମାରୀ ଗ୍ରାମରୁ ଗିରଫ କରିବା ସହ କୋର୍ଟରେ ହଜାର କରିଥିଲେ । ପରେ ଦୁଇ ବ୍ୟକ୍ତିଙ୍କୁ ଜେଲ ପଠାଯାଇଛି । ଏହି ଦୁଇଜଣ ବ୍ୟକ୍ତି ମାନେ ହେଲେ ଉମରକୋଟ ବ୍ଲକ ଅନ୍ତର୍ଗତ ବଡକୁମାରୀ ଗ୍ରାମର ଚିତ୍ତରଞ୍ଜନ ସିକଦାର (୬୦)ବର୍ଷ ଓ ନିରଞ୍ଜନ ସିକଦାର (୬୨) ବର୍ଷ । ଏହି ଘଟଣାରେ ଆଉ କିଛି ଅଭିଯୁକ୍ତ ମଧ୍ୟ ଅଛନ୍ତି । ଯାହାକୁ ଶୀଘ୍ର ଗିରଫ କରାଯିବ ବୋଲି ଉମରକୋଟ ଥାନା ଆଇଆଇସି ରମାକାନ୍ତ ସାଏ କହିଛନ୍ତି ।

| ମୁଦ୍ରା ବିନିମୟ ମୂଲ୍ୟ | ସୁନା, ରୁପା ଦର (ଟଙ୍କାରେ) | ଷ୍ଟକ୍ ମାର୍କେଟ୍ | ପେଟ୍ରୋଲ-ଡିଜେଲ୍ |
|---|---|---|---|
| ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ) | ୧୦ ଗ୍ରାମ ପିଛା (୨୨ କ୍ୟାରେଟ୍) | ବଜାର କାରବାର (ପଏଣ୍ଟରେ) | ଲିଟର ପିଛା (ଟଙ୍କାରେ) |
| ● ଡଲାର ୯୦.୭୫ ● ପାଉଣ୍ଡ ୧୨୦.୭୮ | ● ସୁନା: ୧,୧୯,୫୬୦ (ନୂଆଦିଲ୍ଲୀ) | ● ସେନ୍‌ସେକ୍ସ ୮୪,୬୬୬.୦୦ | ● ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର) |
| ● ୟୁରୋ ୧୦୪.୭୫ ● ୟେନ୍ ୦.୫୭ | ● ରୁପା : ୧,୮୮,୦୦୦ (କେଜି) | ● ନିଫ୍ଟି ୨୫,୮୩୯.୦୦ | ● ଡିଜେଲ୍ - ୯୨.୮୦ |







# ନବୀନ ସରକାରରେ ସ୍କୁଲ୍‌ରେ ଡ୍ରପ୍‌ଆଉଟ୍ ହାର କମ୍

ଭୁବନେଶ୍ୱର, ୯।୧୨(ସମିସ): ବିଭିନ୍ନ କାରଣରୁ ଦେଶରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ବର୍ଷ ଅନୁଯାୟୀ ବଢ଼ିବାରେ ଲାଗିଛି। ତେବେ ଏ କ୍ଷେତ୍ରରେ ଦେଶ ତୁଳନାରେ ରାଜ୍ୟର ସ୍ଥିତି ବେଶ ଭଲ ରହିଛି। ବିଶେଷ କରି ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଅଧାରୁ ପାଠ ଛାଡୁଥିବା ବା ଡ୍ରପ୍ ଆଉଟ୍ ପିଲାଙ୍କ ସ୍ଥିତି ଦେଖିଲେ ଓଡ଼ିଶାରେ ଏହି ହାର ଜାତୀୟ ହାରଠାରୁ ବହୁତ କମ୍ ରହିଛି। ଏହାର ଶ୍ରେୟ ପୂର୍ବରୁ ନବୀନ୍ ସରକାରଙ୍କୁ ଯାଉଛି। ଯଦି ଆମେ ଗତ ୫ବର୍ଷର ତଥ୍ୟକୁ ଦେଖିବା ତେବେ ଏହି ସମୟ ମଧ୍ୟରେ ଦେଶରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ହାର ପାଖାପାଖି ୮ ପ୍ରତିଶତ ରହିଛି। ୨୦୧୮-୧୯ ଆର୍ଥିକବର୍ଷରେ ଓଡ଼ିଶାରେ ପ୍ରଥମିକ ସ୍ତରରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ହାର ମାତ୍ର ୩.୪ ପ୍ରତିଶତ ରହିଥିବାବେଳେ ୨୦୧୮-୧୯ ଆର୍ଥିକବର୍ଷରେ ଏହି ହାର ଶୂନ୍ ରହିଥିବା ରାଜ୍ୟରେ ବିଦ୍ୟାଳୟ ଓ ଶିକ୍ଷା ଉପରେ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହା କୁହାଯାଇଛି।




ଭୁବନେଶ୍ୱରସ୍ଥିତ ଏଜିଙ୍କ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ମହାଲେଖାକାର ଅତୁଳ ପ୍ରକାଶ ଏହି ରିପୋର୍ଟ ଉନ୍ମୋଚନ କରି କହିଛନ୍ତି ଯେ, ୟୁଡି ଆଇଏସ୍‌ର+ ଅନୁଯାୟୀ, ଅଧାରୁ ପାଠପଢ଼ା ଛାଡୁଥିବା ହାର ହେଉଛି ଏକ ନିର୍ଦ୍ଦିଷ୍ଟ ବିଦ୍ୟାଳୟ ବର୍ଷରେ ଏକ ନିର୍ଦ୍ଦିଷ୍ଟ ସ୍ତରରେ ନାମ ଲେଖାଇଥିବା ଗୋଷ୍ଠୀର ଛାତ୍ରଛାତ୍ରୀଙ୍କ ଅନୁପାତ, ଯେଉଁମାନେ ପରବର୍ତ୍ତୀ ବିଦ୍ୟାଳୟବର୍ଷରେ ଆଉ କୌଣସି ଗ୍ରେଡ୍‌ରେ ନାମ ଲେଖାଇନାହାଁନ୍ତି। ଶିକ୍ଷାର ବିଭିନ୍ନ ସ୍ତର ପାଇଁ ସର୍ବ ଭାରତୀୟ ସ୍ତର ତୁଳନାରେ ରାଜ୍ୟ ସ୍ତରରେ ଅଧାରୁ ପାଠ ଛାଡ଼ି ଥିବା ହାର। ପ୍ରାଥମିକ ସ୍ତରରେ ଦେଶରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ୨୦୧୮-୧୯ରେ ୪.୫ ପ୍ରତିଶତ ରହିଥିବାବେଳେ ଓଡ଼ିଶାରେ ଏହା ମାତ୍ର ୩.୪ ପ୍ରତିଶତ ରହିଛି। ସେହିପରି ୨୦୧୮-୧୯ ଆର୍ଥିକବର୍ଷରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ଦୃଷ୍ଟିରୁ ସର୍ବଭାରତୀୟ ସ୍ତରରେ ଏହା ୭.୮ ପ୍ରତିଶତ ରହିଥିବାବେଳେ ରାଜ୍ୟରେ ଏହା ଦେଶରେ ସବୁଠାରୁ ଭଲ ଶୂନ୍ ପ୍ରତିଶତ ରହିଛି।

ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟୋମାନଙ୍କ ମଧ୍ୟରେ ଉପ ମହାଲେଖାକାର ପ୍ରଥମା ପ୍ରତୀକ୍ଷା ପ୍ରଧାନ, ଉପ ମହାଲେଖାକାର ଭୀମଲେଶ କୁମାର ,ଉପ ମହାଲେଖାକାର ସଞ୍ଜୟ କୁମାର, ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ଶ୍ରୀମନ୍ତ କୁମାର ପଣ୍ଡା ଏବଂ ବିଚିତ୍ରା ନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସିଏଜି ରିପୋର୍ଟ

**ଜାତୀୟ ହାର ତୁଳନାରେ ଓଡ଼ିଶାର ଡ୍ରପ୍ ଆଉଟ୍ ହାର ନଗଣ୍ୟ**

**ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ଉନ୍ନତ ସ୍ଥିତିରେ ଓଡ଼ିଶା**

# ଭିଡା ଇଭୋଟର ଭିଏକ୍ସ ୨ 'ଇଲେକ୍‌ଟ୍ରିକ୍ ଟୁ-ହ୍ୱିଲର ଅଫ୍ ଦ ଇୟର ୨୦୨୫'

ନୂଆଦିଲ୍ଲୀ, ୯।୧୨(ଏଜେନ୍ସି): ହିରୋମୋଟୋ କର୍ପ ଏକ ନୂତନ 'ଇଭୋଟର' ବଜାରକୁ ଛାଡିଛି। ଏହାର ନାମ ' ଭିଡା ଇଭୋଟର ଭିଏକ୍ସ୨'। 'ଭିଡା ଇଭୋଟର ଭିଏକ୍ସ୨' ଇତିମଧ୍ୟରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କମ୍ପାନୀର ଏହି ଇଭିକୁ 'ଇଲେକ୍‌ଟ୍ରିକ୍ ଟୁ-ହ୍ୱିଲର ଅଫ୍ ଦ ଇୟର ୨୦୨୫' ପୁରସ୍କାର ମିଳିଛି। ଭିଡା ଇଭୋଟର ଭିଏକ୍ସ୨ର ଏହି ସଫଳତା ହାସଲ କରି ଏହାର ପ୍ରତିଦ୍ୱନ୍ଦ୍ୱୀମାନଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ପ୍ରଦର୍ଶନ ଦୃଷ୍ଟିରୁ ଏହି ଗାଡ଼ି ଯେମିତି ଶକ୍ତିଶାଳୀ ଲୁକ୍‌ରୁ ସେମିତି ଆକର୍ଷଣୀୟ। ଏହି ସ୍କୁଟରକୁ ଗ୍ରାହକଙ୍କ ଆଉ ଭଲ ରେସପନ୍ସ ମିଳିଛି। ଏହି ପୁରସ୍କାର ସମ୍ପର୍କରେ କମ୍ପାନୀ ପକ୍ଷରୁ କୁହାଯାଇଛି, ଆମେ କେବଳ ଏକ ଟ୍ରଫି ଜିତିନାହୁଁ, ଆମେ ବଜାର ମାନ୍ୟକରଣ ମଧ୍ୟ ଜିତିଛୁ। ଏବେ ଗାଡ଼ି ବିକ୍ରି କ୍ଷେତ୍ରରେ ଏହି ସଫଳତା ହାସଲ କରିବୁ ଏବେ ସମୟ ଆସିଛି ଏହି ପୁରସ୍କାରର ଲାଭ ସର୍ବାଧିକ ବଜାରରେ ଏବଂ ରିଟେଲ ବଜାରରେ ପହଞ୍ଚାଇବା।




### ୨୨୮ କୋଟିର ବ୍ୟାଙ୍କିଙ୍ଗ ଦୁର୍ନୀତି ଅଭିଯୋଗ

# ଅନୀଲଙ୍କ ଅମ୍ବାନୀଙ୍କ ପୁଅ ନାମରେ ମାମଲା ରୁଜୁ କଲା ସିବିଆଇ

ନୂଆଦିଲ୍ଲୀ ,୯।୧୨(ଏଜେନ୍ସି): ଶିଳ୍ପପତି ଅନିଲ ଅମ୍ବାନୀଙ୍କ ପରେ ଏବେ ପୁଅ ଜୟ ଅନମୋଲ ଅମ୍ବାନୀଙ୍କ ବିରୋଧରେ ୨୨୮ କୋଟି ଟଙ୍କାର ବ୍ୟାଙ୍କିଙ୍ଗ ଦୁର୍ନୀତି ମାମଲାରେ ସାମ୍ନାକୁ ଆସିଛି। ସିବିଆଇ ରିଲାଏନ୍ସ ହାଉସିଂ ଫାଇନାନ୍ସ ଲିମିଟେଡ (ଆର୍‌ଏଚ୍‌ଏଫ୍‌ଏଲ୍) ସମ୍ପର୍କିତ ଏକ ମାମଲାରେ ଅପରାଧିକ ମାମଲା ରୁଜୁ କରିଛି। ଅନିଲ ଅମ୍ବାନୀଙ୍କ ପୁଅଙ୍କ ନାମରେ ଏତଲା ହେବା ଏହା ପ୍ରଥମ ଘଟଣା। ଅଭିଯୋଗରେ ଆରୋପ ଲଗାଯାଇଛି ଯେ କମ୍ପାନୀ ଦ୍ୱାରା କରାଯାଇଥିବା ଅନିୟମିତତା କାରଣରୁ ବ୍ୟାଙ୍କକୁ ୨୨୮.୦୬ କୋଟି ଟଙ୍କାର କ୍ଷତି ହୋଇଛି।

ସିବିଆଇ ଅନୁସାରେ ଏହି ମାମଲା ଆର୍‌ଏଚ୍‌ଏଫ୍‌ଏଲ୍ , ଏହାର ପୂର୍ବତନ ସିଇଓ ତଥା ପୂର୍ଣ୍ଣକାଳ ନିର୍ଦ୍ଦେଶକ ରବିନ୍ଦ୍ର ସୁଧାଲକର, ଜୟ ଅନମୋଲ ଅମ୍ବାନୀ ଓ ଅନ୍ୟ ଅଜ୍ଞାତ ଲୋକଙ୍କ ବିରୋଧରେ ରୁଜୁ ହୋଇଛି। ଅଭିଯୋଗରେ କୁହାଯାଇଛି ଯେ ଏମାନଙ୍କ ବିରୋଧରେ ଠକେଇ ଓ ଅପରାଧିକ ଷଡ଼ଯନ୍ତ୍ର ଅଭିଯୋଗ ରହିଛି। ଋଣ ଦିଆଯିବା ଓ ଅସୁଲି ସମ୍ପର୍କିତ ଅନିୟମିତତା ଯୋଗୁ ବ୍ୟାଙ୍କକୁ ବଡ଼ ଧରଣର ଆର୍ଥିକ କ୍ଷତି ହୋଇଥିବା ଅଭିଯୋଗରେ କୁହାଯାଇଛି। ସିବିଆଇରେ ହୋଇଥିବା ଲିଖିତ ଅଭିଯୋଗରେ କୁହାଯାଇଛି ଯେ ଜୟ ଅନମୋଲ ଅମ୍ବାନୀ ଓ ରବିନ୍ଦ୍ର ସୁଧାଲକରଙ୍କ ସହିତ ଅନ୍ୟ ଲୋକେ ନେଇଥିବା ଭୁଲ ନିଷ୍ପତ୍ତି ଯୋଗୁ ଭୁଲ ଲୋକଙ୍କୁ ଲାଭାନ୍ୱିତ କରାଯାଇଛି ଏବଂ ଏଥିଯୋଗୁ ବ୍ୟାଙ୍କର କ୍ଷତି ହୋଇଛି। ଅଭିଯୋଗରେ ଏହା ମଧ୍ୟ କୁହାଯାଇଛି ଯେ କମ୍ପାନୀର ଅନ୍ତରୀଣ ନିୟମକୁ ଟାଳି ଋଣ ଦେବା ଓ ପୈଠ କରିବାରେ ଗଡବଡ଼ କରାଯାଇଛି। ତେବେ ଅନିଲ ଅମ୍ବାନୀ ସମୂହ ପକ୍ଷରୁ ଏପର୍ଯ୍ୟନ୍ତ ମାମଲାରେ ବିସ୍ତୃତ ସାର୍ବଜନିକ ବୟାନ ଜାରି କରାଯାଇନାହିଁ। ତେବେ ଆଶା କରାଯାଉଛି ସମୂହ ଖୁବ୍ ଶୀଘ୍ର ନିଜର ଅଧିକାରୀକ ପ୍ରତିକ୍ରିୟା ଜାରି କରିପାରେ।

# ଲାଇସେନ୍ସିଂ ସହଭାଗିତା ବଢ଼ାଇଲା ବ୍ଲାପଙ୍କ୍‌ଟ କାର ଇନଫୋଟେନମେଣ୍ଟ

ନୂଆଦିଲ୍ଲୀ, ୯।୧୨(ଏଜେନ୍ସି): କାର ଇନଫୋଟେନମେଣ୍ଟ ଓ ଅଡିଓ ଆସେସୋରିଜ କ୍ଷେତ୍ରରେ ବିଶ୍ୱସ୍ତରରେ ଭରସାଯୋଗ୍ୟ ନାମ ବ୍ଲାପଙ୍କ୍‌ଟ ବିପିଆଇଏନ୍ ପ୍ରାଇଭେଟ ଲିମିଟେଡ ସହିତ ତାହାର ଦୀର୍ଘକାଳୀନ ଲାଇସେନ୍ସିଂ ସହଭାଗିତାକୁ ୨୦୪୧ ପର୍ଯ୍ୟନ୍ତ ବୃଦ୍ଧି କରିବା ନେଇ ଘୋଷଣା କରିଛି। ଏହି ରଣକୌଶଳାତ୍ମକ ନବୀକରଣ ନବସୃଜନ, ବିଶ୍ୱାସ ଏବଂ ଭାରତୀୟ ଗ୍ରାହକଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ବିଶ୍ୱ ଶ୍ରେଣୀର ଅଟୋମୋଟିଭ ସମାଧାନଗୁଡିକ ଯୋଗାଇଦେବାକୁ ସହଭାଗୀ ଲକ୍ଷ୍ୟ ଉପରେ ନିର୍ମିତ ୨୭ବର୍ଷର ସହଯୋଗୀତାକୁ ଜାରି ରଖିବା ବିଷୟ ଆଧାରିତ ହୋଇଛି। ଏହି ନବୀକୃତ ରାଜିନାମା ଭାରତର ଦ୍ରୁତ ପରିବର୍ତ୍ତନଶୀଳ ଅଟୋମୋଟିଭ ପରିବ୍ୟବସ୍ଥା ପ୍ରତି ବ୍ଲାପଙ୍କ୍‌ଟର ପ୍ରତିବଦ୍ଧତାକୁ ପୁନଃଦୃଢୀକରଣ କରୁଛି ଏବଂ ଏକ ପ୍ରମୁଖ ଅଭିବୃଦ୍ଧି ସହଭାଗୀ ଭାବରେ ବିପିଆଇଏନ୍‌ର ଭୂମିକା ସମ୍ପର୍କରେ ଉଲ୍ଲେଖ କରୁଛି। ଉଭୟ କାର ଅଡିଓ ଏବଂ କାର ଆସେସୋରିଜକୁ ପରିସରଭୁକ୍ତ କରୁଥିବା ଏହି ସହଭାଗୀତା ଉତ୍ପାଦର ଉପଲବ୍ଧତାରେ ବୃଦ୍ଧି ଘଟାଇବା ଏବଂ ଉଚ୍ଚ ପ୍ରଦର୍ଶନକାରୀ ଇନଫୋଟେନମେଣ୍ଟ ବ୍ୟବସ୍ଥାଗୁଡିକର ବର୍ଦ୍ଧିତ ଚାହିଦା ପୂରଣ କରିବା ନିମନ୍ତେ ଓଇଏମ୍‌ସମୂହ ଏବଂ ପରବର୍ତ୍ତୀବଜାର ସହିତ ଗଭୀର ସହଯୋଗିତାକୁ ଆଗେଇନେବାର ଲକ୍ଷ୍ୟ ରଖିଛି।

# ଶସ୍ତା ଚାଉଳ ନେଇ ଭାରତ ଉପରେ ଟ୍ରମ୍ପ କ୍ଷୁବ୍ଧ

### ଚାଉଳ ଆମଦାନୀ ଉପରେ ଅତିରିକ୍ତ ଶୁଳ୍କ ଲଗାଇବାକୁ ଧମକ

ୱାଶିଂଟନ୍, ୯।୧୨(ଏଜେନ୍ସି): ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆମେରିକା ଭାରତରୁ ଆସୁଥିବା ଚାଉଳ ଏବଂ କାନାଡାରୁ ଆସୁଥିବା ସାର ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରିବାକୁ ବିଚାର କରୁଛି। ସେ କହିଛନ୍ତି ଯେ ଅନ୍ୟ ଦେଶରୁ ଆସୁଥିବା ଶସ୍ତା ସାମଗ୍ରୀ ଆମେରିକୀୟ ଚାଷୀଙ୍କ କ୍ଷତି କରୁଛି। ସୋମବାର ହ୍ୱାଇଟ୍ ହାଉସରେ କୃଷକମାନଙ୍କ ପାଇଁ ନୂତନ ଆର୍ଥିକ ସହାୟତା ଘୋଷଣା କରିବା ସମୟରେ ଟ୍ରମ୍ପ ଏହି ବିବୃତ୍ତି ଦେଇଥିଲେ। ଟ୍ରମ୍ପ କହିଛନ୍ତି ଯେ ଭାରତ, ଭିଏତନାମ ଏବଂ ଥାଇଲ୍ୟାଣ୍ଡ ଭଳି ଦେଶ ଆମେରିକାକୁ ବହୁତ ଶସ୍ତା ଚାଉଳ ବିକ୍ରି କରୁଛନ୍ତି, ଯାହା ଫଳରେ ଏଠାକାର ଚାଷୀଙ୍କ ଆୟ ହ୍ରାସ ପାଉଛି। ସେ ଏହାକୁ "ଡମ୍ପିଂ" ବୋଲି କହିଥିଲେ ଏବଂ କହିଥିଲେ ଯେ ଏହା ହେବା ଉଚିତ୍ ନୁହେଁ। ଟ୍ରମ୍ପ ତାଙ୍କ ଅର୍ଥମନ୍ତ୍ରୀ ସ୍କଟ ବେସାଣ୍ଟଙ୍କୁ ପଚାରିଥିଲେ ଯେ ଭାରତ ଚାଉଳ ଉପରେ କୌଣସି ଛାଡ଼ ପାଇଛି କି? ମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନା ଚାଲିଛି।

ଟ୍ରମ୍ପ୍ ଏହା ମଧ୍ୟ କହିଛନ୍ତି ଯେ ଆବଶ୍ୟକ ହେଲେ, ଆମେରିକା କାନାଡାରୁ ଆସୁଥିବା ସାର ଉପରେ କଠୋର ଶୁଳ୍କ ଲାଗୁ କରିପାରିବ। ସେ କହିଛନ୍ତି ଯେ କାନାଡାରୁ ବହୁତ ସାର ଆସୁଛି। ଯଦି ଏହା ଅତ୍ୟଧିକ ଶସ୍ତା ହୋଇଯାଏ, ତେବେ ଆମେ ଏହା ଉପରେ କଠୋର ଶୁଳ୍କ ଲାଗୁ କରିବୁ। କାନାଡା ଆମେରିକାକୁ ସର୍ବାଧିକ ପରିମାଣର ପୋଟାସ୍ ସାର ଯୋଗାଇଥାଏ। ଏପର୍ଯ୍ୟନ୍ତ, ଏହା ବାଣିଜ୍ୟ ଚୁକ୍ତିନାମା ଦ୍ୱାରା ସୁରକ୍ଷିତ ରହିଛି। ଆମେରିକାରେ ମୁଦ୍ରାସ୍ଫୀତି ଏବଂ ମୂଲ୍ୟବୃଦ୍ଧି ଯୋଗୁଁ ଟ୍ରମ୍ପ ବର୍ଦ୍ଧିତ ଚାପର ସମ୍ମୁଖୀନ ହେଉଛନ୍ତି। ଚାଷୀମାନେ ମଧ୍ୟ ବର୍ଦ୍ଧିତ ମୂଲ୍ୟର ସମ୍ମୁଖୀନ ହେଉଛନ୍ତି। ସାର ଉପରେ ଏକ ନୂତନ ଶୁଳ୍କ ସେମାନଙ୍କ ସମସ୍ୟାକୁ ଆହୁରି ଖରାପ କରିପାରେ। ଆମେରିକା ସେମାନଙ୍କ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ତାଲିକାରେ ପୋଟାସ୍ ଏବଂ ଫସଫେଟ୍ ଯୋଡିଛି, କିନ୍ତୁ ଚାଷୀମାନେ ଏବେ ବି ଏହାକୁ ନେଇ ଚିନ୍ତିତ। ଟ୍ରମ୍ପ ମେକ୍ସିକୋ ଉପରେ ଅତିରିକ୍ତ ୫% ଶୁଳ୍କ ଲାଗୁ କରିବାକୁ ଧମକ ମଧ୍ୟ ଦେଇଥିଲେ, ଏହା ଆମେରିକାକୁ ଚୁକ୍ତି ଅନୁଯାୟୀ ପାଣି ଯୋଗାଇ ନ ଥିବା ଅଭିଯୋଗ କରିଥିଲେ। ଏହି ଚୁକ୍ତିନାମା ପ୍ରାୟ ୮୦ ବର୍ଷ ପୁରୁଣା, କିନ୍ତୁ ଆମେରିକା ଦୀର୍ଘ ସମୟ ଧରି ମେକ୍ସିକୋକୁ ଏହାର ଅନୁପାଳନ କରୁ ନ ଥିବା ଅଭିଯୋଗ କରିଆସୁଛି।



# ଟଙ୍କା ମୂଲ୍ୟରେ ୧୭ ପଇସା ବୃଦ୍ଧି

ମୁମ୍ବାଇ ୯ ।୧୨(ଏଜେନ୍ସି): ଘରୋଇ ମୁଦ୍ରା ଟଙ୍କା ମୂଲ୍ୟରେ ହ୍ରାସ କେବଳ ବିଦେଶୀ ନିବେଶକଙ୍କ ପ୍ରତ୍ୟାହାର ପାଇଁ ନୁହେଁ ବରଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଯୋଗୁ ହୋଇଛି। ଏଥିପାଇଁ ଟଙ୍କା ଏତେ କ୍ଷତିର ସମ୍ମୁଖୀନ ହେଉଛି। ଏକ ସମୟରେ ଟଙ୍କାର ବିନିମୟ ମୂଲ୍ୟ ଡଲାର ତୁଳନାରେ ୮୩ ଟଙ୍କା ସ୍ତରରେ ରହିଥିଲା। ଯାହା ଟ୍ରମ୍ପ୍‌ଙ୍କ ଟାରିଫ୍ ପାଇଁ ୯୦ ଟଙ୍କା ଉପରକୁ ଚାଲିଯାଇଛି। ମଙ୍ଗଳବାର ସକାଳେ ଟ୍ରମ୍ପ୍ ଭାରତକୁ ଟାରିଫ୍ ଧମକ ଦେଇଛନ୍ତି। ଏଥର ଟ୍ରମ୍ପଙ୍କ ଟାର୍ଗେଟ୍ ପାଲଟିଛି ଭାରତର ବାସମତୀ ଚାଉଳ ଏଣୁ ପ୍ରାରମ୍ଭିକ ଅଧିବେଶନରେ ଡଲାର ତୁଳନାରେ ଟଙ୍କା କ୍ଷତିରେ ପଡିଥିଲା। ହେଲେ ବଜାର ବନ୍ଦ ହେବା ବେଳକୁ ଅଚାନକ ଏପରି କିଛି ହୋଇଛି ଯାହାକୁ ବିଶ୍ୱାସ ବି କରି ହେଉନି।

ମଙ୍ଗଳବାର ସକାଳେ କାରବାର ଆରମ୍ଭ କାଳରେ ଟଙ୍କା ୧୦ ପଇସା ହ୍ରାସର ସମ୍ମୁଖୀନ ହୋଇଥିଲା, ହେଲେ କାରବାର ବନ୍ଦ ବେଳକୁ ଏଥିରେ ୧୭ ପଇସା ଅଭିବୃଦ୍ଧି ଦେଖା ଯାଇଛି। ଫଳରେ ଟ୍ରମ୍ପଙ୍କ ଟାରିଫକୁ ଜବାବ ମିଳିଯାଇଛି। ଏଣୁ ଟଙ୍କା ତୁଳନାରେ ଡଲାର ମୂଲ୍ୟ ୯୦ ଟଙ୍କାରୁ ତଳକୁ ଖସି ମଜଭୁତ ହୋଇଛି। ବିଶେଷଜ୍ଞଙ୍କ ଅନୁସାରେ ମଙ୍ଗଳବାର ଫେଡେରାଲ ରିଜର୍ଭର ବୈଠକ ଆରମ୍ଭ ହୋଇଛି। ଏଥିରେ ୨୫ ବେସିସ ପଏଣ୍ଟ ପଲିସି ରେଟ କଟ୍ ହୋଇପାରେ। ଯାହାର ସମର୍ଥନ ମୁଦ୍ରା ବିନିମୟ ବଜାରରେ ଟଙ୍କାକୁ ମିଳିଛି। ମଙ୍ଗଳବାର ଆମେରିକା ଡଲାର ଓ ଅଶୋଧିତ ତୈଳ ନିଜର ହାଇଲେବୁଲରୁ ତଳକୁ ଖସିଛନ୍ତି। ଏଣୁ ଟଙ୍କା କାରବାର ଆରମ୍ଭରେ ସମ୍ମୁଖୀନ ହୋଇଥିବା ହ୍ରାସରୁ ଉପରକୁ ଉଠି ୧୭ ପଇସା ବୃଦ୍ଧି ହାସଲ କରିଛି। ଏଣୁ ଡଲାରର ଚୂଡ଼ାନ୍ତ ମୂଲ୍ୟ ୮୯.୮୮ ପଇସାରେ ବନ୍ଦ ହୋଇଛି।

# ଅନନ୍ତ ଅମ୍ବାନୀଙ୍କୁ 'ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ପୁରସ୍କାର'

ନୂଆଦିଲ୍ଲୀ, ୯।୧୨ : ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ପଶୁ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୁକ୍ତରାଷ୍ଟ୍ର ଆମେରିକାରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ପୁରସ୍କାର ସମାରୋହରେ ଅନନ୍ତ ଅମ୍ବାନୀଙ୍କୁ 'ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ପୁରସ୍କାର'ରେ ସମ୍ମାନିତ କରାଯାଇଛି। ବନତାରା ମାଧ୍ୟମରେ ପ୍ରାଣୀମାନଙ୍କର ଉଦ୍ଧାର, ଚିକିତ୍ସା, ପୁନର୍ବାସ ଏବଂ ସଂରକ୍ଷଣରେ ତାଙ୍କର ନେତୃତ୍ୱ ପାଇଁ ଅନନ୍ତ ଅମ୍ବାନୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସଫଳତା ସହିତ, ଅନନ୍ତ ଅମ୍ବାନୀ ଏକ ବିଶେଷ ରେକର୍ଡ ମଧ୍ୟ ସ୍ଥାପନ କରିଛନ୍ତି। ସେ ଏହି ସମ୍ମାନ ପାଇବାରେ ସବୁଠାରୁ କମ୍ ବୟସର ଏବଂ ପ୍ରଥମ ଏସୀୟ ହୋଇଛନ୍ତି। ପୂର୍ବରୁ, ଏହି ପୁରସ୍କାର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍ ଏଫ୍ କେନେଡି ଏବଂ ବିଲ୍ କ୍ଲିଣ୍ଟନଙ୍କ ସମେତ ଅନେକ ହଲିଉଡ୍ ସେଲିବ୍ରିଟି ଓ ବିଶ୍ୱ ନେତାଙ୍କୁ ପ୍ରଦାନ କରାଯାଇଛି। ଏହି ସମ୍ମାନ ସହିତ, ବନତାରାର ଉଲ୍ଲେଖନୀୟ କାର୍ଯ୍ୟ ପୁଣି ଥରେ ବିଶ୍ୱସ୍ତରରେ ଚର୍ଚ୍ଚାରେ ଆସିଛି। ବନତାରା ଆଜି ବିଶ୍ୱର ସବୁଠାରୁ ଅନନ୍ୟ ଏବଂ ବୃହତ୍ ବନ୍ୟପ୍ରାଣୀ ସଂରକ୍ଷଣ ପ୍ରକଳ୍ପ ମଧ୍ୟରୁ ଅନ୍ୟତମ। ଏହା ଆହତ, ଅସୁସ୍ଥ ଏବଂ ସଂକଟରେ ପଡିଥିବା ପ୍ରାଣୀମାନଙ୍କୁ ନୂତନ ଜୀବନ ଦେବା ସହିତ ବିଲୁପ୍ତ ହେଉଥିବା ପ୍ରଜାତିଗୁଡ଼ିକୁ ବଞ୍ଚାଇବା ଏବଂ ସେମାନଙ୍କୁ ସୁରକ୍ଷିତ ପରିବେଶରେ ଫେରାଇ ଆଣିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ପୁରସ୍କାର ଗ୍ରହଣ କରି ଅନନ୍ତ ଅମ୍ବାନୀ କହିଛନ୍ତି, ଏହି ସମ୍ମାନ ମୋତେ 'ସର୍ବଭୂତ ହିତ' ଅର୍ଥାତ୍ ସମସ୍ତ ଜୀବଜନ୍ତୁଙ୍କ ମଙ୍ଗଳ ପଥରେ ଆହୁରି ଦୃଢ଼ ଭାବରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଉଛି।



# ଭାରତରେ ୧.୫ ଲକ୍ଷ କୋଟି ନିବେଶ କରିବ ମାଇକ୍ରୋସଫ୍ଟ

ନୂଆଦିଲ୍ଲୀ, ୯।୧୨(ଏଜେନ୍ସି): ମାଇକ୍ରୋସଫ୍ଟ ଭାରତରେ ୧.୫ ଲକ୍ଷ କୋଟି ଟଙ୍କା ନିବେଶ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବୈଠକ ପରେ ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା ଏହି ସଚନା ଦେଇଛନ୍ତି। ନାଡେଲା କହିଛନ୍ତି ଯେ ଏହା ଏସିଆରେ କମ୍ପାନୀର ବର୍ତ୍ତମାନ ମାନ ପର୍ଯ୍ୟନ୍ତ ଯାଏ ସବୁଠୁ ବଡ଼ ନିବେଶ ହେବ। ସତ୍ୟ ନାଡେଲାଙ୍କ ଏହି ଘୋଷଣା ଭାରତର ଏଆଇ ସ୍ୱପ୍ନକୁ ନୂଆ ଗତି ଦେବ।

ମାଇକ୍ରୋସଫ୍ଟ ପକ୍ଷରୁ ଏକ ବିବୃତିରେ କହିଛି ଯେ, ଆଜି ଆମେ ଏସିଆରେ ଆମ ସର୍ବବୃହତ ନିବେଶ ନେଇ ଘୋଷଣା କରୁଛୁ। ୨୦୨୬-୨୦୨୯ ମଧ୍ୟରେ ୪ ବର୍ଷରେ ୧୭.୫ ବିଲିୟନ ଡଲାର ନିବେଶ କରାଯିବ। ଦେଶର କ୍ଲାଉଡ୍ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସି ଭିତ୍ତିଭୂମି ଏବଂ ବର୍ତ୍ତମାନର ପରିଚାଳନାକୁ ଅଧିକ ମଜଭୁତ କରାଯିବ। ଏହି ବୈଠକରେ ଦୁହେଁ ଦେଶର ଏଆଇ ରୋଡମ୍ୟାପ୍ ଓ ବିକାଶ ପରି ମୁଖ୍ୟ ଏଜେଣ୍ଡା ଉପରେ ଆଲୋଚନା କରିଥିଲେ। ମାଇକ୍ରୋସଫ୍ଟ କହିଛି ଯେ କମ୍ପାନୀ ନିବେଶର ଭାରତର ତିନି ପ୍ରମୁଖ ସ୍ତମ୍ଭ ବୃଦ୍ଧି, ଦକ୍ଷତା, ସାର୍ବଭୌମତ୍ୱ ଉପରେ ଗୁରୁତ୍ୱ ଦେଉଛି। ବର୍ଷ ଆରମ୍ଭରେ ଭାରତ ଗସ୍ତ ସମୟରେ ନାଡେଲା କହିଥିଲେ ଯେ କମ୍ପାନୀ ଆଗାମୀ ଦୁଇ ବର୍ଷ ମଧ୍ୟରେ ଭାରତରେ କ୍ଲାଉଡ୍ ଏବଂ ଏଆଇ ଭିତ୍ତିଭୂମି ଏବଂ ଦକ୍ଷତା କ୍ଷେତ୍ରରେ ୩ ବିଲିୟନ ଡଲାର ନିବେଶ କରିବାକୁ ଯୋଜନା ରଖିଛି। ଏଥରେ ନୂତନ ଡାଟାସେଣ୍ଟର ପ୍ରତିଷ୍ଠା ନେଇ ମଧ୍ୟ ଘୋଷଣା କରିଥିଲେ।

# ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲର ସଫଳତାକୁ ସ୍ୱୀକୃତି

ଭୁବନେଶ୍ୱର, ୯।୧୨(ସମିସ): ବେଦାନ୍ତ ଆଲୁମିନିୟମ ଶିକ୍ଷା ଏବଂ ଯୁବ ସଶକ୍ତିକରଣ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ଲାଞ୍ଜିଗଡ଼ର ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ପ୍ରଦର୍ଶନକୁ ସ୍ୱୀକୃତି ପ୍ରଦାନ କରିଛି। ବେଦାନ୍ତ ଛାତ୍ରବୃତ୍ତି ପୁରସ୍କାର ଅଧୀନରେ ୨୦୨୪-୨୫ ଶିକ୍ଷାବର୍ଷରେ ମୋଟ ୨୨ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ଲାଞ୍ଜିଗଡ଼ର ଗୋଷ୍ଠି ଉନ୍ନୟନ ଅଧିକାରୀ (ବିଡିଓ) ଅନିମେଷ ପ୍ରଧାନ (ଆଇଏଏସ୍) ଯୋଗ ଦେଇଥିଲେ। ଛାତ୍ରବୃତ୍ତି ପଦକ୍ଷେପ ଭାବେ ୯୦%ରୁ ଅଧିକ ନମ୍ବର ହାସଲ କରିଥିବା ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଟପ୍ପରମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବା ବେଳେ କୌଣସି ବିଷୟରେ ୯୦% ରୁ ଅଧିକ ନମ୍ବର ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ୫୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଟପ୍ପରମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପ୍ରତ୍ୟେକଙ୍କୁ ୮୦୦୦ ଟଙ୍କା ସହିତ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଶିକ୍ଷା ହେଉଛି ଏକ ପ୍ରଗତିଶୀଳ ସମାଜ ପାଇଁ ସବୁଠାରୁ ଶକ୍ତିଶାଳୀ ମୂଳଦୁଆ। ବେଦାନ୍ତ ଛାତ୍ରବୃତ୍ତି ପୁରସ୍କାର ମାଧ୍ୟମରେ, ଆମେ ଉତ୍କର୍ଷତାକୁ ସ୍ୱୀକୃତି ଦେବା, ଲକ୍ଷ୍ୟ ହାସଲ ପାଇଁ ଅନୁପ୍ରାଣିତ କରିବା ଏବଂ ଯୁବ ମସ୍ତିଷ୍କକୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ଛାତ୍ରଛାତ୍ରୀମାନେ କଳାହାଣ୍ଡି କ୍ଷେତ୍ରର ଭବିଷ୍ୟତକୁ ପ୍ରତିନିଧିତ୍ୱ କରନ୍ତି ଏବଂ ସେମାନଙ୍କ ଯାତ୍ରାର ଅଂଶବିଶେଷ ହୋଇଥିବାରୁ ଆମେ ଗର୍ବିତ ।




### ଲୋକୋ ପାଇଲଟଙ୍କ ଚେତାବନୀ

# ରେଳବାଇରେ ଇଣ୍ଡିଗୋ ଭଳି ପରିସ୍ଥିତି ଉପୁଜିପାରେ

ନୂଆଦିଲ୍ଲୀ, ୯।୧୨(ଏଜେନ୍ସି): ନିକଟରେ ଇଣ୍ଡିଗୋ ଏୟାର ଲାଇନ୍ସରେ ଉପୁଜିଥିବା ସଙ୍କଟ କେବଳ ଏଭିଏସନ ନୁହେଁ ଇଣ୍ଡିଆନ ରେଲୱେର ଲୋକୋ ପାଇଲଟଙ୍କୁ ମଧ୍ୟ ସେମାନେ ଦୀର୍ଘ ସମୟରୁ ଭୋଗିଆସୁଥିବା ସମସ୍ୟା ଦୋହରାଇବାକୁ ସୁଯୋଗ ଦେଇଛି। ଏୟାରଲାଇନ ପାଇଲଟଙ୍କ ନିମନ୍ତେ ଲାଗୁ କରାଯାଇଥିବା ଫଟିଗ୍ ରିସ୍କ ମ୍ୟାନେଜମେଣ୍ଟ ସିଷ୍ଟମକୁ ରେଳବାଇରେ ମଧ୍ୟ ଲାଗୁ କରାଯାଉ ବୋଲି ଅଲ ଇଣ୍ଡିଆ ଲୋକୋ ରନିଂ ଷ୍ଟାଫ ଆସୋସିଏସନ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛି। ଆସୋସିଏସନ କହିଛି ଯେ ଲୋକୋ ପାଇଲଟଙ୍କ ଉପରେ ବଢୁଥିବା ଡ୍ୟୁଟି ଚାପ ଦେଶରେ ରେଳ ଦୁର୍ଘଟଣାର ବିପଦ ବଢାଉଛି।

ସଂଘ କହିଛି ଯେ ଏ ଦିଗରେ ସରକାର ବିହିତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ରେଳବାଇରେ ମଧ୍ୟ ଇଣ୍ଡିଗୋ ଭଳି ପରିସ୍ଥିତି ଉପୁଜିପାରେ। ଭାରତୀୟ ରେଳରେ ପେଣ୍ଡିଂ ଲୋକୋ ପାଇଲଟଙ୍କ ନିଯୁକ୍ତି ଓ ଶ୍ରମ ସଂସ୍କାରରେ ବିଳମ୍ବ କାରଣରୁ ଦୀର୍ଘ ସମୟ ହେଲା ଲୋକୋ ପାଇଲଟ ଅସନ୍ତୁଷ୍ଟ ଅଛନ୍ତି। ଏଣୁ ସେମାନେ ଇଣ୍ଡିଗୋ ଏୟାରଲାଇନ୍ସ ସଂକଟରୁ ଶିକ୍ଷା ନେବା ପାଇଁ ରେଳବାଇ ପ୍ରଶାସନଙ୍କୁ ଚେତାଇ ଦେଇଛନ୍ତି। ସେମାନେ କହିଛନ୍ତି ଯେ ଆକାଶରେ ହେଉ କି ରେଳ ଧାରଣା ରେ ଥକିଯାଇଥିବା କ୍ରୁ ଯାତ୍ରୀ ସୁରକ୍ଷାକୁ ବିପଦରେ ପକାଇ ପାରନ୍ତି। ଅଲ ଇଣ୍ଡିଆ ଲୋକୋ ରନିଂ ଷ୍ଟାଫ ଆସୋସିଏସନ ରେଳବାଇକୁ ଦେଇଥିବା ଦାବି ପତ୍ରରେ କହିଛି ଯେ ଦୀର୍ଘ ସମୟରୁ ଲମ୍ବିତ କ୍ରୁ ପ୍ରବନ୍ଧନରେ ସଂସ୍କାର, ଅଣ ବୈଜ୍ଞାନିକ ରୋଷ୍ଟର ଓ ଥକାଇ ଦେଉଥିବା ଡ୍ୟୁଟି ନା କେବଳ କର୍ମଚାରୀଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି ବରଂ ସୁରକ୍ଷା ମାନକଗୁଡିକୁ ମଧ୍ୟ ଦୁର୍ବଳ କରୁଛି।

ସଂଘର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ପି.ଏନ.ସୋମନ ଗଣମାଧ୍ୟମ ସହ ଆଲୋଚନାରେ କହିଛନ୍ତି ଯେ ରେଳବାଇକୁ ଏଭିଏସନ ସଙ୍କଟରୁ ଶିକ୍ଷା ନେବା ଦରକାର। ସେ କହିଛନ୍ତି ଯେ ଏଭିଏସନ କ୍ଷେତ୍ର ତୁଳନାରେ ଟେକ୍ନୋଲୋଜି ଦୃଷ୍ଟିରୁ ରେଳବାଇ ବହୁତ ପଛରେ, ହେଲେ ରେଳବାଇ ଦୈନିକ ଲକ୍ଷଲକ୍ଷ ଯାତ୍ରୀଙ୍କୁ ପରିବହନ ସେବା ଯୋଗାଇ ଦେଉଛି। ଏଥିରେ ଲୋକୋ ପାଇଲଟଙ୍କ ସତର୍କତା ଅତ୍ୟନ୍ତ ଜରୁରି। ଭାରତୀୟରେଳରେ ସ୍ୱୀକୃତି ଲୋକୋ ପାଇଲଟଙ୍କ ସଂଖ୍ୟା ୧.୪୭ ଲକ୍ଷ। ହେଲେ ବର୍ତ୍ତମାନ ୧.୧୫ ଲକ୍ଷ ଲୋକୋ ପାଇଲଟ ଏହି କାମ ତୁଲାଉଛନ୍ତି। ଅର୍ଥାତ ୩୦ ହଜାରରୁ ଅଧିକ ପଦବୀ ଖାଲି ପଡିଛି। ତେବେ ରେଳବାଇ ନିକଟରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି ତେବେ ଏହା ପୂରଣ ହେବାକୁ ବେଶ୍ ସମୟ ଲାଗିବ ବୋଲି କୁହାଯାଉଛି।

**ବିମାନ ପାଇଲଟଙ୍କ ଭଳି ରେଳବାଇରେ ଲାଗୁ ହେଉ ଫଟିଗ୍ ରିସ୍କ ମ୍ୟାନେଜମେଣ୍ଟ ସିଷ୍ଟମ**



ସକାଳ
THE SAKALA
www.sakalaepaper.com

ସମ୍ପୂର୍ଣ୍ଣା

ବୁଧବାର, ୧୦ ଡିସେମ୍ବର, ୨୦୨୫



## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ପାଇପାରନ୍ତି । ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ । ନୂଆ ଯାନ କିଣିବା ଯୋଗ ଅଛି । ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ । ନାଚ, ଗୀତରେ ପ୍ରଶଂସା ମିଳିବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଲୋକ ସମ୍ପର୍କ ବୃଦ୍ଧିପାଇବ ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ । ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ । ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ ।

**କନ୍ୟା:** ବ୍ୟବସାୟରେ ଲାଭ ହେବ । ଆୟଠୁ ଅଧିକ ବ୍ୟୟ କରିବେ । ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ । ନୂଆ କାମ ଆରମ୍ଭ କରିବେ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ । ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ । ପାରିବାରିକ ସମସ୍ୟା ସମାଧାନ ହେବ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ବ୍ୟକ୍ତିଗତ କଥାକୁ ଗୋପନୀୟ ରଖନ୍ତୁ । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ । ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ । ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ । ଆଇନଜୀବୀଙ୍କୁ ସଫଳତା ମିଳିବ ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ । ସନ୍ତାନ ସୁଖ ପ୍ରାପ୍ତ ହେବ । ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଖର୍ଚ୍ଚ ବଢ଼ିପାରେ ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଧାରକରଜରୁ ଦୂରେଇ ରହିବେ । ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରନ୍ତୁ । ବିରୋଧୀଙ୍କୁ ସାମ୍ନା କରିବେ । ଚିନ୍ତାଗ୍ରସ୍ତ ରହିବେ ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । କଳା କ୍ଷେତ୍ରରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ଦାନ ଧର୍ମ କରିବେ ।

## ଆଜିର ଇତିହାସ

- ୧୮୭୮-ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କ ଜନ୍ମ ।
- ୧୮୯୮- ପ୍ୟାରିସ୍ ସନ୍ଧି ପରେ ସ୍ପେନ୍-ଆମେରିକା ଯୁଦ୍ଧ ସମାପ୍ତ ହୋଇଥିଲା ।
- ୧୯୦୨- ତାସ୍ମାନିଆରେ ମହିଳାଙ୍କୁ ମତଦାନ ଅଧିକାର ମିଳିଲା ।
- ୧୯୫୦-ଅନ୍ତରାଷ୍ଟ୍ରୀୟ ମାନବାଧିକାର ଦିବସ ଘୋଷିତ ।
- ୧୯୯୨-ଦେଶର ପ୍ରଥମ ହୋବରକ୍ରାଫ୍ଟ ସେବା ଗୁଜରାଟରେ ଆରମ୍ଭ ହେଲା ।
- ୨୦୦୧-ଭାରତୀୟ ଅଭିନେତା ଅଶୋକ କୁମାରଙ୍କ ନିଧନ ।

# ମାନବାଧିକାର ଦିବସ



ପ୍ରତିବର୍ଷ ଡିସେମ୍ବର ୧୦ ତାରିଖକୁ ଅନ୍ତରାଷ୍ଟ୍ରୀୟ ମାନବାଧିକାର ଦିବସ ଭାବେ ପାଳନ ହୋଇ ଆସୁଛି । ପ୍ରତ୍ୟେକ ମଣିଷ କିଛି ଅଧିକାର ନେଇ ଏସଂସାରରେ ଜନ୍ମଲାଭ କରିଥାଏ । ତାହାହିଁ ପ୍ରକୃତରେ ତାର ଜନ୍ମଗତ ବା ମାନବିକ ଅଧିକାର । ବ୍ୟକ୍ତିର ଜୀବନ, ସ୍ୱାଧୀନତା, ସମାନତା ଏବଂ ସମ୍ମାନର ଅଧିକାର ମାନବାଧିକାର ଅଧୀନରେ ଆସେ, କିନ୍ତୁ ଅଧିକାଂଶ ଲୋକ ଏହି ଅଧିକାର ବିଷୟରେ ଭଲ ଭାବରେ ଜାଣନ୍ତି ନାହିଁ । ସେମାନଙ୍କୁ ଏହି ଅଧିକାର ବିଷୟରେ ଅବଗତ କରାଇବା ପାଇଁ ମାନବାଧିକାର ଦିବସ ପାଳନ ହୋଇଥାଏ । ୧୯୪୮ ମସିହା ଡିସେମ୍ବର ମାସ ୧୦ ତାରିଖ ଦିନ ସଂଯୁକ୍ତ ରାଷ୍ଟ୍ର ସଂଘର ସାଧାରଣ ଅଧିବେଶନରେ 'ସାର୍ବଜନୀନ ମାନବାଧିକାର ଘୋଷଣାନାମା'କୁ ସ୍ଥାନିତ କରିବା ସହ ସ୍ୱୀକୃତି ଦିଆଗଲା । ଉକ୍ତ ଘୋଷଣାନାମାର ଫଳସ୍ୱରୂପ ବିଶ୍ୱବାସୀ ବାକ୍ ସ୍ୱାଧୀନତା, ଭୟମୁକ୍ତ ଜୀବନ ସହ ଦାରିଦ୍ର୍ୟ ଦୂରୀକରଣ ଭଳି ଅନେକ ମୂଲ୍ୟବାନ୍ ମାନବ ସପକ୍ଷବାଦୀ ଅଧିକାର ଉପଭୋଗ କରିବାକୁ ସକ୍ଷମ ହେଲେ । ସେହି ସ୍ମୃତିରେ ପ୍ରତିବର୍ଷ ମାନବାଧିକାର ଦିବସ ପାଳନ କରାଯାଉଛି । ମାନବ ଅଧିକାର ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଶ୍ୱର ସମସ୍ତ ଲୋକ ନିଜକୁ ନିରାପଦ ଅନୁଭବ କରିବେ ଏବଂ ଭେଦଭାବ ବିନା ମୁକ୍ତ ଜୀବନ ବିତାଇପାରିବେ । ବର୍ତ୍ତମାନ ପରିସ୍ଥିତିରେ ମାନବାଧିକାର ବେଶ୍ ପରିବ୍ୟାପ୍ତ ହୋଇଛି । ଶିକ୍ଷାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଓ ପରିବେଶ ଭଳି କ୍ଷେତ୍ରରେ ମାନବାଧିକାର ଉପରେ ବେଶ୍ ଗୁରୁତ୍ୱ ଦିଆଯାଉଛି । ଏହାସତ୍ତ୍ୱେ ମଧ ମାନବାଧିକାର ଉଲ୍ଲଂଘନ କମୁନାହିଁ । ଜାଣତରେ ହେଉ ବା ଅଜାଣତରେ ମାନବାଧିକାରର ଉଲ୍ଲଂଘନ ହେଉଛି । କୋଟି କୋଟି ଶିଶୁ ଅବହେଳାର ଶିକାର ହେଉଛନ୍ତି । ଆଜି ବି ମାନବ ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ, ସାମାଜିକ ଏବଂ ଅର୍ଥନୈତିକ ଅସମାନତାର ଶିକାର ହେଉଛି । ତେଣୁ ଏନେଇ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ । ଅନେକ କ୍ଷେତ୍ରରେ ଏଥିପାଇଁ ଲୋକଙ୍କୁ ନ୍ୟାୟ ମିଳିପାରୁଥିବାବେଳେ ଅନେକଙ୍କୁ ଏଥିରେ ନ୍ୟାୟ ପାଇବାରେ ବିଳମ୍ବ ହେଉଛି ।

ଭାରତରେ ମାନବାଧିକାର ଆଇନ ୨୮ ଡିସେମ୍ବର, ୧୯୯୩ ମସିହାରେ ପାରିତ ହୋଇଥିଲା । ଏହାପରେ ଭାରତ ସରକାର ୧୨ ଅକ୍ଟୋବର, ୧୯୯୩ ମସିହାରେ ମାନବାଧିକାର ଆୟୋଗ ଗଠନ କରିଥିଲେ । ଏହି ଆୟୋଗ ଏବେ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟ କ୍ଷେତ୍ରରେ କାମ କରୁଛି । ଯେମିତିକି ଶ୍ରମ, ଏଚ୍ଆଇଭି, ବାଲ୍ୟ ବିବାହ, ମହିଳା ଅଧିକାର ଭଳି ସମସ୍ୟା ବେଳେ ମାନବାଧିକାର ଆୟୋଗ ଲୋକଙ୍କ ପାଖରେ ଠିଆ ହେଉଛି । ଏହି ଦିବସ ଅବସରରେ ବିଭିନ୍ନ ପ୍ରକାର କର୍ମଶାଳା, ବୈଠକ ଏବଂ ପ୍ରଦର୍ଶନୀ ଆୟୋଜନ କରାଯାଇ ମାନବାଧିକାର ଉପରେ ଚର୍ଚ୍ଚା କରାଯାଏ ।

# ଯଶଙ୍କୁ ଟକ୍କର ଦେବେ ରଣବୀର

ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଫିଲ୍ମ 'ଧୁରନ୍ଧର' ରିଲିଜ୍ ହେବା ପରେ ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରିଛି । ପାର୍ଟ ୧ର ସଫଳତା ପରେ ଦର୍ଶକେ ଏବେ ଏହାର ଦ୍ୱିତୀୟ ପାର୍ଟକୁ ଅପେକ୍ଷା କରିଛନ୍ତି । ଇତିମଧ୍ୟରେ ଏହାର ଦ୍ୱିତୀୟ ପାର୍ଟର ରିଲିଜ୍ ଡେଟ୍ ମଧ ସାମ୍ନାକୁ ଆସିଛି । ଏହାର ଦ୍ୱିତୀୟ ପାର୍ଟ ପ୍ରଥମ ପାର୍ଟ ରିଲିଜ୍‌ର ତିନି ମାସ ପରେ ଆସିବ । 'ଧୁରନ୍ଧର' ପାର୍ଟ ୨ ଆସନ୍ତା ୧୯ ମାର୍ଚ୍ଚରେ ରିଲିଜ୍ ହେବ । ସାଉଥ୍ ସୁପରଷ୍ଟାର୍ ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍' ମଧ ସେହିଦିନ ରିଲିଜ୍ ହେବ । ଯଶ୍ ଏତେଦିନ ପରେ 'ଟକ୍ସିକ୍' ମାଧମରେ ପରଦାକୁ ଫେରୁଥିବାରୁ ଏହି ଫିଲ୍ମକୁ ନେଇ ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି । ସବୁଠୁ ବଡ଼ କଥା ହେଲା, ଉଭୟ ଫିଲ୍ମରେ ଦମ୍‌ଦାର ଆକ୍ସନ୍ ସିନ୍ ରହିଛି । ଯଦି ଦୁଇଟି ଯାକ ଫିଲ୍ମ ଏକାଦିନରେ ରିଲିଜ୍ ହେଉଛି ତେବେ ସିଧାସିଧି ରଣବୀର ଓ ଯଶ୍‌ଙ୍କ ମଧ୍ୟରେ କଡ଼ା ଟକ୍କର ହେବ । ବକ୍ସ ଅଫିସ୍‌ରେ ବାଜି କିଏ ମାରିବ ତାହା ଦେଖିବାକୁ ବାକି ରହିଲା । ଅପରପକ୍ଷରେ 'ଧୁରନ୍ଧର'ରେ ରଣବୀରଙ୍କ ସହ ସାରା ଅର୍ଜୁନ୍, ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଅର୍ଜୁନ୍ ରାମପାଲ, ଆର୍. ମାଧବନ୍ ପ୍ରମୁଖ ନଜର ଆସିଛନ୍ତି । ଏହା ଓପନିଂ ଡେରେ ୨୭ କୋଟି ଆୟ କରିଛି । ରଣବୀରଙ୍କ କ୍ୟାରିୟରର ଏହା ସବୁଠୁ ବଡ଼ ଓପନିଂ ବୋଲି କୁହାଯାଉଛି ।





# ବରଯାତ୍ରୀଙ୍କୁ ହେଲ୍‌ମେଟ୍ ଉପହାର

ବିବାହବେଳେ ବରବଧୂଙ୍କୁ ପରିବାର ଲୋକେ ଓ ବନ୍ଧୁବାନ୍ଧବ ଉପହାର ପ୍ରଦାନ କରିଥାନ୍ତି । ରାଜସ୍ଥାନର କୁଚାମନ ସହରରେ ଏକ ବିବାହ ସମୟରେ ଅଜବ ଘଟଣା ଦେଖିବାକୁ ମିଳିଛି । ଏଠାରେ କନିଆ ଘର ପକ୍ଷରୁ ବରଯାତ୍ରୀଙ୍କୁ ହେଲ୍‌ମେଟ୍ ପ୍ରଦାନ କରାଯାଇଛି । ସଡ଼କ ଦୁର୍ଘଟଣା ମାମଲା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଲୋକଙ୍କୁ ହେଲ୍‌ମେଟ୍ ପିନ୍ଧିବାକୁ ସଚେତନ କରିବା ଉଦ୍ଦେଶ୍ୟରେ କନ୍ୟା ପିତା ଏଭଳି ଏକ ପ୍ରୟାସ କରିଛନ୍ତି । ସେ ୨୮୬ ଜଣ ବରଯାତ୍ରୀଙ୍କୁ 'ଜାନ୍‌ଝୁୱାରି' ପରମ୍ପରା ଅନୁସାରେ ଗୋଟିଏ ଲେଖାଁଏ ହେଲ୍‌ମେଟ୍ ପ୍ରଦାନ କରିଛନ୍ତି । ରାଜସ୍ଥାନରେ 'ଜାନଝୁୱାରି' ପରମ୍ପରା ଅନୁସାରେ କନିଆ ଘର ପକ୍ଷରୁ ବରଯାତ୍ରୀଙ୍କୁ ଉପହାର ଦେବାର ପରମ୍ପରା ରହିଛି । ତେବେ ପଟୱାରି କି କୋଠି ଅଞ୍ଚଳରର ମନୋଜ ବରୱାଲଙ୍କ ଝିଅ ସୋନୁ ଏବଂ ଯଶ୍ ବେଦୱାଲଙ୍କ ବିବାହ ସମୟରେ କନିଆ ଘର ବରଯାତ୍ରୀଙ୍କୁ ହେଲ୍‌ମେଟ୍ ଉପହାର ଦେବାକୁ ନିଷ୍ପତ୍ତି ନେଇଥିଲେ । ଏଥିରେ ବରପକ୍ଷ ସହମତି ଜଣାଇଥିଲେ । ବର ଓ କନିଆଙ୍କ ବରଣମାଳା ପରେ କନ୍ୟାପିତା ମନୋଜ କୁମାର ମଞ୍ଚରେ ପ୍ରଥମେ ନିଜ ଜ୍ୱାଇଁଙ୍କୁ ହେଲମେଟ୍ ଦେଇଥିଲେ । ଏହାପରେ ସମସ୍ତ ବରଯାତ୍ରୀ ମଞ୍ଚ ଉପରେ ଜଣକ ପରେ ଜଣେ ହେଲମେଟ୍ ଉପହାର ସ୍ୱରୂପ ନେଇଥିଲେ । ଦିନକୁ ଦିନ ସଡ଼କ ଦୁର୍ଘଟଣା ବଢୁଥିବାବେଳେ ହେଲ୍‌ମେଟ୍ ପିନ୍ଧି ଗାଡ଼ି ଚାଳନା କଲେ ଜୀବନ ରକ୍ଷା କରାଯାଇପାରିବ । ଏହି କଥାକୁ ହୃଦୟଙ୍ଗମ ଏପରି ଏକ ଭବ୍ୟ ଆୟୋଜନ କରିଥିବା କନିଆଙ୍କ ଜେଜେବାପା ରାମକରଣ କୁମାୱତ୍ କୁହନ୍ତି । କେବଳ ସେତିକି ନୁହେଁ, ସମସ୍ତ ଅତିଥିଙ୍କୁ ରାମକରଣ 'ସଡ଼କ ସୁରକ୍ଷା ଶପଥ' ମଧ କରାଇଥିଲେ । ରାମକରଣ କହିଥିଲେ ଯେ, 'ଯଦି ଏହି ହେଲ୍‌ମେଟ୍ କାହାର ଜୀବନ ବଞ୍ଚାଇ ପାରିବ ତେବେ ଆମର ପ୍ରୟାସ ସଫଳ ହେବ ।' ହେଲ୍‌ମେଟ୍ ବାଣ୍ଟିବାରେ ସାହାଯ୍ୟ କରିଥିବା ସନ୍ଥ ବିଳାସୀ ଦାସ ବାଘୀ ମହାତ୍ମା ଭାଗବାନ ଦାସ ମହାରାଜ ଏହାକୁ ସୁରକ୍ଷା ଦିଗରେ ଏକ ପ୍ରେରଣାଦାୟକ ପଦକ୍ଷେପ ବୋଲି କହିଛନ୍ତି । ତେବେ ଏହି ହେଲ୍‌ମେଟ୍ ବଣ୍ଟନ କେବଳ ଏକ ଉପହାର ନୁହେଁ, ଏହା ସମାଜ ପାଇଁ ଏକ ଶକ୍ତିଶାଳୀ ବାର୍ତ୍ତା ବୋଲି ସେ କହିଛନ୍ତି । ସେହିପରି କନିଆର ଭଉଣୀ ହେମଲତା କୁମାୱତ କହିଛନ୍ତି, ଆମେ ଭିନ୍ନ ଉପାୟରେ ଉପହାର ଦେବାକୁ ଭାବିଥିଲୁ । ତେବେ କନିଆ ଘର ପକ୍ଷରୁ ନିଆଯାଇଥିବା ଏଭଳି ନିଆରା ପଦକ୍ଷେପକୁ ସବୁ ମହଲରେ ପ୍ରଶଂସା କରାଯାଇଛି ।

# ବଢୁଛି 'ଫନ୍ ଜବ୍'ର ଚାହିଦା



**ଗୋଟେ ସମୟ ଥିଲା ଲୋକଙ୍କ ପାଖରେ ଚାକିରର ଅଧିକ ବିକଳ୍ପ ନଥିଲା । ମୁଖ୍ୟତଃ ଇଞ୍ଜିନିୟର, ଡାକ୍ତର, ଶିକ୍ଷକ ଆଦି କ୍ୟାରିୟର ବିକଳ୍ପ ବାଛିବାକୁ ପଡୁଥିଲା । ବର୍ତ୍ତମାନ ସମୟ ବଦଳିବା ସହିତ କ୍ୟାରିୟର ବିକଳ୍ପ ମଧ ବଦଳିଛି । ଏବେ ଫନ୍ ଜବ୍ ବା ମଜାଦାର ଚାକିରିର ଚାହିଦା ବଢ଼ିବାରେ ଲାଗିଛି ।**

**ପ୍ରଫେସନାଲ ଟ୍ରାଭେଲ ବ୍ଲଗର୍:** ଏବର ସମୟର ଏହା ହେଉଛି ଏକ ମଜାଦାର ଚାକିରି । ବିଭିନ୍ନ ସ୍ଥାନ ବୁଲିବା ସହ ସେସମ୍ପର୍କରେ ଭିଡିଓ ତଥା ଲେଖା ମାଧମରେ ଲୋକଙ୍କୁ ଜଣାଇବାକୁ ହୋଇଥାଏ । ଏଥିରେ ଫ୍ରି ଟିପ୍ସ, ଲଗଜୁରି ହୋଟେଲରେ ରହିବା, ବିଭିନ୍ନ ସଂସ୍କୃତି ସମ୍ବନ୍ଧରେ ଜାଣିବାର ସୁଯୋଗ ଜୁଟେ । ଟ୍ରାଭେଲ ବ୍ଲଗର୍‌ଙ୍କ ମୁଖ୍ୟ କାମ ହେଉଛି ଯାତ୍ରା କରିବା, କଣ୍ଟେଣ୍ଟ ପ୍ରସ୍ତୁତ କରିବା (ଫଟୋ/ଭିଡିଓ) ଏବଂ ଏହାକୁ ବ୍ଲଗ୍ ତଥା ସୋସିଆଲ ମିଡିଆରେ ପୋଷ୍ଟ କରିବା ।

**ଭିଡିଓ ଗେମ୍ ଟେଷ୍ଟର:** ଗେମ୍ ଖେଳିବାକୁ ପସନ୍ଦ ଥିଲେ, ଏହା ଏକ ଉତ୍ତମ କ୍ୟାରିୟର ବିକଳ୍ପ ହୋଇପାରିବ । ଭିଡିଓ ଗେମ୍ ଟେଷ୍ଟରର କାମ କୌଣସି ଗେମ୍ ଲଞ୍ଚ ପୂର୍ବରୁ ସେହି ନୂଆ ଗେମ୍ ଖେଳିବା । ଏଥିରେ ଥିବା ଟେକ୍ନିକାଲ ତ୍ରୁଟି ଖୋଜିବା । ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଗେମ୍ ଖେଳି ଏକଥା ସୁନିଶ୍ଚିତ କରିବାକୁ ହୋଇଥାଏ ଯେ, ବ୍ୟବହାରକାରୀଙ୍କ ପାଇଁ ଯେମିତି ଏହା ଉପଯୋଗୀ ହେବ । ଏହି ପ୍ରକାରେ ଭିଡିଓ ଗେମ୍ ଟେଷ୍ଟର୍‌ଙ୍କୁ ଗେମ୍‌ର ପ୍ରତ୍ୟେକ ଲେଭ୍‌ଲକୁ ଖେଳି ଭଲ ଆୟ କରିଥାନ୍ତି ।

**ଆଡଭେଞ୍ଚର ଟୁର୍ ଗାଇଡ୍:** ପାହାଡ଼, ନଦୀ, ଜଙ୍ଗଲରେ ଦୁଃସାହସିକ କାର୍ଯ୍ୟ କରିବାକୁ ପସନ୍ଦ ଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହା ଏକ ସୁନ୍ଦର କ୍ୟାରିୟର । ଏହି କାମରେ ଟ୍ରେକିଂ, ରାଫଟିଂ, ପର୍ବତାରୋହଣ, ଜଙ୍ଗଲ ସଫାରି ଭଳି କାର୍ଯ୍ୟକଳାପ ପାଇଁ ଗ୍ରୁପ୍‌କୁ ଗାଇଡ୍ କରିବା ହୋଇଥାଏ । ତେବେ ଆଡଭେଞ୍ଚର ଟୁର୍ ଗାଇଡ୍‌ଙ୍କୁ ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରି ରୋମାଞ୍ଚକ ଅନୁଭବ ପ୍ରଦାନ କରିବା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ପଡ଼ିଥାଏ ।

**ପ୍ରଫେସନାଲ ପେଟ୍ ସିଟର:** ପ୍ରାଣୀଙ୍କ ପ୍ରତି ଭଲପାଇବା ତଥା ପ୍ରାଣୀ ପ୍ରେମୀଙ୍କ ପାଇଁ ମଧ ଏହା ଏକ ସୁନ୍ଦର କ୍ୟାରିୟର ବିକଳ୍ପ । ବର୍ତ୍ତମାନ ପୋଷା ପ୍ରାଣୀଙ୍କ ଦେଖାଶୁଣା କରିବା (ପେଟ୍ ସିଟିଂ) ଏବଂ ବୁଲାଇବାକୁ ନେବା(ଡଗ୍ ୱାକିଂ) ଲୋକଙ୍କର ଚାହିଦା ବେଶି । ଏହି କାମରେ ପୋଷା ବିଲେଇ କୁକୁର ଭଳି ପ୍ରାଣୀଙ୍କ ସହିତ ଖେଳିବା, ବୁଲାଇବାକୁ ନେବା ଏବଂ ଦେଖାଶୁଣା କରିବା କାମ ସାମିଲ ଅଛି । ଏହାକୁ ଏକ ଆରାମଦାୟକ ଏବଂ ସନ୍ତୁଷ୍ଟି ପ୍ରଦାନ କରୁଥିବା ଚାକିରି ବୋଲି କୁହାଯାଉଛି ।

# ସମ୍ଭାବନା




## ସହଜ ନୁହେଁ ଷ୍ଟ୍ରିମ୍ ଚୟନ



**ଦଶମ ପରେ ପ୍ରତ୍ୟେକ ଛାତ୍ରଛାତ୍ରୀ କେଉଁ ଷ୍ଟ୍ରିମ୍ ବା ବିଭାଗରେ ପଢ଼ିବେ, ତାହାକୁ ନେଇ ଦ୍ୱନ୍ଦ୍ୱରେ ଥାନ୍ତି । ବିଜ୍ଞାନ, କଳା କିମ୍ବା ବାଣିଜ୍ୟ କେବଳ ପାଠପଢ଼ାର ନୁହେଁ, ବରଂ କ୍ୟାରିୟରର ଦିଗ ନିରୂପଣ କରେ । ତେଣୁ ଷ୍ଟ୍ରିମ୍‌ର ଚୟନ ତରବରିଆ ଭାବେ କରିବା ଅନୁଚିତ ।**

ଠିକ୍ ଷ୍ଟ୍ରିମ ବାଛିବା ଦ୍ୱାରା ପଢ଼ା ପ୍ରତି ରୁଚି ବଢ଼େ ଏବଂ କ୍ୟାରିୟରର ଦିଗ ସ୍ପଷ୍ଟ ହୁଏ । ସାଙ୍ଗସାଥୀ ତଥା ପରିବାର ଚାପରେ ଷ୍ଟ୍ରିମ୍ ବାଛିବା ମଧ ଭଲ ନୁହେଁ । ପଢ଼ା ପାଇଁ ଯେଉଁ ଷ୍ଟ୍ରିମ୍ ପସନ୍ଦ, ସେହି ବିଷୟ ବାଛନ୍ତୁ । ଏହା ଦ୍ୱାରା ଭଲ ମାର୍କ ମଧ ଆସିଥାଏ । ତେଣୁ ପସନ୍ଦ ଏବଂ ପ୍ରଦର୍ଶନ ଉଭୟ ଷ୍ଟ୍ରିମ୍ ଚୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ତେବେ ଷ୍ଟ୍ରିମ୍ ଚୟନ ସବୁବେଳେ କ୍ୟାରିୟର ଲକ୍ଷ୍ୟ ଉପରେ ଆଧାରିତ ହେବା ଦରକାର । ଇଞ୍ଜିନିୟରିଂ କିମ୍ବା ମେଡିକାଲ ପାଇଁ ସାଇନ୍ସ, ମ୍ୟାନେଜମେଣ୍ଟ ଏବଂ ବ୍ୟାଙ୍କିଂ ପାଇଁ କମର୍ସ ଏବଂ ସାମ୍ବାଦିକତା ତଥା ଓକିଲାତି ପାଇଁ ଆର୍ଟସ ହେଉଛି ଉତ୍ତମ ବିକଳ୍ପ । ସେହିପରି ଗଣିତ ଓ ବିଜ୍ଞାନରେ ରୁଚି ଥିଲେ ସାଇନ୍ସ, ବିଜନେସ୍ ଏବଂ ଫାଇନାନ୍ସରେ ଆଗ୍ରହ ଥିଲେ କମର୍ସ ଏବଂ କ୍ରିଏଟିଭ୍ କ୍ଷେତ୍ର ପସନ୍ଦ ଥିଲେ ଆର୍ଟସ ବାଛିବା ଭଲ । ଯଦି ଷ୍ଟ୍ରିମ୍ ବାଛିବାରେ ସମସ୍ୟା ହେଉଛି କ୍ୟାରିୟର କାଉନସିଲରଙ୍କ ସାହାଯ୍ୟ ନେବା ଉତ୍ତମ ବିଚାର । ସେମାନେ ଜଣଙ୍କ ରୁଚି, ଲକ୍ଷ୍ୟ ଏବଂ କ୍ଷମତା ଆଧାରରେ ମାର୍ଗଦର୍ଶନ କରାଇଥାନ୍ତି । ପଢ଼ାକୁ ନେଇ ଶିକ୍ଷକ ଓ ପରିବାର ସଦସ୍ୟଙ୍କ ସହିତ ଖୋଲାଖୋଲି ଆଲୋଚନା କରନ୍ତୁ । ଆଜିର ସମୟରେ ଅନେକ ଅନଲାଇନ୍ ପ୍ଲାଟଫର୍ମ ମଧ ଉପଲବ୍ଧ ଅଛି । ଏହା ମାଧ୍ୟମରେ କ୍ୟାରିୟର ଆପ୍ଟିଚ୍ୟୁଡ୍ ଟେଷ୍ଟ ଚୟନ କରିପାରିବେ । ଅନ୍ୟପଟେ ଷ୍ଟ୍ରିମ୍ ବାଛିବା ବେଳେ ଚାପ କିମ୍ବା ଟ୍ରେଣ୍ଡକୁ ଦେଖିବା ଅନୁଚିତ । ସବୁବେଳେ ନିଜ ରୁଚି ଏବଂ କ୍ୟାରିୟର ଲକ୍ଷ୍ୟ ଆଧାରରେ ଷ୍ଟ୍ରିମ୍ ବାଛିଲେ ଭବିଷ୍ୟତ ଉଜ୍ଜ୍ୱଳ ହୁଏ ।

# ହ୍ୱାଟ୍ସଆପର ନୂଆ ଅପ୍‌ଡେଟ୍




**ହ୍ୱାଟ୍ସଆପ୍ ତା' ବ୍ୟବହାରକାରୀଙ୍କ ଲାଗି ଏକ ନୂଆ ଉପଯୋଗୀ ଫିଚର୍ ଆଣିଛି । ଏବେ କଲ୍ ରିସିଭ୍ ନ କରିପାରିଲେ ସିଧା କଲ୍ ସ୍କ୍ରିନ୍‌ରୁ ଭଏସ୍ ମେସେଜ ତଥା ଭିଡିଓ ମେସେଜ ପଠାଇ ହେବ । ଅବଶ୍ୟ ଏହି ସୁବିଧା ଏବେ ଆଇଫୋନ୍ ବ୍ୟବହାରକାରୀଙ୍କ ଲାଗି ଉପଲବ୍ଧ ଅଛି । ଯାହାକୁ ଶୀଘ୍ର ଅନ୍ୟ ଡିଭାଇସ୍ ପାଇଁ ଉପଲବ୍ଧ କରାଯିବ ।**

ଭଏସ୍ କଲ୍ ନ ଉଠାଇଲେ ହ୍ୱାଟ୍ସଆପ୍ ଏବେ ରେକର୍ଡ ଭଏସ୍ ମେସେଜର ବିକଳ୍ପ ଦେଖାଇବ । ଏହିଠାରୁ ଏକ ଛୋଟ ଅଡିଓ ରେକର୍ଡ କରି ହେବ । ଯାହାକି ମିସଡ୍ କଲ୍ ନୋଟିଫିକେସନ ସହିତ ଚାଟ୍‌ରେ ପଠାଇବା ସମ୍ଭବ । କୌଣସି ଜରୁରି କଥା ପାଇଁ ଏହି ଫିଚର୍ ଉପଯୋଗୀ ହେବା କୁହାଯାଉଛି । ସେହିପରି ଭିଡିଓ କଲ୍ ପାଇଁ ହ୍ୱାଟ୍ସଆପ୍ ଏହି ସୁବିଧାକୁ ସାମିଲ କରିଛି । କେହି ଭିଡିଓ କଲ୍ ନ ଉଠାଇଲେ, ତୁରନ୍ତ ଛୋଟ ଭିଡିଓ ମେସେଜ ରେକର୍ଡ କରି ପଠାଇପାରିବେ । ଏହା ମାଧ୍ୟମରେ କେବଳ ମିସ୍ କଲ୍ ଦେଖିବା ପରିବର୍ତ୍ତେ ରିସିଭରଙ୍କୁ ଏକ ଭିଜୁଆଲ ମେସେଜ ମିଳିଥାଏ ଯେ, ଜଣେ କଲ୍ କାହିଁକି କରିଛି । ଅନ୍ୟପଟେ ହ୍ୱାଟ୍ସଆପ୍ କଲ୍ ଟ୍ୟାବ୍ ଡିଜାଇନକୁ ମଧ ସମ୍ପୂର୍ଣ୍ଣ ବଦଳାଇ ଦେଇଛି । ଏହାବାଦ୍ ଏଥିରେ କଲ୍ ସିଡ୍ୟୁଲିଂ ଫିଚର୍ ମଧ ଯୋଡ଼ିଛି ।

# କେମିତି ବଢ଼ିବ ଆତ୍ମବିଶ୍ୱାସ

ପ୍ରତ୍ୟେକଙ୍କଠାରେ ଆତ୍ମବିଶ୍ୱାସ ରହିବା ଖୁବ୍ ଜରୁରି । ନିଜ ଭିତରେ ଆତ୍ମବିଶ୍ୱାସ ରହିଲେ, ସମସ୍ତ କାମ ସହଜରେ ହେବା ସହ ସଫଳତା ମିଳିଥାଏ ।



- ନିଜକୁ ସହଜ ଲାଗୁଥିବା ସ୍ଥାନରେ ନ ରହି ସମସ୍ୟାପୂର୍ଣ୍ଣ ସ୍ଥାନ ସହ ନିଜକୁ ସାମିଲ କରନ୍ତୁ ।
- ଅନ୍ୟଠୁ ମିଳୁଥିବା ପ୍ରୋତ୍ସାହନ ଓ ସକାରାତ୍ମକ ଶକ୍ତି ହିଁ ନିଜ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରେ ।
- ନିଜର ଉପଲବ୍ଧିକୁ ସ୍ୱୀକାର କରନ୍ତୁ ଏବଂ ନିଜ ଭୁଲରୁ ଶିକ୍ଷା ଲାଭ କରିବା ଉଚିତ । ଏହା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ ।
- ବଡ଼ ଲକ୍ଷ୍ୟକୁ ଛୋଟ ଛୋଟ ଭାଗରେ ବାଣ୍ଟନ୍ତୁ । ଏଭଳି ଭାବେ ଛୋଟ ପର୍ଯ୍ୟାୟକୁ ପୂରା କରିବା ଦ୍ୱାରା କ୍ଷମତା ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଏ ।
- ଅନ୍ୟ ସହିତ ଆଖିରେ ଆଖି ମିଶାଇ କଥା କହିଲେ ଆତ୍ମବିଶ୍ୱାସ ପ୍ରତିଫଳିତ ହୁଏ ।




## ବାରବାଟୀ ଟି-୨୦ରେ ହାର୍ଦ୍ଦିକଙ୍କ ଅଲ୍‌ରାଉଣ୍ଡ ସଫଳତା

# ଦକ୍ଷିଣ ଆଫ୍ରିକାର ଶୋଚନୀୟ ପରାଜୟ

କଟକ, ୯।୧୨(ସମିସ):

ହଜାର ହଜାର ଦର୍ଶକଙ୍କ ଉତ୍ସାହକୁ ନିରାଶ ନ କରି ଶେଷ ଟିମ୍ ଇଣ୍ଡିଆ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରତୀକ୍ଷିତ ବିଜୟ ହାସଲ କରିଛି। ଏହି ଭେନ୍ୟୁରେ କ୍ରମାଗତ ଦୁଇ ଦୁଇଟି ଟି-୨୦ ମ୍ୟାଚରେ ଦକ୍ଷିଣ ଆଫ୍ରିକା ନିକଟରୁ ହାରିଥିବା ଭାରତ ଶେଷରେ ବିଜୟ ତ୍ରିରଙ୍ଗା ଉଡ଼ାଇଛି। ମଙ୍ଗଳବାର ଖେଳାଯାଇଥିବା ଟି-୨୦ ସିରିଜର ପ୍ରଥମ ମ୍ୟାଚରେ ଭାରତ ଏକପାଖିଆ ଭାବେ ୧୦୧ ରନରେ ବିଜୟ ଲାଭ କରିଛି। ଏଥିସହ ବାରବାଟୀରେ ଦକ୍ଷିଣ ଆଫ୍ରିକାର ହ୍ୟାଟ୍ରିକ ବିଜୟରେ ରୋକ ଲଗାଇଛି ସୂର୍ଯ୍ୟ ସେନା। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦମ୍ଦାର ଅର୍ଦ୍ଧଶତକ ଓ ବୋଲରଙ୍କ ମିଳିତ ସଫଳତା ବଳରେ ଏହି ପ୍ରଥମ ମୁକାବିଲାକୁ ଜିତି ଅଗ୍ରଣୀ ହାସଲ ପାଞ୍ଚ ମ୍ୟାଚ୍ ସିରିଜର ୨ୟ ମ୍ୟାଚ୍ ମୁଲାନପୁରରେ ଡିସେମ୍ବର ୧୧ ତାରିଖରେ ଖେଳାଯିବ।



ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୧୨ ଓଭର ମଧ୍ୟରେ ଭାରତ ଶୁବମନ ଗିଲ୍ (୪ ରନ), ସୂର୍ଯ୍ୟକୁମାର ଯାଦବ (୧୨), ଅଭିଷେକ ଶର୍ମା (୧୭) ଓ ତିଲକ ବର୍ମା (୨୬ ରନ)ଙ୍କ ୱିକେଟ୍ ହରାଇଥିଲା। ତେବେ ଅଭିଜ୍ଞ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ତାଙ୍କ ଅଭିଜ୍ଞତାର ପରିଚୟ ଦେଇ ଖେଳିଥିଲେ ସମ୍ମାନ ରକ୍ଷାକାରୀ ଅର୍ଦ୍ଧଶତକୀୟ ଇନିଂସ। ସେ ୪ଟି ଛକା ଓ ୬ଟି ଚୌକା ବଳରେ ୨୮ ବଲରେ ୫୯ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିବା ଯୋଗୁ ଭାରତ ୬ ୱିକେଟ୍‌ରେ ୧୭୫ ରନ କରି ସମ୍ମାନଜନକ ସ୍କୋର କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷର ପଟେଲ ୨୩, ଶିଭମ ଦୁବେ ୧୧ ଓ ଜୀତେଶ ଶର୍ମା ୧୦ ରନ କରି ଅପରାଜିତ ରହିଥିଲେ। ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୁନଗି ଏନଗିଡି ସବୁଠୁ ସଫଳ ବୋଲ ରହିଥିଲେ। ସେ ସର୍ବାଧିକ ୩ଜଣ ଭାରତୀୟ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ଲୁଥୋ ସିପମ୍ଲାଙ୍କୁ ୨ଟି ୱିକେଟ୍ ମିଳିଥିଲା।

### ସର୍ବନିମ୍ନ ଦଳଗତ ସ୍କୋର

ଦଳରେ ବିଶ୍ୱସ୍ତରୀୟ ତାରକା ଖେଳାଳି ରହିଥିବାରୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ପାଇଁ ୧୭୬ ରନର ଟାର୍ଗେଟ୍ ବଡ଼ ନ ଥିଲା। କିନ୍ତୁ ପ୍ରଥମ ଓଭରରେ ହିଁ ଅର୍ଶଦୀପ୍ ସିଂହ ଭେଟେରାନ କ୍ୱିଣ୍ଟନ ଡି କକ୍‌ଙ୍କୁ ଆଉଟ୍ କରି ଦଳକୁ ବଡ଼ ବ୍ରେକ ଥ୍ରୁ ଦେଇଥିଲେ। ଏହାପରେ ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ, ଯଶପ୍ରୀତ ବୁମରାଙ୍କ ମିଳିତ ବୋଲିଂକୁ ସାମ୍ନା କରି ନ ପାରି ଦକ୍ଷିଣ ଆଫ୍ରିକା ଦଳ ସରେଣ୍ଡର କରିଥିଲେ। ଭ୍ରମଣକାରୀ ଦଳର କୌଣସି ବ୍ୟାଟର୍ ବଡ଼ ପାଳି ଖେଳି ନ ପାରିବାରୁ ଦଳ ୧୨.୩ ଓଭରରେ ମାତ୍ର ୭୪ ରନରେ ସୀମିତ ରହିଥିଲା। ଯାହାକି ଟି-୨୦ କ୍ରିକେଟ ଇତିହାସରେ ଦକ୍ଷିଣ ଆଫ୍ରିକାର ସର୍ବନିମ୍ନ ସ୍କୋର ଭାବେ ରେକର୍ଡ ହୋଇଛି। ଦଳ ପକ୍ଷରୁ ବ୍ରେଭିସ ୧୪ଟି ବଲରୁ ସର୍ବାଧିକ ୨୨ ରନ କରିଥିଲେ। ଅନ୍ୟ ଦୁଇ ତାରକା ବ୍ୟାଟର୍ ଅଧିନାୟକ ଆଇଡେନ ମାର୍କରାମ ଓ ଟ୍ରିଷ୍ଟାନ ଷ୍ଟବ୍ସ ୧୪ ରନ ଲେଖାଏ, ମାର୍କୋ ଜାନସେନ ୧୨ ରନରେ ବିଦାୟ ନେଇଥିଲେ। ବିସ୍ଫୋରକ ବ୍ୟାଟର ଡେଭିଡ୍ ମିଲର ମାତ୍ର ୧ ରନ କରି ପାଣ୍ଡ୍ୟାଙ୍କ ବଲରେ ୱିକେଟ୍‌କିପର ଜୀତେଶ ଶର୍ମାଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ବୋଲିଂରେ ଅର୍ଶଦୀପ୍, ବରୁଣ, ବୁମରା ଓ ଅକ୍ଷର ପଟେଲଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ପାଣ୍ଡ୍ୟା ଓ ଦୁବେ ଅନ୍ୟ ଦୁଇଟି ୱିକେଟ୍ ବାଣ୍ଟି ନେଇଥିଲେ। ଦଳକୁ ସଙ୍କଟରୁ ଉଦ୍ଧାର କରିଥିବା ପାଣ୍ଡ୍ୟାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

### ଗିଲ୍ ୨ଟି, ସୂର୍ଯ୍ୟ ୧୧ଟି ବଲ୍ ଖେଳିଲେ

ଆଘାତ ସମସ୍ୟା ପରେ ଫିଟ୍ ହୋଇଥିବା ଟେଷ୍ଟ ଓ ଉପଅଧିନାୟକ ଶୁବମନ ଗିଲ୍ କୌଣସି ମ୍ୟାଚ୍ ନ ଖେଳି ଭାରତୀୟ ଦଳରେ ସାମିଲ ହୋଇଥିଲେ। କିନ୍ତୁ ସେ ମାତ୍ର ୨ଟି ବଲ୍ ଖେଳିବାକୁ ସମର୍ଥ ହୋଇ ୪ ରନ୍ କରିଥିଲେ। ସେହିପରି ନଂ-୩ରେ ଖେଳିବାକୁ ଆସିଥିବା ସୂର୍ଯ୍ୟକୁମାର ଯାଦବ ୧୧ଟି ବଲ୍ ଖେଳି ୧ ଚୌକା ଓ ୧ ଛକା ସହ ୧୨ ରନ୍ କରିପାରିଥିଲେ। ଉଭୟ ଟପ୍ ଖେଳାଳିଙ୍କ ବିଫଳତା ମାରତ ଓ ବାରବାଟୀରେ ଖେଳ ଦେଖୁଥିବା ସମର୍ଥକଙ୍କୁ ନିରାଶ କରିଛି।

### ■ ସୁଯୋଗ ପାଇଲେନି ସଞ୍ଜୁ, ସୁନ୍ଦର

କଟକ, ୯।୧୨(ସମିସ): ବାରବାଟୀରେ ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦ରେ ଖେଳିବାକୁ ସୁଯୋଗ ପାଇ ନାହାନ୍ତି ଭାରତର ସଞ୍ଜୁ ସାମସନ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ ଓ ହର୍ଷିତ ରାଣା। ଭାରତ ୨ଜଣ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ଅର୍ଶଦୀପ ସିଂହ, ୨ଜଣ ପେସ୍ ବୋଲିଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେ, ଜଣେ ସ୍ପିନ ବୋଲିଂ ଅଲରାଉଣ୍ଡର ଅକ୍ଷର ପଟେଲ ଓ ଜରେ ସ୍ପେଶାଲିଷ୍ଟ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯାଇଛି। ଆହତ ହେବା ପରେ ଫିଟ୍ ହୋଇଥିବା ପାଣ୍ଡ୍ୟା ଓ ଉପଅଧିନାୟକ ଶୁବମନ ଗିଲଙ୍କୁ ମଧ୍ୟ ଏହି ମ୍ୟାଚ୍ ଖେଳିବାର ସୁଯୋଗ ମିଳିଛି। ଗିଲ୍‌ଙ୍କୁ ସାମିଲ କରାଯିବା ପରେ ୱିକେଟ ରକ୍ଷକ ଭାବେ ସଞ୍ଜୁଙ୍କ ପରିବର୍ତ୍ତେ ଦଳ ଜିତେଶ ଶର୍ମାଙ୍କୁ ଖେଳାଇଥିଲା। ଦକ୍ଷିଣ ଆଫ୍ରିକା ୪ଜଣ ଫାଷ୍ଟ ବୋଲର ଓ ୨ଜଣ ସ୍ପିନରଙ୍କୁ ଖେଳିବାକୁ ସୁଯୋଗ ଦେଇଥିଲା। ମାର୍କୋ ଜାନ୍‌ସେନ, ଲୁଥୋ ସିପାମ୍‌ଲା, ଲୁଙ୍ଗି ଏନ୍‌ଗିଡି ଓ ଆନରିଚ୍ ନୋର୍ଜେ ଫାଷ୍ଟ ବୋଲର ଭାବେ ଓ କେଶବ ମହାରାଜ ଏକମାତ୍ର ସ୍ପିନର, ଆଇଡେନ୍ ମାରକ୍ରମ କାମଚଳା ସ୍ପିନର ଭାବେ ଖେଳିଥିଲେ।





### ■ ସୂର୍ଯ୍ୟଙ୍କ ବାମହାତ ପ୍ଲାନ ଫେଲ୍

୨୦୨୩ରୁ କ୍ରମାଗତ ୨୦ଟି ଦିନିକିଆରେ ଟସ୍ ହାରିବା ପରେ ଶେଷରେ ଭାରତ ଏହି ଧାରା ଭାଙ୍ଗିବାରେ ସଫଳ ହୋଇଥିଲା। ନିକଟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ବିଶାଖାପାଟଣାରେ ଅନୁଷ୍ଠିତ ତୃତୀୟ ଦିନିକିଆରେ ଲୋକେଶ ରାହୁଲ ଟସ୍ ଜିତି ଏହି ପରାଜୟଧାରେ ରୋକ୍ ଲଗାଇଥିଲେ। ସବୁଠୁ ରୋଚକ କଥା ଥିଲା ରାହୁଲ ଚିରାଚରିତ ଡାହାଣହାତ ପରିବର୍ତ୍ତେ ବାମହାତରେ ଟସ୍ ପକାଇ ବିଜୟୀ ହୋଇଥିଲେ। ରାହୁଲଙ୍କ ଏହି 'ବାମହାତ ପ୍ଲାନ'କୁ ବାରବାଟୀରେ ପ୍ରୟୋଗ କରିବେ ବୋଲି ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସୋମବାର ସାମ୍ବାଦିକ ସମ୍ମିଳନୀରେ ମଜାରେ ମଜାରେ ସୂଚନା ଦେଇଥିଲେ। ମଙ୍ଗଳବାର ମ୍ୟାଚରେ ସୂର୍ଯ୍ୟ ରାହୁଲଙ୍କୁ କପି କରି ବାମହାତରେ ମଧ୍ୟ ଟସ୍ ପକାଇଥିଲେ। କିନ୍ତୁ ଭାଗ୍ୟ ସୂର୍ଯ୍ୟଙ୍କ ସାଥ୍ ଦେଇ ନ ଥିଲା। ଭାରତ ଟସ୍ ହାରିଥିଲା। ସୂର୍ଯ୍ୟଙ୍କ ଏହି ବାମହାତ ଫର୍ମୁଲା ଫେଲ୍ ମାରିବାକୁ ନେଇ ଜୋର୍‌ଦାର ଚର୍ଚ୍ଚା ହୋଇଛି।



## ସ୍କୋର ବୋର୍ଡ

**ଭାରତ ଇନିଂସ** :୧୭୫/୬, ୨୦ ଓଭର (ଅଭିଷେକ ଶର୍ମା-କ୍ୟା.ୟାନ୍‌ସେନ୍, ବୋ.ସିପମ୍ଲା-୧୭, ଶୁବମନ ଗିଲ୍-କ୍ୟା.ୟାନ୍‌ସେନ୍, ବୋ.ଏନ୍‌ଗିଡି-୪, ସୂର୍ଯ୍ୟକୁମାର ଯାଦବ-କ୍ୟା.ମାରକ୍ରମ, ବୋ.ଏନ୍‌ଗିଡି-୧୨, ତିଲକ ବର୍ମା-ୟାନ୍‌ସେନ୍, ବୋ.ଏନ୍‌ଗିଡି-୨୬, ଅକ୍ଷର ପଟେଲ-କ୍ୟା. ଫେରେଇରା, ବୋ.ସିପମ୍ଲା-୨୩, ହାର୍ଦ୍ଦିକ ପାଣ୍ଡ୍ୟା- ଅପରାଜିତ-୫୯, ଶିବମ ଦୁବେ-ବୋ.ଫେରେଇରା-୧୧, ଜିତେଶ ଶର୍ମା-ଅପରାଜିତ-୧୦, ଅତିରିକ୍ତ-୧୩।

**ୱିକେଟ ପତନ**: ୧/୫, ୨/୧୭, ୩/୪୮, ୪/୭୮, ୫/୧୦୪, ୬/୧୩୭।

**ବୋଲିଂ ବିଶ୍ଳେଷଣ (ଦକ୍ଷିଣ ଆଫ୍ରିକା)**- ଲୁନ୍‌ଗି ଏନ୍‌ଗିଡି: ୪-୦-୩୧-୩, ମାର୍କୋ ୟାନ୍‌ସେନ୍: ୪-୦-୨୩-୦, ଲୁଥୋ ସିପମ୍ଲା: ୪-୦-୩୮-୨, ଆନରିଚ୍ ନୋର୍ଜେ: ୪-୦-୪୧-୦, କେଶବ ମହାରାଜ: ୨-୦-୨୫-୦, ଡୋନୋଭାନ ଫେରେଇରା: ୨-୦-୧୩-୧।

**ଦକ୍ଷିଣ ଆଫ୍ରିକା ଇନିଂସ** : ୭୪/୧୦, ୧୨.୩ ଓଭର (କ୍ୱିଣ୍ଟନ ଡି କକ୍-କ୍ୟା.ଅଭିଷେକ, ବୋ.ଅର୍ଶଦୀପ-୦, ଆଇଡେନ୍ ମାରକ୍ରମ-ବୋ. ଅକ୍ଷର-୧୪, ଟ୍ରିଷ୍ଟାନ ଷ୍ଟବ୍ସ-କ୍ୟା.ଜିତେଶ, ବୋ.ଅର୍ଶଦୀପ-୧୪, ଡିୱାଲ୍ଡ ବ୍ରେଭିସ୍-କ୍ୟା. ସୂର୍ଯ୍ୟକୁମାର, ବୋ.ବୁମରା-୨୨, ଡେଭିଡ ମିଲର-କ୍ୟା.ଜିତେଶ,ବୋ-ପାଣ୍ଡ୍ୟା-୧, ଡୋନୋଭାନ ଫେରେଇରା-କ୍ୟା.ଜିତେଶ, ବୋ.ବରୁଣ-୫, ମାର୍କୋ ୟାନ୍‌ସେନ୍-ବୋ. ବରୁଣ-୧୨, କେଶବ ମହାରାଜ-କ୍ୟା.ଜିତେଶ, ବୋ.ବୁମ୍‌ରା-୦, ଆନ୍‌ରିଚ୍ ନୋର୍ଜେ-ବୋ. ଅକ୍ଷର-୧, ଲୁଥୋ ସିପ୍‌ମ୍ଲା-କ୍ୟା.ଅଭିଷେକ, ବୋ.ଶିବମ-୨, ଲୁନ୍‌ଗି ଏନ୍‌ଗିଡି-ଅପରାଜିତ-୨, ଅତିରିକ୍ତ-୧।

**ୱିକେଟ ପତନ**: ୧/୦, ୨/୧୬, ୩/୪୦, ୪/୪୫, ୫/୫୦, ୬/୬୮, ୭/୬୮, ୮/୭୦, ୯/୭୨, ୧୦/୭୪।

**ବୋଲିଂ ବିଶ୍ଳେଷଣ (ଭାରତ)**- ଅର୍ଶଦୀପ ସିଂହ: ୨-୦-୧୪-୨, ଯଶପ୍ରୀତ୍ ବୁମ୍‌ରା: ୩-୦୧୭-୨, ବରୁଣ ଚକ୍ରବର୍ତ୍ତୀ: ୩-୧-୧୯-୨, ଅକ୍ଷର ପଟେଲ: ୨-୦-୭-୨, ହାର୍ଦ୍ଦିକ ପାଣ୍ଡ୍ୟା: ୨-୦-୧୬-୧, ଶିବମ ଦୁବେ: ୦.୩-୦-୧-୧।



### ■ ବାରବାଟୀ ଇତିହାସରେ ଯୋଡ଼ି ହେଲା ନାଲିମାଟି ପିଚ୍

ଐତିହାସିକ ବାରବାଟୀ ଷ୍ଟାଡିୟମର ୪୩ ବର୍ଷର ଅନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମଙ୍ଗଳବାର ଏଠାରେ ଖେଳାଯାଇଥିବା ଟି-୨୦ ମୁକାବିଲା ଏହି ଆଇକନିକ ଭେନ୍ୟୁରେ ଥିଲା୨୬ତମ ଅନ୍ତର୍ଜାତୀୟ ମ୍ୟାଚ୍। ପୂର୍ବରୁ ଏଠାରେ ୩ଟି ଯାକ ଫର୍ମାଟରେ ଖେଳାଯାଇଥିବା ୨୫ଟି ଯାକ ମୁକାବିଲା ବ୍ଲାକ ସଏଲ୍ ଅର୍ଥାତ୍ 'କଳାମାଟି ପିଚ୍'ରେ ଖେଳାଯାଇଥିଲା। କିନ୍ତୁ ବାରବାଟୀ ଇତିହାସରେ ପ୍ରଥମଥର ଲାଗି ଏଥର ନାଲିମାଟି ପିଚ୍ ପ୍ରସ୍ତୁତ କରାଯାଇଥିଲା। ଷ୍ଟାଡିୟମ ଇତିହାସର ଏହି ପ୍ରଥମ ନାଲିମାଟିର ଏହି ପିଚ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ଖେଳିବାର ସୌଭାଗ୍ୟ ଲାଭ କରିଥିଲେ।

# କାର୍ଲସେନ୍‌ଙ୍କୁ ହରାଇଲେ ଅର୍ଜୁନ

ଚେନ୍ନଇ, ୯।୧୨(ଏଜେନ୍ସି): ଫ୍ରିଷ୍ଟାଇଲ ଚେସ୍ ଗ୍ରାଣ୍ଡସ୍ଲାମ୍ ଫାଇନାଲ୍‌ର ଦକ୍ଷିଣ ଆଫ୍ରିକାରେ ଖେଳାଯାଉଥିବା ଲିଗ୍ ପର୍ଯ୍ୟାୟରେ ସୁପର ଗ୍ରାଣ୍ଡମାଷ୍ଟର ମ୍ୟାଗ୍ନସ କାର୍ଲସେନ୍‌ଙ୍କୁ ହରାଇ ଭାରତର ଅର୍ଜୁନ ଏରିଗାଏସୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେମିଫାଇନାଲରେ ସେ ଭିନ୍‌ସେଣ୍ଟ କେମାର ଓ କାର୍ଲସେନ୍ ପ୍ରତିପକ୍ଷ ଫାବିଆନୋ କାରୁଆନୋଙ୍କୁ ଭେଟିବେ। ଦୀର୍ଘ ଏକ ବର୍ଷ ଧରି ଏହି ଟୁର୍ ଚାଲିଥାଏ। ସମସ୍ତ ଟୁର୍‌ର ପଏଣ୍ଟକୁ ନେଇ ୨୦୨୫ ଫ୍ରିଷ୍ଟାଇଲ ଚେସ୍ ଚାମ୍ପିଅନ୍ ଚୟନ କରାଯିବ। ଟୁର ଲିଗ୍‌ରେ ପ୍ରଥମ ସ୍ଥାନରେ ଥିବା କାର୍ଲସେନ୍ ଏଠାରେ ଚତୁର୍ଥ ସ୍ଥାନ ହାସଲ କଲେ ମଧ୍ୟ ଟାଇଟଲ ହାସଲ କରିବେ। ପୁରସ୍କାର ବାବଦରେ ଟ୍ରଫି ସହ ଏକ ଲକ୍ଷ ଡଲାର ବୋନସ ମଧ୍ୟ ପାଇବେ। ଅନ୍ୟ ଦୁଇଟି ସେମିରେ ଜାଭୋଖିର ସିନ୍ଦାରୋଭଙ୍କ ସହ ପାରହାମ ମଘସୁଦ୍‌ଲୁ, ଲେନୋଭୋ ଆରୋନିଆନଙ୍କ ସହ ହାନ୍ସ ନିଏମାନ ମୁକାବିଲା କରିବେ।



● ଆଇପିଏଲ୍ ମେଗା ଅକ୍ସନ

# ୨ କୋଟି ବେସ୍ ପ୍ରାଇସ୍‌ରେ ୪୦ ଖେଳାଳି

ନୂଆଦିଲ୍ଲୀ, ୯।୧୨(ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)- ୨୦୨୬ର ମେଗା ଅକ୍ସନ ଲାଗି ଖେଳାଳି ପଞ୍ଜୀକରଣ ଶେଷ ହୋଇଛି। ଆବୁଧାବିରେ ଡିସେମ୍ବର ୧୬ ତାରିଖ ଦିନ ଏହି ଅକ୍ସନ ଅନୁଷ୍ଠିତ ହେବ। ଫ୍ରାଞ୍ଚାଇଜ୍‌ଗୁଡ଼ିକୁ ଡିସେମ୍ବର ୫ ତାରିଖ ସୁଦ୍ଧା ରିଟେନ କରିଥିବା ଖେଳାଳିଙ୍କ ନାମ ଜଣାଇବାକୁ କୁହାଯାଇଥିଲା। ଏହା ପରେ ବେସ୍ ପ୍ରାଇସ୍ ୨ କୋଟି ଟଙ୍କାରେ ଅକ୍ସନ ଲାଗି ୪୦ ଜଣ ଖେଳାଳି ରହିଛନ୍ତି। ଡେଭିଡ ମିଲର, ୱାନିନ୍ଦୁ ହାସରଙ୍ଗା, ରାଚିନ ରବୀନ୍ଦ୍ର, ଜୋସ୍ ଇଂଲିଶ, ଆନରିଚ୍ ନୋର୍ଜେ, ମୁସ୍ତାଫିଜୁର ରହମନଙ୍କ ପରି ଲୋକପ୍ରିୟ ଖେଳାଳି ରହିଛନ୍ତି। ଭାରତୀୟ ଖେଳାଳିଭାବେ ଭେଙ୍କଟେଶ ଆୟର ଓ ରବି ବିଷ୍ଣୋଇ ଏହି ତାଲିକାରେ ରହିଛନ୍ତି। ସୁପରଷ୍ଟାର ଗ୍ଲେନ୍ ମ୍ୟାକ୍ସୱେଲ, ଫାଫ ଡୁ ପ୍ଲେସିସ୍ ଓ ମୋଇନ ଅଲି ପାକିସ୍ତାନ ପ୍ରିମିୟର ଲିଗ୍ ଖେଳିବାକୁ ଘୋଷଣା କରିଥିବାରୁ ଏହି ତାଲିକାରୁ ବାଦ୍ ପଡ଼ିଛନ୍ତି। ଅବସର ନେଇଥିବାରୁ ଆନ୍ଦ୍ରେ ରସେଲ ଓ ରବିଚନ୍ଦ୍ରନ ଅଶ୍ୱିନ ଏହି ଅକ୍ସନ ଲାଗି ଅଯୋଗ୍ୟ ଘୋଷିତ ହୋଇଛନ୍ତି।

# ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ




ଭୁବନେଶ୍ୱର, ୯।୧୨(ସମିସ)

କଟକର ଜବାହାରଲାଲ ନେହରୁ ଷ୍ଟାଡିୟମ୍‌ରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି ତୃତୀୟ ଅନ୍ତର୍ଜାତୀୟ ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍। ଏହି ଚାମ୍ପିଅନସିପ୍‌କୁ ଉଦ୍‌ଘାଟନ କରିଥିଲେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ। ଏଥର ପ୍ରତିଯୋଗିତାରେ ୧୪୭ ପୁରୁଷ ଓ ୧୩୭ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ୫ଟି କାଟାଗୋରୀରେ ମ୍ୟାଚ ଖେଳାଯିବ। ଆଜି ପ୍ରଥମ ଦିନରେ ୨୪ଟି କ୍ୱାଲିଫାଇଂ ମ୍ୟାଚ୍ ଖେଳାଯାଇଛି। ଏକ ଲକ୍ଷ ୧୦ ହଜାର ପୁରସ୍କାର ବିଶିଷ୍ଟ ଏହି ପ୍ରତିଯୋଗିତାର ସୁପରିଚାଳନା ଲାଗି ୱାର୍ଲ୍ଡ ବ୍ୟାଡମିଣ୍ଟନ ଫେଡେରେସନ ଦ୍ୱାରା ୪୬ ଜଣିଆ ମ୍ୟାଚ୍ ଅଫିସିଆଲଙ୍କୁ ମନୋନୀତ କରାଯାଇଛି। ଉଦଘାଟନୀ ଉତ୍ସବରେ ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ, ବ୍ୟାଡ୍‌ମିଣ୍ଟନ ଏସିଆ ମ୍ୟାନେଜର ବେଣୁଗୋପାଳ ରାମଲିଙ୍ଗମ୍ ଓ ରାଜ୍ୟ ସଂଘ ସମ୍ପାଦକ ନିଲୀନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS